

ଅନିମେଶ କୁଜୁର
ଶ୍ରେଷ୍ଠ କ୍ରୀଡ଼ାବିତ

▸ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-66 ◆SATURDAY ◆30 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୬ ◆ଶନିବାର ◆୩୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଉର୍ଜିତ ପଟେଲ୍ ଆଇଏମ୍ଏଫ୍ ଇଡି

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲ୍ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ନିଯୁକ୍ତି ପାଇଛନ୍ତି। ତିନି ବର୍ଷ ପାଇଁ ସେ ଏହି ପଦରେ ନିଯୁକ୍ତ ହୋଇଛନ୍ତି। ଦୀର୍ଘ ୩୦ ବର୍ଷ ପରେ ଶ୍ରୀ ପଟେଲ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଛନ୍ତି। ଯାହା ଫଳରେ ସେ ପୁଣି ଥରେ ସେହିଠାରେ ପହଞ୍ଚିଛନ୍ତି, ଯେଉଁଠାରୁ ନିଜ କ୍ୟାରିଅର ଆରମ୍ଭ କରିଥିଲେ। ଆଇଏମ୍ଏଫ୍‌ରେ ଭାରତର ବର୍ତ୍ତମାନର ଇଡି କୃଷ୍ଣମୂର୍ତ୍ତି ଭି. ସୁବ୍ରମଣ୍ୟନଙ୍କ ସ୍ଥାନରେ ଶ୍ରୀ ପଟେଲ୍‌ଙ୍କୁ ଏହି ନିଯୁକ୍ତି ମିଳିଛି। ସୂଚନାଯୋଗ୍ୟ ଯେ, କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ୬ ମାସ ପୂର୍ବରୁ ଶ୍ରୀ ସୁବ୍ରମଣ୍ୟନ ବିଦାୟ ନେଇଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଆଇଏମଏଫରେ ଅର୍ଥନୀତିଜ୍ଞ ଭାବରେ କାର୍ଯ୍ୟ କରିଥିଲେ। ପଟେଲ ୨୦୧୬ରେ ରଘୁରାମ ରାଜନଙ୍କ ପରେ ଆର୍‌ବିଆଇର ୨୪ତମ ଗଭର୍ଣ୍ଣର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୮ରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବା ପ୍ରଥମ ଆର୍‌ବିଆଇ ଗଭର୍ଣ୍ଣର ଥିଲେ।



**୩୦ ବର୍ଷ ପରେ ପୁଣି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଲେ**



**ଟାରିଫ୍ ଯୁଦ୍ଧରେ ଟଙ୍କା ଘାଇଲା**

# ୧ ଡଲାର = ୮୮.୭୫ ଟଙ୍କା

**ଡଲାର ତୁଳନାରେ ରେକର୍ଡ ହ୍ରାସ**

■ **ନୂଆଦିଲ୍ଲୀ,୨୯।୮ (ଏଜେନ୍ସି):** ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତୀୟ ଟଙ୍କାର ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହି ଶୁଳ୍କ ଯୁଦ୍ଧରେ ଭାରତୀୟ ମୁଦ୍ରା ଘାଇଲା ହୋଇଛି। ଫଳସ୍ୱରୂପ ଟଙ୍କା ଏହାର ପର୍ଯ୍ୟନ୍ତର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଅଗଷ୍ଟ ୨୭ରୁ ଟ୍ରମ୍ପ ଶୁଳ୍କ ଲାଗୁ ହୋଇଛି। ଶୁକ୍ରବାର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୭୦ ପଇସାରୁ ଅଧିକ ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କା ୮୮.୭୫ ର ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ହ୍ରାସ ଦର୍ଶାଉଛି ଯେ ଭାରତର ବାଣିଜ୍ୟ ଏବଂ ବିକାଶ ଉପରେ ଆମେରିକାର ଭାରୀ ଶୁଳ୍କର ପ୍ରଭାବକୁ ନେଇ ନିବେଶକମାନେ ବେଶ ଚିନ୍ତିତ। ସୂଚନାଯୋଗ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଚଳିତ ବର୍ଷ ୩% ହ୍ରାସ ଘଟିଛି। ଏଥିସହ ଟଙ୍କା ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଚଳିତବର୍ଷ ଫେବୃଆରୀ ପୂର୍ବରୁ ଟଙ୍କା ମୂଲ୍ୟ ପ୍ରତି ଡଲାର ତୁଳନାରେ ୮୭.୯୫ ଟଙ୍କାର ରେକର୍ଡ ସର୍ବନିମ୍ନ ସ୍ତରରେ ରହିଥିଲା। ଶୁକ୍ରବାର, ଚୀନ୍ ୟୁଆନ ତୁଳନାରେ ଟଙ୍କା ମଧ୍ୟ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

**ଚମ୍ବାରେ ଭୂସ୍ଖଳନ**

# ୧୧ ଶ୍ରଦ୍ଧାଳୁ ମୃତ

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ମଧ୍ୟରେ ମଣିମହେଶ ଯାତ୍ରାରେ ବାହାରିଥିବା ୧୧ ଶ୍ରଦ୍ଧାଳୁ ଭୂସ୍ଖଳନ କାଣରୁ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ପଞ୍ଜାବ, ଜଣେ ଉତ୍ତରପ୍ରଦେଶ ଓ ୫ ଜଣ ଚମ୍ବାର ଅଧିବାସୀ ରହିଛନ୍ତି। ଦୁଇଜଣ ଲୋକଙ୍କର ପରିଚୟ ଏବେ ମଧ୍ୟ ମିଳିପାରିନାହିଁ। ପାହାଡ଼ ଉପରୁ ପଥର ଖସିବା ଓ ଅମ୍ଳଜାନ ଅଭାବ କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ଏହି ପ୍ରାକୃତିକ ବିପତ୍ତି କାରଣରୁ ପାଖାପାଖି ୩ ହଜାର ମଣିମହେଶ ଶ୍ରଦ୍ଧାଳୁ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଜାରି ରହିଛି। ଗତ ସପ୍ତାହରେ ମଧ୍ୟ ଭୂସ୍ଖଳନ କାରଣରୁ ୭ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ ଓ ୯ ଜଣ ନିଖୋଜ ହୋଇଥିଲେ।

## ଉତ୍ତରାଖଣ୍ଡର ୩ ଜିଲ୍ଲାରେ ବାଦଲଫଟା ବର୍ଷାରେ ୫ ମୃତ

ଅନ୍ୟପଟେ ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ବାଗେଶ୍ୱର ଓ ତେହରୀ ଗଢ଼ୱାଲ ଜିଲ୍ଲାରେ ଗୁରୁବାର ରାତିରେ ବାଦଲ ଫଟା ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନ କାରଣରୁ ପାଖାପାଖି ୩୦ରୁ ୪୦ ପରିବାର ଆବର୍ଜନା ତଳେ ଦବି ଯାଇଛନ୍ତି। ଆହୁରି କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍,



ଡିଡିଆରଏଫ୍ ଓ ପୁଲିସର ଟିମ୍ ପ୍ରଭାବିତ ଜିଲ୍ଲାରେ ଉଦ୍ଧାର କାର୍ଯ୍ୟ ପାଇଁ ବାହାରିଛନ୍ତି। ବାଗେଶ୍ୱର ଜିଲ୍ଲା ନିକଟସ୍ଥ ପୋସାରୀରେ ରାତି ସାରା ବର୍ଷା ଯୋଗୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ▸ପୃଷ୍ଠା-୭

## ଭାରତ-ଚୀନ୍ ବନ୍ଧୁତା

# ସମ୍ପର୍କ ସୁଧାରିଛି 'ଗୁପ୍ତ ଚିଠି'

## 'ଟ୍ରମ୍ପ ଟାରିଫ୍' ନେଇ ରାଷ୍ଟ୍ରପତି ମୁର୍ମୁଙ୍କୁ ପତ୍ର ଲେଖି ଚିନ୍ତା ବ୍ୟକ୍ତ କରିଥିଲେ ଜିନ୍‌ପିଙ୍ଗ

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଗଲୱାନ ସଂଘର୍ଷ ପରେ ଭାରତ-ଚୀନ୍ ସମ୍ବନ୍ଧ ଖରାପ ହେବାରେ ଲାଗିଥିଲା। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇ ଯାଇଥିଲା। 'ଅପରେସନ ସିନ୍ଦୂର'ରେ ପାକିସ୍ତାନକୁ ଚୀନ୍‌ର ସହାୟତା ଏହାକୁ ଅଧିକ ଜଟିଳ କରିଦେଇଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ସ୍ଥିତିକୁ ବଦଳାଇ ଦେଇଥିଲା। ଜବାବୀ ଶୁଳ୍କ ଭାରତ-ଚୀନ୍ ସମ୍ବନ୍ଧକୁ ନୂଆ ଦିଗ ଦେଇଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ସାତ ବର୍ଷ ପରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ପାଇଁ ଚୀନ୍ ଗସ୍ତରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଘଟଣାକ୍ରମ ପଛରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗୁପ୍ତ ଚିଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ଲେଖିଥିବା ଏହି



ଚିଠିରେ ଆମେରିକା-ଭାରତ ବ୍ୟବସାୟରେ ଚୀନ୍‌ର ହେଉଥିବା କ୍ଷତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ଚୀନ୍ ବିରୋଧରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଯୁଦ୍ଧ ଜୋରଦାର କରିବା ସମୟରେ ଏହି ଚିଠି ଆସିଥିଲା। ଏହି ସମୟରେ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ଚୀନ୍ ପ୍ରୟାସ କରିଥିଲା। ଗୁପ୍ତ ଭାବେ ଭାରତ ସହ ଯୋଗାଯୋଗ କରିବା ଆରମ୍ଭ କରିଥିଲା। ଜିନପିଙ୍ଗ ଚିଠି ମାଧ୍ୟମରେ ଦୁଇ ଦେଶର ସମ୍ପର୍କ ସୁଧାରିବାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ। ଏହା ପରେ ହିଁ ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହେବାରେ ଲାଗିଥିଲା। ଏହାର କିଛି ମାସ ପରେ ଚୀନ୍ ଯିବା ପାଇଁ ମୋଦୀ ଯୋଜନା କରିଥିଲେ। ବ୍ଲୁମବର୍ଗ ରିପୋର୍ଟରେ ଏଭଳି ଦାବି କରାଯାଇଛି।

ଜଣେ ଭାରତୀୟ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟରେ କୁହାଯାଇଛି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ ଲେଖିଥିବା ଚିଠିକୁ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଖକୁ ପଠା ଯାଇଥିଲା। ଚିଠିରେ କୁହାଯାଇଥିଲା ଯେ ଭାରତ ଏବଂ ଆମେରିକା ମଧ୍ୟରେ ହେବାକୁ ଥିବା କୌଣସି ବାଣିଜ୍ୟ ଚୁକ୍ତି ଚୀନ୍‌ର ସ୍ୱାର୍ଥ ପ୍ରତି ଆଞ୍ଚ ଆଣିପାରେ। ଏହା ସହିତ ସମ୍ବନ୍ଧ ସୁଧାରିବା ପାଇଁ ଜଣେ ପ୍ରାଦେଶିକ ଅଧିକାରୀ ନେତୃତ୍ୱରେ ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଜୁନ୍ ପର୍ଯ୍ୟନ୍ତ ଭାରତ ଏହି ଚିଠିର କୌଣସି ଜବାବ ଦେଇ ନ ଥିଲା। ପରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ବିବାଦରେ ଫସି ଯାଇଥିଲା। ଆମେରିକାର ଦୁଇଟି ନିଷ୍ପତ୍ତି ଉପରେ ଭାରତ ବେଶୀ କ୍ଷୁବ୍ଧ ହୋଇଥିଲା। ପ୍ରଥମେ ଟ୍ରମ୍ପ ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଥିଲେ। କିନ୍ତୁ ଭାରତ ପକ୍ଷରୁ ଏହାକୁ ଖାରଜ କରିଦିଆଯାଇଥିଲା। ▸ପୃଷ୍ଠା-୭

## ନବୀନଙ୍କୁ ଭେଟିଲେ ଯୁବ ଓ ଛାତ୍ର ବିଜେଡ଼ି କର୍ମକର୍ତ୍ତା

# ତୃଣମୂଳରୁ ଶକ୍ତିଶାଳୀ ହେବ ତୃତୀୟ ପିଢ଼ି





▸▸ **ତୃଣମୂଳସ୍ତରରୁ ଆହୁରି ସଂଗଠିତ ହେବ ଦୁଇ ଛାମୁଆଁ ସଙ୍ଗଠନ**

▸▸ **ବିନମ୍ର ଓ ଶାଳୀନ ଭାବରେ ଏକାଠି କାମ କରିବାକୁ ପରାମର୍ଶ**

▸▸ **ସାରା ରାଜ୍ୟ ବୁଲି ସମାଧାନ କର ଯୁବ ଓ ଛାତ୍ରଙ୍କ ସମସ୍ୟା**

■ **ଭୁବନେଶ୍ୱର, ୨୯।୮ (ସମିସ):** ଜିଲ୍ଲା ସଭାପତି ନିର୍ବାଚନ ପରେ ଦଳର ଦୁଇ ଛାମୁଆ ସଙ୍ଗଠନ ଛାତ୍ର ବିଜେଡି ଓ ଯୁବ ବିଜେଡିର କାୟା ପରିବର୍ତ୍ତନ କରିଛନ୍ତି ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। କେଇଦିନ ତଳେ ତୃତୀୟ ପିଢ଼ିର ଦୁଇଜଣ ଯୁବ ନେତାଙ୍କ ଉପରେ ଦୁଇ ଛାମୁଆଁ ସଙ୍ଗଠନର ଦାୟିତ୍ୱ ନ୍ୟସ୍ତ କରିବା ପରେ ଶୁକ୍ରବାର ଉଭୟଙ୍କୁ ନବୀନ ଦେଇଛନ୍ତି ରାଜନୀତିର ଗୁରୁମନ୍ତ୍ର। ଭବିଷ୍ୟତକୁ ଦୃଷ୍ଟିରେ ରଖି ନୂଆ ପିଢ଼ିକୁ ଶକ୍ତିଶାଳୀ କରିବା ଓ ରାଜ୍ୟର ତୃଣମୂଳସ୍ତରରେ ଦୁଇ ଛାମୁଆ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବାକୁ ▸ପୃଷ୍ଠା-୭

# ପିକ୍‌ଅପ୍-ବାଇକ୍ ମୁହାଁମୁହିଁ, ୨ ମୃତ

■ **କୁକୁଡ଼ାଖଣ୍ଡି, ୨୯।୮ (ସମିସ):** ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଆଜି ୨ ଜଣଙ୍କ ମୃତ୍ୟୁ ହୋଇଛି। ଏକ ପିକଅପ-ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଖଲିଙ୍ଗି ଗ୍ରାମର କର୍ଣ୍ଣ ସେଠୀ ଓ ସନାତନ ସୁଆଁସିଆ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବ୍ରହ୍ମପୁର-ଦିଗପହଣ୍ଡି ମୁଖ୍ୟ ରାସ୍ତାକୁ ଦୀର୍ଘ ୬ ଘଣ୍ଟା ଧରି ଅବରୋଧ କରିଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

**ଶବ ରଖି ୬ ଘଣ୍ଟା ରାସ୍ତା ଅବରୋଧ**

ସୂଚନାନୁସାରେ, ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମର କର୍ଣ୍ଣ ଓ ସନାତନ ଦିଗପହଣ୍ଡି ପଟୁ ବାଇକ୍ (ଓଡି-୦୭ଟି-୭୯୫୪)ରେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ବାଇଗଣବାଡ଼ି ଛକ ନିକଟରେ ବିପରୀତ ଦିଗରୁ ଯାଉଥିବା ଏକ ପିକଅପ୍ ଭ୍ୟାନ୍ (ଓଡି-୦୨ସିକେ-୫୩୪୩) ▸ପୃଷ୍ଠା-୭

## ଏସ୍‌ସି, ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ

# ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଗଠନ ଲକ୍ଷ୍ୟ: ଓମ୍ ବିର୍ଲା



**ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ଏହି ସମ୍ମିଳନୀ: ମୋହନ**

**ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ଲାଭାନ୍ୱିତ କରିବ ନୂଆ ଶିକ୍ଷାନୀତି: ଧର୍ମେନ୍ଦ୍ର**

■ **ଭୁବନେଶ୍ୱର, ୨୯।୮ (ସମିସ):** ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ୨ ଦିନିଆ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସଂକ୍ରାନ୍ତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ହେଉଛି। ଆମର ଆଜି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ, ନିଶ୍ଚୟ ଭଲ ହେବ। ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପିଏମ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନାରେ ଆଦିବାସୀ ଗୋଷ୍ଠୀଙ୍କୁ କିପରି ଫୋକସ କରାଯାଉଛି ସେ ସମ୍ପର୍କରେ ମତ ରଖିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ଶିକ୍ଷା ନୀତିରେ ବଞ୍ଚିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ର ଛାତ୍ରୀ ▸ପୃଷ୍ଠା-୭

**ୟୁ-ଡାଇଜ୍ ରିପୋର୍ଟ**

# ଅଧାରୁ ପାଠ ଛାଡୁଛନ୍ତି ୯.୮% ଛାତ୍ରଛାତ୍ରୀ

■ **ଭୁବନେଶ୍ୱର, ୨୯।୮ (ସମିସ):** ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପ୍‌ଆଉଟ୍ ହାର ବଢୁଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାରମ୍ଭିକ (ପ୍ରିପାରେଟୋରୀ), ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟମ (ମିଡିଲ୍) ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଧ୍ୟମିକ (ସେକେଣ୍ଡାରୀ) ବର୍ଗରେ ଅଧିକ ପିଲା ପାଠ ଛାଡୁଛନ୍ତି। ତନ୍ମଧ୍ୟରେ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ସର୍ବାଧିକ। ଡ୍ରପ୍‌ଆଉଟ୍ ରୋକିବାକୁ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଆଶାଜନକ ସଫଳତା ମିଳିପାରୁ ନାହିଁ। ଅପରପକ୍ଷରେ ଦେଶରେ ଡ୍ରପ୍‌ଆଉଟ୍ ହାର କମୁଥିବାବେଳେ ଓଡ଼ିଶାରେ ଡ୍ରପ୍‌ଆଉଟ୍ ହାର ବଢୁଥିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ୟୁନିଫାଇଏଡ୍ ଡିଷ୍ଟ୍ରିକ୍ ଇନ୍‌ଫରମେସନ୍ ସିଷ୍ଟମ ଫର୍ ଏଜୁକେସନ୍ (ୟୁ-ଡାଇଜ୍) ତଥ୍ୟରୁ ଜଣାପଡ଼ିଛି।

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ମାଧ୍ୟମିକସ୍ତର ଡ୍ରପ୍‌ଆଉଟ୍ ହାର ୯.୧ ପ୍ରତିଶତ

## ପ୍ରତି ୧୦୦୦ ପିଲାରେ ପାଠ ଛାଡୁଛନ୍ତି ୯୮ ଜଣ

## ଝିଅଙ୍କ ତୁଳନାରେ ଅଧାରୁ ପାଠ ଛାଡୁଛନ୍ତି ଅଧିକ ପୁଅ

ଥିଲା। ଅର୍ଥାତ୍ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୧୦୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧ ଜଣ ଅଧାରୁ ପାଠ ଛାଡ଼ି ଦେଉଥିଲେ। ଚଳିତ ବର୍ଷ ଏହା ଆହୁରି ବୃଦ୍ଧି ପାଇ ୯.୮ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ପ୍ରତି ୧୦୦୦ ଜଣରେ ୯୮ ଜଣ ପିଲା ପାଠ ଛାଡୁଛନ୍ତି। ସେହିପରି ମାଧ୍ୟମିକ ସ୍ତର ବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଡ୍ରପ୍‌ଆଉଟ୍ ହାର ୨୦୨୩-୨୪ ଶିକ୍ଷାବର୍ଷରେ ୨ ପ୍ରତିଶତ ଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ୩.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଅନୁରୂପ ଭାବେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ମଧ୍ୟ ୦.୫ରୁ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସମସ୍ତ ବର୍ଗରେ ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ପାଠ ଛାଡୁଥିବା ରେକର୍ଡ ହୋଇଛି। ଅନ୍ୟପଟେ ଜାତୀୟ ସ୍ତରରେ ଡ୍ରପ୍‌ଆଉଟ୍ ହାର କମୁଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ମାଧ୍ୟମିକ ସ୍ତରର ଡ୍ରପ୍‌ଆଉଟ୍ ହାର ୧୦.୯ ପ୍ରତିଶତ ଥିବାବେଳେ ୨୦୨୪-୨୫ରେ ଏହା ୮.୨ ପ୍ରତିଶତକୁ ଖସିଛି। ସେହିପରି



ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୫.୨ ରୁ ୩.୫ ପ୍ରତିଶତ ଏବଂ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୩.୭ରୁ ୨.୩ ପ୍ରତିଶତକୁ ହ୍ରାସ ପାଇଛି। ▸ପୃଷ୍ଠା-୭

### ସୁନାଚୋରି ମାମଲାରେ ପର୍ଦ୍ଦାଫାଶ

# ମହିଳାଙ୍କ ସମେତ ୫ ଗିରଫ; ଅଳଙ୍କାର ଜବତ



ପାଣିକୋଇଲି,୨୯।୮ (ସମିସ)

କୋରେଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ହୋଇଥିବା ଚୋରି ଘଟଣାରେ ପୁଲିସ ଜଣେ ମହିଳାଙ୍କ ସମେତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ୧୫୦ ଗ୍ରାମର ସୁନା ଅଳଙ୍କାର ଜବତ କରିଛି। ସେମାନେ ହେଲେ ଯାଜପୁରରୋଡ଼ ଥାନା ହୁଡ଼ିସାହି ଅଞ୍ଚଳର ବୁଟୁରୁ ଦାସ (୨୭), ରବୀନ୍ଦ୍ର ପାତ୍ର (୩୦), ଶଭମ ଓଝା (୨୧), ଯୋଗୀସାହି ଅଞ୍ଚଳର ମଣ୍ଟୁ ମୁଣ୍ଡା (୨୨) ଏବଂ ମୋହରମ୍‌ସାହି ଅଞ୍ଚଳର ଅଜମିରା ବିବି (୩୫)। ଆଜି କୋରେଇ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଏବଂ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ଏନେଇ ସୂଚନା ଦେଇଛନ୍ତି। ଘଟଣା ମୁତାବକ, ଗତ ଜୁଲାଇ ମାସରେ କୋରେଇ ଥାନା କହ୍ନେଇପୁର ସ୍ଥିତ ତ୍ରିପାଠୀ ଲେନ୍‌ରେ ରହୁଥିବା କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଘରୁ ଚୋରି ହୋଇଥିବାର ଥାନାରେ ଅଭିଯୋଗ ହୋଇଥିଲା। ଘରେ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତମାନେ ଘରର ତାଲା ଭାଙ୍ଗି ଆଲମିରାରେ ଥିବା ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ସେହିପରି ଚଳିତ ମାସ ୧୯ ତାରିଖରେ ସନ୍ତରା ସ୍ଥିତ ଅଷ୍ଟନାମି ଆପାର୍ଟମେଣ୍ଟରେ ରହୁଥିବା ନିର୍ମଳ କୁମାର ପଣ୍ଡାଙ୍କ ଘରୁ ମଧ୍ୟ ସମାନ ଢଙ୍ଗରେ ଚୋରି ହୋଇଥିଲା। ଉଭୟ ଘଟଣାରେ କୋରେଇ ପୁଲିସ ୨୨୯/୨୫ ଏବଂ ୨୮୩/୨୫ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହୁଡ଼ିସାହିର ବୁଟୁରୁ ନାଁରେ ପୂର୍ବରୁ ଯାଜପୁରରୋଡ଼ ଥାନାରେ ଏକାଧିକ ମାମଲା ରହିଥିବା ବେଳେ ପୁଲିସ ବୁଟୁରୁ ଉପରେ ନଜର ରଖିଥିଲା। ପରେ ବୁଟୁରୁର କିଛି ସହଯୋଗୀଙ୍କ ସନ୍ଧାନ ମିଳିଥିଲା। ଗତକାଲି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସେମାନଙ୍କ ନିକଟରୁ ୧୫୦ ଗ୍ରାମର ସୁନା ଅଳଙ୍କାର ଜବତ ହୋଇଛି। ଜବତ ଅଳଙ୍କାର ମଧ୍ୟରେ ସୁନା ବ୍ରେସ୍‌ଲେଟ୍, କାନଫୁଲ, ମୁଦି, ଚେନ୍, ମଙ୍ଗଳସୂତ୍ର ଏବଂ ନେକ୍‌ଲେସ ଆଦି ରହିଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ପଟଣାସାହିରେ ଶ୍ରୀଗଣେଶ ପୂଜା



ବିଞ୍ଝାରପୁର,୨୯।୮ (ସମିସ): ବିଞ୍ଝାରପୁର ବ୍ଲକ ମାଁସଜା ଗ୍ରାମପଞ୍ଚାୟତ ପଟଣା ସାହିରେ ଗ୍ରାମବାସୀଙ୍କ ପକ୍ଷରୁ ୩୪ତମ ଶ୍ରୀଗଣେଶ ପୂଜା ଭକ୍ତିମୟ ପରିବେଶରେ ମହାସମାରୋହରେ ବୁଧବାର ଠାରୁ ଆରମ୍ଭ ହୋଇଛି। ବୁଧବାର ପ୍ରାତଃ କାଳରୁ ପଟଣାସାହିସ୍ଥିତ ପୂଜାମଣ୍ଡପରେ ଶ୍ରୀଗଣେଶଙ୍କର ମୃଣୟ ମୂର୍ତ୍ତୀ ସ୍ଥାପନ କରାଯିବା ସହ ପରେ ଘଟପୂଜା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା, ବଡ଼ସିଂହାର ବେଶ, ହୋମଯଜ୍ଞ, ନୈବେଦ୍ୟ, ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ବିଘ୍ନରାଜଙ୍କୁ ଆବାହନ କରାଯାଇଥିଲା। ଏହି ଅବସରରେ ପୂଜାମଣ୍ଡପକୁ ଆକର୍ଷଣୀୟ ତୋରଣ ସହ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରଭୂଙ୍କର ଆଶିଷ ଭିକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଲାଗି ରହିଛି। ଏହି ଗଣପର୍ବ ସମଗ୍ର ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା ବେଳେ ପୂଜା କମିଟି ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ପ୍ରବଚନ ଆଦି ଆୟୋଜନ କରାଯାଇଛି। ପଟଣାସାହିର ଏହି ଗଣେଶ ପୂଜା ଉତ୍ସବ ୭ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସମ୍ପାଦକ ସମୀର ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଶ୍ରୀଗଣେଶ ପୂଜା ପରିଚାଳନାରେ ପୂଜା କମିଟିର ସଭାପତି ଦିଲ୍ଲିପ ରାଉଳ, କୋଷାଧ୍ୟକ୍ଷ ଅମୀୟ ସେଠୀ, ମହେନ୍ଦ୍ର ଜେନା, ରବୀନ୍ଦ୍ର କୁମାର ସେଠୀ ପ୍ରମୁଖଙ୍କ ସମେତ ପଟଣା ସାହିର ଗ୍ରାମବାସୀବୃନ୍ଦ ପରିଚାଳନାରେ ସହଯୋଗ କରୁଛନ୍ତି।

## ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ



ବ୍ରହ୍ମବରଦା,୨୯।୮ (ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ବିଘ୍ନ ବିନାଶକ ଶ୍ରୀଗଣେଶ ମହାପ୍ରଭୁଙ୍କ ପୂଜ୍ୟପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ପଞ୍ଚାୟତର ବରଦା ସାହି ମା' ମଙ୍ଗଳା ପୂଜା କମିଟର ସମ୍ପାଦକ ଦୀନବନ୍ଧୁ ରାଉତ ମୁଖ୍ୟ କର୍ତ୍ତା ଭାବେ ବ୍ରାହ୍ମଣୀ ନଦୀରୁ ଜଳ ଉଠାଇ ପୂଜା ମଣ୍ଡପରେ କଳସ ସ୍ଥାପନ କରିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜା କମିଟି ସଭାପତି ଚିତ୍ତରଞ୍ଜନ ଦାସ ଆଦି ସଭ୍ଯ ଏହି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଗଣେଶ ମୂର୍ତ୍ତିଟି ୧୧ ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥିବାରୁ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ବରୀ ନିର୍ବାଚନ ମଣ୍ଡଳୀର ଯୁବ ନେତା ଉମେଶ ଜେନା ବ୍ରହ୍ମବରଦା ଅଞ୍ଚଳକୁ ଆସି ବିଭିନ୍ନ ପୂଜା ମଣ୍ଡପ ବୁଲି ପ୍ରଭୁ ଗଜାନନଙ୍କ କୃପା ଲାଭ କରୁଥିଲେ। ଚାରିଗାରପୁର ପୂଜା କମିଟିର ସଭ୍ୟ ସୌମ୍ୟରଞ୍ଜନ ରାଉତ ମୁଖ୍ୟକର୍ତ୍ତା ଭବେ ପୂଜାରେ ବସିଥିବା ବେଳେ, ବେଲଗୁଡ଼ୁ ପୂଜା କମିଟି ସଭ୍ୟ କୁନା ସାହୁ ମୁଖ୍ୟକର୍ତ୍ତା ଭବେ ପୂଜାରେ ବସିଥିଲେ। ଏହି କ୍ରମରେ ବ୍ରହ୍ମବରଦା ପଞ୍ଚାୟତର ଢିଅସାହି, ଛେନାଖିଆପାଟଣା, ନୂଆକୂଳ ଆଦି ଗ୍ରାମ ମାନଙ୍କରେ ଗଣେଶ ପୂଜା ବହୁ ଆଡମ୍ବର ସହକାରେ ପାଳିତ ହୋଇଛି।

## ମଦ ବେପାରୀକୁ କାବୁ କଲେ ମହିଳା

### ୫୦ ବୋତଲ ମଦ ଜବତ



ବାଲିଚନ୍ଦ୍ରପୁର,୨୯।୮ (ସମିସ): ଏକ ବାଇକ୍ ସହ ୫୦ରୁ ଅଧିକ ବୋତଲର ଚୋରା ବିଦେଶୀ ମଦ ନେଇଯାଉଥିବା ଜଣେ ବେପାରୀକୁ କାବୁ କରିଛନ୍ତି ମହିଳା। ତା' ଠାରୁ ୫୦ ବୋତଲ ମଦ ଜବତ କରି ପୁଲିସ୍ ଜିମା ଦେଇଛନ୍ତି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଡ଼ିଅଙ୍ଗ ଗ୍ରାମର ଜ୍ଞାନରଞ୍ଜନ ବରାଳ (୪୨) ଆଜି ଦିନ ୧୧ଟାରେ ମହାଦେଇପୁର ଦଳେଇ ସାହି ଦେଇ ଯାଉଥିବା ବେଳେ ଏହି ସାହିର ମହିଳା ମାନେ ତାଙ୍କୁ ସେଠାରେ କାବୁ କରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌ଟିକୁ ଜବତ କରିବା ସହିତ ଅଟକ ଜ୍ଞାନରଞ୍ଜନକୁ ପୁଲିସ ଗିରଫ କରି ଥାନାକୁ ଆଣି ଥାନା କେଶ ନମ୍ବର ୨୪୧/୨୫ରେ ମାମଲା ରୁଜୁ କରିଥିଲା। ତେବେ ଆସନ୍ତାକାଲି ଗିରଫ ବେପାରୀକୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ ମହାଦେଇପୁର ଦଳେଇ ସାହିର ବିଭିନ୍ନ ସ୍ଥାନରେ ୭ ଜଣ ଚୋରା ବେପାରୀ ମଦ ବେପାର କରୁଥିବା ନେଇ ଗତ ୨୭ ତାରିଖ ଦିନ ୩୦ରୁ ଅଧିକ ମହିଳା ଥାନାକୁ ଆସି ଲିଖିତ ଅଭିଯୋଗ କରି ମହାଦେଇପୁରକୁ ମଦ ମୁକ୍ତ କରିବାକୁ ଦାବି କରିଥିଲେ।

## ସାପ କାମୁଡ଼ାରେ ଯୁବ ଚାଷୀ ମୃତ

ସୁକିନ୍ଦା,୨୯।୮ (ସମିସ): ଚାଷ କାର୍ଯ୍ୟ କରୁଥିବା ସମୟରେ ସର୍ପାଘାତରେ ସୁକିନ୍ଦା ଅଞ୍ଚଳର ଯୁବ ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଆମ୍ବଳବା ଗ୍ରାମର ଯୁବ ଚାଷୀ ଦିଲ୍ଲୀପ କୁମାର ମଲ୍ଲିକ (ଦିଲୁ) ଗତ ରବିବାର ଗ୍ରାମାପାଖ ଚାଷ ଜମିରେ ଚାଷକାର୍ଯ୍ୟ କରୁଥିବା ସମୟରେ ସର୍ପାଘାତର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦିଲ୍ଲୀପ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଳିଙ୍ଗନଗର ସ୍ଥିତ ଟାଟା ମେଡିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଦିଲ୍ଲୀପଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ପାଇ ସୁକିନ୍ଦା ପୁଲିସ ମୃତଦେହ ଜବତ କରି ୨୭/୨୦୨୫ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ଏସଆଇ କଳ୍ପଲତା ପ୍ରଧାନ ସୂଚନା ଦେଇଛନ୍ତି।

### ■ ବିୟୁଟି ପାର୍ଲରର ଯୁବତୀଙ୍କ ମୃତ୍ୟୁ ଘଟଣା

## ଅଭିଯୁକ୍ତ ଯୁବକ କୋର୍ଟଚାଲାଣ



ବିଞ୍ଝାରପୁର,୨୯।୮ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଅଜୟ ବଳଙ୍କ ଝିଅ ଇପ୍ସିତା ବଳ (୨୨)ଙ୍କ ବୁଧବାର ସନ୍ଦେହ ଜନକ ମୃତ୍ୟୁ ହୋଇଥିଲା। ବିଞ୍ଝାରପୁର ପୁଲିସ ଏହି ମୃତ୍ୟୁ ଘଟଣାରେ ଗୁରୁବାର ଜରୀ ଗ୍ରାମର ମନୋଜ ସାମଲ (୨୬)ଙ୍କୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରିବା ପରେ ଆଜି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଞ୍ଝାରପୁର ବ୍ଲକ ଜରୀ ଗ୍ରାମର ଯୁବକ ସଂଗ୍ରାମ ସାମଲଙ୍କର ମୃତ ଇପ୍ସିତାଙ୍କ ସହିତ ୨ ବର୍ଷର ପ୍ରେମ ସମ୍ପର୍କ ରହିଥିଲା। ଇପ୍ସିତାକୁ ବିବାହର ପ୍ରତିଶ୍ରୁତି ଦେଇ ପରେ ବିବାହ ପାଇଁ ମନା କରିବା ସହିତ ଦୁଇ ଜଣଙ୍କ ମଧ୍ୟରେ ମତାନ୍ତର ହୋଇଥିଲା ବୋଲି ଅଭିଯୁକ୍ତ ସ୍ୱୀକାର କରିଛି। ଏହି ଘଟଣାକୁ କେନ୍ଦ୍ର କରି ଇପ୍ସିତାର ମୃତ୍ୟୁ ହୋଇଛି। ତେବେ ପୁଲିସ ଏହି ଘଟଣାରେ ଶୁକ୍ରବାର ଅଭିଯୁକ୍ତ ସଂଗ୍ରାମ ସାମଲଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡିଛି। ଇପ୍ସିତା ସିଂହପୁର ନିକଟବର୍ତ୍ତୀ ଖରସ୍ରୋତା କଲେଜ ଛକ ନିକଟରେ ଥିବା ଏକ ଭଡ଼ା ଘରେ ବିୟୁଟି ପାର୍ଲର ପରିଚାଳନା କରୁଥିଲେ। ବୁଧବାର ବିଉଟି ପାର୍ଲର ଆସି ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ପାର୍ଲର ନିକଟରେ ପହଞ୍ଚି ଇପ୍ସିତା ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କ ଝିଅକୁ କେହି ମାରି ଫ୍ୟାନରେ ଟାଙ୍ଗି ଦେଇଥିବା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ କେଶ ନଂ ୩୧୦/୨୫ରେ ମାମଲା ରୁଜ କରି ତଦନ୍ତ ଚଳାଇଥିଲା।

## ଯାଜପୁରରେ ଜାତୀୟ କ୍ରୀଡ଼ା ଦିବସ



ଯାଜପୁର,୨୯।୮ (ସମିସ): ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ହକି ପ୍ରଶିକ୍ଷଣ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ଚରଣ ଟୁଡୁ କ୍ରୀଡ଼ା ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ। ଖେଳକୁଦ ମଣିଷକୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ ବୋଲି ଅତିଥିମାନେ କହିଥିଲେ। ପରେ ପରେ ଜିଲ୍ଲାପାଳ ଇଣ୍ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ, ତାଏକ୍ୱୋଣ୍ଡୋ ଏବଂ ଅନ୍ୟାନ୍ୟ କ୍ରୀଡ଼ାବିତମାନଙ୍କୁ ଭେଟିଥିଲେ। ଏହି କାର୍ଯ୍ୟକ୍ରମ ରେ ହକି ପ୍ରଶିକ୍ଷକ ଅମୂଲ୍ୟ ବେହେରା, ମମତା କିଣ୍ଡୋ, କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରେ ପରେ ଜିଲ୍ଲା ସ୍କୁଲ ଓ ହକି ପ୍ରଶିକ୍ଷଣ କେନ୍ଦ୍ର, ଏନ୍‌ସି କଲେଜ ମଧ୍ୟରେ ପ୍ରଦର୍ଶନୀ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏନ୍‌ସି କଲେଜ ଦଳ ଚାମ୍ପିଅନ ହୋଇଥିଲେ। ଉପସ୍ଥିତ କ୍ରୀଡ଼ାବିତ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ସମସ୍ତଙ୍କୁ ଫିଟନେସ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ସୁକିନ୍ଦା ଅଞ୍ଚଳରେ ହାତୀ ଆତଙ୍କ



ସୁକିନ୍ଦା,୨୯।୮ (ସମିସ): ଢେଙ୍କାନାଳ ସୀମାନ୍ତରୁ ଆସିଥିବା ଦୁଇଟଶ ହାତୀ ସୁକିନ୍ଦା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ସୁକିନ୍ଦା ବନ ବିଭାଗ ଅନ୍ତର୍ଗତ ବୋତଲଣ୍ଡା ଗ୍ରାମରେ ଦୁଇ ହାତୀ ଆତଙ୍କରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ସୂଚନା ମୁତାବକ ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ମଙ୍ଗଳପୁର ଛକ ନିକଟରେ ଦୁଇ ହାତୀ ରାସ୍ତା ଅତିକ୍ରମ କରି ବୋତଲଣ୍ଡା ଗ୍ରାମକୁ ଯାଉଥିବା ଦେଖିବାକୁ ମିଳିଥିଲା। ସୁକିନ୍ଦା ବନ ବିଭାଗ କର୍ମଚାରୀ ସୂଚନା ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କୁ ଢେଙ୍କାନାଳ ସୀମାନ୍ତକୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଥିବା ସୂଚନା ମିଳିଛି। ଏଥିରେ ଗୋଟିଏ ଦନ୍ତାହାତୀ ଥିବା ଜଣାପଡିଛି।

## ଭାଦ୍ରବ ପରିକ୍ରମା ସତ୍‌ସଙ୍ଗ

ଜେନାପୁର,୨୯।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପୁରୁଣା ବଉଳମାଳ ଗ୍ରାମ ପଞ୍ଚାୟତ ଅଧୀନ ଠାକୁରାଗ୍ରାମରେ ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ସତ୍‌ସଙ୍ଗ କେନ୍ଦ୍ର ଗଡ଼ମଧୁପୁରର ସମ୍ପାଦକ ତଥା ସହ ପ୍ରତିରତ୍ୱକ ପରିକ୍ଷିତ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସତ୍‌ସଙ୍ଗ ଅଧିବେଶନରେ ସହ ପ୍ରତିରତ୍ୱକ କୁଳମଣି ରଣା, ଧର୍ମ ଯାଜକ ବିଜୟ କୁମାର ବେହେରା, ହରିହର ପଣ୍ଡା ଓ ଅନ୍ୟାନ୍ୟ ଗୁରୁଭାଇ ଏବଂ ମାଆଙ୍କ ସମେତ, ଗ୍ରାମବାସୀ ଉପସ୍ଥିତି ଥିଲେ। ଅରୁଣ କୁମାର ଦାସ ସତ୍‌ସଙ୍ଗ ଆୟୋଜନ କରିଥିଲେ। ବିଭୁସୁନ୍ଦର ସତ୍ ଗ୍ରନ୍ଥ ପାଠ କରିଥିଲେ।

## ରକ୍ତବନ୍ଧୁ ଯାଜପୁର ସମ୍ବର୍ଦ୍ଧିତ



କବାଟବନ୍ଧ,୨୯।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ରକ୍ତବନ୍ଧୁ ଯାଜପୁରକୁ ସୁକିନ୍ଦା ବ୍ଲକ କଳିଙ୍ଗନଗର ଡୁବୁରୀଠାରେ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର କଳିଙ୍ଗ ନଗର ଡୁବୁରୀ ଛକଠାରେ କଳିଙ୍ଗ ନଗର ଚାମ୍ବର୍ସ ଅଫ କମର୍ସ, ସୁକିନ୍ଦା ପ୍ରେସ୍ କ୍ଲବ, କଳିଙ୍ଗ ନଗର ପୁଲିସର ମିଳିତ ସହଯୋଗରେ ଚକାଡୋଲା ଲାଇଫ୍ ଲାଇନ ପକ୍ଷରୁ ଆୟୋଜିତ ଏକ ମେଗା ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରକ୍ତ ଆବଶ୍ୟକତା ପୂରଣ କରିବା ପାଇଁ ରକ୍ତବନ୍ଧୁ ଯାଜପୁରର ସଦସ୍ୟ ମାନେ ନିଜକୁ ସମର୍ପିତ କରି କାର୍ଯ୍ୟ କରୁଛନ୍ତି। ଅନୁଷ୍ଠାନର ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତବନ୍ଧୁ ଯାଜପୁରର ଆବାହକ ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ଅସିତ କୁମାର ନାୟକ, ସନାତନ ମଲ୍ଲିକ, କାଳିଆ ରାଉତ, ବୁବୁନା ମଲ୍ଲିକ, ମାୟାଧର ଦାସ, କାବୁଲା ବେହେରା ପ୍ରମୁଖ ଉପସ୍ଥିତ ରହି ମାନପତ୍ର ଗ୍ରହଣ କରିଥିଲେ।

## ମହିଳା, ଛାତ୍ରୀ ଓ ଶିଶୁ ନିର୍ଯାତନା ବିରୁଦ୍ଧରେ ଆଲୋଚନା

ଯାଜପୁର,୨୯।୮ (ସମିସ): ରାଜ୍ୟରେ ଅତ୍ୟନ୍ତ ଉଦ୍‌ବେଗଜ ଜନକ ଭାବେ ବଢ଼ି ଚାଲିଥିବା ନାରୀ ଛାତ୍ରୀ ଓ ଶିଶୁ ନିର୍ଯାତନା ବିରୁଦ୍ଧରେ ଯାଜପୁର ଟାଉନର ମହାବୀର ଛକ ନିକଟରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଠାରେ ଏକ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଆଲୋଚନା ସଭାରେ ଏତାଦୃଶ ବର୍ବରତା ବୃଦ୍ଧିର କାରଣ ତଥା ନିରାକରଣର ଉପାୟ ସମ୍ପର୍କରେ ବହୁ ବିଶିଷ୍ଟ ଶିକ୍ଷାବିତ ଏବଂ ବୁଦ୍ଧିଜୀବୀ ଆଲୋଚନାରେ ଭାଗନେଇ ମତାମତ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ବିନୋଦ ଚନ୍ଦ୍ର ନାୟକ, ଡ. କ୍ଷୀରୋଦ କୁମାର ବେହେରା, ଡ. ଅନିଲ କୁମାର ମହାନ୍ତି, ଡ. ଦର୍ପନାରାୟଣ ଲେଙ୍କା, ଅବସରପ୍ରାପ୍ତ ପ୍ରାଧାପକ ଡ. ହରିଶ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରାଧାପକ ବିଷ୍ଣୁ ଚରଣ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ପୁହାଣ ଏବଂ ବିଜୟ କୁମାର ସମାଲ, ସିନଅର ଆଡ୍‌ଭୋକେଟ୍ ସଂଘମିତ୍ରା ପଟ୍ଟନାୟକ, ବୀଣାପାଣୀ ତ୍ରିପାଠୀ, ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକ ପ୍ରମୁଖ ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତ ସମ୍ପର୍କରେ ଗଭୀର ଉଦ୍‌ବେଗ ପ୍ରକାଶ କରଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ଏକ ନାଗରିକ କମିଟି ଗଠନ କରାଯାଇଥିଲା। 'ସାମାଜିକ ସୁରକ୍ଷା କମିଟି, ଯାଜପୁର' ନାମରେ ଗଠିତ ଉକ୍ତ କମିଟିର ଉପଦେଷ୍ଟା ମଣ୍ଡଳ ଭାବେ ଉପରୋକ୍ତ ଅବସରପ୍ରାପ୍ତ ଅଧ୍ୟକ୍ଷ ବୃନ୍ଦଙ୍କୁ ନିଆଯାଇଥିବା ବେଳେ ସଭାପତି ଭାବେ ବିଷ୍ଣୁ ଚରଣ ବେହେରା, ସଂପାଦକ ଭାବେ ରାଜଶ୍ରୀ ମହାନ୍ତି, ଯୁଗ ସଂପାଦକ ଭାବେ ସଂଘମିତ୍ରା ପଟ୍ଟନାୟକଙ୍କୁ ଏବଂ ଉପସଭାପତି ଭାବେ ଲେଖିକା ବୀଣାପାଣି ତ୍ରିପାଠୀଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଅବସର ପ୍ରାପ୍ତ ଶିକ୍ଷକ ମାନଙ୍କୁ ନିଆଯାଇଥିବା ବେଳେ ସଭ୍ୟ ରୂପେ ଉପସ୍ଥିତ ଛାତ୍ରୀ ମହିଳା ଓ ଅନ୍ୟମାନଙ୍କୁ ସଭ୍ୟରୂପେ ନିଆଯାଇଛି।

## ଉପ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଶିଳାନ୍ୟାସ



ବ୍ରହ୍ମବରଦା,୨୯।୮ (ସମିସ): ଯାଜପୁର ବ୍ଲକ ଝାଲପଡା ପଞ୍ଚାୟତ କାକୁଡିକୁଦ ଗ୍ରାମରେ ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ୩୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଆସନ୍ତା ୨ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ଏହି କାର୍ଯ୍ୟକ୍ରମରେ ବରୀ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲ୍ଲା ପରିଷଦ ଦିଲ୍ଲିପ ମହାନ୍ତି, ଝାଲପଡା ସରପଞ୍ଚ ଭାରତୀ ମଲ୍ଲିକ, ନାଏବ ସରପଞ୍ଚ ବେଣୁଧର ମୁହୁଲି, ଏରବାଙ୍ଗ ସରପଞ୍ଚ ରେଖା ମଲ୍ଲିକ, ପ୍ରିୟନାଥ ରାଉତ, ଦିଲ୍ଲିପ କୁମାର ଜେନା, ଉତ୍କଳ ଜେନା, ଚନ୍ଦନ ବିଶ୍ୱାଳ, ବନମାଳି ମଲ୍ଲିକ, ବାବୁଲା ମଲ୍ଲିକ, କୈଳାସ ନାୟକ, କେଦାରନାଥ ରାୟ, ବାଦଲ ରାୟ, ସନ୍ତୋଷ ସାହୁ, ବିଭୂତିଭୂଷଣ ଦାସ, ରଞ୍ଜିତ ନାୟକ, ରାଜେଶ ଜେନା, ରଘୁନାଥ ଜେନା, ଶ୍ୟାମସୁନ୍ଦର ବିଶ୍ୱାଳ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ରଶ୍ମିତା ସାହୁ, ସମ୍ପାଦିକା ଶଶ୍ମିତା ଜେନା, ଅନନ୍ତ ସାହୁ, ଲକ୍ଷ୍ମଣ ବିଶ୍ୱାଳ, ରବୀନ୍ଦ୍ର ଦାସ, ଅକ୍ଷୟ ଦାସ, ସୁବାସ ଚନ୍ଦ୍ର ରାଉତ, ସୁରେନ୍ଦ୍ର ରାଉତ, ବିଶ୍ୱମ୍ବର ଦାସ, ହରିହର ପୃଷ୍ଟି, ଅଶୋକ ଦାସ, ଶିବପ୍ରସାଦ ଜେନା, ଅର୍ଜୁନ ସାହୁ, ରାକେଶ ସାହୁ, ନିରଞ୍ଜନ ଗନ୍ତାୟତ, ନିରଞ୍ଜନ ଜେନା, ପ୍ରଶାନ୍ତ ମୁହୁଲି, ନିଶିକାନ୍ତ ସାହୁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଝାଲପଡା ପଞ୍ଚାୟତ କାକୁଡିକୁଦ ଠାରେ ଥିବା ମିଶନଶକ୍ତି ଗୃହକୁ ରାସ୍ତା, ବିଦ୍ୟୁତ ସଂଯୋଗ, ପାଚେରି ନିର୍ମାଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା କର୍ମୀମାନେ ବିଧାୟକଙ୍କ ନିକଟରେ ଲିଖିତ ଦାବି ରଖିଥିଲେ।

## ଜିଲ୍ଲା ଯୁବ କଂଗ୍ରେସର ବନ୍ୟାଞ୍ଚଳ ପରିଦର୍ଶନ



ଯାଜପୁର,୨୯।୮ (ସମିସ): ଦଶରଥପୁର ବ୍ଲକର ଅହିୟାସ ସ୍ଥିତ ଦରଘା ଠାରେ ବୈତରଣୀର ଶାଖା ନଦୀ କାଣୀ ନଦୀରେ ୧୭୦ ଫୁଟ୍ ଘାଇ ସୃଷ୍ଟି ହୋଇଛି। ଫଳରେ କସପା, ମଲ୍ଲିକାପୁର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବ୍ଲକର ୨୦ ପଞ୍ଚାୟତରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଆଜି କସପା ଓ ମଲ୍ଲିକାପୁର ପଞ୍ଚାୟତରେ ଜିଲ୍ଲା ଯୁବ କଂଗ୍ରେସର ନେତା କୁମାର ଆଶୁତୋଷଙ୍କ ନେତୃତ୍ୱରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦିପ୍ ସାମଲ ପ୍ରଭୃତି ଯାଜପୁର ଗ୍ରସ୍ତରେ ଆସି କୁମାର ଆଶୁତୋଙ୍କ ନେତୃତ୍ୱରେ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପ୍ରଥମ ଦଶରଥପୁର ବ୍ଲକ କାଟିଆ ଠାରେ ପହଞ୍ଚିବା ପରେ ସେଠାରେ ଯୁବ କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସ୍ୱର୍ଦ୍ଧନା ଦିଆଯାଇଥିଲା। ମିଳିତଭାବେ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ପ.ରି ବୁଝି ୧୦୦୦ ରୁ ଊର୍ଦ୍ଧ୍ୱ ପରିବାରକୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସତ୍ୟବ୍ରତ ନାୟକ, ଯଯାତି ନାୟକ, ସଂଜବି ଦାସ, ଅନୁପମ ମଲ୍ଲିକ, ବିରଜା ସାହୁ, ରବିପ୍ରକାଶ ନାୟକ, ଉତ୍କଳ ପାଣିଗ୍ରାହୀ, ରୂପକ ଦାସ, ଅର୍ଜିତ ନାୟକ, ଭବାନିଶଙ୍କର ଦେଓ, ଜଗନ ଜେନା ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଦେବେନ୍ଦ୍ର ପଣ୍ଡା, ଦଶରଥପୁର ବ୍ଲକ ସଭାପତି ଶ୍ୟାମସୁନ୍ଦର କର, ଦୁର୍ଯ୍ୟୋଧନ ବେହେରା, ଏକାଦଶୀ ତ୍ରିପାଠୀ, ପ୍ରଫୁଲ୍ଲ ନାୟକ, ଏସ୍‌କେ ବଧିରୁଦ୍ଦିନ, ଅଲ୍ଲିମାନ ଖାଁନ୍, ଅଫ୍‌ସର ଖାନ୍, ଏସ୍‌କେ ତାରୋ, ଏସ୍‌କେ ବାବୋ, ଦେବକାନ୍ତ ପତି, ମନୋଜ ମହାନ୍ତି ପ୍ରଭୃତି ବନ୍ୟାଞ୍ଚଳ ପରିଦର୍ଶନ କରି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।



# ବଢୁଛି କବାଡ଼ିଆଙ୍କ ଚୋରା ବ୍ୟବସାୟ

- ଗ୍ୟାସ କଟରରେ କଟାଯାଉଛି ଯନ୍ତ୍ରାଂଶ
- ବିନା ଜିଏସଟିରେ ସ୍କ୍ରାପ ଭାବେ ଚାଲାଣ ହେଉଛି ବାହାର ରାଜ୍ୟକୁ





ଅନୁଗୋଳ, ୨୯ ।୮ (ସମିସ)

ନାଲକୋ ନଗର ଥାନା ଅନ୍ତର୍ଗତ ବିଭିନ୍ନ ଛକ ବଜାର ଅଞ୍ଚଳରେ ଦିନକୁ ଦିନ କବାଡ଼ିଆ ବ୍ୟବସାୟ ବଢ଼ିବାରେ ଲାଗିଛି । ପୁଲିସ ପକ୍ଷରୁ ନିୟମିତ ଚଢ଼ଉ ହେଉ ନ ଥିବାରୁ ଚୋରା କବାଡ଼ିଆ ବ୍ୟବସାୟ ବେଲଗାମ ହେବାରେ ଲାଗିଛି । ନାଲକୋ ଥାନା ଅନ୍ତର୍ଗତ କାଣ୍ଡସର ମହୁଲବୁରୀ ସାହି, ଗିରାଙ୍ଗ, ଏଫସିଆଇ ଛକ, ଜାତୀୟ ରାଜପଥ ପାର୍ଶ୍ୱ କୁଲାଡ଼ ଓ ସିପିପି ଛକ ନିକଟରେ ଖୁଲମଖୁଲା ବ୍ୟବସାୟ ଚାଲିଛି । କାଗଜ ପଟି, ବର୍ଜ୍ୟ ପ୍ଲାଷ୍ଟିକ ପାଇଁ ଲାଇସେନ୍ସ ରଖି ଲୁହା ଲକଡୀ, ପ୍ଲାଣ୍ଟର ଯନ୍ତ୍ରାଂଶ, ଟ୍ରକ ପାର୍ଟସ, ଚୋରା ବାଇକ, କାର, ପ୍ରଭୃତିର ଯନ୍ତ୍ରାଂଶ ଖୁଲମଖୁଲା ବ୍ୟବସାୟ ହେଉଛି । ପୁରୁଣା ଗାଡ଼ିକୁ ଗ୍ୟାସ କଟରରେ କାଟି ତା'ର ଚିହ୍ନବର୍ଣ୍ଣ ହଜେଇ ଦିଆଯାଉଛି । ଏହାକୁ ପୁରୁଣା ସ୍କ୍ରାପ ସାମଗ୍ରୀ ଭାବେ ରାଜ୍ୟ ବାହାରକୁ ଚାଲାଣ କରାକରାଯାଉଛି । ଲୁଚାଛପାରେ ବିଭିନ୍ନ ଜିନିଷ କିଣାଯାଉଥିବାରୁ ବାହାର ରାଜ୍ୟକୁ ଚାଲାଣ ବେଳେ ବିନା ଜିଏସ୍‌ଟି ବିଲ୍‌ରେ ଚାଲାଣ ହେଉଥିବା କୁହାଯାଉଛି । ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି । ବିନା ଯାଞ୍ଚରେ ଅଚିହ୍ନା ଲୋକଙ୍କଠାରୁ ପୁରୁଣା ଲୁହା ଓ ଅନ୍ୟାନ୍ୟ ଚୋରା ସାମଗ୍ରୀ କିଣୁଥିବା ଯୋଗୁଁ ବିନା ଦ୍ୱିଧାରେ ଅଞ୍ଚଳରେ ଚୋରା କାରବାର ବଢ଼ି ଚାଲିଛି ।

କବାଡ଼ି ଦୋକାନରେ ସ୍ଥାନୀୟ ଲୋକେ ନିଜ ସ୍ୱପ୍ନର ଘର ନିର୍ମାଣ ପାଇଁ ଆଣିଥିବା ଲୁହା ରଡ୍, ସେଟିଂ ପାଇପ୍, ପାଣି ପାଇପ ଆଦି ସାମଗ୍ରୀ ବିପୁଳ ପରିମାଣରେ କବାଡ଼ି ଦୋକାନରେ ମହଜୁଦ ରହିଥିବା ଦେଖିବାକୁ ମିଳିଛି । କେତେକ ସମୟରେ କବାଡ଼ିଆ ଦୋକାନରେ ମଧ୍ୟ କିଛି ଗୃହ ନିର୍ମାଣ ସାମଗ୍ରୀ ଜବତ ହୋଇଥିବା ନଜିର ରହିଛି । ଘର ମାଲିକ ଚୋରି ସାମଗ୍ରୀ କବାଡ଼ି ଦୋକାନରେ ଥିବା ସୁରାକ ପାଇ ଘଟଣାସ୍ଥଳରେ ପହଞ୍ଚି ଚୋରା ସାମଗ୍ରୀ ଚିହ୍ନି ପାରିଲେ । କିଛିମାସ ପୂର୍ବରୁ ନାଲକୋ ସ୍ମେଲଟର ପ୍ଲାଣ୍ଟ ପରିସରରୁ ଆଲୁମିନିୟମ ଗୁଣ୍ଡ ଓ ଆଲୁମିନିୟମ ବାର୍ କବାଡ଼ି ଦୋକାନରେ ବିକ୍ରି ହୋଇଥିଲା । ନାଲକୋ ପ୍ଲାଣ୍ଟର ସୁରକ୍ଷା କର୍ମୀ ସିଆଇଏସଏଫ କର୍ମଚାରୀ ପ୍ଲାଣ୍ଟର ଚୋରି ସାମଗ୍ରୀ କବାଡ଼ି ଦୋକାନରେ ଥିବା ଖବର ପାଇ ନାଲକୋ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ କବାଡ଼ି ଦୋକାନରୁ ଚୋରା ଆଲୁମିନିୟମ ଜବତ କରିବା ସହ କବାଡ଼ି ଦୋକାନ ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ମାତ୍ର ପୁଲିସ ପାଟ୍ରୋଲିଂ ଓ ଚଢ଼ଉ ହେଉ ନ ଥିବାରୁ କାଣ୍ଡସର ମହୁଲବୁରୀ ସାହି 'ସାହୁ କବାଡ଼ିଖାନା'ରେ ବହୁ ମାତ୍ରାରେ ଦୁଇଚକିଆ, ଚାରିଚକିଆ ଓ ଛଅଚକିଆ ଗାଡ଼ିର ଡୋର୍, ଚେସିସ୍, ଇଞ୍ଜିନ୍, କାଚ, ବ୍ୟାଟେରୀ ଆଦିକୁ ଅଲଗା ଅଲଗା କରି ରଖାଯାଇଥିବାରୁ କେଉଁଟା କାହାର ଗାଡ଼ି ମାଲିକ ଚିହ୍ନିବା କଷ୍ଟକର ହୋଇପଡ଼ିଛି । ଗ୍ୟାସ କଟର ସାହାଯ୍ୟରେ ତୁରନ୍ତ କଟାଯାଇ ବାହାର ରାଜ୍ୟକୁ ଚାଲାଣ ହେଉଛି । ବିଶେଷ କରି ଋଣରେ ଆଣିଥିବା ଗାଡ଼ିର ଅର୍ଥ ପରିଶୋଧ ନ କରି କେତେକ ଗାଡ଼ି ମାଲିକ କବାଡ଼ିଆ ଦୋକାନରେ ବିକ୍ରି କରି ଦେଉଥିବା ଗୁରୁତର ଅଭିଯୋଗ ହେଉଛି । ଏହା ପଛରେ ଏକ ବଡ଼ ଧରଣର ରାକେଟ କାର୍ଯ୍ୟ କରୁଥିବା ବେଳେ ପୁଲିସ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅନୁରୂପ ଭାବେ ଅନେକ ସମୟରେ ନିଶାଖୋର ଯୁବକମାନେ ବିଭିନ୍ନ ସ୍ଥାନରୁ ସାମଗ୍ରୀ ଚୋରି କରି କବାଡ଼ିଆ ଦୋକାନରେ ବିକ୍ରି କରି ନିଶା ଖାଉଥିବା ଅଭିଯୋଗ ହେଉଛି । ବିଭିନ୍ନ ସମୟରେ କବାଡ଼ିଆ ଦୋକାନରୁ ବଡ଼ବଡ଼ ଟ୍ରକରେ ବିଭିନ୍ନ ସାମଗ୍ରୀ ଚାଲାଣ ହେଉଛି । ତେବେ ନିୟମିତ ଯାଞ୍ଚ ଓ ଚଢ଼ଉ କରାଗଲେ ଏହି ରାକେଟର ପର୍ଦ୍ଦାଫାସ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

## ରାଜପଥ ଡିଭାଇଡର୍ ଭାଙ୍ଗିଲେ ହାତୀ

- ଗ୍ରାମବାସୀ ଆତଙ୍କିତ



ଭୁବନ, ୨୯ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଦେଇ ଯାଇଥିବା ୫୩ନଂ ଜାତୀୟ ରାଜପଥର ଅନନ୍ତପୁର ଛକରେ ଦୁଇଟି ହାତୀ ରାସ୍ତା ପାର୍ ହେବା ସମୟରେ ଡିଭାଇଡର ଭାଙ୍ଗିଦେଇଛନ୍ତି । ୮ ଦିନ ପୂର୍ବରୁ ଗୋଟିଏ ଦନ୍ତା ଏବଂ ଗୋଟିଏ ମାଈହାତୀ ଷଡ଼ଙ୍ଗୀ ରେଞ୍ଜ ଜଙ୍ଗଲ ଅଞ୍ଚଳରୁ ଆସି ଭୁବନସ୍ଥିତ ଭାରତୀ ପାହାଡ଼ରେ ରହିଥିଲେ । ତେବେ ଶୁକ୍ରବାର ସକାଳେ ହଠାତ୍ ଦୁଇଟିଯାକ ହାତୀ ରାଜପଥ ଉପରକୁ ଆସି ଅନନ୍ତପୁର ଗ୍ରାମ ଆଡ଼କୁ ଯାଇଥିଲେ । ରାସ୍ତା ପାର ହେବା ସମୟରେ ରାସ୍ତାରେ ଲାଗିଥିବା ଡିଭାଇଡର୍‌କୁ ଭାଙ୍ଗିଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ କିଛି କ୍ଷୟକ୍ଷତି ଘଟି ନ ଥିବା ଜଣାପଡ଼ିଛି । ଖବର ଲେଖାହେବା ସୁଦ୍ଧା ହାତୀ ଦୁଇଟି ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳର ପୋବଳ ଜଙ୍ଗଲକୁ ଚାଲିଯାଇଛନ୍ତି । ସେଠାରେ ସୁକିନ୍ଦା ବନ ବିଭାଗ ଏବଂ ଗ୍ରାମବାସୀ ହାତୀ ଦୁଇଟିକୁ ଜଗି ରହିଛନ୍ତି ।

## ରଙ୍ଗମାଟିଆ ସାହିରେ ଚତୁର୍ଥ ଗଣେଶ ପୂଜା

କିଶୋରନଗର, ୨୯ ।୮ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଅଖରକଟା ଗ୍ରାମ ରଙ୍ଗମାଟିଆ ସାହିରେ ଚତୁର୍ଥ ଗଣେଶ ପୂଜା ଅନୁଷ୍ଠିତ ହୋଇଛି । ୨୭ ତାରିଖ ସକାଳ ୬ଟାରେ ଭୋଗରାନାଳ ଯୋଗରେ ପୂଜାର୍ଚ୍ଚନା କରାଯାଇ କଳସ ଯାତ୍ରାରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ସକାଳ ୮ଟାରେ ପୂଜା ଆରମ୍ଭ ହୋଇଥିଲା । ୯ଟାରେ ପୁଷ୍ପାଞ୍ଜଳି ଦିଆ ଯାଇଥିବା ବେଳେ ଅପରାହ୍ନ ୧ଟାରେ ପ୍ରସାଦ ସେବନ କରିଥିଲେ । ପୂଜାରେ କର୍ତ୍ତା ଭାବେ ସାଗର ସାହୁ ଦାୟିତ୍ୱ ତୁଲାଇଥିଲେ । ପୂଜକ ମୋହନ ଶତପଥୀଙ୍କ ମନ୍ତ୍ର ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ୨୮ ତାରିଖ ହରିହାଟ, ସନ୍ଧ୍ୟାରେ ନାମସଂକୀର୍ତ୍ତନ, ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ସଞ୍ଜୟ ପ୍ରଧାନ ଯୋଗଦେଇଥିଲେ । ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ବିସର୍ଜନ ହୋଇଥିଲା । କ୍ଲବ ସଭାପତି ଗଗନ ବିହାରୀ ନାୟକ, ସମ୍ପାଦକ ସଚିତ୍ର ବେହେରାଙ୍କ ନେତୃତ୍ୱରେ ତଥା ସମସ୍ତ ସଦସ୍ୟଙ୍କ ସହଯୋଗରେ ଧୁମଧାମ୍‌ରେ ଗଣେଶ ପୂଜା ପାଳିତ ହୋଇଛି ।



## ତାଳଚେର କଲେଜ ନୂତନ ବଏଜ୍ କମନ୍‌ରୁମ୍ ଉଦ୍‌ଘାଟିତ



ତାଳଚେର, ୨୯ ।୮ (ସମିସ): ପବିତ୍ର ଗଣେଶ ପୂଜା ଅବସରରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ବଏଜ କମନରୁମ ନୂତନ ଗୃହକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉଦଘାଟନ କରିଛନ୍ତି । ଶିକ୍ଷାର ବୈପ୍ଳବିକ ପରିବର୍ତ୍ତନରେ ଛାତ୍ରଛାତ୍ରୀମାନେ ନିଜକୁ ଶୃଙ୍ଖଳିତ ଏବଂ ସୁଦୃଢ଼ କରି ଦେଶ ପ୍ରଗତି ଓ ଉନ୍ନତିରେ ନିଜକୁ ସାମିଲ କରିବା ପାଇଁ ସେ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଉନ୍ନତି ଏବଂ ବିକାଶରେ ବିଧାୟକ ପ୍ରଧାନଙ୍କ ଅତୁଳନୀୟ ଅବଦାନ ରହିଛି । ରୁଷା ଫଣ୍ଡ ଦ୍ୱାରା ନିର୍ମିତ ଏହି ବଏଜ କମନରୁମରେ ଛାତ୍ରଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ସୁବ୍ରତ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ । ବିଘ୍ନ ବିନାଶକ ପ୍ରଭୁ ଶ୍ରୀ ଗଜାନନ ପୂଜା ମଧ୍ୟ ମହାବିଦ୍ୟାଳୟରେ ପାଳନ ହୋଇଥିଲା । ପ୍ରାରମ୍ଭରେ ଅଧ୍ୟାପକ ଶଶାଙ୍କ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଡେମନଷ୍ଟ୍ରେଟର ନିଖିଳ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତାଳଚେର ପୌର ପରିଷଦ ଅଧ୍ୟକ୍ଷ ପବିତ୍ର ଭୁତିଆ, ଉପନଗରପାଳ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ, ଅଧ୍ୟାପକ ନବକିଶୋର ସାହୁ, ଜୟନ୍ତ ମହାରଣା, ଅଧ୍ୟାପିକା ସୁନିତା ସାହୁ, ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ବିଭାଗ ଅଧ୍ୟାପକ ଡ. ଜିତେନ୍ଦ୍ର କୁମାର ଦାସ, ଡେମନଷ୍ଟ୍ରେଟର ସଞ୍ଜୟ ରଥଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ତାଏକ୍ୱୋଣ୍ଡୋ ଆସୋସିଏସନ୍ ପକ୍ଷରୁ କ୍ରୀଡ଼ା ଦିବସ



ଅନୁଗୋଳ, ୨୯ ।୮ (ସମିସ): ଅମଲାପଡ଼ା ବାସନ୍ତୀ ପାଠାଗାର ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି । ବାସନ୍ତୀ ତାଏକ୍ୱୋଣ୍ଡୋ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ସମାରୋହରେ ପୂର୍ବତନ ତାମଡ଼ା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ହକି ଖେଳ ପ୍ରତି ଉତ୍ସର୍ଗୀକୃତ ମନୋଭାବ, ଦକ୍ଷତା ଏବଂ ତାଙ୍କ ଯୋଗୁଁ ଭାରତ ସମଗ୍ର ବିଶ୍ୱରେ କିଭଳି ସୁନାମ ଅର୍ଜନ କରିଥିଲା ତାହା ବର୍ଣ୍ଣନା କରିଥିଲେ ।

ସଂଘ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦେବତା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଭାରତ ହକି ଖେଳରେ ପୁଣି ପୂର୍ବ ଗୌରବ ଫେରାଇ ଆଣିବା ପାଇଁ କିଭଳି ଭିତ୍ତିଭୂମିର ବିକାଶ କରାଯାଉଥିବା ପ୍ରକାଶ କରିଥିଲେ । ତାଏକ୍ୱୋଣ୍ଡୋ ଆସୋସିଏସନ୍‌ର ପ୍ରତିଷ୍ଠାତା ଦୁଷ୍ୟନ୍ତ କୁମାର ନାଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ତାଏକ୍ୱୋଣ୍ଡୋ, ସ୍କେଏ ଏବଂ ଅନ୍ୟ ପ୍ରଶିକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ ।

## ଖାଦ୍ୟ ନିରାପତ୍ତା ବିଭାଗର ଜୋରଦାର ଚଢ଼ଉ

ତାଳଚେର, ୨୯ ।୮ (ସମିସ): ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ମହାଆଡ଼ମ୍ବରରେ ଚାଲୁଥିବା ବେଳେ ଶୁକ୍ରବାର ରାଜ୍ୟ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଏକ ଟିମ ଅଚାନକ ଭାବେ ତାଳଚେର ପୂଜାରେ ବସିଥିବା ଖାଦ୍ୟ ପଦାର୍ଥ ଦୋକାନଗୁଡ଼ିକ ଉପରେ ଜୋରଦାର ଚଢ଼ଉ କରିଥିଲେ । ଲାକ୍ରା ମ୍ୟାଡମ, ଏସିଏସଓ ଲିପ୍ସାରାଣୀ ରାଉତ, ସୁମିତ ସୌରଭ ପରିଡ଼ା, ଶ୍ରୀବନ୍ତ ଖଣ୍ଡଗିରିଙ୍କ ଉପସ୍ଥିତିରେ ପ୍ରତ୍ୟେକ ଦୋକାନରୁ ଖାଦ୍ୟ ପଦାର୍ଥ ଯାଞ୍ଚ କରାଯାଇ କେମିକାଲଯୁକ୍ତ ଖାଦ୍ୟକୁ ଦିଆଯିବା ସହ ସେମାନଙ୍କ ନିକଟରୁ ୨ହଜାର ୫ ଶହ ଟଙ୍କା ଫାଇନ ଆଦାୟ କରାଯାଇଛି ।



## କବି ଅନୀତା ପାଣି ସମ୍ବର୍ଦ୍ଧିତ




ଅନୁଗୋଳ, ୨୯ ।୮ (ସମିସ): ବିକଚ ସାହିତ୍ୟ ସଂସଦ, ବଡ଼ମ୍ବା-ନରସିଂହପୁର, କଟକର ୩୧ତମ ବାର୍ଷିକ ଉତ୍ସବ ଓ ନୂଆଖାଇ ଆସର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ସମାରୋହରେ ଅନୁଗୋଳର କବି ତଥା ଶ୍ୱେତପଦ୍ମା ସମ୍ପାଦିକା ଅନୀତା ପାଣିଙ୍କୁ ମାନପତ୍ର, ଉପଢୌକନ ସହ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସମାରୋହରେ ଅନୁଷ୍ଠାନର ସଭାପତି ବିଶିଷ୍ଟ ସମାଲୋଚକ ଦୁର୍ଯ୍ୟୋଧନ ବରାଳ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଚେୟାରମ୍ୟାନ୍ ରଘୁପତି ମହାନ୍ତି, ସମ୍ପାଦକ କଳିଙ୍ଗ କିଶୋରୀ ପ୍ରଧାନ, ପରିଚାଳନା ସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳଙ୍କ ସମେତ ୧୦୦ରୁ ଅଧିକ କବି, ବିଦ୍ୱାନ, ଶିକ୍ଷାବିତ ଉପସ୍ଥିତ ଥିଲେ । କବୟିତ୍ରୀ ପାଣିଙ୍କ ସାହିତ୍ୟ ସାଧନା ଓ ମାତୃଭାଷାର ସେବା ପାଇଁ ଅନୁଷ୍ଠାନ ତରଫରୁ ତାଙ୍କୁ ଶୁଭକାମନା ଜ୍ଞାପନ କରାଯାଇଛି ।

## କାରିଗରପଡ଼ା ପୂଜା କମିଟିକୁ ପୁରସ୍କାର ପ୍ରଦାନ

ତାଳଚେର, ୨୯ ।୮ (ସମିସ): ଗତ ବର୍ଷ ଗଣେଶ ପୂଜା ସମୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପୂଜା ଓ ଭସାଣି ଉତ୍ସବ ପାଳନ ହୋଇଥିଲା ବେଳେ ବିଭିନ୍ନ କମିଟି ଭଲ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ । ତେବେ କିଛି କାରଣକୁ ନେଇ ଅବା ପୁରସ୍କାରରେ ଅସନ୍ତୁଷ୍ଟ ହୋଇ ଅଭିମାନ କରି ଗତ ବର୍ଷ ଗଣେଶ ପୂଜାର ପୁରସ୍କାର ପାଇଥିବା ସତ୍ତ୍ୱେ କାରିଗରପଡ଼ା ପୂଜା କମିଟି ଉକ୍ତ ପୁରସ୍କାର ଗ୍ରହଣ କରି ନ ଥିଲେ । ତେବେ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଏହାକୁ ହୃଦୟଙ୍ଗମ କରି ସାଧାରଣ ସମ୍ପାଦକ ଦିଲୀପ କୁମାର ପାଣି ଓ ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ପ୍ରକାଶ ଚନ୍ଦ୍ର ମହାରଣା, ସହସମ୍ପାଦକ ସୌଭାଗ୍ୟ ମହାରଣା, ମିଡିଆ ସଂଯୋଜକ ତପନ କୁମାର ମହାରଣା କାରିଗରପଡ଼ା ପୂଜା ମଣ୍ଡପ ନିକଟରେ ପହଞ୍ଚି ସଭାପତି ପ୍ରୀତେଶ ପଟ୍ଟନାୟକ, ସମ୍ପାଦକ ଟୁନା ମହାପାତ୍ର, ଉପଦେଷ୍ଟା ଜିତେନ୍ଦ୍ର ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ ବୁଝାସୁଝା କରିବା ସହ ତାଙ୍କ ପୁରସ୍କାରକୁ ପ୍ରଦାନ କରିଥିଲେ । ଏଥିସହିତ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ । କେନ୍ଦ୍ରୀୟ କମିଟିର ଏହି ପ୍ରୟାସ ତଥା ଉଚ୍ଚକୋଟୀର ମନୋଭାବ ଯୋଗୁଁ କାରିଗରପଡ଼ା ପକ୍ଷରୁ କେନ୍ଦ୍ରୀୟ କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିବା ସହ ତାଳଚେର କେନ୍ଦ୍ରୀୟ ପୂଜା କମିଟି ସଭାପତି ତଥା ଉପଜିଲ୍ଲାପାଳ ସମୀର କୁମାର ଜେନା, କେନ୍ଦ୍ରୀୟ କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ ।



## ପଞ୍ଚାୟତ କାର୍ଯ୍ୟାଳୟରେ ବ୍ୟାଙ୍କ ମ୍ୟାନେଜର

କଣିହାଁ, ୨୯ ।୮ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କୁଲେଇ ପଞ୍ଚାୟତ କାର୍ଯ୍ୟାଳୟରେ ସମଲ ବ୍ୟାରେଜ ଷ୍ଟେଟ ବ୍ୟାଙ୍କ ଶାଖା ମ୍ୟାନେଜର ଦିବ୍ୟରଞ୍ଜନ ପାଣିଗ୍ରାହୀ ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସିଆରପି, ଏମ୍‌ବିକେ, ଅଙ୍ଗନବାଡ଼ି କର୍ମୀଙ୍କ ସହ ବୈଠକ କରିଛନ୍ତି । ପାଣିଗ୍ରାହୀ ବ୍ୟାଙ୍କ କର୍ମଚାରୀଙ୍କ ସହ ସୁସମ୍ପର୍କ ରଖି ଋଣ ନେଇ ଠିକ ସମୟରେ ପରିଶୋଧ କରିବାକୁ କହିଥିଲେ । ବ୍ୟାଙ୍କ ପ୍ରତି କୌଣସି ରାଗ ଅଭିମାନ ନ କରି ବ୍ୟାଙ୍କ ଆସନ୍ତୁ, ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କହିଥିଲେ । ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ବ୍ୟାଙ୍କ ସ୍କିମ ଉପରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ଜୀବନଜ୍ୟୋତି ବୀମା, ଅଟଳ ପେନସନ ଯୋଜନା ନେଇ ସବିଶେଷ ତଥ୍ୟ ଦେଇଥିଲେ । କାର୍ଯ୍ୟକ୍ରମରେ କୁଲେଇ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡ଼ି କର୍ମୀ ଅନଙ୍ଗ ମଞ୍ଜରୀ ଗଡ଼ନାୟକ, ଗ୍ରାହକ ସେବା କେନ୍ଦ୍ର ଅଧିକାରୀ ରୁଦ୍ରମୋହନ ଗଡ଼ନାୟକ, ଏମ୍‌ବିକେ ସନ୍ଧ୍ୟାରାଣୀ ମହାନ୍ତି, ସିଆରପି ସୁମିତ୍ରା ମାଝୀ, ଭାରତୀ ଜେନା, ଅଞ୍ଜଳି ସାମଲ, ଇସି ସଦସ୍ୟ ମାମି ଭୁକ୍ତା, ପ୍ରତିମା ମାଝୀ, ସମାଜସେବୀ ହୃଷୀକେଶ ସାମଲଙ୍କ ସମେତ ମହିଳା ଗୋଷ୍ଠୀର ସଦସ୍ୟା ସାମିଲ ଥିଲେ ।



## ପାର୍ବଣ ଆରମ୍ଭରୁ ହୋଟେଲ୍, ଲଜ୍, ଗେଷ୍ଟ ହାଉସ୍ ଉପରେ ପୁଲିସ ନଜର ରଖିବାକୁ ଦାବି

# ଚୋରା ନିଶାଦ୍ରବ୍ୟ କାରବାର ରୋକିବାକୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଅପରିହାର୍ଯ୍ୟ

ଅନୁଗୋଳ, ୨୯ ।୮ (ସମିସ)

ଗଣେଶ ପୂଜା ପରେ ପରେ ପାଖେଇ ଆସୁଛି ନାଲକୋ ନଗର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା । ସପ୍ତାହରୁ ଅଧିକ ଦିନ ନାଲକୋ ନଗର ହେବ ଉତ୍ସବମୁଖର । ଓରମାସ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା ସାଙ୍ଗକୁ ମିନା ବଜାର, ଫୁଡ୍ ବଜାର, ନାନା ରକମର ଦୋକାନ ବଜାର ଖୋଲିବ । ଆଖ ପାଖ ଅଞ୍ଚଳ ସମେତ ରାଜ୍ୟ ବାହାରରୁ ଲୋକଙ୍କ ସମାବେଶ ହେବ । ଏହାକୁ ଦୃଷ୍ଟିରେ ରଖି ଦୁର୍ବୃତ୍ତମାନଙ୍କ ଅସାମାଜିକ କାର୍ଯ୍ୟକଳାପକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ । ମେଳି ହୋଇ ଖିଆପିଆ ଗୋଷ୍ଠୀରୁ ଯୋଜନା ହୁଏ ଅସାମାଜିକ କାର୍ଯ୍ୟକଳାପ କରିବାକୁ । ଲୁଟେରା, ଠକ, ପ୍ରେମୀଯୁଗଳଙ୍କ ପାଗଳାମି ଆରମ୍ଭ ହୁଏ ଏହିଠାରୁ । ନାଲକୋ ନଗର ଅଞ୍ଚଳରେ ଥିବା ୧୫/୨୦ଟି ହୋଟେଲ, ରେଷ୍ଟୁରାଣ୍ଟ, ଲଜିଂ, ଗେଷ୍ଟ ହାଉସ ପ୍ରଭୃତିରେ ଯୁବପିଢ଼ିର ଗ୍ରାହକଙ୍କ ନୀତି ଓ ଅନୈତିକତାକୁ ନେଇ ସନ୍ଦେହ ସୃଷ୍ଟି କରୁଛି । ନାଲକୋ ନଗର ଅଞ୍ଚଳକୁ ନିରାପଦ ଓ ଆମୋଦ ପାଇଁ ପ୍ରକୃଷ୍ଟ ସ୍ଥାନ ବୋଲି ଭାବୁଛନ୍ତି । ଏ ପରିପ୍ରେକ୍ଷୀରେ ନାଲକୋ ଥାନା ଅନ୍ତର୍ଗତ ବିଭିନ୍ନ ହୋଟେଲ୍, ଲଜ୍ ଓ ଗେଷ୍ଟ ହାଉସ୍ ଉପରେ ନାଲକୋ ପୁଲିସ୍ ପକ୍ଷରୁ ଆଗନ୍ତୁକଙ୍କ ସମ୍ପର୍କରେ କାଗଜପତ୍ର ଯାଞ୍ଚ ଜାରି ରଖିବା ସହ ପ୍ରେମୀଯୁଗଳଙ୍କ ଖୁଲମଖୁଲା କାର୍ଯ୍ୟକଳାପରେ ଅଙ୍କୁଶ ଲଗାଇବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ହୋଟେଲ, ଲଜ୍‌ର ପଞ୍ଜୀକରଣ ଏବଂ ଲାଇସେନ୍ସ, ଫୁଡ୍ ଲାଇସେନ୍ସ, ବୈଧ ଅଗ୍ନି ନିର୍ବାପନ ବ୍ୟବସ୍ଥା ଯାଞ୍ଚ କରିବା ସହିତ ଖୁଲମଖୁଲା ଦେହ ବ୍ୟବସାୟକୁ ପ୍ରଶ୍ରୟ ଦେଉଥିବା ହୋଟେଲଗୁଡ଼ିକୁ ଆଇନ ଅନୁସାରେ ଦଣ୍ଡ ଦେବାକୁ ଦାବି କରିଛନ୍ତି ।

କିଛିଦିନ ପୂର୍ବେ ଲୁଚିରହିଥିବା ପ୍ରେମୀଯୁଗଳଙ୍କୁ ଏକ ଲଜ୍‌ରୁ ଢେଙ୍କାନାଳ ପୁଲିସ ଠାବ କରିଥିଲା । ନାଲକୋ ନଗର-ଅନୁଗୋଳ ନିଛାଟିଆ କେନାଲ ରୋଡ୍ କଲେଜ ପଢୁଆ ଯୁବପିଢ଼ିଙ୍କ ପାଇଁ ମେରାଇନ ଡ୍ରାଇଭ ଏବଂ ଆଲୁମିନିୟମ ପାର୍କର ନିଛାଟିଆ ଓ ପ୍ରଶସ୍ତ ରାସ୍ତା କଡ଼ ଅସାମାଜିକ କାର୍ଯ୍ୟକଳାପର ହବ୍ ପାଲଟିଛି । ବ୍ରାଉନସୁଗର କାରବାର ପାଇଁ ନିରାପଦ ସ୍ପଟ ହୋଇଛି । ଯାହାକି ଚଳିତ ମାସରେ ଦୁଇଟି ଘଟଣା ପୁଲିସ ପଞ୍ଝାରେ ପଡ଼ିଛି । ଅତୀତରେ ନାଲକୋ ଥାନା ଅଞ୍ଚଳରେ ବ୍ରାଉନସୁଗର କାରବାରରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଥିବା ମଧ୍ୟ ଦୃଷ୍ଟାନ୍ତ ରହିଛି । ସନ୍ଧ୍ୟା ହେଲେ ଆଲୁମିନିୟମ ପାର୍କ ନିରାପଦ ଅଞ୍ଚଳକୁ ମଦ୍ୟପାନ ପାଇଁ ଉପଯୁକ୍ତ ସ୍ଥାନ ଭାବେ ଦଳ ଦଳ ହୋଇ ମଦୁଆଙ୍କ ମଦର ଆସର ଜମିଥାଏ । ନାଲକୋ ନଗର ଥାନା ଅଞ୍ଚଳରେ ୩ଟି ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନର କାରବାରଠାରୁ ଲୁଚାଛପାରେ ଠେର ଅଧିକ ଚୋରା ଦେଶୀମଦ, ବିଦେଶୀ ମଦ କାରବାର ହେଉଥିବା କୁହାଯାଉଛି । ଢାବା, ଫାଷ୍ଟ ଫୁଡ୍, ପାନ ଦୋକାନ ପ୍ରଭୃତିରେ ମିଳୁଛି ମଦ । ସୁରକ୍ଷାକୁ ଦୃଷ୍ଟିରେ ରଖି ଚୋରା ମାଦକ ଦ୍ରବ୍ୟ କାରବାର ରୋକିବା ଏବଂ ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ସହ ଯୁବପିଢ଼ିଙ୍କ ଅନୈତିକ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ପାଇଁ ହୋଟେଲ୍, ଲଜ୍, ଗେଷ୍ଟ ହାଉସ୍‌ଗୁଡ଼ିକର ସମସ୍ତ କାଗଜପତ୍ର ଅଛିକି ନାହିଁ, ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କ ରେଜିଷ୍ଟର ଚେକିଂ, ବୁକିଂ ଆଦି ଠିକ୍‌ରେ କାର୍ଯ୍ୟକ୍ଷମ କରୁଛନ୍ତି କି ନାହିଁ ସେ ସବୁକୁ ପୁଲିସ୍ ନିୟମିତ ଯାଞ୍ଚ କରିବା ପାଇଁ ସାଧାରଣରେ ଦାବି ହେଉଛି । ବିଭିନ୍ନ ସମୟରେ ହୋଟେଲ ଲଜ୍‌ମାନଙ୍କରେ ଡେରା ପକାଉଥିବା ଅପରାଧୀ ଏବଂ ଠକଙ୍କୁ ଠାବ କରିବାକୁ ଏବଂ ସନ୍ଦିଗ୍ଧଙ୍କୁ ଧରିବା ପାଇଁ ପୁଲିସ୍ ପଦକ୍ଷେପ ଗ୍ରହଣ କରିବା ସହ ସରାଇ ନିୟମ କଡ଼ାକଡ଼ି ପାଳନ କରି ହୋଟେଲ, ଲଜରେ ଆଗନ୍ତୁକମାନଙ୍କ ପାଇଁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଦାବି ହେଉଛି ।



# ବିରୂପାରେ ବନ୍ୟା; ଦୁର୍ଦ୍ଦଶା ଭୋଗୁଛନ୍ତି ୯ ନଂ ୱାର୍ଡବାସୀ

ଡେରାବିଶ/ପଞ୍ଚୁପାଣ୍ଡବ, ୨୯।୮ (ସମିସ)



ବିରୂପା ନଦୀରେ ବନ୍ୟା ଯୋଗୁଁ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀକୂଳିଆ ଲୋକ ଭୟଭୀତ ଅବସ୍ଥାରେ ରହିଛନ୍ତି। ତେବେ ମଙ୍ଗଳପୁର ପଞ୍ଚାୟତର ୯ ନମ୍ବର ୱାର୍ଡର ଘେରିବନ୍ଧ ତଳେ ଥିବା ୨୦ରୁ ଊର୍ଦ୍ଧ୍ୱ ପରିବାର ପାଣିଘେରରେ ରହିଛନ୍ତି। ବନ୍ୟାଜଳ ସମାନ୍ୟ ହ୍ରାସ ପାଇଥିବାବେଳେ ସମ୍ପୃକ୍ତ ଗ୍ରାମରେ ବନ୍ୟାପାଣି ଲୋକଙ୍କ ଘରକୁ ଲାଗି ରହିଛି। ଫଳରେ ଗ୍ରାମବାସୀ ନଦୀପାଣିରେ ଆସୁଥିବା ସରୀସୃପ ଓ କୁମ୍ଭୀର ଆଶଙ୍କାରେ ଭୟଭୀତ ହୋଇ ବନ୍ଧ ଉପରୁ ଉଠିଆସିଛନ୍ତି। ଏପରିକି ବନ୍ୟାଜଳ ମାଟି ଘରର କାନ୍ଥକୁ ଲାଗିଥିବାରୁ ଏଥିରୁ ମାଟି ଖସିଯାଉଥିବାବେଳେ କେତେକ ପରିବାର ସେହି ଘର ଛାଡ଼ି ବନ୍ଧ ଉପରକୁ ପଳାଇ ଆସିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ବନ୍ୟା ନିୟନ୍ତ୍ରଣ କକ୍ଷ ସୂଚନା ଅନୁଯାଇ ଗୁରୁବାର ଅପରାହ୍ନରେ ରେଙ୍ଗାଲିର ଦୁଇଟି ଗେଟ ବନ୍ଦ କରାଯାଇ ଗୋଟିଏ ଗେଟ ଓ ସମଲ ବ୍ୟାରେଜରେ ଖୋଲାଯାଇଥିବା ଦଶଟିରୁ ୪ଟି ଗେଟ ବନ୍ଦ କରାଯାଇ ୬ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବ୍ରାହ୍ମଣୀର ଶାଖା ବିରୂପା ନଦୀର ଗୋପାଳପୁରଠାରେ ବିପଦ ସଙ୍କେତ ୧୦.୦୫ ମିଟର ଥିବାବେଳେ ଆଜି ଅପରାହ୍ନ ସୁଦ୍ଧା ୯.୬୨ ମିଟର ଓ ଇନ୍ଦୁପୁରଠାରେ ବିପଦ ସଙ୍କେତ ୮, ୨୩ ଥିବାବେଳେ ଅପରାହ୍ନ ସୁଦ୍ଧା ୮ ମିଟର ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଥିବା ନେଇ ଜଣାଯାଇଛି। ବନ୍ୟାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀଙ୍କ ନେତୃତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ, ସହକାରୀ ଯନ୍ତ୍ରୀ ନବୀନ ପାଣିଗ୍ରାହୀ, ସଞ୍ଜୟ ଶତପଥୀ ଓ କନିଷ୍ଠ ଯନ୍ତ୍ରୀ ଗୋରାଶିଷ ସାହୁ ପ୍ରମୁଖ ଯାଜପୁର ଜିଲ୍ଲାର ବାଲିଚନ୍ଦ୍ରପୁରଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଯାଏ ନଦୀବନ୍ଧର ସ୍ଥିତି ପ୍ରତି ସତର୍କ ନଜର ରଖିଛନ୍ତି।

● ପାଣିଘେରରେ ୪ ପଞ୍ଚାୟତର ୨୦ ହଜାର ଲୋକ

# ହୋଇନି ଡଙ୍ଗା ବ୍ୟବସ୍ଥା, ମିଳୁନି ରିଲିଫ୍



ରାଜନଗର, ୨୯।୮ (ସମିସ): ବ୍ରାହ୍ମଣୀରେ ତୃତୀୟ ବନ୍ୟା ଆସିବା ଯୋଗୁଁ ରାଜନଗର ବ୍ଲକର ୪ଟି ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଫିରିକିଦାଣ୍ଡି, ଦକ୍ଷିଣଦାଣ୍ଡି, ଗୋବିନ୍ଦପୁର, ସନ୍ତପଡ଼ା, ଟାଙ୍ଗଣଡେିଳା, ବନ୍ଧପଡ଼ା, ଓସ୍ତିଆ ପଞ୍ଚାୟତର ନଗଡ଼, ନଳଦିଆ, କଟକଣା, ବନ୍ଧପାଟଣା, ଓସ୍ତିଆ, ବେଲପାଳ ପଞ୍ଚାୟତ, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର, ବଳଭଦ୍ରପ୍ରସାଦ ଗ୍ରାମର ୨୦ ହଜାର ଲୋକ ବିପନ୍ନ ହୋଇପଡ଼ିଛନ୍ତି। ସନ୍ଥପଡ଼ା ବାରିକ ସାହିରେ ଲୋକଙ୍କ ଘରେ ବନ୍ୟା ପାଣି ପଶିଛି। ଅଡାଯୋରି-ଚାକିବାଙ୍କ ରାସ୍ତାରେ ୪ ଫୁଟ ଉପରେ ପାଣି ଚାଲୁଥିବାରୁ ଲୋକମାନେ ଟ୍ରାକ୍ଟର ଓ ଡିଙ୍ଗି ସାହାଯ୍ୟରେ ଯାତାୟାତ କରୁଛନ୍ତି। ସରକାରଙ୍କ ପକ୍ଷରୁ ଡଙ୍ଗା କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ୪ ପଞ୍ଚାୟତରେ ପାନୀୟଜଳ, ଗୋଖାଦ୍ୟ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ବନ୍ୟା ଜଳରେ ବୁଡି ରହିଥିବାରୁ ପିଇବା ପାଣି ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଇଗୋରୁଙ୍କ ଖାଦ୍ୟାଭାବ ଦେଖାଦେଇଛି। ଚଳିତ ବର୍ଷ ତିନିଥର ବନ୍ୟା ଆସିଥିଲେ ବି ପ୍ରଶାସନ ପକ୍ଷରୁ ଏଯାଏଁ ରିଲିଫ ଯୋଗାଇ ଦିଆଗଲାନାହିଁ। ଗତ ଦୁଇଥର ବନ୍ୟାରେ ସରପଞ୍ଚ ବନ୍ୟାଞ୍ଚଳରେ ଡଙ୍ଗା ପକାଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅର୍ଥ ପ୍ରଦାନ କରା ନ ଯିବା କାରଣରୁ ତୃତୀୟ ବନ୍ୟାରେ ଡଙ୍ଗା ବ୍ୟବସ୍ଥା ହୋଇ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ନ ଥିବାରୁ ବିପନ୍ନଲୋକେ ରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ସରକାର ପାନୀୟଜଳ, ଗୋ-ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ବନ୍ୟାଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ



ରାଜନଗର, ୨୯।୮ (ସମିସ): ଲଗାତର ତୃତୀୟଥର ବନ୍ୟା ଆସି ରାଜନଗର ବ୍ଲକର ୪ଟି ପଞ୍ଚାୟତର ୨୦ ହଜାର ଲୋକ ବିପନ୍ନ ହୋଇପଡ଼ିଛନ୍ତ। ଆଜି ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ରଶାନ୍ତ ରାଉତଙ୍କ ସହ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଦାମୋଦର ବିଶ୍ୱାଳ, ଯୁବ ନେତା ସୁଶୀଲ ପ୍ରଧାନ, ବରିଷ୍ଠ ନେତା କମଲଲୋଚନ ରାଉତ ନିରଞ୍ଜନ ବାରିକ, ବାବୁରାମ ଜେନା, ଲଛମନ ସେଠୀ, ନିରଞ୍ଜନ ନାୟକ ପ୍ରମୁଖ ବିଭିନ୍ନ ପଞ୍ଚାୟତରେ ବନ୍ୟା ପ୍ରବାହିତ ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୟନ କରିଛନ୍ତି। ବନ୍ୟା ପାଣି ଘେରରେ ଥିବା ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଦେଖାନାହିଁ। ବନ୍ୟା ପ୍ରଭାବିତଙ୍କ ପାଖରେ ଏପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଶୁଖିଲା ଖାଦ୍ୟ, ପିଇବା ପାଣି, ଗୋରୁଗାଇଙ୍କ ପାଇଁ ଗୋଖାଦ୍ୟ ପହଞ୍ଚି ନ ଥିବାରୁ କଂଗ୍ରେସ ନେତା ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ରିଲିଫ, ଗୋଖାଦ୍ୟ ଯୋଗାଇ ଦିଆଯାଉ। ନଚେତ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ରାଉତ ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ରାଜକନିକା/ଓଳାଭର, ୨୯।୮ (ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡ଼ା, ହାବଳଗଣ୍ଡ ପଞ୍ଚାୟତ ଓ ପ୍ରଧାନପଡ଼ା ପଞ୍ଚାୟତର ବିଭିନ୍ନ ବିଭିନ୍ନ ଗ୍ରାମର ବନ୍ୟା ସ୍ଥିତି ବୁଲି ଦେଖିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର। ଆଜି ବନ୍ୟା ପ୍ରଭାବିତ ପାରିନୂଆପଡ଼ା, କୈଥାପାଳ ଗାଁ ବୁଲି ଦେଖିଥିଲେ ଜିଲ୍ଲାପାଳ। ଏଥିରେ ସ୍ଥାନୀୟ ଚାଷୀ, ସାଧାରଣ ନାଗରିକ ସହିତ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ବନ୍ୟାର ଦୁର୍ଗତି ବିଷୟରେ ଅବଗତ କରାଇଥିଲେ। ଖରସ୍ରୋତାରେ ଆସିଥିବା ତୃତୀୟ ଥର ବନ୍ୟାରେ ଧାନଚାଷ ପ୍ରଭାବିତ ହୋଇଛି। ପୁନର୍ବାର ତଳି ରୋଇବା ସମୟ ନାହିଁ। ଏଣୁ ଚଳିତ ବର୍ଷ ଧାନ ଫସଲ ସମୂଳେ ନଷ୍ଟ ହୋଇଯାଇଛି। ଏଥିପାଇଁ ସରକାର ଗୁରୁତର ସହ ବିଚାର କରିବାକୁ ଚାଷୀ ଦାବି କରିଥିଲେ। ବନ୍ୟା ଯୋଗୁଁ ଗାଇଗୋରୁ ପଦାକୁ ଚରିବୁଲି ନ ପାରି ଗୋଠରେ ବନ୍ଧା ହୋଇ ଭୋକ ଓପାସରେ ଦିନ କାଟୁଛନ୍ତି। ତୁରନ୍ତ ଗୋଖାଦ୍ୟ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଥିଲା। ବନ୍ୟା ଘେରରେ ଥିବା ଗ୍ରାମବାସୀଙ୍କ ପାଇଁ ମଧ୍ୟ ରିଲିଫ୍ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଜିଲ୍ଲାପାଳ ଗୋଖାଦ୍ୟ, ରିଲିଫ୍ ସହ ପିଇବା ପାଣିର ବ୍ୟବସ୍ଥା କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବନ୍ୟା ଛାଡିବା ପରେ ଗୋଖାଦ୍ୟ ଦିଆଯିବ ବୋଲି କହିଥିଲେ। କନିକା ତହସିଲ ବନ୍ୟାର କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ପରେ



ଜିଲ୍ଲାପାଳ ପଶ୍ଚିମକନିକା ପ୍ରଧାନପଡ଼ା ପଞ୍ଚାୟତର ଜେନାସାହିରେ ମଧ୍ୟ ବନ୍ୟା ପରିସ୍ଥିତି ତଦାରଖ କରିଥିଲେ। ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ନାୟକ, କନିକା ତହସିଲଦାର ତଥା ବିଡିଓ ଭାନୁମତୀ ମାଝି, ଜଳସମ୍ପଦ ବିଭାଗୀୟଅଧିକାରୀ ଧିରେନ ସାହୁ ଉପସ୍ଥିତ ଥିଲେ।

# ଦେବସ୍ମିତାଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ରାଜକନିକା, ୨୯।୮ (ସମିସ): କ୍ରମାଗତ ବନ୍ୟାରେ ଉବୁଟୁବୁ ହେଉଥିବା ରାଜକନିକା ବ୍ଲକର କାଟଣାବଣିଆ ପଞ୍ଚାୟତର ଜୟକୁଣ୍ଡା, ବାଜପୁର ଗାଁକୁ ଆଜି ଅପରାହ୍ନରେ ପିସିସି ସମ୍ପାଦିକା ଦେବସ୍ମିତା ଶର୍ମା ଗସ୍ତ କରି ପ୍ରଭାବିତଙ୍କୁ ଭେଟିଛନ୍ତି। ଦୁଇଟି ବନ୍ୟାରେ ଏସବୁ ଅଞ୍ଚଳର ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଗତଙ୍କୁ ବ୍ୟଥିତ କରିଛି। ତୁରନ୍ତ ରାଜକନିକାର ସମସ୍ତ ବନ୍ୟା ପ୍ରଭାବିତ ଅଞ୍ଚଳକୁ ବନ୍ୟାଞ୍ଚଳ ଘୋଷଣା କରିବାକୁ ଦେବସ୍ମିତା ଦାବି କରିଛନ୍ତି। ଦେବସ୍ମିତାଙ୍କ ସହ ବ୍ଲକ କଂଗ୍ରେସ ନେତା ମଙ୍ଗୁଳି ବେହେରା, କାଟଣାବଣିଆ ପଞ୍ଚାୟତର ଶହ ଶହ କର୍ମୀ ବିଭିନ୍ନ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ପରେ ଦେବସ୍ମିତା ମଦରଙ୍ଗାପାଟର ଗୋପବନ୍ଧୁ ଯୁବ ଷ୍ଟାର କ୍ଲବ୍ ପକ୍ଷରୁ ଆୟୋଜିତ ଗଣେଶ ପୂଜାରେ ସାମିଲ ହୋଇଥିଲେ।

# ପଟ୍ଟାମୁଣ୍ଡାଇ-ରାଜନଗର ବନ୍ଧ ରାସ୍ତାରେ ପୁଣି ଦୁର୍ଘଟଣା



ମାଳିପୁର, ୨୯।୮ (ସମିସ): ଦିନକୁ ଦିନ ବଢ଼ିଚାଲିଛି ପଟ୍ଟାମୁଣ୍ଡାଇ-ରାଜନଗର ବନ୍ଧ ରାସ୍ତାରେ ଦୁର୍ଘଟଣା। ଆଜି ଭୋର ସମୟରେ ଏକ ବଜୁରୀ ବୋଝେଇ ହାଇୱା ପଟ୍ଟାମୁଣ୍ଡାଇ ପଟରୁ ରାଜନଗର ଦିଗରେ ଯାଉଥିବାବେଳେ ଖରାପ ରାସ୍ତା ହେତୁ ସନ୍ତୁଳନ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଚାଳକ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାବେଳେ ଗତ ମାସକ ମଧ୍ୟରେ ଦୁଇଟି ବଡ଼ ଦୁର୍ଘଟଣାରେ ଦୁଇ ଜଣଙ୍କର ଜୀବନ ହାନି ଘଟିଥିବାବେଳେ ଜଣେ ଡ୍ରାଇଭର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଘଟଣା ଅନୁଯାୟୀ ଗତ ମାସକ ତଳେ ମଦନପୁର ନିକଟରେ ଏକ ବସ୍ ସ୍କୁଟିକୁ ଧକ୍କା ଦେବା ଫଳରେ ଦୁଇଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୂର୍ତ୍ତ ରାସ୍ତାର ପାର୍ଶ୍ୱବର୍ତ୍ତୀ ପାଦ ଚଲା ରାସ୍ତା ବଣ ବୁଦାରେ ପରିପୂର୍ଣ୍ଣ ଥିବାରୁ ରାସ୍ତାରେ ଯାଉଥିବା ବସ୍ ଡ୍ରାଇଭର ଓ ଆପ୍ରଚରୋଡରୁ ପୂର୍ତ୍ତ ବିଭାଗ ରାସ୍ତାକୁ ଉଠୁଥିବା ସ୍କୁଟି ଆରୋହୀ ପରସ୍ପରକୁ ଦେଖିପାରି ନ ଥିବାରୁ ଦୁର୍ଘଟଣା ଘଟିଥିଲା। ରାସ୍ତା କଡ଼ରୁ ବଣ ବୁଦା ସଫା କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ବି ଠିକାଦାର ରାସ୍ତା ପାର୍ଶ୍ୱରୁ ବଣ ବୁଦା ସଫା ନ କରି ସରକାରୀ ଅର୍ଥ ହଡପ କରିବାରେ ମସଗୁଲ ଅଛନ୍ତି। ସେହିଭଳି ଅଢ଼ାଯୋରିଠାରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତାରେ ବିରାଟ ଖାଲ ସୃଷ୍ଟି ହୋଇ ରାସ୍ତା ଅବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ମଧ୍ୟ ପୂର୍ତ୍ତ ବିଭାଗ ରାସ୍ତା ମରାମତି ନ କରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାରୁ ଜନସାଧାରଣ ଓ ଯାନବାହାନ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବା ସହିତ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି।

## ଲୁଟ୍ ବେଳେ ଦୁର୍ଘଟଣାର ଶିକାର ହେଲେ ଲୁଟେରା

ନୟାଗଡ଼, ୨୯।୮ (ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳରେ ଦୁଇ ଜଣ ଲୁଟେରା ବାଇକ୍ ଯୋଗେ ଲୁଟ କରିବାକୁ ଚେଷ୍ଟା କରି ଦୁର୍ଘଟଣାର ଶିକାର ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଓଡ଼ଗାଁର ଗୀତାଞ୍ଜଳି ସାହୁ ଏବଂ ତାଙ୍କ ସ୍ୱାମୀ ଲକ୍ଷ୍ମଣ ସାହୁ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଆସୁଥିଲେ। ପଣ୍ଡୁସର ଓ ଇଟାମାଟି ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଏକ ଢାବା ସାମ୍ନାରେ ଦୁଇ ଲୁଟେରା ତାଙ୍କୁ ପିଛା କରି ଗୀତାଞ୍ଜଳିଙ୍କୁ ଭ୍ୟାନିଟି ବ୍ୟାଗ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଲକ୍ଷ୍ମଣ ଗାଡ଼ିକୁ ସ୍ପିଡ୍ କରି ଦେବାରୁ ଗୀତାଞ୍ଜଳି ସ୍କୁଟିରୁ ଖସି ପଡ଼ିଥିଲେ। ଏହା ସହିତ ଦୁଇ ଲୁଟେରା ମଧ୍ୟ ବାଇକକୁ ପଡ଼ି ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁଇ ଲୁଟେରାଙ୍କୁ କାବୁ କରି ନିର୍ଦ୍ଦୁମ ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଇଟାମାଟି ପୁଲିସ ପହଞ୍ଚି ଉଭୟଙ୍କୁ ଡାକ୍ତରଖାନା ପଠାଇଥିଲେ। ଏହି ଘଟଣାକୁ ନେଇ ଇଟାମାଟି ଥାନାରେ ଏକ ମାମଲା ରୁଜୁ ହୋଇଛି। ଲୁଟେରା ଦୁଇ ଜଣ ହେଲେ ଭୁତ? ଗ୍ରାମର ଅକ୍ରୁର ନାୟକ ଏବଂ ଲାଠିପଡ଼ା ଗ୍ରାମର ଧିର ନାୟକ। ପୁଲିସ ଦୁଇ ଜଣଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

● ପଞ୍ଜୀକରଣ ବନ୍ଦ

# ସମବାୟ ସମିତିରୁ ନିରାଶ ହୋଇ ଫେରିଲେ ଚାଷୀ

ପଟ୍ଟାମୁଣ୍ଡାଇ, ୨୯।୮ (ସମିସ): ରାଜ୍ୟ ସରକାର ଖରିଫ ଧାନ ପଞ୍ଜୀକରଣ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ ଘୋଷଣା କରିଥିଲେ। ମାତ୍ର ୨୫ ତାରିଖ ମଧ୍ୟରାତ୍ରରେ ସରକାର ହଠାତ୍ ସାଇଟ୍ ବନ୍ଦ କରିଦେଲେ। ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ୧୪ଟି ସମବାୟ ସମିତିର ଶତାଧିକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଶହ ଶହ ଚାଷୀ ପଞ୍ଜୀକରଣ ପାଇଁ ଚାଷ କାମ ଛାଡି ବିଭିନ୍ନ ଅଞ୍ଚଳରେ ଥିବା ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ଯାଇ ପଞ୍ଜୀକରଣ କରି ନ ପାରି ନିରାଶ ହୋଇ ଫେରିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବଡ଼ମୂଳବସନ୍ତ, ନରସିଂହପୁର, ଓଉପଦା, ସଂସାରଫଳ, ଖଡ଼ିଅଣ୍ଟା, ଶ୍ୟାମସୁନ୍ଦରପୁର, ଅଳଭା, ବଡଜରିଆ, ଚନ୍ଦନନଗର, ପେଣ୍ଠପାଳ, କଷଣଅଣ୍ଟା, ଡାମରପୁର, ବଡ଼ପଡ଼ା, ତେରୋହୀ ସମବାୟ ସମିତିର ଶତାଧିକ ଚାଷୀ ପଞ୍ଜିକରଣ କରି ନ ଥିବା ଜଣାପଡ଼ିଛି। ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷ କରିଥିବା ଚାଷୀ ଉତ୍ପାଦିତ ଧାନ ଅଦର ଦରରେ ବିକ୍ରି କରି କିପରି ଲାଭବାନ ହେବେ, ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଓ ସମବାୟ ମନ୍ତ୍ରୀ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀଙ୍କୁ ପଞ୍ଜୀକରଣ ସୁବିଧା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

# କେବେ ଦୂରହେବ ତରଡ଼ିପାଳ ପଞ୍ଚାୟତର ପାନୀୟଜଳ ସମସ୍ୟା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୯।୮ (ସମିସ): ପାନୀୟଜଳ ଯୋଗାଣ ପାଇଁ ପୂର୍ବ ସରକାର ଓ ବର୍ତ୍ତମାନର ସରକାର ଗୁରୁତ୍ୱ ଦେଉଥିବାବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚାଳର ତରଡିପାଳ ପଞ୍ଚାୟତର ଚିତ୍ର ଭିନ୍ନ। ୨୦୧୮ ରେ ପଞ୍ଚାୟତର ପାନୀୟଜଳ ଯୋଗାଣ ସମସ୍ୟା ଦୂର ନିମନ୍ତେ ତରଡିପାଳ ପଞ୍ଚାୟତରେ ଏକଲକ୍ଷ ଲିଟର ବିଶିଷ୍ଟ ଓଭର୍‌ହେଡ୍ ଟାଙ୍କି ନିର୍ମାଣ କରାଯାଇଥିଲା। ଏହାକୁ ନିର୍ମାଣ କରିଥିବା ଠିକାଦାର ୨୬ ଲକ୍ଷ ଟଙ୍କା ନେଇ ଛୁ ମାରିଥିବାବେଳେ ଏହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇ ନ ଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ତତ୍କାଳୀନ ସରପଞ୍ଚଙ୍କ ସହିତ ଭିତିରି ବୁଝାବଣା ହୋଇଥିବା କାରଣରୁ ଏପରି ସମସ୍ୟା ଉପୁଜିଛି ବୋଲି ତରଡିପାଳ ପଞ୍ଚାୟତବସୀ ଅଭିଯୋଗ କରିଛନ୍ତି। ପାନୀୟଜଳ ସମସ୍ୟା ଥିବା ରାମନାୟକଡିଆ, ପୋଖରୀକୂଳ, ତୁଳସୀଡିଆ ଓ ଘାଗରାଡିଆ ଜନସାଧାରଣଙ୍କ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ଏହି ଓଭରହେଡ ଟାଙ୍କିର ମୁଖ୍ୟ ଭୂମିକା ଥିବାବେଳେ ଏହି ପ୍ରକଳ୍ପ ବାବଦକୁ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପଞ୍ଚାୟତକୁ ଏହା ହସ୍ତାନ୍ତର ହୋଇପାରିଲାନାହିଁ। ବିଗତ ଦଶନ୍ଧି ମଧ୍ୟରେ ଦୁଇ ଦୁଇଜଣ ସରପଞ୍ଚଙ୍କ କାର୍ଯ୍ୟକାଳ ମଧ୍ୟରେ ଏହି ଓଭରହେଡ ଟାଙ୍କି ହସ୍ତାନ୍ତର ହୋଇପାରିନାହିଁ। ତରଡିପାଳ ସରପଞ୍ଚ ଦେବବ୍ରତ ନାୟକଙ୍କୁ ପଚାରିବାରୁ ପଞ୍ଚାୟତକୁ ଉକ୍ତ ପାଣି ଟାଙ୍କି ପ୍ରକଳ୍ପ ହସ୍ତାନ୍ତର ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରଶ୍ନ ଉଠେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ଓଭରହେଡ୍ ଟାଙ୍କି ଯଦି ଜନସାଧାରଣଙ୍କ କାର୍ଯ୍ୟରେ ଲାଗୁନାହିଁ ତେବେ ଏହି ପ୍ରକଳ୍ପ କାହା ସ୍ୱାର୍ଥରେ ନିର୍ମାଣ କରାଯାଇଥିଲା ବୋଲି ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ପ୍ରକଳ୍ପ ୨୦୨୨ଠାରୁ କାର୍ଯ୍ୟକ୍ଷମ ଅଛି। ଯାହାକି ପଟ୍ଟାମୁଣ୍ଡାଇ ପାନୀୟଜଳ ଯୋଗାଣ ବିଭାଗ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତରଡିପାଳ ପଞ୍ଚାୟତର ଅର୍ଦ୍ଧାଧିକ ଗ୍ରାମ ପାନୀୟ ଜଳରୁ ବଞ୍ଚିତ ହେଉଥିବାବେଳେ ବିଭାଗ କେମିତି ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିଲା ତଥ୍ୟ ଭୁଲ ଭାବେ ପ୍ରଦାନ କରିଛି, ତାହା ପଞ୍ଚାୟତବାସୀଙ୍କୁ ଚକିତ କରିଛି। ଆଗାମୀ ଦିନରେ ଯଦି ଏହାର ସମାଧାନ କରା ନ ଯାଇ ଓଭରହେଡ୍ ଟାଙ୍କି କାର୍ଯ୍ୟକ୍ଷମ ନ ହୁଏ, ତେବେ ପଞ୍ଚାୟତବାସୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଘେରଉ କରିବାକୁ ବାଧ୍ୟ ହେବେ ବୋଲି ଅଭିଷେକ ବିଶ୍ୱାଳ, ପ୍ରତାପ ରାଉତ, ଅର୍ଜୁନ ସୂତାର, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଦିନକ ପରେ ପୌର ପରିଷଦ ପାଳନ କରିବ ସ୍ୱାୟତ୍ତ ଶାସନ ଦିବସ

# ବୁଲା ଗୋରୁ, ଷଣ୍ଢଙ୍କ କବ୍‌ଜାରେ ପଟ୍ଟାମୁଣ୍ଡାଇ ସହର



ପଟ୍ଟାମୁଣ୍ଡାଇ, ୨୯।୮ (ସମିସ):

ଦିନକ ପରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପାଳନ କରିବ ସ୍ୱାୟତ୍ତ ଶାସନ ଦିବସ। ତେବେ ବୁଲା ଗୋରୁ, ଷଣ୍ଢ, ଛେଳି ମେଣ୍ଢା ଓ କୁକରଙ୍କୁ ସହରରୁ ହଟାଇ ପାରିଲାନି ପୌର ପରିଷଦ। ପଟ୍ଟାମୁଣ୍ଡାଇ ସହର ବୁଲା ଷଣ୍ଢ, ଗୋରୁଙ୍କ କବ୍‌ଜାରେ ରହିଛି। ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏମାନଙ୍କୁ ହଟାଇବାରେ ପଟ୍ଟାମୁଣ୍ଡାଇ ପୌରପରିଷଦ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରିନାହିଁ। ସହର ମଧ୍ୟରୁ ବୁଲା ଗୋରୁ, ଷଣ୍ଢ, ଛେଳି, ମେଣ୍ଢା କୁକୁର ଆଦି ହଟାଇବାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ବିଫଳ ହୋଇଥିବା ନେଇ ଚର୍ଚ୍ଚା ଚାଲିଛି। ଗୋରୁ, ଷଣ୍ଢ, ଛେଳିମେଣ୍ଢା, କୁକୁରଙ୍କ ଉପଦ୍ରବ ଯୋଗୁଁ ପଟ୍ଟାମୁଣ୍ଡାଇ ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡ଼ିଛି। ପୌର ପରିଷଦ ବାରମ୍ବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରିଥିଲେ ମଧ୍ୟ ଫଳ କିଛି ହୋଇନାହିଁ। କାଞ୍ଜିଆହୁଦା ଏବେ ଅକାମି ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକରେ ବୁଲା ଗୋରୁ, ଷଣ୍ଢ, ଛେଳି ମେଣ୍ଢା, କୁକୁର ହଟାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏମାନଙ୍କୁ ଧରି ବଡ଼ ଆକାରରେ ଜରିମାନା କରିବା ନଚେତ ନିଲାମ କରି ବିକି ଦେଲେ ମାଲିକଙ୍କ ମଧ୍ୟରେ ଛନକା ପଶିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଥିଲେ ମଧ୍ୟ ବସ୍ତୁତଃ କିଛି ନ କରି ପୌର ପ୍ରଶାସନ ଚୁପ ରହିଛି। ପଟ୍ଟାମୁଣ୍ଡାଇ ସହରକୁ ପୌରାଞ୍ଚଳ ଘୋଷଣା କରାଯିବାର ୩୬ ବର୍ଷ ଅତିକ୍ରାନ୍ତ ପରେ ବିଭିନ୍ନ ସମସ୍ୟାରେ ଲୋକେ ଛନ୍ଦି ହୋଇପଡ଼ିଛନ୍ତି। ପଟ୍ଟାମୁଣ୍ଡାଇ ସହରର ମୁଖ୍ୟ ସମସ୍ୟା ଜଳ ନିଷ୍କାସନ ଏବେବି ଅସମାହିତ ଓ ଏପରିକି ସହରରୁ ବୁଲା ଷଣ୍ଢ, ଗୋରୁ, ମେଣ୍ଢାଛେଳି ଓ କୁକୁରଙ୍କୁ ହଟାଇବାରେ ପୌର ପରିଷଦ ବିଫଳ ହେବା ଘଟଣା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୁଲା ଷଣ୍ଢ, ଗୋରୁ ବହୁସଂଖ୍ୟାରେ ସହରର ମୁଖ୍ୟ ରାସ୍ତା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଠିଆ ହେବା ସହିତ ଶୋଇ ରହି ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଫଳରେ ରାସ୍ତା ଜାମ ରହୁଛି। ସନ୍ଧ୍ୟା ପରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି।

**କେବେ ସୁଧୁରିବ ଟ୍ରାଫିକ୍ ସମସ୍ୟା**

ଜରୁରିକାଳୀନ ସେବାରେ ନିୟୋଜିତ ଦମକଳ ଓ ଆମ୍ବୁଲାନ୍ସ ଗାଡ଼ି ଯିବାରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବୈଠକ ହୋଇଛି ସତ, ମାତ୍ର ଫଳ ଶୂନ। ଟ୍ରାଫିକ ସମସ୍ୟା ଉତ୍କଟ ହେଉଥିବାରୁ ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ଜରୁରୀ କାମରେ ପଟ୍ଟାମୁଣ୍ଡାଇ ସହରକୁ ଆସୁଥିବା ଲୋକଙ୍କ ସହ ସ୍କୁଲ କଲେଜ ଛାତ୍ରୀଛାତ୍ର ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଟ୍ଟାମୁଣ୍ଡାଇ ସହରର ମଧ୍ୟଭାଗ ବସଷ୍ଟାଣ୍ଡ, ମେଡିକାଲ ଛକ, ବାଇପାସ ଛକ, କଲେଜ ରୋଡ, ସରକାରୀ ବାଳିକା ହାଇସ୍କୁଲ ଛକ, ବକ୍ତାରପୁର ଛକ, କଟକ-ଚାନ୍ଦବାଲି ମୁଖ୍ୟରାସ୍ତା, ବିଜୁ ପଟ୍ଟନାୟକ ଛକ ଆଦି ଅଞ୍ଚଳରେ ବୁଲା ଷଣ୍ଢ, ଗୋରୁ ବହୁ ସଂଖ୍ୟାରେ ମେଳିବାନ୍ଧି ଠିଆ ହେବା ସହିତ ଶୋଇ ରହୁଥିବାରୁ ବହୁ ସମୟରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଉଛି। ମାତ୍ର ୧ କିମି ବଜାର ରାସ୍ତା ଅତିକ୍ରମ କରିବାକୁ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି। ପଟ୍ଟାମୁଣ୍ଡାଇ ସହରର ବିପର୍ଯ୍ୟୟ ଟ୍ରାଫିକ ସମସ୍ୟା ଦୂର କରିବାରେ ପୌର କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଅବିଳମ୍ବେ ଫଳପ୍ରଦ ପଦକ୍ଷେପ ନ ନେଲେ ସାଧାରଣରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଆଗାମୀ ଭବିଷ୍ୟତରେ ଉଗ୍ର ରୂପ ଧାରଣ କରିବା ସମ୍ଭାବନା ରହିଛି।









### ନାବାଳିକା ଅପହରଣ ମାମଲା

## ଅଭିଯୁକ୍ତର ଆଗୁଆ ଜାମିନ ମଞ୍ଜୁର କଲେ ସୁପ୍ରିମକୋର୍ଟ

**କଟକ, ୨୯।୮ (ସମିସ):** ଜଟଣୀ ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଅଭିଯୁକ୍ତ ମୋହିତ ଦାସ ଓରଫ ଚିକୁ ବିରୋଧରେ ଜଟଣୀ ଥାନାରେ କେସ୍ ନଂ ୩୧୬/୨୦୨୪ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଓଡ଼ିଶା ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ପୀଡ଼ିତାଙ୍କ ୧୮୩ ବିଏନଏସଏସ ଜମାନବନ୍ଦୀ ଅନୁସାରେ ଓଡ଼ିଶା ହାଇକୋର୍ଟ ୨୦୨୪ ନଭେମ୍ବର ୭ରେ ଅଭିଯୁକ୍ତଙ୍କ ଆଗୁଆ ଜାମିନକୁ ଖାରଜ କରିବା ସହ କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କ ପିତା ତଥା ଏତଲାକାରୀଙ୍କ ଆବେଦନକ୍ରମେ ଏହି ମାମଲା ପୁନର୍ବାର ଶୁଣାଣି ହୋଇଥିଲା। ୧୮୩ ବିଏନଏସଏସ ଧାରାରେ ପୀଡ଼ିତାଙ୍କ ଜମାନବନ୍ଦୀ ପୁନର୍ବାର ରେକର୍ଡ ହୋଇଥିଲା। ଏହି ଆଧାରରେ ହାଇକୋର୍ଟ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଖାରଜ କରି କୋର୍ଟରେ ୨୧ ଦିନ ମଧ୍ୟରେ ସରେଣ୍ଡର କରି ନିୟମିତ ଜାମିନ ଆବେଦନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ଅଭିଯୁକ୍ତ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ମାମଲା ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ପୀଡ଼ିତା ମାଜିଷ୍ଟ୍ରେଟଙ୍କ ପାଖରେ ଦେଇଥିବା ୧୮୩ ବିଏନଏସଏସ ଧାରାରେ ଦେଇଥିବା ପ୍ରଥମ ଜମାନବନ୍ଦୀକୁ ଗୁରୁତ୍ୱର ସହ ଗ୍ରହଣ କରି ସୁପ୍ରିମକୋର୍ଟ ଅଭିଯୁକ୍ତକୁ ସର୍ତ୍ତମୂଳକ ଆଗୁଆ ଜାମିନ ମଞ୍ଜୁର କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଦେବସ୍ମାନ ଦାସ ଏବଂ ଆଇନଜୀବୀ ଆଦ୍ୟାଶକ୍ତି ପ୍ରିୟା ମାମଲାକୁ ପରିଚାଳନା କରୁଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

### ମିନି ମାରାଥନରେ ୧୩୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ



**କଟକ, ୨୯।୮ (ସମିସ):** ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏହାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଏଥିରେ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଟ୍ଟ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଉଭୟ ପୁରୁଷ ଓ ମହିଳା ବର୍ଗ ମିଶି ୧୩୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ତେବେ ପୁରୁଷ ବର୍ଗରେ ସ୍ନେହାଶିଷ ରାୟ ପ୍ରଥମ, ଲିଡିଂ ଷ୍ଟାର୍ ରବନ ଦ୍ୱିତୀୟ ଏବଂ ଆକାଶ ମାହାତୋ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ ମିନାକ୍ଷୀ ବୋରା ପ୍ରଥମ, କାମାକ୍ଷୀ ଠାକୁର ଦ୍ୱିତୀୟ ଏବଂ ନନ୍ଦିନୀ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମିନି ମାରାଥନ ପ୍ରତିଯୋଗିତାଟିକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଚାଳନା କୋର୍ କମିଟି ସଦସ୍ୟମାନେ ସଫଳତାର ସହ ପରିଚାଳନା କରିଥିଲେ।

# ନକଲି ପୁଲିସ ଜାଲରେ ମହିଳା

**କଟକ, ୨୯।୮ (ସମିସ)**

ନିଜକୁ କମିଶନରେଟ୍ ପୁଲିସ ଅଧୀନସ୍ଥ ସ୍ପେସାଲ୍ ସ୍କ୍ୱାଡ୍ ଅଫିସର ଭାବେ ପରିଚୟ ଦେବାସହ ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଥିବା ଜଣେ ଅଭିଯୁକ୍ତ ଲକ୍ଷାଧିକ ଟଙ୍କା ଠକି ନେଇଛି। ଏହି ଘଟଣାରେ ଲାଲବାଗ ଥାନା ପୁଲିସ ଅଭିଯୁକ୍ତ ନୟାଗଡ଼ ଅଞ୍ଚଳର ପ୍ରତାପ କୁମାର ଦାସ(୩୭)କୁ ଗିରଫ କରିଛି। ତା' ନିକଟରୁ ୩୩ହଜାର ଟଙ୍କା ଜବତ କରାଯାଇଥିବା ବେଳେ ତା' ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଅଚଳ କରି ଦିଆଯାଇଛି। ଆଜି ଅଭିଯୁକ୍ତ ପ୍ରତାପକୁ କୋର୍ଟ ଚାଲାଣ କରାଯାଇଥିଲା। ତା'ର ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ଅଭିଯୋଗକାରିଣୀ ଭାନୁପ୍ରିୟା ଦାସ କଟକ ସହରରେ କୌଣସି କାର୍ଯ୍ୟରେ ଆସିଥିବା ସମୟରେ ଅଭିଯୁକ୍ତ ପ୍ରତାପ ସହିତ ସମ୍ପର୍କ ସ୍ଥାପନ କରିଥିଲେ। କ୍ରମଶଃ ପ୍ରତାପ ଓ ଭାନୁପ୍ରିୟା ମଧ୍ୟରେ ସମ୍ପର୍କର ନିବିଡ଼ ହୋଇଥିଲା। ପ୍ରତାପ ନିଜକୁ କଟକ କମିଶନରେଟ୍ ପୁଲିସର ଜଣେ ଅଫିସର ଭାବେ ପରିଚୟ ଦେଇ ଭାନୁପ୍ରିୟାଙ୍କ ସହିତ ପ୍ରତାରଣା କରିଥିଲା। ସେ କହିଥିଲା ତା'ର ବିବାହ ବିଚ୍ଛେଦ ଘଟିଛି। ତା' ପକ୍ଷରେ ନିସଙ୍ଗ ଜୀବନ ଅତିବାହିତ କରିବା କଷ୍ଟକର ହୋଇପଡୁଛି। ଏଣୁ ସେ ବିବାହ କରିବାକୁ ଚାହୁଁଥିବା କହିଥିଲା। ଭାନୁପ୍ରିୟା ଅଭିଯୁକ୍ତର କଥାକୁ ବିଶ୍ୱାସକୁ ନେଇ ତା'ର ପ୍ରସ୍ତାବରେ ରାଜି ହୋଇଯାଇଥିଲେ। ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଦିନକୁ ଦିନ ନିବିଡ଼ ହୋଇଥିଲା। ଏହାର ସୁଯୋଗ ନେଇ ପ୍ରତାପ କହିଥିଲା ଯେ, କଟକ ୟୁପିଡିରୁ ତା'ର ହଠାତ ବଦଳି ହୋଇଯାଇଛି। ଏହି ବଦଳି ରୋକିବାକୁ ହେଲେ ଉଚ୍ଚପଦସ୍ଥ ଅଫିସରଙ୍କୁ ଟଙ୍କା ଦେବାକୁ ହେବ। ଟଙ୍କା ଦେବା ପରେ ବଦଳି ବାତିଲ୍ ହୋଇଯିବ। ଏହାପରେ ବିବାହ ତିଥି ଦେଖି ବାହାଘର ସମ୍ପନ୍ନ ହେବ। ତାର କଥାକୁ ବିଶ୍ୱାସକୁ ନେଇ ଭାନୁପ୍ରିୟା ପ୍ରଥମ ପର୍ଯ୍ୟାୟରେ ୫୭ହଜାର ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧ଲକ୍ଷ ଟଙ୍କା ଏବଂ ତୃତୀୟ ପର୍ଯ୍ୟାୟରେ ୮ ହଜାର ୨୦୦ଟଙ୍କା ଦେଇଥିଲେ। ସମୁଦାୟ ୧ଲକ୍ଷ ୬୪ହଜାର ୨୦୦ଟଙ୍କା ଦେବା ପରେ ପ୍ରତାପ ଆଉ ଧରାଛୁଆଁ ଦେଇନଥିଲା। ତା'ର ବ୍ୟବହାର ଓ ଗତିବିଧି ବଦଳି ଯାଇଥିଲା। ସନ୍ଦେହ ବଢ଼ିବାରୁ ଭାନୁପ୍ରିୟା କମିଶନରେଟ୍ ପୁଲିସର ସହଯୋଗ ଲୋଡ଼ିଥିଲେ। ଲାଲବାଗ ଥାନା ଅଞ୍ଚଳରେ ଅଭିଯୁକ୍ତ ଭଡ଼ା ନେଇ ରହୁଥିବା ବେଳେ ସେ ଲାଲବାଗ ଥାନା ପୁଲିସ ନିକଟରେ ଅଭିଯୋଗ କରିଥିଲେ। ପୁଲିସ କେସ୍ ନମ୍ବର-୧୯୩, ବିଏନଏସ୍ ଧାରା ୪୧୯/୪୨୦/ ୪୬୫/ ୪୬୮/୨୯୪/ ୫୦୬/୫୦୭ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତର ମୋବାଇଲ୍‌କୁ ଟ୍ରାକ୍ କରି ପୁଲିସ ଆଜି ତାକୁ ଗିରଫ କରିଥିବା ଲାଲବାଗ ଥାନା ଅଧିକାରୀ ସୁଧାଂଶୁଭୂଷଣ ଜେନା ସୂଚନା ଦେଇଛନ୍ତି। ଅନ୍ୟପଟେ ଅଭିଯୁକ୍ତ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ମାମଲା ରହିଛି।

**୧ ଲକ୍ଷ ୬୪ ହଜାର ଠକି ଗିରଫ ହେଲା ଅଭିଯୁକ୍ତ**

**ବିବାହ ପ୍ରତିଶ୍ରୁତି ଦେଇ ରଚିଥିଲା ଷଡ଼ଯନ୍ତ୍ର**



### ଏସ୍‌ସିବିରେ ରକ୍ତ ଦଲାଲଙ୍କ ଦୌରାତ୍ମ୍ୟ

## ୟୁନିଟ୍ ପ୍ରତି ୨ ହଜାର ଟଙ୍କା

**କଟକ, ୨୯।୮ (ସମିସ):** ବଡ଼ ମେଡିକାଲରେ ଦଲାଲ ଦମନ କରିବା ମୁସ୍କିଲ ହୋଇ ସାରିଲାଣି। ପୁଲିସର ଖାମଖିଆଲି ଆଚରଣ ଏବଂ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ଯୋଗୁଁ ଅନେକ ରୋଗୀ ନିୟମିତ ଦଲାଲଙ୍କ ଶିକାର ହେଉଛନ୍ତି। ପୁଣି ଏକ ଘଟଣା ଆଜି ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ୨ହଜାର ଟଙ୍କା ଦେଇ ରକ୍ତ ୟୁନିଟ କିଣିଥିବା ଅଭିଯୋଗରେ ଜଣାଇଛନ୍ତି। ମିଳିଥିବା ସୂଚନା ମୁତାବକ, କେନ୍ଦୁଝର ଅଞ୍ଚଳର ଜୁଏନ ମୁଣ୍ଡା ଅର୍ଥୋପେଡ଼ିକ ବିଭାଗରେ ଭର୍ତ୍ତି ହୋଇଛନ୍ତି। ଜୁଏନଙ୍କ ଅସ୍ତ୍ରୋପଚାର ଆବଶ୍ୟକତା ରହିଛି। ତେବେ ଦୁଇ ୟୁନିଟ ରକ୍ତର ଯୋଗାଡ କରିବାକୁ ଡାକ୍ତର କହିଥିଲେ। ବୁଧବାର ଜୁଏନଙ୍କ ପୁଅ ବଡ ମେଡିକାଲ ପରିସରସ୍ଥ ରକ୍ତ ଭଣ୍ଡାରକୁ ଯାଇଥିଲେ। ହେଲେ ଓଜନ କମ୍ ଥିବା ହେତୁ ଜୁଏନଙ୍କ ପୁଅ ରକ୍ତଦାନ କରି ପାରି ନଥିଲେ। ସେଠାରେ ଉପସ୍ଥିତ ସାମାଜିକକର୍ମୀ ପ୍ରସନ୍ନ ଗୁରୁଙ୍କ ସହଯୋଗରେ ଗୋଟିଏ ୟୁନିଟ ରକ୍ତ ଯୋଗାଡ ହୋଇ ପାରିଥିଲା। ଗୁରୁବାର ଅନ୍ୟ ଏକ ୟୁନିଟ ରକ୍ତ ଆଣିବାକୁ ତାଙ୍କ ପୁଅ ପୁଣି ଥରେ ରକ୍ତ ଭଣ୍ଡାର ଯାଇଥିଲେ। ଏ ପଜିଟିଭ ରକ୍ତ ନାହିଁ କହି ସେଠାରୁ ତାଙ୍କୁ ଫେରାଇ ଦିଆଯାଇଥିଲା। ଏହି ସମୟରେ ଜୁଏନଙ୍କ ପୁଅ ଜଣେ ଦଲାଲଙ୍କ ହାବୁଡରେ ପଡ଼ିଥିଲେ। ୨ ହଜାର ଟଙ୍କା ଦେଲେ ବିନା ଡୋନରରେ ସଙ୍ଗେସଙ୍ଗେ ରକ୍ତ ୟୁନିଟ ମିଳିଯିବ ବୋଲି ଦଲାଲ ଜଣକ କହିଥିଲା। ଶେଷରେ ଦୁଇ ହଜାର ଟଙ୍କା ଦେଇ ଜୁଏନଙ୍କ ପୁଅ ରକ୍ତ ୟୁନିଟ କିଣିଥିଲେ। ଦଲାଲ ଦମନ ପାଇଁ ଉଦ୍ୟମ ହେଉଛି ବୋଲି ବାରମ୍ବାର କୁହାଯାଉଥିଲେ ମଧ୍ୟ ଏହାର ସୁଫଳ ମିଳିପାରୁନାହିଁ।

## ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜୀକରଣ ଆରମ୍ଭ



**କଟକ, ୨୯।୮ (ସମିସ):** ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବବର୍ଗ, ଏହି ଉଦ୍ଦେଶ୍ୟ ନେଇ କଟକରେ ଆରମ୍ଭ ହେବାକୁ ଯାଉଛି ସାଂସଦ ଖେଳ ମହୋତ୍ସବ। ଏଥିପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବିଭିନ୍ନ କ୍ରୀଡାରେ ଭାଗ ନେବା ନିମନ୍ତେ ଆଜି ଜାତୀୟ କ୍ରୀଡା ଦିବସରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ସାଂସଦ ଖେଳ ମହୋତ୍ସବରେ ଭାଗ ନେବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ କଲେଜରେ ଛାତ୍ରଛାତ୍ରୀମାନେ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରୁଛନ୍ତି। ପିଲାମାନଙ୍କୁ ଖେଳ ପ୍ରତି ଆକର୍ଷିତ କରାଇବା ସହ ସମସ୍ତଙ୍କ ମଧ୍ୟରେ ଏକ ଖେଳୁଆଡ ମନୋଭାବ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଏଥିରେ କ୍ରିକେଟ, ଭଲି, ଫୁଟବଲ, ଖୋ ଖୋ, କବାଡି, ମାରାଥନ ଓ ପାରମ୍ପରିକ ଖେଳ ସ୍ଥାନ ପାଇଛି। ୧୭ ବର୍ଷରୁ କମ ବାଳକ ଓ ବାଳିକା, ୨୫ ବର୍ଷରୁ କମ ମହିଳା ଓ ପୁରୁଷ ଏବଂ ୨୫ ବର୍ଷରୁ ଅଧିକ ମହିଳା ଓ ପୁରୁଷ ଭଳି ବିଭିନ୍ନ ବର୍ଗରେ କ୍ରୀଡ଼ାବିତମାନେ ନିଜ ନିଜର ନାମ ପଞ୍ଜିକୃତ କରୁଛନ୍ତି। ଏହି କ୍ରୀଡା ପ୍ରତିଯୋଗିତା ପ୍ରଥମେ ପଞ୍ଚାୟତସ୍ତରୀୟ, ମଣ୍ଡଳସ୍ତରୀୟ, ବ୍ଲକସ୍ତରୀୟ ଓ ଶେଷରେ ସଂସଦୀୟ କ୍ଷେତ୍ରସ୍ତରୀୟରେ ଅନୁଷ୍ଠିତ ହେବ। ଆଜି ପ୍ରଥମ ଦିନରେ ପ୍ରାୟ ୭୦ ଜଣ କ୍ରୀଡ଼ାବିତ ବିଭିନ୍ନ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୮ରୁ ଖେଳ ଆରମ୍ଭ ହୋଇ ଡିସେମ୍ବର ୨୫ ତାରିଖ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଫାଇନାଲ ଅନୁଷ୍ଠିତ ହେବ।

## ୪ନଂ ୱାର୍ଡ ପରିଦର୍ଶନ କଲେ କଂଗ୍ରେସ ନେତୃବୃନ୍ଦ



**କଟକ, ୨୯।୮ (ସମିସ):** ଆଜି ପୂର୍ବାହ୍ନରେ ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ, ପୂର୍ବତନ ମେୟର ପ୍ରାର୍ଥିନୀ ଗିରିବାଳା ବେହେରା ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ କଟକ ମହାନଗର ନିଗମ ୪ ନମ୍ବର ୱାର୍ଡ ଅନ୍ତର୍ଗତ ସେକ୍ଟର-୮, ସେକ୍ଟର-୯, ବ୍ୟାଙ୍କ କଲୋନୀ, ସେକ୍ଟର-୯ ବେଲେଶ୍ୱର ମନ୍ଦିର, ମଙ୍ଗଳା ମନ୍ଦିର, ଶିବ ମନ୍ଦିର ଆଦି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ସ୍ଥାନୀୟ ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାଙ୍କ ସହିତ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୱାର୍ଡ ଅଞ୍ଚଳର ବିଭିନ୍ନ ରାସ୍ତାଘାଟ, ସ୍ୱେରେଜ, ପାର୍କ ଆଦି ବୁଲି ଦେଖିଥିଲେ। ୱାର୍ଡ ଅଞ୍ଚଳରେ ହୋଇଥିବା ବିଧାୟକ ଉନ୍ନୟନ ପାଣ୍ଠିରୁ ସମସ୍ତ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଅସମ୍ପୂର୍ଣ୍ଣ କମ ଗୁଡିକୁ ତୁରନ୍ତ ଶେଷ କରାଯିବ ବୋଲି ବିଧାୟିକା କହିଥିଲେ। ୱାର୍ଡର ବରିଷ୍ଠ କଂଗ୍ରେସ ନେତୃବୃନ୍ଦମାନେ ୱାର୍ଡର ସଂଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ୱାର୍ଡ ଅଞ୍ଚଳରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିତ୍ୟାନନ୍ଦ ରାଉତରାୟ, ବିଚିତ୍ରାନନ୍ଦ ପ୍ରଧାନ, ରମେଶ ବେହେରା, ନିତ୍ୟାନନ୍ଦ ବେଉରିଆ, ଯଦୁନାଥ ବିଶ୍ୱାଳ, ଜ୍ୟୋତି ମହାପାତ୍ର, ରବି ମିଶ୍ର, ହରିବନ୍ଧୁ ମହାନ୍ତି, ମୌସୁମୀ ଘୋଷ, ସ୍ମିତା ଦାସ, ପ୍ରଦୀପ୍ତ ଦାସ, ରାମଚନ୍ଦ୍ର ବେହେରା, ଅଶୋକ ଚୌଧୁରୀ, ବାମଦେବ ଦାସ, ପ୍ରଫୁଲ୍ଲ ଲେଙ୍କା, ବିଜୟ ଓଝା, ପ୍ରତାପ ଜେନା, ଜିତେନ୍ଦ୍ର ନାୟକ, ଭାସ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଷ୍କର୍ମ ମାମଲାରେ ଦୋଷୀକୁ ୪ ବର୍ଷ ଜେଲ୍ ଓ ଜରିମାନା

**କଟକ, ୨୯।୮ (ସମିସ):** ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ମାମଲାର ଶୁଣାଣି କରି କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ ଆଠଗଡ଼ ଥାନା ଅନ୍ତର୍ଗତ ସିଠାଳ ଅଞ୍ଚଳର ଝୁମି ଓରଫ ମନମୋହନ ନାୟକ (୩୭)କୁ ୪ ବର୍ଷ ଜେଲ ଓ ୩୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅଦାଲତ ବିଏନଏସର ଦଫା ୭୬ ଓ ପୋକସୋ ଆଇନର ଧାରା ୮ରେ ଝୁମିକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜରିମାନା ଟଙ୍କା ନ ଦେଲେ ଆସାମୀକୁ ୩ ମାସ ଅଧିକ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ପକ୍ଷରୁ ରମେଶଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ। ୨୦୨୫, ମେ ୧୮ ସକାଳ ୬ଟା ସମୟରେ ଜଣେ ୧୬ ବର୍ଷୀୟା ପୀଡିତା ଘର ପାଖ ଧନେଇ ନାଳରେ ସ୍ନାନ କରୁଥିବା ବେଳେ ଝୁମି ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଝୁମି ପୀଡିତାଙ୍କ ପାଟିରେ ହାତ ଦେଇ ଜୋର ଜବରଦସ୍ତ ଦୁଷ୍କର୍ମ ଉଦ୍ୟମ କରିଥିଲା। ଘଟଣାସ୍ଥଳରେ ପୀଡିତା ପାଟି କରିବାରୁ ଝୁମି ଦୌଡି ପଳାଇଥିଲା। ଏନେଇ ୨୦୨୫, ମେ ୧୮ରେ ପୀଡିତାଙ୍କ ମା' ଏତଲା ଦେଇଥିଲେ। ଅଦାଲତରେ ମାମଲାର ଶୁଣାଣି ସମୟରେ ପ୍ରସିକ୍ୟୁସନ ପକ୍ଷରୁ ୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

## ଜାତୀୟ କ୍ରୀଡ଼ା ଦିବସରେ ପଦଯାତ୍ରା

**କଟକ, ୨୯।୮ (ସମିସ):** ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀରେ ଆଜି ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ସକାଳୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୂହ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମଠାରୁ ଏହି ପଦଯାତ୍ରା ବାହାରି ବାରବାଟୀ ଦୁର୍ଗ, ଦୟାଶ୍ରମ, କନିକା ଛକ ଦେଇ ଇଣ୍ଡୋର ଷ୍ଟାଡିୟମଠାରେ ପହଞ୍ଚିଥିଲା। ବହୁ କ୍ରୀଡ଼ାବିତ, କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀ, କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନର ସାଧାରଣ ସମ୍ପାଦକ ଅଭିଜିତ ପାଲ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ।



ଏହି ଅବସରରେ ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର, କ୍ରୀଡା ଛାତ୍ରାବାସ ଅଧୀକ୍ଷକ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଜି ଅପରାହ୍ନରେ ସତ୍ୟବ୍ରତ ଷ୍ଟାଡିଅମଠାରେ କ୍ରୀଡା ଛାତ୍ରାବାସ ଓ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ କ୍ରୀଡ଼ାବିତଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଆୟୋଜିତ ହୋଇଥିଲା। ଆସନ୍ତାକାଲି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଏବଂ ରବିବାର ସକାଳେ ଇଣ୍ଡୋର ଷ୍ଟାଡିୟମଠାରୁ ଏକ ସାଇକଲ ରାଲିର ଆୟୋଜନ କରାଯିବ।

## ଓଷ୍ଟା ପକ୍ଷରୁ ବନ୍ୟାବିପନ୍ନଙ୍କୁ ରିଲିଫ ପ୍ରଦାନ

**କଟକ, ୨୯।୮ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଯାଜପୁର ଜିଲ୍ଲାର ବନ୍ୟାରେ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ସାଧାରଣ ସମ୍ପାଦକ ରଞ୍ଜନ ଦାଶଙ୍କ ନେତୃତ୍ୱରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଯାଜପୁର ଜିଲ୍ଲାର ବୈତରଣୀ ନଦୀର ଶାଖା କାଣୀନଈ ଦ୍ୱାରା ଦଶରଥପୁର ବ୍ଲକର ଅହିଆସ ଓ କସ୍‌ପା ସଂଗମ ସ୍ଥଳଠାରେ ଏକ ଘାଇ ସୃଷ୍ଟି ହେବା ଫଳରେ ସେଠାକାର ଅନେକ ଲୋକ ଓ ସେମାନଙ୍କର ଘରଦ୍ୱାରା ପାଣିଘେରରେ ରହିଥିଲା। ଆଜି ବନ୍ୟାଞ୍ଚଳରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବନ୍ୟାବିପନ୍ନଙ୍କୁ ଚୁଡା, ଗୁଡ, ବିସ୍କୁଟ୍ ଆଦି ଶୁଖିଲା ଖାଦ୍ୟ ସହିତ ମହମବତୀ, ଦିଆସିଲି ଏବଂ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କୁ ଓଷ୍ଟା ଟେଷ୍ଟପେପର୍ ଆଦି ରାଜ୍ୟ, ଯାଜପୁର ଜିଲ୍ଲା ଓ ବ୍ଲକର ନେତୃତ୍ୱ, ଗ୍ରାମବାସୀଙ୍କ ସାହାଯ୍ୟରେ ରିଲିଫ୍ ବଣ୍ଟନ କରାଯାଇଛି। କପାସି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କିଛି ଟେଷ୍ଟପେପର ପ୍ରଦାନ କରାଯାଇଛି। ପ୍ରଭାବିତ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଓ ପାଠ୍ୟ ଉପକରଣ ବଣ୍ଟନ ପାଇଁ ଓଷ୍ଟା ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। ଶ୍ରୀ ଦାଶଙ୍କ ସହ ଜିଲ୍ଲା ସଭାପତି ସୁନନ୍ଦ ରାଉତ, କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ, ଜିଲ୍ଲା ସମ୍ପାଦକ ପବିତ୍ର ପଣ୍ଡା, ରାଜ୍ୟ ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ରମେଶଚନ୍ଦ୍ର ବେହେରା ଓ ବ୍ଲକ ସମ୍ପାଦକ ଭରତ ନାୟକ ଓ ଶ୍ରୀକାନ୍ତ ସାହୁ, ମମତା ମିଶ୍ର, ପ୍ରାକ୍ତନ ନେତୃତ୍ୱ ଦିଗମ୍ବର ସାହୁ ଓ ଧନଞ୍ଜୟ କେଶରୀ ରାଉତରାୟଙ୍କ ସମେତ ଜିଲ୍ଲା ଓ ବ୍ଲକ କାର୍ଯ୍ୟକାରୀ କମିଟିର ସଦସ୍ୟ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ।



## ବାଇକ୍ ଚାଳକ ଗୁରୁତର

**କଟକ, ୨୯।୮ (ସମିସ):** ମର୍କତନଗର ଫେଜ-୨ ଥାନା ଅନ୍ତର୍ଗତ ନରାଜ ସେତୁ ନିକଟରେ ଆଜି ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଆହତ ହୋଇଥିବା ଚାଳକଙ୍କ ଘର ଆଠଗଡ଼ ଅଞ୍ଚଳରେ ହୋଇଥିବା ବେଳେ ତା'ଙ୍କ ନାଁ ଶ୍ରୀଧର ପୃଷ୍ଟି। ସେ କଟକ ସହରକୁ ଏକ ଘରୋଇ କାର୍ଯ୍ୟରେ ଆସିଥିବା ବେଳେ ନରାଜ ରାସ୍ତା ଦେଇ ଘରକୁ ଫେରୁଥିଲେ। ଏକ ଟ୍ରାକ୍ଟର୍ ତାଙ୍କୁ ସାଇଡ୍ ମାରିବାରୁ ସେ ଡିଭାଇଡର୍‌ରେ ପିଟି ହୋଇ ରାସ୍ତା ଉପରେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କୁ ବେହୋସ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକ ଏସ୍‌ସିବି ପଠାଇଥିବା ଜଣାପଡ଼ିଛି।


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶିଖର ନାୟକ
ମାଛପଦା (ଗୋଡା), ବୋରିକିନା, ଜଗତ୍‌ସିଂହପୁର
ଆବିର୍ଭାବ - ୦୧/୦୭/୧୯୪୯
ତିରୋଧାନ - ୨୦/୦୮/୨୦୨୫

ଜନ୍ମ ଅଛି ମାନେ ମୃତ୍ୟୁ ସୁନିଶ୍ଚିତ। ଏହି ନିଷ୍ଠୁର ସତ୍ୟକୁ ବା କିଏ କେମିତି ବଦଳାଇ ପାରିଥାନ୍ତା ? ଯଥାସମ୍ଭବ ଚେଷ୍ଟା କରିଥିଲୁ। ହେଲେ ଭଗବାନଙ୍କର ନିଷ୍ପତ୍ତି ଥିଲା ଭିନ୍ନ। ଆମ ମୁଣ୍ଡ ଉପରୁ ତମର ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଯେଉଁଠି ଥାଅ ଭଲରେ ଥାଅ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାଅ।

ଶୋକସନ୍ତପ୍ତ: ପୁଅ- ସରୋଜ, ନିରୋଦ, ହେମନ୍ତ, ଶୋକସନ୍ତପ୍ତ: ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ


## ଶାରଳା ସଦନରେ ନୂଆଁଖାଇ ଉତ୍ସବ



**କଟକ, ୨୯।୮ (ସମିସ):** ବଙ୍ଗାଳି ସାହିସ୍ଥିତ ମା' ଶାରଳା ସଦନରେ ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପଣ୍ଡିତ ବିଷ୍ଣୁଚରଣ କର ନୂଆଚୁଡ଼ା ଭୋଗ ଲାଗି କରିଥିଲେ। ନୂଆପଡ଼ାର ଆଇନଜୀବୀ ଜୟଦେବ ମାଝୀ, ଭବାନୀପାଟଣାର କୁଳଦୀପ ସୁନାନି, ପ୍ରଫେସର ଡ. ସୁଦର୍ଶନ ପଟ୍ଟନାୟକ, ସ୍ତମ୍ଭକାର ପ୍ରତାପଚନ୍ଦ୍ର ସାମଲ, ଭୁବନାନନ୍ଦ ମହାନ୍ତି, ଆଇନଜୀବୀ ବ୍ରଜଭୂଷଣ ସାହୁ, ଆଇନଜୀବୀ ଆଦ୍ୟାଶକ୍ତି ପ୍ରିୟା, ଲୁନା ଦାସ ପ୍ରମୁଖ ନୂଆଁଖାଇ ଉତ୍ସବ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ।

### ଏସ୍‌ସିବିରେ ଚିକିତ୍ସା ଅବହେଳା ଅଭିଯୋଗ

# ମହିଳାଙ୍କ ପେଟରେ ମଲାଛୁଆ

**କଟକ, ୨୯।୮ (ସମିସ)**

ଗର୍ଭସ୍ଥ ଶିଶୁ ମୃତ୍ୟୁ ବରଣ କରି ସାରିଛି। ଅସ୍ତ୍ରୋପଚାର ଦ୍ୱାରା ଶିଶୁଟିକୁ କଢ଼ାଯିବ ବୋଲି ଡାକ୍ତର କହିଛନ୍ତି। ହେଲେ ୪ଦିନ ହେଲାଣି ଅସ୍ତ୍ରୋପଚାର ତାରିଖ ମିଳୁନାହିଁ। ଦିନ ପରେ ଦିନ ଗଡ଼ି ଚାଲିଥିବା ବେଳେ ମହିଳାଜଣକ ଅସହ୍ୟ ଯନ୍ତ୍ରଣାରେ ଆଉଟୁପାଉଟୁ ହେଉଛନ୍ତି। ଏସ୍‌ସିବି ମେଡିକାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଚିକିତ୍ସିତ ହେଉଥିବା କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ମହିଳାଙ୍କ ପରିବାର ଲୋକେ ଏଭଳି ଅଭିଯୋଗ ଉଠାଇଛନ୍ତି। ଚିକିତ୍ସା ଅବହେଳା ଯୋଗୁଁ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଥିବା କୁହାଯାଇଛି। ତେବେ ଏହି ଘଟଣାରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳର ସୁଭଦ୍ରା ବିଶ୍ୱାଳ ପ୍ରଥମକରି ଗର୍ଭଧାରଣ କରିଥିଲେ। ସୁଭଦ୍ରାଙ୍କ ହଠାତ୍ ଦେହ ଖରାପ ହେବାରୁ ପ୍ରଥମେ କେନ୍ଦ୍ରାପଡ଼ା ମେଡିକାଲ ପରେ ଗତ ସୋମବାର ଏସ୍‌ସିବି ମେଡିକାଲକୁ ପରିବାର ଲୋକ ଆଣିଥିଲେ। ପରୀକ୍ଷାନିରୀକ୍ଷା କରିବା ପରେ ସୁଭଦ୍ରାଙ୍କ ଗର୍ଭ ନଷ୍ଟ ହୋଇଥିବା ଡାକ୍ତର କହିଥିଲେ। ହେଲେ ମୃତ ପିଲାଟି ପେଟରେ ଲାଖି ହୋଇ ଯାଇଥିବା କହିବା ସହ ଅସ୍ତ୍ରୋପଚାର କରାଯିବ ବୋଲି ତାଙ୍କୁ କୁହାଯାଇଥିଲା। ସୁଭଦ୍ରାଙ୍କର ମଧୁମେହ, କିଡନୀ ଓ ଲିଭର ସମସ୍ୟା ଥିବା ଜଣା ପଡ଼ିଥିଲା। ତାଙ୍କୁ ଆଇସିୟୁରେ ରଖାଯାଇଛି। ହେଲେ ଆଜିକୁ ଚାରିଦିନ ବିତିଥିଲେ ମଧ୍ୟ ସୁଭଦ୍ରାଙ୍କ ଅସ୍ତ୍ରୋପଚାର କରାଯାଇ ନାହିଁ କି ମୃତ ପିଲାକୁ ପେଟରୁ କଢ଼ାଯାଇନାହିଁ। ଗୁରୁତର ରୋଗୀଙ୍କୁ ଏଭଳି ଅବହେଳା କରାଯାଇ ମୃତ୍ୟୁ ମୁଖକୁ ଠେଲି ଦିଆଯାଉଛି ବୋଲି ସୁଭଦ୍ରାଙ୍କ ସମ୍ପର୍କୀୟ ଅଭିଯୋଗରେ କହିଛନ୍ତି।

**ଆଇସିୟୁରେ ଛଟପଟ, ହେଉନି ଅସ୍ତ୍ରୋପଚାର**




# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା

ପାଇକମାଲ,୨୯।୮ (ସମିସ): ପାଇକମାଲ ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ପାଳିତ ହୋଇଯାଇଛି । ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ଛାତ୍ର ପ୍ରିୟାଂଶୁ ଶେଖର ସାହୁ ବସିଥିଲେ । ଅନିରୁଦ୍ଧ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଗୋକୁଳାନନ୍ଦ ତନସନାମହେନ୍ଦ୍ର ଖୁଣ୍ଟିଆ, ଗଙ୍ଗାଧର ରଣା ଓ କର୍ମଚାରୀ ସହଯୋଗ କରିଥିଲେ । ସେହିପରି ଜାମସେଠ ନେତାଜୀ ଯୁବକ ସଂଘ ମଧ ଗଣେଶ ପୂଜା ପାଳିଛି । କର୍ତ୍ତା ଭାବେ ଡ.ଭୁବନାନନ୍ଦ ସାହୁ ଏବଂ ପୂଜକ ଭାବେ ଗୋବର୍ଦ୍ଧନ ଦାଶ ଦାୟିତ୍ୱ ତୁଲାଇଥିଲେ । ସେହିପରି ପାଇକମାଲ ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା ।




























# ଗଣେଶ ପୂଜା ଅବସରରେ ରକ୍ତଦାନ ଶିବିର

ସୋହେଲା,୨୯।୮ (ସମିସ): ସୋହେଲା ବ୍ଲକ୍ ଅଧୀନ ଓଡ଼ିଶା ସୀମାନ୍ତରେ ସ୍ଥିତ ଗ୍ରୀଞ୍ଜାଲ ଗାଁର ଗୌରୀନନ୍ଦନ ପୂଜା କମିଟି ପକ୍ଷରୁ ପବିତ୍ର ଗଣେଶ ପୂଜା ଅବସରରେ ସ୍ୱେଚ୍ଛାସେବୀ ସଂଗଠନ ନିଷ୍ଠା ପରିବାର ସହଯୋଗରେ ଗାଁର ପ୍ରଧାନପଡା ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ ଶିବିରର ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୩୩ ଜଣ ରକ୍ତଦାନ କରିଥିଲେ । ବିଜେପି ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର ଗାଁର ରହୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।



























# ରୋହିତ ଥାପା ହତ୍ୟା ମାମଲା: ୪ଗିରଫ



ରାୟଗଡ଼ା,୨୯।୮(ସମିସ): ରାୟଗଡ଼ାରେ ଗତ ଗୁରୁବାର ଦିନ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମହିଳା ମହାବିଦ୍ୟାଳୟ ପଛ ପଟ ବସ୍ତିରେ ରହୁଥିବା ୨୬ ବର୍ଷୀୟ ରୋହିତ ଥାପାକୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ତଦନ୍ତ କରି ୪ଜଣ ଯୁବକ ଓ ୨ଜଣ ନାବାଳକଙ୍କୁ ଗିରଫ କରିଛି। ଗିରଫ ୪ ଅଭିଯୁକ୍ତ ହେଲେ ରାୟଗଡ଼ର ମହେଶ ନାଏକ, ରିଶାନ୍ତ ଗାଂଟା, ନୂତନ ନାଏକ ଓ ବାବୁଲା ନାଏକ। ଗିରଫ ମୁଖ୍ୟ ଦୁଇ ଅଭିଯୁକ୍ତ ନୂତନ ଓ ମହେଶ ନାୟକକୁ ନେଇ ଘଟଣା ସ୍ଥଳରେ ସିନ ରିକ୍ରିଏସନ କଲା ରାୟଗଡ଼ ଥାନା ପୁଲିସ। ସେହିପରି ୨ଜଣ ନାବାଳକଙ୍କୁ କୋର୍ଟ ଚାଲାଣ ପରେ ବାଳସ୍ୱଧାର ଗୃହକୁ ପଠାଇବା ନେଇ ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି। ଆଜି ସକାଳେ ରିଙ୍ଗ ରୋଡ଼ ସ୍ଥିତ ଦମକଳ କେନ୍ଦ୍ର କାର୍ଯ୍ୟାଳୟ ପଛ ପାଶ୍ୱର୍ରେ ରହିଥିବା ଘଟଣା ସ୍ଥଳ ପଡ଼ିଆରେ ଏହି ସିନ୍ ରିକ୍ରିଏସନ କରାଯାଇଛି। ରୋହିତକୁ କିଭଳି ଭାବେ ହତ୍ୟା କରିଥିଲେ ଅଭିଯୁକ୍ତ ମାନେ ସେ ସମ୍ପର୍କରେ ଦେଖାଇଥିଲେ। ଘଟଣାସ୍ଥଳ ନିକଟରେ ଫୋପାଡ଼ି ଥିବା ମାରଣାସ୍ତ୍ର ମଧ୍ୟ ଜବତ କରିଥିଲା ପୋଲିସ। ମାରଣାସ୍ତ୍ର ଭାବେ ବ୍ୟବହୃତ ହୋଇଥିବା ଲୁହା ରଡ଼ ଓ ପାଇପ୍ ଜବତ କରିଛି ପୋଲିସ। ପ୍ରକାଶ ଥାଉକି, ଗତ କିଛି ଦିନ ତଳେ ରୋହିତ ସହିତ ନୂତନ, ମୁକେଶ ଓ ଅନ୍ୟମାନଙ୍କର କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଘଟଣାକୁ ନେଇ ରାୟଗଡ ଥାନାରେ ବୁଝାମଣା କରି ପୁଲିସ ଉଭୟ ପକ୍ଷଙ୍କୁ ତାଗିଦ କରିଥିଲା। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ଅପରାହ୍ନରେ ଦମକଳ କେନ୍ଦ୍ର ପାଶ୍ୱର୍ ଖେଳ ପଡିଆରେ ରୋହିତ ଉପସ୍ଥିତ ଥିବା ବେଳେ ଉକ୍ତ ୬ଜଣ ଅଭିଯୁକ୍ତ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ରୋହିତର ମୃତ୍ୟୁ ଘଟିଥିଲା। ଏହି ମାମଲାକୁ ନେଇ ମୃତ ରୋହିତଙ୍କ ସାହି ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ନ୍ୟାୟ ଦାବି କରି ସାହିବାସିନ୍ଦା ଓ ପରିବାର ଲୋକେ ଶୁକ୍ରବାର ରାୟଗଡ଼। ଟାଉନ ଥାନା ଘେରାଉ କରିବା ସହିତ ତହସିଲ ଅଫିସ ଛକ ନିକଟରେ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ସିନ୍ ରିକ୍ରିଏସନ ବେଳେ ଏସ୍‌ଡିପିଓ ଶ୍ରୀ ସାହୁ ଓ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

➤ ୨ ନାବାଳକ ଗଲେ ବାଳସ୍ୱଧାର ଗୃହ
➤ ସିନ୍ ରିକ୍ରିଏସନ କଲା ପୁଲିସ

## ବିଶ୍ୱକର୍ମା ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



ଗୁଡ଼ାରୀ,୨୯।୮(ସମିସ): ଗୁଡାରି ଏନ୍‌ଏସିର ଗୁଡାରି ୩୩/୧୧ କେଭି ସବ ଷ୍ଟେସନ ପରିସରରେ ବିଶ୍ୱକର୍ମା ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ବିଶ୍ୱକର୍ମା ପୂଜା ଶୁଭଖୁଣ୍ଟି ସ୍ଥାପନରେ କର୍ତ୍ତା ଭାବେ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ବଳଭଦ୍ର ମିଶ୍ର ଦାୟିତ୍ୱ ତୁଲାଇ ଥିବା ବେଳେ ରାଜପୁରୋହିତ ଲଡୁକିସର ରଥ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ। ଆସନ୍ତା ୧୭ ରୁ ୨୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ସାତଦିନ ଧରି ମହାଆଡମ୍ବରରେ ପାଳନ କରାଯିବ ବୋଲି ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତୁସାର ମାଦଳା, ରାଜେନ୍ଦ୍ର ପତ୍ର, କାହ୍ନୁ ପ୍ରଦାନ, ଗୋକୁଳ ମାଳି ଗଣେଶ ଗୌଡ ଓ ସାନ୍ତୁନୁ ବେହେରାଙ୍କ ସମେତ ବିଦ୍ୟୁତ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ଉତ୍ତମ ଚିକିତ୍ସା

ଗୁଡାରୀ,୨୯।୮(ସମିସ): ଚକାଚକ୍ ଭାବରେ ନିର୍ମିତ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରକୁ ଉପରକୁ ଯେତିକି ସୁନ୍ଦର, ଭିତରକୁ ଗଲେ ରୋଗୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ବଦଳରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ରୋଗୀ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ୨୦୧୬ରେ ନୂତନ କୋଠା ଉଦ୍‌ଘାଟନ କରିଥିଲେ। ଦିନରେ ଠିକ ଭାବେ ସ୍ୱାସ୍ଥ୍ୟସେବା ମିଳୁ ଥିବାବେଳେ, ରାତ୍ରି ସମୟରେ ଜରୁରୀକାଳୀନ ପରିସ୍ଥିତିରେ କାର୍ଯ୍ୟରତ ଥିବା ଡାକ୍ତରଙ୍କୁ ଫୋନ ମାଧ୍ୟମରେ ଡକାଗଲେ ଆସି ଚିକିତ୍ସା କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସମୁଦାୟ ୮ଟି ବେଡ୍ ରହିଥିବାରୁ ଅଧିକ ରୋଗୀ ଆସିଲେ ଚେୟାର କିମ୍ବା ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ୮ ବେଡ୍ ପଡ଼ିଥିବା କୋଠରୀରେ କେତେକ ଫ୍ୟାନ ଅଚଳ ହୋଇ ପଡ଼ିରହିଛି। ଫ୍ୟାନ ନ ଚାଲିବାରୁ ଗରମ ଏବଂ ମଶା ଦାଉ ସାଜୁଛନ୍ତି। ଆଜି ପର୍ଯ୍ୟନ୍ତ ଜେନେରେଟର ବ୍ୟବସ୍ଥା କରାଯାଇନାହିଁ। ମେଡିକାଲ ଲାବୋରେଟୋରୀରେ ରକ୍ତ ପରୀକ୍ଷା ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରପାତୀ ରହିଛି। କିନ୍ତୁ କିଛି ପରୀକ୍ଷା ପାଇଁ କେମିକାଲ ନ ଥିବାରୁ ପରୀକ୍ଷା କରାଯାଇ ପାରୁନାହିଁ। ତେଣୁ ବାଧ ହୋଇ ବାହାରେ ଟେଷ୍ଟ କରିବାକୁ ପଡୁଛି। ୯ଟି ଗ୍ରାମ ପଞ୍ଚାୟତ ଏବଂ ପୌର ପରିଷଦରୁ ଦୈନିକ ଶତାଧିକ ପୁରୁଷ ଓ ମହିଳା ରୋଗୀ ଚିକିତ୍ସା ପାଇଁ ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। କିନ୍ତୁ ଏହି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭେଷଜ, ଶିଶୁ ବିଶେଷଜ୍ଞ, ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପଦ ଦୀର୍ଘବର୍ଷରୁ ଖାଲି ପଡିଛି। ଦନ୍ତ ଚିକିତ୍ସା ନ କହିବା ଭଲ। ଲୋକଙ୍କୁ କିଛି ଜରୁରୀ ଔଷଧ ବାହାରେ କିଣିବାକୁ ପଡୁଛି। ଭୋଜନ କରିବା ନିମନ୍ତେ ସ୍ଥାୟୀ ଗୃହ ନ ଥିବାରୁ ଗର୍ଭବତୀ ମହିଳାମାନେ ସ୍ୱାସ୍ଥ୍ୟ କେନ୍ଦ୍ରର ବାରଣ୍ଡା ଉପରେ ବସି ଖାଦ୍ୟ ଖାଉଛନ୍ତି। ନିରାମୟ କେନ୍ଦ୍ରରେ ମେଲେରିଆ ଇଞ୍ଜେକସନ ଅଭାବ ଦେଖାଦେଇଛି। ଗୁଡାରୀ ବ୍ଲକ୍ ମେଲେରିଆ ପ୍ରବଣ ଅଞ୍ଚଳ। ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକସନ ଅଭାବ ଯୋଗୁଁ ରୋଗୀ ବାଧହୋଇ ମେଡିକାଲ ଷ୍ଟୋରରୁ ଚଡ଼ା ଦରରେ କିଣିବାକୁ ବାଧ ହେଉଛନ୍ତି। ଏହି ସବୁ ସମସ୍ୟାର ସମାଧାନ ନିମନ୍ତେ ଗୁଡାରି ବାସିନ୍ଦା ଦାବି କରିଛନ୍ତି।

## ଗଛରେ ପିଟିହୋଇ ପ୍ରାଣ ହରାଇଲେ ଯୁବକ

ପଡିଆ,୨୯।୮(ସମିସ): ମାଲକାନଗିରି ଜିଲ୍ଲା ପଡିଆ-କାଲିମେଳା ମୁଖ୍ୟ ରାସ୍ତାରେ ଶୁକ୍ରବାର ସନ୍ଧ୍ୟା ସମୟରେ ଜଣେ ବାଇକ୍ ଚାଳକ ପ୍ରାଣ ହରାଇଥିବା ଜଣାପଡିଛି। ଯୁବକ ଜଣକ ଏମଭି ୫୮ ଗ୍ରାମର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ଏମଭି ୫୮ ନରେଶ ସର୍ଦାର କୌଣସି କାମରେ ଉଣ୍ଡୁରୁକୋଣ୍ଡା ଗ୍ରାମକୁ ଯାଇ ଫେରୁଥିବା ବେଳେ ପଡିଆ-କାଲିମେଳା ମୁଖ୍ୟ ରାସ୍ତାରେ ଥିବା ଉଣ୍ଡୁରୁକୋଣ୍ଡା ଜଙ୍ଗଲ କେନାଲ ନିକଟରେ ଦ୍ରୁତ ଗତିରେ ଭାରସାମ୍ୟ ହରାଇ ଏକ ଗଛ ସହ ପିଟି ହୋଇଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ଯୁବକ ଜଣକ ଘଟଣା ସ୍ଥଳରେ ପଡ଼ି ରହିଥିବା ବେଳେ ଓଡିଶା ରାଜ୍ୟ ପରିବହନ ବିଭାଗର ବସ୍ କାଲିମେଳାରୁ ପଡିଆ ଅଭିମୁଖେ ଫେରୁଥିବା ବେଳେ ତାଙ୍କୁ ଉଦ୍ଧାର କରି ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ଅଧାବାଟରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଏ ବାବଦରେ ସୂଚନା ପାଇ ଏମଭି ୫୮ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ନରେଶଙ୍କ ପରିବାରରେ ପିତାମାତା, ସ୍ତ୍ରୀ ସମେତ ୩ଟି କୁନିକୁନି ଝିଅ ରହିଥିବା ବେଳେ ସେ ଏକମାତ୍ର ରୋଜଗାରିଆ ହୋଇଥିବାରୁ ପରିବାର ଲୋକ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଜଣାପଡିଛି। ଏପରି ସ୍ଥିତିରେ ସରକାରଙ୍କ ପକ୍ଷରୁ ଜିଲ୍ଲା ଜରୁରୀକାଳୀନ ପାଣ୍ଠିରୁ ସହାୟତ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶବ ବ୍ୟବଚ୍ଛେଦ ଗୃହ ନିକଟକୁ ଯାଇପାରୁନି ଗାଡ଼ି

## ହସ୍ପିଟାଲ ଭିତରେ ଯାଉଛି ମୃତଦେହ

ଉମରକୋଟ,୨୯।୮(ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ନିକଟସ୍ଥ ଶବ ବ୍ୟବଚ୍ଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ କୌଣସି ରାସ୍ତା ନାହିଁ। ଫଳରେ ମୃତଦେହକୁ ହସ୍ପିଟାଲ ଭିତରେ ଦେଇ ବାହାରକୁ ଆଣିବାକୁ ପଡୁଛି। ଏହାକୁ ନେଇ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉମରକୋଟ ଚିକିତ୍ସାଳୟ ଉପରେ ଚନ୍ଦାହାଣ୍ଡି, ଝରିଗାଁ ଓ ରାଇଘର ବ୍ଲକ୍‌ର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ଅବ୍ୟବସ୍ଥା ଯୋଗୁ ଏହା ଏକ ରେଫରାଲ୍ ଚିକିତ୍ସାଳୟରେ ପରିଣତ ହୋଇଛି। ଏଠାରେ ଏହି ୪ ବ୍ଲକ୍ ସମେତ ଛତିଶଗଡ଼ରୁ ଦୈନିକ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ତେବେ କୌଣସି ରୋଗୀଙ୍କ ମୃତ୍ୟୁ ହେଲେ କିମ୍ବା ବାହାରୁ କୌଣସି ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିଲେ, ତାକୁ ହସ୍ପିଟାଲ ଭିତର ଦେଇ ରୋଗୀଙ୍କ ମଧ୍ୟରେ ନେବାକୁ ପଡୁଛି। କାରଣ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହ ଏହାର ପଛପଟେ ଅଛି। ବ୍ୟବଚ୍ଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନାହିଁ। ଫଳରେ ମୃତଦେହକୁ ଷ୍ଟ୍ରେଚର ଯୋଗେ ହସ୍ପିଟାଲ ଭିତର ଦେଇ ବାହାରକୁ ଆଣି ଅମ୍ବୁଲାନ୍ସରେ ନିଆଯାଉଛି। ତୁରନ୍ତ ବ୍ୟବଚ୍ଛେଦ ଗୃହ ନିକଟକୁ ଅମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ଗୃହକୁ ଭଙ୍ଗାଯାଇ ସେଠାରେ ନୂତନ ଚିକିତ୍ସାଳୟ ନିର୍ମାଣ କରାଯିବ। ବ୍ୟବଚ୍ଛେଦ ଗୃହ ନୂତନ ଭାବେ ଅନ୍ୟତ୍ର ତିଆରି ହେବ ବୋଲି ସେ କହିଛନ୍ତି।

● ଜିଲ୍ଲା ଜନ ଜାଗରଣ ମଞ୍ଚର 'କମାଲ' ଶିବର ଉଦ୍‌ଯାପିତ

## ୩୫୮ ସ୍ୱେଚ୍ଛାସେବୀଙ୍କୁ ଦିଆଗଲା ମାନପତ୍ର



ବିଷମକଟକ,୨୯।୮(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ଲକର କଲ୍ୟାଣ ମଣ୍ଡପ ପରିସରରେ ଜନଜାଗରଣ ମଞ୍ଚ ତରଫରୁ କମାଲ କ୍ୟାମ୍ପର ଉଦ୍‌ଯାପନୀ ଉତ୍ସବ ଅବସରରେ ସ୍ୱେଚ୍ଛାସେବୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷମ କଟକ ବିଧାୟକ ନିଳମାଧବ ହିକକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜନଜାଗରଣ ମଞ୍ଚର ଜିଲ୍ଲା ସଭାପତି ଝଣ୍ଟୁ ହିକକାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କୁଶ ପ୍ରଧାନ, ବ୍ଲକ ଅଧକ୍ଷା ଯଶୋଦା ହୁଇକା, ଉପାଧକ୍ଷ ଦେବୀ ପଟ୍ଟନାୟକ, ବିଏସ୍.ପି ଜିଲ୍ଲା ସଭାପତି ଜିତୁ ଜାକାସିକା, ପୂର୍ବତନ କୁର୍ଲୀ ସରପଞ୍ଚ ତ୍ରିଞ୍ଜି ଜାକସିକା, ଝିଗିଡି ସରପଞ୍ଚ ଅଜିତ ସାରକା, ନବୀନ ବିକାଶ ଚାରିଟେବୁଲ୍ ଟ୍ରଷ୍ଟର ଅଧକ୍ଷ ବାଳ ମୁକୁନ୍ଦ ପାଳ ମଞ୍ଚାସୀନ ହୋଇଥିଲେ। ଜନ ଜାଗରଣ ମଞ୍ଚ, ରାୟଗଡ଼ା ଲୋକ ସଂଗଠନ ରାୟଗଡ଼ା ଜିଲ୍ଲାର ୧୧ଗୋଟି ବ୍ଲକ୍ ମଧ୍ୟରୁ ୧୦ବ୍ଲକ୍‌ର ୧୧୩ ଗ୍ରାମପଞ୍ଚାୟତ, ୧୪୦୭ ଗ୍ରାମରେ ୨୦୧୬ ମସିହା ଡିସେମ୍ବର ଠାରୁ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ, କୃଷି ଇତ୍ୟାଦି ଉପରେ ସଚେତନ ସୃଷ୍ଟି କରିବା ସହ ଲୋକଙ୍କ ସମସ୍ୟା ଚିହ୍ନଟ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବା ଦିଗରେ କାର୍ଯ୍ୟ କରିଆସୁଥିଲେ। ଚଳିତ ୨୦୨୫ ବର୍ଷ ଗ୍ରୀଷ୍ମ ଛୁଟି ଅବସରରେ କମାଲ୍ କ୍ୟାମ୍ପ ଅଭିଯାନରେ ଜନ ଜାଗରଣ ମଞ୍ଚ ସଂଗଠନର ମୁଖ୍ୟ ସହଯୋଗୀ ଆଶୋକ୍ତି ଟ୍ରଷ୍ଟ ଓ ପ୍ରଥମ ଏଜୁକେଶନ୍ ଟ୍ରଷ୍ଟର ମିଳିତ ଉଦ୍ୟମରେ ରାୟଗଡ଼ା ଜିଲ୍ଲାର ଆଦିବାସୀ ଇଲାକାରେ ୬୭ ଗୋଟି ଗ୍ରାମପଞ୍ଚାୟତ, ୩୧୨ ଗୋଟି ଗ୍ରାମର ୪୧୨ ଜଣ ସ୍ୱେଚ୍ଛାସେବୀ ଚୟନ କରି ୩୫୮ ଗୋଟି ଶିକ୍ଷାକେନ୍ଦ୍ରରେ ଏକ ମାସ ଧରି ୪ର୍ଥ ଶ୍ରେଣୀରୁ ୮ମ ଶ୍ରେଣୀର ୩୬୭୯ ଜଣ ଛାତ୍ରଛାତ୍ରୀଙ୍କୁ ନୂତନ ପଦ୍ଧତି ମାଗଣା ଶିକ୍ଷା ପ୍ରଦାନ କରୁଥିଲେ। କୋମଳମତି ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ସଚେତନତା କରୁଥିଲେ। ଏହି କାର୍ଯ୍ୟକ୍ରମରେ ନିୟୋଜିତ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଆଜି ବିଧାୟକ ଏବଂ ମଞ୍ଚାସୀନ ଅତିଥି ମାନେ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଜନଜାଗରଣ ମଞ୍ଚର ଜିଲ୍ଲା କାର୍ଯ୍ୟକାରିଣି କମିଟିର ସଦସ୍ୟ ସୁଶାନ୍ତ ତୁଇକା ଏବଂ ସୁରେଶ ମିଣିଆକା ମଞ୍ଚ ପରିଚାଳନା କରିଥିଲେ।

## ନୂତନ ଲ୍ୟାମ୍ପ୍‌ସ ଏମ୍‌ଡିଙ୍କୁ ଦାୟିତ୍ୱ ହସ୍ତାନ୍ତର



ମାଲକାନଗିରି/ମାଥିଲି,୨୯।୮(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପ୍‌ସ ଠାରେ ପୂର୍ବରୁ ସାର ବିବାଦ ଲାଗିରହିଥିଲା। ଏହାକୁ ଦୃଷ୍ଟିରେ ରଖି ଗତ ୨୦ ତାରିଖରେ ପରିଚାଳନା କମିଟିର ଜରୁରୀ ବୈଠକ ସଭାପତି ମୁନି ବତି ବୁଡ଼ବାଡେ ଡାକିଥିଲେ। ଏହି ବୈଠକରେ ଲ୍ୟାମ୍ପ୍‌ସର ଡାଇରେକ୍ଟର ଉପସ୍ଥିତ ହୋଇ ଏମଡି ଶାନ୍ତଶିନୀ ପରିଡା ଠିକ୍ ରୂପେ କାର୍ଯ୍ୟ ତୁଲାଇ ପାରୁନଥିବାରୁ ଦାୟିତ୍ୱରୁ ଓହରି ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ମାଥିଲି ଲ୍ୟାମ୍ପ୍‌ସ ସଭାପତି ମୁନି ବତି ବୁଡ଼ବାଡେ ସମେତ ଉପ ସଭାପତି ଡମ୍ବୁଣି ପୂଜାରୀ, ଡାଇରେକ୍ଟର ହଳର ପୂଜାରୀ, ଉଦୟ ନାଥ ମାଦ୍ରୀ, ସୁବାସ ଚନ୍ଦ୍ର ଖୁଡୁପିଆ, ତ୍ରିନାଥ ଭୂମିଆ, ସମାରୁ ନାୟକ, ସମେତ କୋରାପଟ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ମୋନଜ ମଣ୍ଡଳ ଉପସ୍ଥିତ ରହିଥିଲେ। ନୂତନ ଏମ୍‌ଡି ରୂପେ ଅନନ୍ତ ବିଷଇଙ୍କୁ ଦାୟିତ୍ୱ ଦିଆଯାଇଛି। ନୂତନ ଏମ୍‌ଡିଙ୍କୁ ଆଦିବାସୀ ନେତା ହଳଧର ପୂଜାରୀଙ୍କ ଉପସ୍ଥିତିରେ ଲ୍ୟାମ୍ପ୍‌ସର ସମସ୍ତ କର୍ମଚାରୀ ପ୍ରଶାନ୍ତ କୁମାର ନାୟକ, ଧନୁର୍ଯ୍ୟୟ ଭୂମିଆ, ସନ୍ତୋଷ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସିଆରସିସି, ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ମାଥିଲି,୨୯।୮(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମୂରପାଲୀ ପଞ୍ଚାୟତ ସ୍ଥିତ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରର ପୂର୍ବତନ ସିଆରସିସି ମଧୁସୂଦନ ନାୟକ ଓ କୁକୁରକୁଣ୍ଡ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ସ୍ତରରେ ସିଆରସିସି ସତ୍ୟବ୍ରତ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିଲା। ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ତୁମ୍ବେଶ୍ୱର ସମରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଭାବେ ୨୦୨୨ ମସିହାରେ ଶ୍ରୀ ମହାନ୍ତି କୁକୁରକୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇଥିଲେ। ତତ୍‌ପରଠାରୁ ବିଦ୍ୟାଳୟ ପରିସରରେ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ସହ ଅତିରିକ୍ତ ଶ୍ରେଣୀ ଗୃହ ବିଭିନ୍ନ ପ୍ରକାରର ଗଛ ଲଗାଇ ସବୁଜ ମୟ କରିଥିଲେ। ପାଞ୍ଚ ବର୍ଷ ଅବଧିରେ ସିଆରସିସି ଭାବେ ମଧୁସୂଦନ ନାୟକ ୨୦୧୯ରେ ଯୋଗଦେଇ ଦେଇଥିଲେ। ତାଙ୍କ ସମୟରେ ପଞ୍ଚାୟତର ୧୧ ବିଦ୍ୟାଳୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ। ଏଥିପାଇଁ ବ୍ଲକ୍‌ସ୍ତରୀୟ ଓ ଜିଲ୍ଲାର ଶ୍ରେଷ୍ଠ ସିଆରସିସି ଭାବେ ୨୦୨୪-୨୦୨୫ ବର୍ଷରେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ କରିଥିଲେ। ୨୦୧୭ରେ ଜିଲ୍ଲାସ୍ତରୀୟ ପୁରସ୍କାରପ୍ରାପ୍ତ ହୋଇଥିଲେ। ସରପଞ୍ଚଙ୍କ ସମେତ ପଞ୍ଚାୟତର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କ କାର୍ଯ୍ୟ ଓ ସମୟର ଗୁଣଗାନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାକୁ ନାରାୟଣ ବେହେରା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସମରଥ ଯୋଗ ଦେଇ ଶ୍ରୀ ନାୟକଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସ୍ୱାଗତ ଭାଷଣ ଦିଲ୍ଲୀପ କୁମାର ଜେନା ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ସନ୍ତୋଷ କୁମାର ଗଣ୍ଡ, ବରିଷ୍ଠ ଶିକ୍ଷକ ରତ୍ନାକର ପାଳ, ନିତ୍ୟାନନ୍ଦ ମହାଳିକ, ବୁଦ୍ଧଦେବ ବିନ୍ଧାଣୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ବଶିଷ୍ଠ ଶିକ୍ଷକ ଶଙ୍କର ନାୟକ, ରମାକାନ୍ତ ମହାରଣା, ମନୋରଞ୍ଜନ ଆଡାକ, ପ୍ରଶାନ୍ତ କୁମାର ପଟ୍ଟନାୟକ, କଂଶଧର ମାଝୀ, ରଞ୍ଜିତ କେଶରୀ ମହାନ୍ତି, ସଞ୍ଜୟ କୁମାର ବିଷୋୟୀ, ସିପ୍ରା ବିଶ୍ୱାସ ନକୁଳ ଚନ୍ଦ୍ର ବିଶ୍ୱାଳ, ପି ଜାନକୀ ରାଓ ପ୍ରମୁଖ ୪୦ଜଣ ଶିକ୍ଷକ ଶିକ୍ଷୟିତ୍ରି ଯୋଗ ଦେଇଥିଲେ।

## ଆଦିବାସୀ ସମାଜ ମହାସଂଘ କାର୍ଯ୍ୟକାରୀ ସଭାପତିଙ୍କ ଇସ୍ତଫା



ମାଲକାନଗିରି,୨୯।୮(ସମିସ): ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘର କାର୍ଯ୍ୟକାରୀ ସଭାପତି ଜାରାଶବର ମାଡି ଆଜି ପଦବୀରୁ ଇସ୍ତଫାଦେଇଛନ୍ତି। ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲିଙ୍କ ନିକଟକୁ ସେ ଇସ୍ତଫା ପତ୍ର ପଠାଇଛନ୍ତି।

## ପାଣି ସମସ୍ୟା; ବିଧାୟକଙ୍କୁ ଜଣାଇଲେ ଗୌଡ଼ସାହି ବାସିନ୍ଦା



ବିଷମ କଟକ,୨୯।୮(ସମିସ): ପାଣି ସମସ୍ୟାକୁ ନେଇ ବିଧାୟକଙ୍କୁ ଅଭିଯୋଗ କଲେ ଗୌଡ଼ସାହି ବାସିନ୍ଦା। ରାୟଗଡ଼ା ଜିଲ୍ଲା ବିଷମ କଟକ ଗ୍ରାମପଞ୍ଚାୟତ ସଦରରେ ପାନୀୟ ଜଳ ଯୋଗାଣ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଗୌଡ଼ସାହିରେ ମୋଟ ୨୦୦ ପରିବାର ବସବାସ କରୁଥିବା ବେଳେ ଗତ ଏକ ବର୍ଷ ହେଲା ପାଣି ସମସ୍ୟା ଦେଖା ଦେଇଛି। ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତଙ୍କୁ ଲିଖିତ ଅଭିଯୋଗ ଜଣାଇବା ପରେ ମଧ କେହି ଏହି ସମସ୍ୟାର ସମାଧାନ କରିବା ଦିଗରେ ଗୁରୁତ୍ୱ ଦେଉନଥିବାରୁ ଆଜି ବିଷମ କଟକ ଗୌଡସାହିର ମହିଳା ମାନେ ବିଷମ କଟକ ବିଧାୟକ ନିଳମାଧବ ହିକ୍‌କାଙ୍କ ନିକଟରେ ଫେରାଦ ହୋଇଛନ୍ତି। ଆଜି ମଧ୍ୟାହ୍ନରେ ବିଧାୟକ ବିଷମ କଟକ କଲ୍ୟାଣ ମଣ୍ଡପରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବା ଅବସରରେ ସ୍ଥାନୀୟ ଗୌଡ଼ସାହିର ପୁରୁଷ, ମହିଳାମାନେ ବିଧାୟକଙ୍କୁ ଭେଟି ପଞ୍ଚାୟତ ତରଫରୁ ନିଅଣ୍ଟିଆ ଜଳ ଯୋଗାଣ ସମ୍ବନ୍ଧରେ ଅବଗତ କରିବା ସହ ଅଧିକାଂଶ ଦିନ ସେମାନେ ପାଣି ପାଉନଥିବାର ଅଭିଯୋଗ କରିଥିଲେ। ବିଧାୟକ ସମସ୍ତ ଅଭିଯୋଗ ଶୁଣିବା ପରେ ଜଳ ଯୋଗାଣ ସ୍ୱାଭାବିକ କରିବା ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ। ଅପରାହ୍ନରେ ନିଜେ ବିଧାୟକ ବିଷମ କଟକ ଗୌଡ ସାହିକୁ ଯାଇ ସାହିବାସିନ୍ଦା ମାନଙ୍କ ସହ ବ୍ୟକ୍ତିଗତ ଭାବେ ଜଳ ଯୋଗାଣ ଏବଂ ଅନ୍ୟାନ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଛନ୍ତି। କେଉଁ ପରିସ୍ଥିତିରେ ନିୟମିତ ଜଳ ଯୋଗାଣରେ ବ୍ୟାଘାତ ଘଟୁଛି, ସେ ସମ୍ବନ୍ଧରେ ଗ୍ରାମପଞ୍ଚାୟତ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ ଏବଂ ନିୟମିତ ଜଳଯୋଗାଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

### ସାର ଟୋକନ୍ ବଣ୍ଟନରେ ଅବ୍ୟବସ୍ଥା

## ୟୁରିଆ ଅଭାବରୁ ପୁଣି ତାତିଲେ ଚାଷୀ



ମାଲକାନଗିରି,୨୯।୮(ସମିସ): ଗତ କିଛି ଦିନ ହେଲା ସମଗ୍ର ମାଲକାନଗିରି ଜିଲ୍ଲାରେ ୟୁରିଆ ସାର ଅଭାବ ଦେଖାଦେଇଛି। ବିଶେଷ କରି ଜିଲ୍ଲାର ମାଥିଲି ଅଞ୍ଚଳରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଗତ କିଛି ଦିନ ତଳେ ହଜାର ହଜାର ଚାଷୀ ମାଥିଲି ଲ୍ୟାମ୍ପ୍‌ସ ଆଗରେ ଆନ୍ଦୋଳନ କରି ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ସାର ଘଟଣା ଯୋଗୁଁ ଲ୍ୟାମ୍ପ୍‌ସର ଏମ୍‌ଡି ଇସ୍ତଫା ଦେଇଥିଲେ। ଆଜି ଚାଷୀ ମାନଙ୍କୁ ସାର ବଣ୍ଟନର ଟୋକନ ଦେବା ବେଳେ ଏଥିରେ ଅନିୟମିତତା ଅଭିଯୋଗ କରି ପୁଣି ଚାଷୀମାନେ ତାତି ଛନ୍ତି। ଆଜି ପୁଣି ହଜାର ହଜାର ଚାଷୀ ୩୨୬ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ମାଥିଲି ମିନି ବ୍ୟାଙ୍କ ସମ୍ମୁଖରେ ଏକଜୁଟ ହେବା ଦ୍ୱାରା ରାସ୍ତା ଅବରୋଧ ହୋଇଯାଇଥିଲା। ଯଦ୍ୱାରା ବହୁ ସମୟ ଧରି ଗାଡି ଚଳାଚଳ ବାଧା ପ୍ରାପ୍ତ ହୋଇଥିଲା। ମାଥିଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଚାଷୀଙ୍କୁ ହଟାଇବାରୁ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ମାଥିଲି ବ୍ଲକରେ ୟୁରିଆ ସାର ଚାଷୀଙ୍କୁ ଆବଶ୍ୟକ ଅନୁଯାୟୀ ନ ମିଳିବାରୁ ବାରମ୍ବାର ପ୍ରଶାସନକୁ ଚାଷୀ ଅଭିଯୋଗ କରିଥିଲେ ମଧ୍ୟ ଚାଷୀଙ୍କ କଥାକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ଚାଷ କାମ ସମ୍ପୂର୍ଣ୍ଣ ହୋଇଯାଇଥିଲେ ମଧ୍ୟ ସାରର ଅଭାବ ଦେଖାଯାଇଥିଲା। ଠିକ୍ ସମୟରେ ସାର ପ୍ରୟୋଗ ନ କଲେ ଅମଳ କମିଯିବା ଆଶଙ୍କା କରି ସାର ପାଇଁ ଦୂର ଦୁରାନ୍ତରୁ ଚାଷୀ ପ୍ରତ୍ୟେକ ଦିନ ମିନି ବ୍ୟାଙ୍କ ସମ୍ମୁଖରେ ଜମା ହେଉଥିଲେ। ସାର ନ ପାଇ ଗତ ଶନିବାର ଦିନ ଲ୍ୟାମ୍ପ୍‌ସ ସମ୍ମୁଖରେ ଧାରଣା ଦେଇ ଜାତୀୟ ରାଜପଥ ଅବରୋଧ କରିଥିଲେ। ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥରେ ଯାନ ବାହନ ଚଳାଚଳ ସମ୍ପୂର୍ଣ୍ଣ ଯିବା ଆସିବା ବନ୍ଦ ହୋଇଯାଇଥିଲା। ମାଥିଲି ବିଡ଼ିଓ, ମାଥିଲି ତହସିଲଦାର ଓ ମାଥିଲି ପୋଲିସ ଆସି ବୁଝାସୁଝା କରି ଲିଖିତ ପ୍ରତିଶୃତି ଦେବା ପରେ ଚାଷୀ ରାସ୍ତାରୁ ଉଠିଥିଲେ। ବର୍ତ୍ତମାନ ୧୨ ବସ୍ତା ୟୁରିଆ ସାର ଆସିଛି। କିନ୍ତୁ ଦୁଇ ହଜାରରୁ ଅଧିକ ଚାଷୀ ଆଜି ଜମା ହୋଇଛନ୍ତି ସାର ନେବାପାଇଁ। ଯଦ୍ୱାରା ପୁଣି ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଛି। ପୁଲିସ ଉପସ୍ଥିତିରେ ଜଣେ ଚାଷୀଙ୍କୁ ଗୋଟିଏ ବସ୍ତା ଦେବା ପାଇଁ ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ଟୋକେନ ଦେଉଥିବା ଦେଖାଯାଇଛି।

# ଜଳେଶ୍ୱର ପୀଠ ସାନଟିକାରେ ନୂଆଁଖାଇ ଭେଟଘାଟ



ବଲାଙ୍ଗିର,୨୯ ।୮ (ସମିସ)

ପ୍ରସିଦ୍ଧ ଜଳେଶ୍ୱର ପୀଠ ସାନଟିକାରେ ଆଜାଦ ୟୁଥ୍ କ୍ଲବ୍ ଏବଂ ଗଣେଶ ପୂଜା କମିଟି ତରଫରୁ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଓ ଶିକ୍ଷକ ଦିଲୀପ ପଧାନ, ବରିଷ୍ଠ ଶିକ୍ଷକ ସନ୍ତୋଷ ସାହୁ, ଲେଖକ କ୍ଷେତ୍ରବାସୀ ନାଏକ ଏବଂ ଜଳେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ଅକ୍ରୁର ଥନାପତି ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜଳେଶ୍ୱର ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଅତିଥିମାନେ ନୂଆଁଖାଇର ମହିମା ବର୍ଣ୍ଣନା ପୂର୍ବକ ଗାଁରେ ଭାଇଚାରା ବଜାୟ ରଖିବା ପାଇଁ ଉଦ୍‌ବୋଧନ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

କୃତୀ ପ୍ରତିଯୋଗୀ ଅନନ୍ୟା ନାଏକ, ପ୍ରତିଭା ସୁନାନୀ, ଅଶ୍ଳେଷା ପଧାନ, ବିକି ପଧାନ, ମାନସୀ ବିଶ୍ୱାଳ, ଶିବାନୀ ବାଗ, ଶ୍ରୀୟାରାଣୀ ନାଏକ, ପ୍ରଭାସ ପଧାନଙ୍କୁ ପୁରସ୍କୃତ କରାଯାଇଥଲା । ସପ୍ତମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଅନ୍ୱେଷା ପଧାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ଉମେଶ ବିଶ୍ୱାଳ, ପ୍ରେମାନନ୍ଦ ସେଠ ଏବଂ ବିଜୟ ୟୁଏଡ ପ୍ରତିଯୋଗିତାରେ ବିଚାରକ ଥିଲେ । ଯୁବ କବି ଶିବପ୍ରସାଦ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁଶୀଳ ପଧାନ, ସୁଶାନ୍ତ ସାହୁ, ସଚିନ ପଧାନ, କିରଣ ନାଏକ, ବାବୁଲୁ ପଧାନ, ସୁଶାନ୍ତ ପଧାନ, ବରୁଣ ନାଏକ, ରିତିକ ନାଏକ ଏବଂ ଆଜାଦ ୟୁଥ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।































































# ଆର୍‌ଏସ୍‌ପିର 'ପଥ ଉତ୍ସବ' ସ୍ୱଚ୍ଛ, ସୁସ୍ଥ ରାଉରକେଲା ଗଠନ ପାଇଁ ଆହ୍ୱାନ









- ଝୁମାଇଲେ ଟି. ସୌରୀ, ସତ୍ୟଜିତ୍, ବର୍ଣ୍ଣାଳୀ, ଲିପ୍ସା
- ଏସ୍‌ଏଚ୍‌ଜି ମହିଳାଙ୍କ ଖାଦ୍ୟମେଳା ମୁଖ୍ୟ ଆକର୍ଷଣ

ରାଉରକେଲା, ୨୯।୮ (ସମିସ)

ସ୍ୱାୟତ୍ତ ଶାସନ ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ରାଉରକେଲା ମହାନଗର ନିଗମ(ଆର୍‌ଏମସି) ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ପଥ ଉତ୍ସବ' ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନାଃ ଦସ୍ତଗୀରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଥ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା, ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଏସ୍‌ପି ନିତେଶ ୱାଧୱାନୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ହନୁମାନ ବାଟିକା ଛକ ପର୍ଯ୍ୟନ୍ତ ନୃତ୍ୟ, ଗୀତ, ହାସ୍ୟ ଅଭିନେତାଙ୍କ କମେଡି, ଫୁଡ ଷ୍ଟଲରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଶୋଭାପାଇଥିଲା । ଓଲିଉଡ କଣ୍ଠଶିଳ୍ପୀ ଟି. ସୌରୀ, ସତ୍ୟଜିତ୍ ପ୍ରଧାନ, ଗାୟିକା ବର୍ଣ୍ଣାଳୀ ହୋତା, ଲିପ୍ସା ମହାପାତ୍ର ଗୋଟିଏ ପରେ ଗୋଟିଏ ଓଲିଉଡ୍‌ର ହିଟ୍ ଗୀତ ଗାଇ ଦର୍ଶକଙ୍କୁ ଝୁମାଇଥିଲେ । ହାସ୍ୟ ଅଭିନେତା ବାପି ଦର୍ଶକଙ୍କୁ ହସାଇ ବେଦମ୍ କରିଥିଲେ । ବଂଶୀ ବାଦକ ବିଭୁ ଦାସ, ଉପସ୍ଥାପିକା ଓ ଅଭିନେତ୍ରୀ ଅଙ୍କିତା ମହାନ୍ତି, ଆର୍‌ଜେ ଗୁଲ୍ଲୀ ଏବଂ ଉପସ୍ଥାପକ ଓ ଅଭିନେତା କୈଳାଶ ପାତ୍ର (କେପି)ଙ୍କ ଉପସ୍ଥାପନା ଦର୍ଶକଙ୍କୁ ବିଭୋର କରିଥିଲା । ଏଥିସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ, ବ୍ୟାୟାମ, ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବା ସହ ମହିଳାଙ୍କ ଦ୍ୱାରା ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଲୁକା ଶିଳ୍ପୀଙ୍କ ଦ୍ୱାରା ରାଉରକେଲା ମହାନଗର ନିଗମ ଲୋଗୋର ଚିତ୍ର ସହ ବାଲୁକା କଳା ପ୍ରଦର୍ଶନ ସମସ୍ତଙ୍କୁ ଆକର୍ଷିତ କରିଥିଲା । ଏଥିସହିତ ଗରିଲା, ଜୋକର, ବାମନ ଏବଂ ହାସ୍ୟ ଅଭିନେତାଙ୍କ ହାସ୍‌ରୋଳରେ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଥ ଉତ୍ସବ ମୁଖର ହୋଇଉଠିଥିଲା । ସ୍ୱାୟତ୍ତ ଶାସନ ଦିବସ ଅବ୍ୟାହତ ପୂର୍ବରୁ ରାଉରକେଲା ମହାନଗର ନିଗମ ପକ୍ଷରୁ ଏହି ପଥ ଉତ୍ସବ କରାଯାଇ ରାଉରକେଲା ଜନସାଧାରଣଙ୍କୁ ସ୍ୱଚ୍ଛ, ସୁସ୍ଥ ରାଉରକେଲା ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ଆରଏମସି ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାଏକ, ଉପ ପୌର ଆୟୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ, ଅନୀତା ନାଏକ, ତରୁଣକାନ୍ତଙ୍କ ସହିତ ମହାନଗର ନିଗମର କର୍ମଚାରୀ ବୃନ୍ଦ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଯୋଗ୍ୟତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ମହାନଗର ନିଗମ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ପଥ ଉତ୍ସବରେ ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ପ୍ରକାରର ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ରହିଥିଲା । ଶିଶୁଙ୍କ ଠାରୁ ଆରମ୍ଭ କରି ଯୁବ ବର୍ଗ, ବରିଷ୍ଠ ନାଗରିକ, ମହିଳା ତଥା ଦିବ୍ୟାଙ୍ଗମାନଙ୍କ ଲାଗି ବିଭିନ୍ନ ପ୍ରକାରର କ୍ରିୟାକଳାପ ପ୍ରଦର୍ଶିତ ହୋଇଥିଲା । ଏଥିସହ ଯୋଗ, ଜୁମ୍ବା, ଶାସ୍ତ୍ରୀୟ ନୃତ୍ୟ ଠାରୁ ଆରମ୍ଭ କରି ଆଧୁନିକ ନୃତ୍ୟ ସହ ରଙ୍ଗୋଲି, ବାଲୁକା କଳା, ଡଗ୍ ଶୋ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିସହ ସ୍ଥାନୀୟ ରାସ୍ତା ପାର୍ଶ୍ୱ ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ସାଞ୍ଜ ଉତ୍ସବ ତଥା ଖାଦ୍ୟ ମେଳା ବେଶ ଆକର୍ଷଣ ହୋଇଥିଲା ।

## ଜାତୀୟ କ୍ରୀଡ଼ା ଦିବସ



**ରାଉରକେଲା, ୨୯।୮ (ସମିସ):** ସୁନ୍ଦରଗଡ଼ର ଇଣ୍ଡୋର ଷ୍ଟାଡିୟମ୍‌ରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସଙ୍କ ତତ୍ତ୍ୱାବଧାନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ଯୋଗଦେଇ ଜାତୀୟ କ୍ରୀଡା ଦିବସର ଆଭିମୁଖ୍ୟ ଏବଂ ଯୁବଗୋଷ୍ଠୀଙ୍କ ପାଇଁ ଏହି ଦିବସ ପାଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଇଣ୍ଡୋର ଷ୍ଟାଡିୟମ୍‌ର ପରିଚାଳକ ସୁଶୀଲ କୁମାର ମିଶ୍ର ଯୋଗଦେଇଥିଲେ । ଏହି ଅବସରରେ ପ୍ରଥମେ ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ଇଣ୍ଡୋର ଷ୍ଟାଡିୟମରୁ ଏକ ଶୋଭାଯାତ୍ରା ବାହାରି ଡିଆରଡିଏ ଛକ ଦେଇ ପୁଣି ଇଣ୍ଡୋର ଷ୍ଟାଡିୟମକୁ ପ୍ରତ୍ୟାବର୍ତ୍ତନ କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ଜୀଲ୍ଲା ହକି ଆସୋଏସନର ଅଧିକାରୀ ସେଲ୍‌ଫ ବେଷ୍ଟର ତିର୍କି ଓ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ଇଣ୍ଡୋର ଷ୍ଟାଡିୟମର ସମସ୍ତ ପ୍ରଶିକ୍ଷକ ଉପସ୍ଥିତ ଥିଲେ ।

**ରାଉରକେଲା:** ରାଉରକେଲାରେ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏଥିପାଇଁ ଏକ ସାଇକେଲ ଶୋଭାଯାତ୍ରା ଉଦିତନଗର ହାଇସ୍କୁଲ ଠାରୁ ବାହାରି ସେକ୍ଟର-୧୩ ଛକ ପର୍ଯ୍ୟନ୍ତ ଯାଇଥିଲା । ଏହାକୁ ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ରାଧା ମୋହନ ନାୟକ ଓ ଅନ୍ତର୍ଜାତୀୟ କ୍ରୀଡା ରେଫ୍ରି ଅରବିନ୍ଦ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ୪୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ସଂସଦର ଅନ୍ୟତମ ଉପସଭାପତି ବିଭୁଦତ୍ତ ବେହେରା ଓ ରାଧା ମୋହନ ନାୟକ ଦିବସର ମହତ୍ୱ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ । ସଂସଦ ଶେଷରେ ସାଇକଲ କୋଚ୍ ଗୋପୀନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ । ସୁରେନ୍ଦ୍ର ପାଲ, ଆଶିଷ ପ୍ରଧାନ, ଆରତୀ ଚୌଧୁରୀ ଓ ଗୀତା ବାନାର୍ଜୀ ପ୍ରମୁଖ ସହଯୋଗ କରିଥିଲେ ।




## ଆର୍‌ଏସ୍‌ପି ଶକ୍ତି ପରିଚାଳନା ବିଭାଗ କର୍ମଚାରୀଙ୍କୁ 'ସେଲ୍ ସାବାସ' ପୁରସ୍କାର



**ରାଉରକେଲା, ୨୯।୮ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନାର ଶକ୍ତି ପରିଚାଳନା ବିଭାଗ (ଇଏମଡି)ରେ ଅଗଷ୍ଟ ୧୬ ତାରିଖରେ ଆୟୋଜିତ ହୋଇଥିବା ଏକ ପୁରସ୍କାର ସମାରୋହରେ ବିଭାଗର ୧୨ଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ କାରଖାନା ପାଇଁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ସେଲ୍‌ଫ ସାବାସ' ପୁରସ୍କାର ପୁରସ୍କୃତ କରାଯାଇଛି । ଏହି ସମାରୋହରେ ଇଏମ୍‌ଡି ବିଭାଗର ସିଜିଏମ୍ ପିଏସ୍ କାନନ ଅଧ୍ୟକ୍ଷତା କରି କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଇଏମ୍‌ଡି ବିଭାଗର ଜିଏମ୍ ଏଏସ୍ ଖାଖା ଏବଂ କେକେ ବରାଳଙ୍କ ସହିତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଶ୍ରୀ କାନନ ନିଜର ଅଭିଭାଷଣରେ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ ଛୋଟ ସୃଜନଶୀଳ ଅବଦାନ ଉଚ୍ଚ ଉତ୍ପାଦକତା, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ । ଉଲ୍ଲେଖନୀୟ ଯେ, ଏହି ପୁରସ୍କାରଗୁଡ଼ିକ ଅନେକ ଉଦ୍ୟୋଗୀ କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଥିଲା । ଯେଉଁଥିରେ ପ୍ରଥମ ଥର ପାଇଁ ବିଏଫ-୫ର ସଟ୍ କ୍ରେଟିଂ ସମୟରେ ଦକ୍ଷ ଇନ୍ଧନ ଗ୍ୟାସ ପରିଚାଳନା ସ୍ଥାପନା ଠାରୁ ସିପିପି-୧ ନିକଟରେ ଏନ୍‌ବି ୨୬୦୦ ଡିଆ ପାଇପ ଲାଇନର ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା ଏହି କାର୍ଯ୍ୟକ୍ରମକୁ ବିଭାଗର ସିନିୟର ମ୍ୟାନେଜର ହିମାଂଶୁ ମିଶ୍ର ସଂଯୋଜନା କରିଥିଲେ ।

## ସଙ୍ଗୀତ ଶିଳ୍ପୀ ସମାଜର ସଙ୍ଗୀତ ସନ୍ଧ୍ୟା



**ରାଉରକେଲା, ୨୯।୮ (ସମିସ):** ରାଉରକେଲା ସହରର ଜଣାଶୁଣା ସଙ୍ଗୀତ ଅନୁଷ୍ଠାନ ସଙ୍ଗୀତ ଶିଳ୍ପୀ ସମାଜ ପକ୍ଷରୁ ଅଗଷ୍ଟ ମାସର ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ସଭାପତି ଶରତ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନୂଆଁଖାଇ ଅବସରରେ ଓଡ଼ିଶୀ ଓ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ସହିତ ଏକ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁ ରମେଶ ସୁନାଙ୍କ ମା' ସମଲେଶ୍ୱରୀଙ୍କ ଭଜନ ପରିବେଷଣ ସହିତ ବିଶ୍ୱବନ୍ଦିତା ଦାସ ଓ ରାଜେଶ୍ୱରୀ ଜେନାଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ପାରମ୍ପରିକ ଲୋକ ନୃତ୍ୟ ସନ୍ଧ୍ୟାକୁ ଚିତ୍ତାକର୍ଷକ କରିଥିଲା । ପୂଜିତା ପଟ୍ଟନାୟକ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଗଜଲ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ ମଞ୍ଜୁଲତା ଦାସ, ଗୀତାରାଣୀ ବେହେରା, ଲକ୍ଷ୍ମୀପ୍ରୀୟା ବେହେରା, ମୀନା ମହନ୍ତ, ମଞ୍ଜୁଲତା ମୋହିନୀ, ସୁମିତ୍ରା ମଲ୍ଲିକ, ମମତା ବେହେରା ପ୍ରମୁଖ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଓ ଛାନ୍ଦ ପରିବେଷଣ କରିଥିଲେ । ବାଦ୍ୟଯନ୍ତ୍ରରେ ଗୁରୁ ନରେନ୍ଦ୍ର ନାୟକ, ଗୁରୁ ରଞ୍ଜନ ସାହୁ, ମନବୋଧ ମିଶ୍ର, ଗୁରୁ ନୃସିଂହ ଚରଣ ସାହୁ, ଗୁରୁ ପଦ୍ମନାଭ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଜିତ ବରୁଆ, ନମିତା ନାୟକ, ବଂଶୀଧର ସାହୁ, ଶୁଭେନ୍ଦୁ ପଟ୍ଟନାୟକ, ବସନ୍ତ ସାହୁ, ଦିଲ୍ଲିପ ବରିହା, ଦେବୀପ୍ରସନ୍ନ ପଟ୍ଟନାୟକ ସହଯୋଗ କରିଥିଲେ । ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବସ୍‌କୁ ଧକ୍କା ଦେଲା ହାଇଡ୍ରା; ଜଣେ ଆହତ

**ବଣାଇଁ, ୨୯।୮ (ସମିସ):** ବଣାଇଁ ଥାନା ଅନ୍ତର୍ଗତ ଦେଓଗାଁ କେନାଲ ନିକଟ ରାସ୍ତାରେ ହାଇଡ୍ରା ଧକ୍କାରେ ଯାତ୍ରୀବାହୀ ବସ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବସ୍‌ଟି ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ପାଖରେ ଥିବା ଗାଡି ସର୍ଭିସିଂ ସେଣ୍ଟରରେ ପଶିଯାଇଥିଲା । ଫଳରେ ସେଠରେ ବସିଥିବା ଜଣେ ଗ୍ରହକ ଆହତ ହୋଇଛନ୍ତି । ସୂଚନାନୁଯାୟୀ, ଭୁବନେଶ୍ୱରରୁ ବଣାଇଁ ଦେଇ ଲହୁଣୀପଡ଼ାକୁ ଯାତାୟାତ କରୁଥିବା କ୍ରୀଷ୍ଣା ଜୀ ନାମକ ଘରୋଇ ବସ୍‌ଟି ବଣାଇଁରେ ଯାତ୍ରୀମାନଙ୍କୁ ଓହ୍ଲାଇ ଲହୁଣୀପଡ଼ା ଅଭିମୁଖେ ଯାଉଥିଲା । ଏହି ସମୟରେ ବଣାଇଁ ନରେନ୍ଦ୍ର ରାସ୍ତାର ଦେଓଗାଁ କେନାଲ ନିକଟରେ ପାନୀୟଜଳ ପ୍ରକଳ୍ପରେ ନିୟୋଜିତ ଏକ ହାଇଡ୍ରା ହଠାତ୍ ରାସ୍ତା ଉପରକୁ ଆସିଯାଇଥିଲା । ଫଳରେ ହାଇଡ୍ରାର ସମ୍ମୁଖ ଭାଗଟି ବସ୍‌ର ଝରକା କାଚକୁ ଭାଙ୍ଗି ଭିତରେ ପଶି ଯିବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ନିକଟରେ ଥିବା ଗାଡି ସର୍ଭିସିଂ ସେଣ୍ଟର ଆଡକୁ ପଶିଯାଇଥିଲା । ସେଠାରେ ନିଜର ବୋଲେରୋ ଗାଡ଼ି ଧୋଇବା ପାଇଁ ସିମେଣ୍ଟ ବେଞ୍ଚରେ ବସିଥିବା କୃଷ୍ଣ ମାହାନ୍ତଙ୍କ ଉପରେ ବିଦ୍ୟୁତ୍ ଖୁଣ୍ଟଟି ପିଟି ହେବାରୁ ସେ ଆହତ ହୋଇଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ । ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଉଭୟ ଗାଡିକୁ ଥାନାକୁ ଆଣି ଘଟଣାର ତଦନ୍ତ କରୁଛି ।



## ହେରୋଇନ ଚାଲାଣକାରୀ ଗିରଫ



**ରାଉରକେଲା, ୨୯।୮ (ସମିସ):** ହେରୋଇନ୍ ଚାଲାଣ କରୁଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ମହତାବ ରୋଡ ଆରଡିଏ ବିଲ୍ଡିଂର ଚାଲାଣକାରୀ ଏମ୍‌ଡି ଇମରାନ ଆଲମ୍ (୩୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତା'ଠାରୁ ୩୪ ଗ୍ରାମ ୭୪ ମିଲିଗ୍ରାମ ଓଜନର ହେରୋଇନ୍, ଗୋଟିଏ ମୋବାଇଲ ଓ ୭୦୦ ଟଙ୍କା ଜବତ କରାଯାଇଛି । ସୂଚନା ମୁତାବକ, ଟ୍ରାଫିକ ଗେଟ୍ ଛକ ଦେଇ ହେରୋଇନ୍ ଚାଲାଣ ହେଉଥିବା ସୂଚନା ମିଳିଥିଲା । ଏସ୍‌ଆଇ ସେବତୀ ସିଂ ନିଜ ଟିମ୍ ସହ ଚଢ଼ଉ କରି ଧରିବାରେ ସକ୍ଷମ ହୋଇଥିଲେ । ଗିରଫ ଇମରାନ ନାଁରେ ପୂର୍ବରୁ ବନ୍ଧମୁଣ୍ଡା ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି ।

## ଓଡ଼ିଆ ଅସ୍ମିତା ଓ ଭାଷା ସାହିତ୍ୟ ସଂପାନ

# 'ନିଜ ଭାଷା ସାହିତ୍ୟକୁ ନେଇ ଗର୍ବ କରିବା ଅହଂ ନୁହେଁ'




**ରାଉରକେଲା, ୨୯।୮ (ସମିସ):** ନିଜ ମାଟି, ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଗର୍ବ କରିବା ଅହଂ ପ୍ରବଣ ନୁହେଁ, ବରଂ ବରଂ ନିଜ ପରିଚୟକୁ ବିଶ୍ୱରେ ଜାହିର କରିବାର ଏକ ପ୍ରବଣତା । ଦୁଇ ହଜାର ବର୍ଷ ଧରି ଓଡ଼ିଆ ଭାଷା କେନ୍ଦ୍ରିକ ଜନଗୋଷ୍ଠୀର ନିରବଚ୍ଛିନ୍ନ ପ୍ରୟାସରୁ ଓଡ଼ିଆ ଜାତି ଭିତରେ ସୃଷ୍ଟି ହୋଇଛି ଅସ୍ମିତାବୋଧ ବୋଲି ବିଶ୍ରାସ୍ଥିତ ଏସ୍‌ଆର୍ କଲେଜ୍‌ଠାରେ 'ଓଡ଼ିଆ ଅସ୍ମିତା ଭାଷା, ସାହିତ୍ୟ, ପ୍ରଦେଶ ଗଠନ' ଶୀର୍ଷକ ସମ୍ପାନରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କ୍ଷୀରୋଦ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଐତିହାସିକ ଡକ୍ଟର ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଅସ୍ମିତା ଗଠନ ଅନ୍ତରାଳରେ ଥିବା ସାହିତ୍ୟ ଓ ଐତିହାସିକ ପ୍ରେକ୍ଷାପଟକୁ ବିଶଦ ରୂପେ ପର୍ଯ୍ୟାଲୋଚନା କରିଥିଲେ । ମୁଖ୍ୟ ବକ୍ତା ଅଡ଼ଶପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ପ୍ରଶାନ୍ତ କୁମାର ପ୍ରଧାନ ଓଡ଼ିଶାର ସାଂସ୍କୃତିକ ବିବିଧତା ଓଡ଼ିଆ ଅସ୍ମିତା ଗଠନରେ ପ୍ରମୁଖ ଭୂମିକା କିପରି ଗ୍ରହଣ କରିଛି ତାର ସମ୍ୟକ୍ ସୂଚନା ଦେଇଥିଲେ । ଅଧ୍ୟାପକ ସରୋଜ କୁମାର ମହାତୋ, ନୃସିଂହ ଚରଣ ମହାନ୍ତି, ପ୍ରିୟବ୍ରତ କର, ବସନ୍ତ କୁମାର ରଣା, ସୁବାସ ଦାସ, ଅଧ୍ୟାପିକା ଭି. ଲାବଣ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଓଡ଼ିଆ ଅଧ୍ୟାପିକା ଡକ୍ଟର ନଗେନ କୁମାର ଦାସ ମଞ୍ଚ ପରିଚାଳନା କରିବା ସହ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେଲ୍ ପକ୍ଷରୁ ଆଇଏନ୍‌ଏସ୍ ଉଦୟଗିରି ଓ ହିମଗିରି ପାଇଁ ଇସ୍ପାତ ଯୋଗାଣ

ରାଉରକେଲା, ୨୯।୮ (ସମିସ)



ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତର ସର୍ବବୃହତ ରାଷ୍ଟ୍ରାୟତ ଇସ୍ପାତ ଉତ୍ପାଦକ ଏବଂ ମହାରତ୍ନ କମ୍ପାନୀ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ) ଭାରତୀୟ ନୌସେନାର ଦୁଇଟି ଉନ୍ନତ ଫ୍ରଣ୍ଟଲାଇନ୍ ଯୁଦ୍ଧଜାହାଜ ଆଇଏନ୍‌ଏସ ଉଦୟଗିରି ଏବଂ ଆଇଏନଏସ ହିମଗିରି ପାଇଁ ପ୍ରାୟ ୮୦୦୦ ଟନ୍ କ୍ରିଟିକାଲ୍-ଗ୍ରେଡ୍ ଇସ୍ପାତ ଯୋଗାଣ କରି ଦେଶର ପ୍ରତିରକ୍ଷା କ୍ଷେତ୍ର ସହ ଏହାର ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ଜାରି ରଖିଛି । ଅଗଷ୍ଟ ୨୬ ତାରିଖରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ବିଶାଖାପାଟଣାରେ ଆୟୋଜିତ ଏକ ସମାରୋହରେ ଉଭୟ ଫ୍ରିଗେଟ୍‌କୁ ଭାରତୀୟ ନୌସେନାରେ ସାମିଲ କରାଯାଇଥିଲା । ଭାରତୀୟ ନୌସେନାର ଏହି ଉଭୟ ଉନ୍ନତ ଯୁଦ୍ଧଜାହାଜ ନିର୍ମାଣରେ ସେଲ୍‌ଫ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ମାଜାଗାନ୍ ଡକ୍ ସିପବିଲ୍ଡର୍ସ ଲିମିଟେଡ୍ (ଏମଡିଏଲ) ଏବଂ ଗାର୍ଡେନ୍ ରିଚ୍ ସିପବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଲିମିଟେଡ୍ ସହିତ ସହଭାଗୀତା କରି କମ୍ପାନୀ ଏହାର ବୋକାରୋ, ଭିଲାଇ ଏବଂ ରାଉରକେଲା ଇସ୍ପାତ କାରଖାନାରୁ କ୍ରିଟିକାଲ୍ ଗ୍ରେଡ୍ ହଟ୍-ରୋଲଡ୍ ସିଟ୍ ଏବଂ ପ୍ଲେଟ୍ ଯୋଗାଇଦେଇଛି । ଭାରତୀୟ ନୌସେନା ପାଇଁ କ୍ରିଟିକାଲ-ଗ୍ରେଡ୍ ଇସ୍ପାତର ବିକାଶ ଏବଂ ଯୋଗାଣ ମାଧ୍ୟମରେ, ସେଲ ପ୍ରତିରକ୍ଷା କ୍ଷେତ୍ରରେ ଆମଦାନୀ ବିକଳ୍ପ ଏବଂ ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ରାଉରକେଲା ଇସ୍ପାତ କାରଖାନାର 'ସ୍ପେଶାଲ୍ ପ୍ଲେଟ ପ୍ଲାଣ୍ଟ' କେବଳ ଟ୍ୟାଙ୍କ, ଯୁଦ୍ଧଜାହାଜ ଏବଂ କ୍ଷେପଣାସ୍ତ୍ର ଭଳି ପ୍ରତିରକ୍ଷା ପ୍ରୟୋଗ ପାଇଁ ଏକ ଲକ୍ଷ ଟନ୍‌ରୁ ଅଧିକ କ୍ରିଟିକାଲ-ଗ୍ରେଡ୍ ଇସ୍ପାତ ଯୋଗାଇଦେଇଛି । ସୁପ୍ରତିଷ୍ଠିତ ଆଇଏନଏସ ବିକ୍ରାନ୍ତ, ଆଇଏନଏସ ନୀଳଗିରି, ଆଇଏନଏସ ଅଜୟ, ଆଇଏନଏସ ନିସ୍ତାର, ଆଇଏନ୍‌ଏସ୍ ଅର୍ନାଲା, ଆଇଏନ୍‌ଏସ୍ ବିନ୍ଧ୍ୟଗିରି ଏବଂ ଆଇଏନ୍‌ଏସ୍ ସୁରଟ ଭଳି ବୃହତ୍ତ ଯୁଦ୍ଧ ଜାହାଜ ପାଇଁ କ୍ରିଟିକାଲ-ଗ୍ରେଡ୍ ଇସ୍ପାତ ଯୋଗାଣର ଏକ ଗର୍ବିତ ଇତିହାସ ସହିତ ଭାରତର ପ୍ରତିରକ୍ଷା କ୍ଷେତ୍ର ସହିତ ସେଲର ସ୍ଥାୟୀ ସହଭାଗୀତା ରହିଆସିଛି । ଏହି ଅଟଳ ପ୍ରତିବଦ୍ଧତା ଏକ ବିଶ୍ୱସ୍ତ ଜାତୀୟ ନିର୍ମାତା ଏବଂ ଦେଶର ଚାଲିଥିବା ନୌସେନା ଆଧୁନିକୀକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବରେ ସେଲର ସ୍ଥିତିକୁ ସୁଦୃଢ଼ କରେ ।

# ଆତ୍ମୀୟତାର ଭାବ ଦେଇଛି ନୂଆଁଖାଇ ଭେଟ୍‌ଘାଟ୍








## ● ବଳରାମ ଦେବ କ୍ଲବ୍

ବରଗଡ଼,୨୯।୮ (ସମିସ): ବରଗଡ଼ ବଳରାମ ଦେବ କ୍ଲବ୍ ପକ୍ଷରୁ କ୍ଲବ୍ ସଭାପତି ଆଇନଜୀବୀ ସରୋଜ ଷଡଙ୍ଗୀଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଶିଳ୍ପପତି ତଥା ସମାଜସେବୀ ଚନ୍ଦ୍ରଶେଖର ବାଗ, କାଉନସିଲର ରୀନା ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଲେଖକ ସୁମନ୍ତ ଭୋଇ, ନିର୍ଦ୍ଦେଶକ ଅଶୋକ ବେହେରା ଓ ସହନିର୍ଦ୍ଦେଶଙ୍କ 'ମହାପୁରୁ ଅଛ କାଏଁ' କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ଉପସଭାପତି ସୁଧିର ଦାଶ, ସମ୍ପାଦକ କ୍ଷେତ୍ରପାଳ ସାହୁ, ସହସମ୍ପାଦକ ଚିନ୍ତାମଣି ପରିଡା, କୋଷାଧ୍ୟକ୍ଷ ସୁରେଶ ଗନ୍ତାୟତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାଶ, ଶଙ୍କର ପ୍ରସାଦ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ଦାଶ, ଜିତେନ ଟଣ୍ଡା, ଆଇନଜୀବୀ ବୈକୁଣ୍ଠ ଷଡଙ୍ଗୀ, ଅନୀଲ ବିଶି, ଜିତୁ ରାଉତ, ଅମରେଶ ତ୍ରିପାଠୀ, ଟୁନା ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ନୂଆଁଖାଇ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଖଜୁରଟିକ୍ରା ବାସୀ ସମସ୍ତେ ନିଜ ନିଜ ଭିତରେ ବଡ ମାନଙ୍କୁ ନୂଆଁଖାଇ ଜୁହାର ଓ ସାନ ମାନଙ୍କୁ ଆଶୀର୍ବାଦ ଦେଉଥିବା ଦେଖା ଯାଇଥିଲା।

## ● ମାଣ୍ଡୋସିଲ ପୁରାତନ ଛାତ୍ର ସଂସଦ

ପାଇକମାଳ: ପାଇକମାଳ ବ୍ଲକ୍ ମାଣ୍ଡୋସିଲ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଗୋକୁଳାନନ୍ଦ ଡନସନାଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଧୋବା ପ୍ରଧାନ ଓ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଞ୍ଜୀବ ମହାନ୍ତି, ଧନପତି ସାହୁ, ନିର୍ମଳ ପୁରୋହିତ, ଭୁବନାନନ୍ଦ ସାହୁ, ବିବେକ ଭୋଇ, ଗୋକୁଳରାମ ଡନସନା ନିଜ ନିଜ ବକ୍ତବ୍ୟ ରଖିଥିଲେ। ସଭାରେ ତପନ ବହିଦାର, ଅନିରୁଦ୍ଧ ପଣ୍ଡା, ଗୋପୀନାଥ ସାହୁ, ଆକାଶ ସାହୁ ସମେତ ପୁରାତନ ଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମହେନ୍ଦ୍ର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ● ଏବିସିଡିର ନୂଆଁଖାଇ ଭେଟ୍‌ଘାଟ୍

ପଦ୍ମପୁର: ପଶ୍ଚିମାଞ୍ଚଳର ମୁଖ୍ୟ ପର୍ବ ନୂଆଁଖାଇ ଭେଟଘାଟ ପଦ୍ମପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବିସିଡି ତରଫରୁ ସ୍ଥାନୀୟ ରାଜବୋଡା ସମ୍ବର ହାଇସ୍କୁଲ ପ୍ରାଙ୍ଗଣରେ ପାଳନ ହୋଇଯାଇଛି। ସଭାପତି ଅନୀଲ ବେହେରା ପ୍ରଥମେ ଗାଁ ଝାଙ୍କର ସୁରେଶ ଡୁଡୁକାଙ୍କୁ ଉତ୍ତରୀୟ ଦେଇ ମଞ୍ଚକୁ ସ୍ୱାଗତ କରିଥିଲେ। ଝାଙ୍କର ସମଲେଇ ମାଁଙ୍କର ପୂଜା କରି ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭିକ ସଂଗୀତ ପ୍ରତ୍ୟୁଷ ମିଶ୍ର ପରିବେଷଣ କରିଥିଲେ। ଏବିସିଡି ସମ୍ପାଦକ ରଘୁନାଥ ପୁରୀ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ନାଟ୍ୟକାର କେଶରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ମନିସ ରଥ ଓ ସାଗରୀକା ଶବର ମଞ୍ଚ ପରିଚାଳନା କରିଥିଲେ। ରମେଶ ଗୁର୍ଲାଙ୍କ ମଞ୍ଚ ସାଜସଜ୍ଜା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ବକ୍ତା ଭାବେ ଅଞ୍ଚଳ କଲେଜ ଅଧ୍ୟକ୍ଷ ଖଗେଶ୍ୱର ଦାଶ ଯୋଗ ଦେଇଥିଲେ। ମଞ୍ଚ ଉପରକୁ ସବୁ ସମ୍ପ୍ରଦାୟର ପ୍ରତିନିଧି ଆସି ନୂଆଁଖାଇ ଜୁହାର ଜଣାଇଥିଲେ। ସଫଳ ଚାଷୀ ଯୁଗୀବନ୍ଦଳୀ (ଗନିଆପାଲି)ର ଚାଷୀ ରାହାସ ବାଙ୍କଙ୍କୁ ସମ୍ମାନିତ କରାଗଲା। ପ୍ରଜ୍ଞାପ୍ରାପ୍ତି ନାଥଙ୍କ ସମଲେଇ ଭଜନ, ଲମ୍ବ୍ରଜୁନାର ମମତା ବରିହାଙ୍କ ଓଡ଼ିଶୀ ନୃତ୍ୟ ସହ ଡୋଲମହୁରୀ କଳା ପରିଷଦ ବଲାଙ୍ଗିର, ଉତ୍କଳିକା ଓଡ଼ିଶୀ ଭୁବନେଶ୍ୱର, ମୁହୁରିଆ କଳା ପରିଷଦ ହାତିସରା ଦଳ ନୃତ୍ୟ ପରିବେଷଣ କରିଥିଲେ। ହାପ୍ପୀ ଡ୍ୟାନ୍ସ ଏକାଡେମୀ ପଦ୍ମପୁରର ଛୋଟ ଛୋଟ ଛୁଆ ମାନଙ୍କର ନାଚ ଦେଖିକରି ଦର୍ଶକ ମାନେ ମନ୍ତ୍ରମୁଗ୍ଧ ହୋଇଥିଲେ। ନୂଆଁଖାଇ ଭେଟ୍‌ଘାଟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରଥମ କରି ଚଳିତ ବର୍ଷ ଚେସ ପ୍ରତିଯୋଗିତା ହୋଇଥିଲା। ଏବିସିଡି ସଦସ୍ୟ ସହସମ୍ପାଦକ ପ୍ରତାପ ନାଥ, ଲିଙ୍ଗରାଜ ସାହୁ (ସମ୍ପଦ), ରବୀନ୍ଦ୍ର ଦାଶ, ଅମୀୟ ପୁରୋହିତ, ଶାନ୍ତସଂଗ୍ରାମ ଭୋଇ, ଅଂଶୁମାନ ମେହେର, ସୁମନ୍ତ ସାହୁ, ସରୋଜ ଦାନି, ସୁନୀଲ ଭୋଇ(କୁନୁ), ସରୋଜ ଯୋଶୀ, ସୁରେଶ ମିଶ୍ର, ସହଦେବ ମେହେର, ତୁଷାରକାନ୍ତ ପଧାନ, ଇନ୍ଦ୍ରମଣି ପୁରୋହିତ, ସୁରେନ୍ଦ୍ର ସାହୁ, ଟୁନା ବାରିକ, ଗୋପବନ୍ଧୁ ଶିକ୍କା, ବିକ୍ରମ ପଧାନ, ଦୀପକ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ● ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଜଳଖିଆ ବଣ୍ଟନ

ବରଗଡ଼: ମହାନ କୃଷି ଭିତ୍ତିକ ଗଣପର୍ବ ଉପଲକ୍ଷେ ଶୁକ୍ରବାର ମାଁ ଏକ୍ ଟକିଆ ଜଳଖିଆ ଅନୁଷ୍ଠାନ, ସଂଯୁକ୍ତ କୃଷକ ସଂଗଠନ ଏବଂ କୋଶଳ ସେନା ତରଫରୁ ରାନ୍ଧଖାଦ୍ୟ ବଣ୍ଟନ କରାଯାଇଛି। ଜିଲ୍ଲା ଡାକ୍ତରଖାନା ଖେଦାପାଲି ଠାରେ ରୋଗୀ ଏବଂ ରୋଗୀ ପରିଜନ ପ୍ରାୟ ୩୦୦ରୁ ୪୦୦ ଜଣଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ ହୋଇଥିଲା। ନୂଆଁଖାଇ ଦିନରେ ସମସ୍ତ ହୋଟେଲ ଦୋକାନ ବନ୍ଦ ଥିବା ବେଳେ ରୋଗୀ ତଥା ସେମାନଙ୍କ ପରିଜନ ମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ନୂଆଁଖାଇ ପର୍ବରେ ବିଶ୍ୱରେ କୌଣସି ପ୍ରାଣୀ ଭୋକ ଉପାସରେ ନରହୁ ବୋଲି ଦେବଦେବୀଙ୍କୁ ପ୍ରାର୍ଥନା କରାଯାଏ। ତେଣୁ ଏହିଭଳି ପବିତ୍ର ଦିନରେ ହସ୍ପିଟାଲରରେ ରୋଗୀ ପରିଜନ ଭୋକ ଉପାସରେ ନ ରହିବା ପାଇଁ ଦୁଇବର୍ଷ ହେବ ହସ୍ପିଟାଲରେ ନୂଆଁଖାଇ ଦିନ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି। କାର୍ଯ୍ୟକ୍ରମକୁ ଉମେଶ ପଧାନ, ଉତ୍ପନ୍ନ ଭୋଇ, ସୁଦାମ ପାତ୍ର, ବୀରବଳ ମହାକୁଡ, ସୁରେଶ ନିକେଣ୍ଟି, ରମେଶ ମହାପାତ୍ର, ଅଭିନାଶ ବାଗ, ମାନସ ଭାଇ, ଧ୍ରୁବ ପଧାନ, ମଣ୍ଟୁ ପଧାନ ପ୍ରମୁଖ ପରିଚାଳନା କରିଥିଲେ।

## ● ବେନିଆଁପାଲି ଗାଁ

ଅମ୍ବାଭୋନା: ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ୍ ଅଧୀନ ଭୈନାତୋରା ପଞ୍ଚାୟତ ଅଧୀନରେ ଥିବା ବେନିଆଁପାଲି ଗାଁରେ ସ୍ଥାନୀୟ ଗଣପତି କ୍ଲବ୍ ଆନୁକୂଲ୍ୟରେ ୨୩ ତମ 'ନୂଆଁଖାଇ ଜୁହାର' ଉତ୍ସବ ମହାସମାରୋହରେ ପାଳିତ ହୋଇଛି। କ୍ଲବ୍‌ର ସଭାପତି ଡ.ସୁମନ୍ତ ଦେହେରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଚିତ୍ରଶିଳ୍ପୀ ଉମେଶ ଚନ୍ଦ୍ର ପଟେଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉମାକାନ୍ତ ଦେହେରୀ, ଗୌତମ ଦେହେରୀ, ଉତ୍ତର ଦେହେରୀ ଓ ସାନନ୍ଦ ଦେହେରୀ ଯୋଗ ଦେଇଥିଲେ। ଏହି ଅବସରରେ ଗାଁର ବୟସ୍କମାନଙ୍କୁ ବିଭିନ୍ନ ପ୍ରଜାତିର ଚାରା ଉପହାର ଦେଇ ସମ୍ମାନିତ କରାଯାଇଥିଲା। ଗୁଣସାଗର ଦେହେରୀଙ୍କୁ 'ବୈଦରାଜ ରଥ ବରିହା ସ୍ମୃତି ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା। ମହେନ୍ଦ୍ର ଦେହେରୀଙ୍କୁ 'ହର୍ଷରାମ ଦେହେରୀ ସ୍ମୃତି ସମ୍ମାନ ୨୦୨୫' ମାନପତ୍ର ସହ ଏକ ଚାରା ଉପହାର ଦେଇ ସମ୍ମାନିତ କରାଯାଇଥିଲା। କୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହିତ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗଣପତି କ୍ଲବ୍‌ର ସଦସ୍ୟ ଓ ଗ୍ରାମବାସୀ ଉତ୍ସବକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ଶେଷରେ ଦୁଃଖନାଶନ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ● ନୂଆଁଖାଇ ପାଇଁ ଚାରା ବଣ୍ଟନ

ବରଗଡ଼: ବରଗଡ଼ ବ୍ଲକ୍ ସରସରା ପଞ୍ଚାୟତ ଅଧୀନରେ ଥିବା ରେଙ୍ଗାଲ ପାଲି ଗାଁରେ ନୂଆଁଖାଇ ଉପଲକ୍ଷେ ମାଗଣା ଚାରା ବଣ୍ଟନ କରାଯାଇଛି। ଗିରିଧାରୀ ଡନସନାଙ୍କ ସଂଯୋଜନା କ୍ରମେ ରେଙ୍ଗାଲ ପାଲି ଝାଡେଶ୍ୱର ବାବା ଯୁବାମଞ୍ଚ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ପରିବେଶ ପ୍ରେମୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ଅତିଥିଙ୍କ ଦ୍ୱାରା ବୃକ୍ଷପୂଜନ କରାଯାଇଥିଲା। ଅତିଥି ଭାବେ ଦିବାକର ମାଝୀ, ସାମ୍ବାଦିକ ସୁରେନ୍ଦ୍ର ହୋତା, ଆଠ ମଲ୍ଲିକ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ପଧାନ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଧର୍ମରାଜ ଭୋଇ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ସାହୁ ଓ ମେଘନାଦ ସାହୁ, ପରିବେଶ କର୍ମୀ ଜେଠୁ ଭୋଇ, ତ୍ରିନାଥ ମହାପାତ୍ର, ଲଳିତ ମେହେର, ଖୁଣ୍ଟପାଲିର ପୂର୍ବତନ ସରପଞ୍ଚ ଦୁର୍ବାଦଳ ମେହେର ଯୋଗ ଦେଇ ଚାରାରୋପଣ ଓ ବଣ୍ଟନ କରିଥିଲେ। ଗିରିଧାରୀ ଡନସନାଙ୍କ ନିଜସ୍ୱ ଉଦ୍ୟମରେ ପ୍ରସ୍ତୁତ ଓ ସଂଗୃହୀତ ଏତାଦୃଶ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଏହି ଅବସରରେ ଔଷଧୀୟ ବୃକ୍ଷଲତା, ଫଳଚାରା ଆଦି ସର୍ବମୋଟ ୧୦୦୦ ଚାରା ବଣ୍ଟନ କରାଯାଇଥିଲା। ଚାରାରୋପଣ ଓ ବଣ୍ଟନରେ ଶିକ୍ଷକ ଟଙ୍କଧର ପ୍ରଧାନ, ଶରତ ସାହୁ, ଡିଲେଶ୍ୱର ଡନସନା, ବିଜୟ ମହାନ୍ତି, ଯାଦବ ଭୋଇ, ହିମାଂଶୁ ବଞ୍ଚୋର୍, ସତ୍ୟବନ୍ତ ଭୋଇ, ବିନୋଦ ବାଗ, ଅଂଶୁମାନ ଭୋଇ, ଦୟାସାଗର ଡନସନା, ସୌକିଲାଲ ଡନସନା, ଶୁଭମ୍ ମେହେର, ଝାଡେଶ୍ୱର ବାବା ଯୁବାସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ବୈଠକକୁ ପଙ୍କଜ ଗଡତିୟା ପରିଚାଳନା କରିଥିବା ବେଳେ ଶିକ୍ଷକ ଟଙ୍କଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିକିରା ନଦୀରୁ ନିଖୋଜ ବୃଦ୍ଧାଙ୍କ ଶବ ଉଦ୍ଧାର

ରିଆମାଳ,୨୯।୮ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ କୁଣ୍ଡେଇଗୋଳା ଥାନା କୋରଡପସି ଗାଁର ରଙ୍ଗବତୀ ପ୍ରଧାନ (୮୨) ପ୍ରାୟ ୪ ଦିନ ହେଲା ନିଖୋଜ ଥିଲେ। ଆଜି କୁଣ୍ଡେଇଗୋଳା ସ୍ଥିତ ଟିକିରା ନଦୀ କୂଳରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗାଧୋଇବାକୁ ବାକୁ ଆସି ପାଣିରେ ବୁଡି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ରଙ୍ଗବତୀ ପ୍ରାୟ ୪ ଦିନ ହେଲା ନିଖୋଜ ଥିଲେ। ଏନେଇ ତାଙ୍କ ପୁଅ କୁଣ୍ଡେଇଗୋଳା ଥାନାରେ ଅଭିଯୋଗ କରିଥିଲେ। ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ମଧ୍ୟ ପାଇ ନ ଥିଲେ। ସ୍ଥାନୀୟ କିଛି ଲୋକ ଆଜି ଟିକିରା ନଦୀ କୂଳରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ମୃତକଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ପରିବାର ଲୋକ ମୃତଦେହ ଚିହ୍ନଟ କରିବା ସହିତ କୁଣ୍ଡେଇଗୋଳା ଥାନା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚି ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିବା ପୁଲିସ ପକ୍ଷରୁ ସୂଚନା ରହିଛି।

## ନବୀନଙ୍କୁ ଭେଟିଲେ ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ

ବରଗଡ଼,୨୯।୮ (ସମିସ): ବରଗଡ଼ର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଛାତ୍ର ଜନତା ଦଳର ଆଭ୍ୟନ୍ତରୀଣ କମିଟିର ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ତେବେ ଅଚାନକ ନବୀନ ନିବାସରୁ ଶ୍ରୀ ଆଚାର୍ଯ୍ୟ ଡାକରା ପାଇ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ନବ ନିଯୁକ୍ତ ବିଜୁ ଛାତ୍ର ଜନତା ଦଳର ସଭାପତିଙ୍କ ସମେତ ସମସ୍ତ ସଦସ୍ୟ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ନବ ନିଯୁକ୍ତ ନେତୃ ମଣ୍ଡଳୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ କାମନା କରି ତାଙ୍କର ଦୀର୍ଘ, ନିରାମୟ ଜୀବନ କାମନା କରିଥିଲେ।



## ମାର୍କେଟ ବଏଜ୍ ଆସୋସିଏସନର ଗଣେଶ ପୂଜା ରଜତ ଜୟନ୍ତୀ

ଝାରସୁଗୁଡ଼ା,୨୯।୮ (ସମିସ): ବେଲପାହାଡ଼ ଗୁମାଡେରା ମାର୍କେଟ ବଏଜ୍ ଆସୋସିଏସନ ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜାର ୨୫ ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ସମାରୋହ ପାଳନ କରାଯାଉଛି। ଏହି ପୂଜା ଆସନ୍ତା ୨ ତାରିଖ ଦିନ ସମାପ୍ତ ହେବ। ମାର୍କେଟ ବଏଜ୍ ଆସୋସିଏସନ ପକ୍ଷରୁ ଗୁମାଡେରା ମୁଖ୍ୟ ବଜାରରେ ଗତ ୨୦୦୧ ମସିହାରେ କେବଳ ୧୦ ଜଣ ଆଗ୍ରହୀ ଯୁବକ ମାତ୍ର ୮ ହଜାର ମୂଲ୍ୟରେ ଗଣେଶ ପୂଜା ଆରମ୍ଭ କରିଥିଲେ। ବର୍ତ୍ତମାନ ଏହି ପୂଜା ପାଇଁ ବ୍ୟୟ ଅଟକଳ ୧୦ ଲକ୍ଷରୁ ଅଧିକ ମୂଲ୍ୟକୁ ପହଞ୍ଚିଛି। ଏଥିରେ ୧୦୦ରୁ ଅଧିକ ଯୁବକ ସଦସ୍ୟ ଭାବେ ସଂଗଠିତ ହୋଇପାରିଛନ୍ତି। ଆକର୍ଷଣୀୟ ସାଜସଜ୍ଜାରେ ପୂଜା ପେଣ୍ଡାଲ ନିର୍ମାଣ କରାଯିବା ସହ ନିଆରା ଢଙ୍ଗରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ସହିତ ଶ୍ରୀ ଗଣେଶଙ୍କ ସୁନ୍ଦର ମୂର୍ତ୍ତି ତିଆରି କରି ପୂଜାର୍ଚ୍ଚନା କରାଯାଉଛି। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ନାଚ, ଗୀତ, ବାଦ୍ୟ ସହିତ ଆସନ୍ତା ୨ ତାରିଖ ଭସାଣି ଶୋଭାଯାତ୍ରାକୁ ଆହୁରି ଆକର୍ଷଣୀୟ କରାଯିବ। ଆୟୋଜକ ଗୁମାଡେରା ମାର୍କେଟ ବଏଜ୍ ଆସୋସିଏସନର ଗଣେଶ ପୂଜା କମିଟିରେ ମୁଖ୍ୟ ପୃଷ୍ଠପୋଷକ ଭାବେ ବିପ୍ଳବ ଅଗ୍ରୱାଲ, ସଭାପତି ଭାବେ ନବୀନ ଅଗ୍ରୱାଲ, ସମ୍ପାଦକ କହ୍ନେୟା ଶା, କୋଷାଧ୍ୟକ୍ଷ ଶିଭମ ଦୁବେ, ଉପଦେଷ୍ଟା ଭାବେ ବବନ ସିଂ, ସୁନୀଲ ଅଗ୍ରୱାଲ,



ସଦସ୍ୟଙ୍କ ମଧ୍ୟରେ ରାଜେଶ ଜେନା, ସଞ୍ଜୀବ ବେହେରା, ଅମନ ମହାରାଜ, କିଶୋର ଗୁପ୍ତା, ଶୋନୁରାଏ, ହରେଶ ଅଗ୍ରୱାଲ, ଗୋବିନ୍ଦ ଗୁପ୍ତା, ଶ୍ୟାମ ରଣା, ବୀରକିଶୋର ଠାକୁର, ବଣ୍ଟି ସ୍ୱାଇଁ ପ୍ରମୁଖ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

## ବିଇଏମ୍ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

ଝାରସୁଗୁଡ଼ା,୨୯।୮ (ସମିସ): ଅଗଷ୍ଟ ୨୯ ତାରିଖ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ। ସାରା ଭାରତରେ ଏହି ଦିନକୁ ଜାତୀୟ କ୍ରୀଡା ଦିବସ ରୂପେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ବେଲପାହାଡରେ ଥିବା ଇଂଲିଶ ମିଡିୟମ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଛି। କାଉନସିଲ ଫର ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏଗଜାମିନେସନ (ସିଆଇଏସସିଇ) ର ନିର୍ଦ୍ଦେଶ ଓ ଫିଟ ଇଣ୍ଡିଆ ଆନ୍ଦୋଳନର ଏକ ଅଂଶ ବିଶେଷ ଭାବେ ଏହି କାର୍ଯ୍ୟକ୍ରମ ୨୯ ରୁ ୩୧ ତାରିଖ ଯାଏଁ ତିନି ଦିନ ଧରି ଚାଲିବ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଉପାଧ୍ୟକ୍ଷ ବିଜୟ ଗୌଡ ଉପସ୍ଥିତ ଥିବା ବେଳେ କ୍ରୀଡାବିତ ଓ କୋଚ କମଲେଶ ଶର୍ମା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ବିଭାଗର ମୁଖ୍ୟ ହମିଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ଅଞ୍ଜଳି ଶର୍ମା ଓ ଅତିଥିମାନେ ମେଜର ଧ୍ୟାନଚାନ୍ଦ ଓ କ୍ରୀଡା ଦିବସ ବିଷୟରେ ମତାମତ ରଖିଥିଲେ। ଫିଟ ଇଣ୍ଡିଆ ଦ୍ୱାରା ଦିଆଯାଇ ଥିବା ଏ ବର୍ଷର ଅଭିଯାନ 'ଏକ୍ ଘଣ୍ଟା ଖେଲ୍ କେ ମୈଦାନ ମେଁ' କୁ ଆଧାର କରି ତିନି ଦିନ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକଳାପ ଅନୁଷ୍ଠିତ ହେବ। ସ୍ପୋର୍ଟ୍ସ ସଭା, ଅଲମ୍ପିକ ମୂଲ୍ୟବୋଧ ସମ୍ବନ୍ଧରେ ବାର୍ତ୍ତା, ମନୋରଞ୍ଜନ ଖେଳ, ବକ୍ତୃତା ପ୍ରତିଯୋଗିତା, ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ସ୍ଥାନୀୟ ଖେଳ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ। ହମିଦ ମହାପାତ୍ର ସମସ୍ତ ଖେଳାଳି ମାନଙ୍କୁ ଶପଥ ପାଠ କରାଇଥିଲେ। ଶେଷରେ ଏକ ବନ୍ଧୁତ୍ୱ ହ୍ୟାଣ୍ଡବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରମଣୀ ଡିଲା, କବିତା ପଟେଲ, କର୍ମଚାରୀ ନରେଶ ସୁନା, ଟେରେସା ଖାଖା, ରିତା ନନ୍ଦ, ନିତୁ କଲେତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନୂଆଁଖାଇ ବାସି ବ୍ୟାଙ୍କ ବନ୍ଦ କଲା ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ

ଅତାବିରା,୨୯।୮ (ସମିସ): ନୂଆଁଖାଇ ବାସି ଛାଡ଼ଖାଇ ଦିନ ସରକାରଙ୍କ ଛୁଟି ଦେଇଥିବାର ସତ୍ତ୍ୱେ ବ୍ୟାଙ୍କ ଗୁଡ଼ିକ ଖୋଲିଥିବାରୁ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ପ୍ରତିବାଦ କରି ସମସ୍ତ ବ୍ୟାଙ୍କ ଗୁଡ଼ିକ ବନ୍ଦ କରାଇଛି। ଶୁକ୍ରବାର ସକାଳେ ବ୍ୟାଙ୍କ ଗୁଡ଼ିକ ଖୋଲି କାରବାର କରୁଥିବାରୁ କୋଶଳ ଆନ୍ଦୋଳନ କର୍ମୀମାନେ ଯାଇ ଅତାବିରା ଅଞ୍ଚଳର ସମସ୍ତ ୧୮ ଟି ବ୍ୟାଙ୍କ ଗୁଡ଼ିକୁ ବନ୍ଦ କରିଥିଲେ। ଏଥିରେ ଯୁବାମଞ୍ଚର କେନ୍ଦ୍ରୀୟ ସଭାପତି ଅଜିତ ପତି, ଜିଲ୍ଲା ସଭାପତି ଆଲୋକ ପଧାନ, ଜିଲ୍ଲା ସମ୍ପାଦକ ଜତିନ ନାୟକ, ଶ୍ରୀକାକନ୍ତ ପ୍ରଧାନ, କୁବେର ମହାକୁର ପିକେଟିଂ କରି ବନ୍ଦ କରାଇଥିଲେ।

## ଜାତୀୟ କ୍ରୀଡ଼ା ଦିବସ ଓ ହକି ଟୁର୍ଣ୍ଣାମେଣ୍ଟ



ରିଆମାଳ,୨୯।୮ (ସମିସ): ଜାତୀୟ କ୍ରୀଡା ଦିବସ ଅବସରରେ ରିଆମାଳ ଥାନା ଦୁଧିଆନାଳୀ ପଞ୍ଚାୟତ ଅଧୀନ ଶବରପାଲି ଖେଳ ପଡିଆରେ ସୁଧର ସଂଘ ପକ୍ଷରୁ ଶୁକ୍ରବାର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ପାଳନ କରାଯାଇଛି। ସଂଘ ସଭାପତି ଜୁସାଫ ତିର୍କୀ, ଉପସଭାପତି ଧିରଜ ଲାକ୍ରାଙ୍କ ତତ୍ତ୍ୱାବଧାନରେ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ୧୪ ତମ ଏକଦିବସୀୟ ହକି ଟୁର୍ଣ୍ଣାମେଣ୍ଟ ମଧ୍ୟ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବକୁ ସରପଞ୍ଚ ଉଦିତ ନାଏକ ଉଦ୍‌ଘାଟିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ କେଣ୍ଟେଇକୁଲିକୁ ୧-୦ ଗୋଲ ଦେଇ ପ୍ରଭାଶୁଣୀ ଚାମ୍ପିଅନ ହୋଇଛି। ସାଥିନ ଏକ୍କା, କୁଜୁର, ଆସ୍ଲିନ କେରକେଟା, ଆମନ୍ତ କୁଜୁର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଖାସୁ ଦେଇ ଉଭୟ ଦଳକୁ ପୁରସ୍କୃତ କରଯାଇ ଥିଲା। ଦିଲ୍ଲୀପ କେରକେଟା, ଇସ୍ମାଇଲ କୁଜୁର, ଆଉତାର କୁଜୁର, ଆସ୍ଲିନ କେରକେଟା, ମାଇକେଲ ଏକ୍କା, ଆଡଭେଞ୍ଜ କୁଜୁର, ଗ୍ଲେଡସନ ଲାକ୍ରା ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସମ୍ପାଦକ ଏକ୍ରା କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମେରା ଯୁବା ଭାରତ ଓ ବିର୍ସାମୁଣ୍ଡା ସଂଗ୍ରାମି କ୍ଲବ୍‌ର ମିଳିତ ସହଯୋଗରେ ବରଡାତଇଲା ହକି ପଡିଆ ଠାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କ୍ଲବ୍‌ର ସଭାପତି ସନ୍ତୋଷ ପାନ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣ୍ଡିଆପାଲି ଗାଁ ପଞ୍ଚାୟତର ସରପଞ୍ଚ ପ୍ରକାଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହକି ଜାଦୁଗର ପଦ୍ମଭୂଷଣ ଧ୍ୟାନଚାନ୍ଦ ହକି ଜଗତର ବାଦଶାହା ବୋଲି କହିବା ସହ ସେ ୩ଥର ସ୍ୱର୍ଣ୍ଣ ପଦକ ଜିଣି ଦେଶର ସମ୍ମାନ ବୃଦ୍ଧିରେ ସହାୟକ ହୋଇଥିଲେ ବୋଲି ମତ ପ୍ରକାଶ କରିଥିଲେ। ବର ଡାତଇଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଧୀରେନ୍ଦ୍ର ବେହେରା, ୱାର୍ଡ ସଭ୍ୟା ପ୍ରେମିକା ହାଁସଦା, ମେରା ଯୁବା ଭାରତ ଦେବଗଡ଼ର ପ୍ରଦୀପ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବନ୍ଧୁତ୍ୱ ପୂର୍ଣ୍ଣ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ ସମ୍ପାଦକ ଜିଦାନ ସଏ ଧନ୍ୟବାଦ ଅର୍ପଣ କରିଥିଲେ।

## ଲେଣ୍ଡା ପଞ୍ଚମ ନକ୍‌ଆଉଟ୍ ଫୁଟବଲ୍: କଦଳୀପାଲୀ ଚାମ୍ପିଅନ

ବରପାଲି,୨୯।୮ (ସମିସ): ବରପାଲି ବ୍ଲକ୍ ଲେଣ୍ଡା ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆ ପରିସରରେ ଆୟୋଜିତ ଲେଣ୍ଡା କ୍ରୀଡା ସଂସଦ ପକ୍ଷରୁ ପଞ୍ଚମ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଆୟୋଜିତ ଉଦ୍‌ଯାପନୀ ଫାଇନାଲ ମ୍ୟାଚ୍ ସିକିର୍ଡି ଓ କଦଳୀପାଲି ଦଳ ମଧ୍ୟରେ ହୋଇଥିଲା। ଏଥିରେ କଦଳୀପାଲି ଦଳ ୨-୦ ଗୋଲରେ ସର୍ବଶ୍ରେଷ୍ଠ ଦଳ ଭାବେ ଘୋଷିତ ହୋଇଥିଲା।




ଏହି ଅବସରରେ ସିକିର୍ଡି ଗାଁର ଅନ୍ତର୍ଜାତୀୟ କ୍ରୀଡାବିତ ହାରାଧନ ଭୋଇଙ୍କୁ ଲେଣ୍ଡା ଗ୍ରାମବାସୀ ତଥା କ୍ରୀଡା ସଂସଦ ତରଫରୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲା ଜଣାଶୁଣା ସମାଜସେବୀ ଡ.ବିକ୍ରମ କେଶରୀ ବାରିକ ଓ ସମ୍ମାନିତ ଅତିଥି ଭାବେ ଲେଣ୍ଡା ପଞ୍ଚାୟତ ସରପଞ୍ଚ ସୁଜାତା ବେହେରା, ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମୁରଲୀ ସାହୁ ଓ ଗାଁର ଭଦ୍ର ବ୍ୟକ୍ତି ଗଣ ଯୋଗ ଦେଇଥିଲେ। ସୌଭାଗ୍ୟ ରଞ୍ଜନ ବିଶ୍ୱାଳ ଓ ମନବୋଧ ପଧାନଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ପ୍ରଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ ଦେଇଥିଲେ।

ସପ୍ତ ଦିବସୀୟ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତାରେ ସମସ୍ତ ଖେଳକୁ ଅଫିସିଆଲ୍ ଭାବେ ଶ୍ରୀନିବାସ ରାଓ, ଅନୁରୋଧ ପଧାନ, ଚିକୁ ବଡପଣ୍ଡା, ପ୍ରଶାନ୍ତ ବେହେରା, ସୁଦାମ ପଧାନ, ନରେଶ ପଧାନ ପ୍ରମୋଦ ପଧାନ, ସୁରେଶ ବେହେରା, ରାଜେନ୍ଦ୍ର ଭୋଇ, ଜିତେନ୍ଦ୍ରିୟ ବିଦ୍ୟାଧର, ମନୋଜ ସାହୁ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଓ ରାଧାକାନ୍ତ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



# ସର୍ଭିସ୍ ରୋଡ୍‌ରେ ବେଆଇନ ପାର୍କିଂ | ବାଟ ଓଗାଳୁଛି ଘରୋଇ ବସ୍

ଭୁବନେଶ୍ୱର, ୨୯।୮ (ସମିସ)



ବରମୁଣ୍ଡା ବସ୍ ଟର୍ମିନାଲ୍‌ରେ ବସ୍ ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି। ମାତ୍ର ବସ୍ ମାଲିକମାନେ ସେଠି ବସ୍ ନ ରଖି ରାଜପଥ ସର୍ଭିସ୍ ରୋଡ୍ ଓ ଗଳି ରାସ୍ତାରେ ବେଆଇନ ପାର୍କିଂ କରୁଛନ୍ତି। ଦିନ ହେଉ ଅବା ରାତି ସବୁ ସମୟରେ ବସ୍‌ଗୁଡ଼ିକ ଅଧା ରାସ୍ତାକୁ ଅବରୋଧ କରି ରଖୁଛି। ରାସ୍ତା ସଂକୁଚିତ ହୋଇଯିବା କାରଣରୁ ସେହି ରାସ୍ତା ଦେଇ ଅନ୍ୟ ଗାଡ଼ିଗୁଡ଼ିକ ଯାତାୟାତ କଲାବେଳେ ଭୀଷଣ

**ବେଫିକର୍ ବସ୍ ମାଲିକ, ହନ୍ତସନ୍ତ ଯାତ୍ରୀ**

**ଗଳିକନ୍ଦି ରାସ୍ତାକୁ ବି ଛାଡୁନାହାନ୍ତି**

ଟ୍ରାଫିକ୍ ଜାମ୍‌ର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ଏଭଳି ଅବ୍ୟବସ୍ଥା ଲାଗିରହିଛି। ପୂର୍ବରୁ ବସ୍ ଟର୍ମିନାଲ୍ କାମ ଚାଲିଥିବାରୁ ବସ୍ ରାସ୍ତାରେ ରଖୁଛୁ ବୋଲି ବସ୍ ମାଲିକମାନେ ସଫେଇ ଦେଉଥିଲେ। ମାତ୍ର ଏବେ ବସ୍ ଟର୍ମିନାଲ୍ କାମ ପ୍ରାୟ ଶେଷ ହୋଇଗଲାଣି। ଏହା ସତ୍ତ୍ୱେ ସେମାନେ ଆଇଡିଆଲ୍ ପାର୍କିଂରେ ରଖିବା ପରିବର୍ତ୍ତେ ସର୍ବସାଧାରଣ ରାସ୍ତାରେ ଗାଡ଼ି ରଖୁଛନ୍ତି। ଏ ବାବଦରେ ପୁଲିସ ଜାଣିଥିଲେ ବି ବସ୍ ମାଲିକଙ୍କ ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉନି।

କେବଳ ପାର୍କିଂରେ ସୀମିତ ନାହିଁ ବସ୍ ମାଲିକମାନଙ୍କ ଅତ୍ୟାଚାର। ଏମାନେ ଯାତ୍ରୀ ଉଠାଇବା ଆଳରେ ଘଣ୍ଟା ଘଣ୍ଟା କାଳ ରାସ୍ତା ଉପରେ ବସ୍ ରଖୁଛନ୍ତି। ଏକାଧିକ ସ୍ଥାନରେ ଷ୍ଟପେଜ ମଧ୍ୟ କରୁଛନ୍ତି। ଏହାର ପ୍ରଭାବ ଅନ୍ୟ ଯାତ୍ରୀମାନଙ୍କ ଉପରେ ପଡ଼ିବା ଆରମ୍ଭ କରିଛି। ଏହି କାରଣରୁ ଏକାଧିକ ଯାତ୍ରୀ ଅସନ୍ତୋଷ ମଧ୍ୟ ପ୍ରକଟ କରିଛନ୍ତି। ବଡ଼କଥା ହେଉଛି ଏହି ଜାମ୍ ସ୍ଥାନୀୟ ବାସିନ୍ଦାଙ୍କୁ କଲବଲ କରୁଛି। ବରମୁଣ୍ଡା ଓୟୁଏଟି ଚାଷ ଜମି ପାର୍ଶ୍ୱ ସର୍ଭିସ୍ ରୋଡ୍‌ରେ ମାସ ମାସ ଧରି ବସ୍ ରାସ୍ତାରେ ଥୁଆହୋଇଛି। ତେଣୁ ବସ୍ ଷ୍ଟାଣ୍ଡରୁ ଖୋର୍ଦ୍ଧା ପାର୍ଶ୍ୱକୁ ଯାଉଥିବା ଗାଡ଼ିଗୁଡ଼ିକ ସଂକୁଚିତ ରାସ୍ତା ଦେଇ ଗଲାବେଳକୁ ଟ୍ରାଫିକ୍ ଜାମ୍ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ସେହିଭଳି ତପୋବନ ସ୍କୁଲ୍ ପାର୍ଶ୍ୱ ରାସ୍ତା ଉପରେ ବେଆଇନ ପାର୍କିଂ ହେଉଥିବାରୁ ଲୋକମାନେ ଯାତାୟାତ କରିବାକୁ ମାତ୍ର ୫-୬ ଫୁଟ୍ ରାସ୍ତା ରହୁଛି। ଦିନ ସମୟରେ ଲୋକମାନେ ଯେନତେନ ପ୍ରକାରେ ଯା’ଆସ କରୁଛନ୍ତି। ମାତ୍ର ସନ୍ଧ୍ୟା ସମୟରେ କାର୍ ଅନ୍ୟ ଗାଡ଼ି ଯାତାୟାତ କରୁଥିବା ହେତୁ ବହୁ ସମସ୍ୟା ହେଉଛି। ଏନେଇ ସ୍ଥାନୀୟ ଲୋକ ବାରମ୍ବାର ପୁଲିସ ନିକଟରେ ଅଭିଯୋଗ କଲେ ବି ଫଳଶୂନ ବୋଲି ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ନାକାଗେଟ, ଘାଟିକିଆ, ବରମୁଣ୍ଡା ଗାଁରୁ ଆସୁଥିବା ବାସିନ୍ଦାମାନେ ରସୁଲଗଡ଼ ଅଭିମୁଖେ ଯିବାକୁ ଚାହିଁଲେ ସେମାନେ ଫ୍ଲାଏଓଭର ତଳେ ପଶି ଟେଲ୍‌କୋ ଛକ ନିକଟରେ ଜାତୀୟ ରାଜପଥକୁ ଉଠିବେ। କିନ୍ତୁ ଏହି ଜାତୀୟ ରାଜପଥ ପାର୍ଶ୍ୱ ରାସ୍ତାକୁ ଏବେ ମାଡ଼ି ବସିଛି କେତେକ ବସ୍। ଏହି ବସ୍ ଗୁଡ଼ିକ ବସ୍‌ଷ୍ଟାଣ୍ଡ ଭିତରକୁ ନ ଯାଇ ସେଠାରେ ବେଆଇନ ଭାବେ ପାର୍କିଂ କରୁଛନ୍ତି। ଆଉ କେତେକ ବସ୍ ସେହି ରାସ୍ତା ଉପରେ ଯାତ୍ରୀ ମଧ୍ୟ ଉଠାଉଛନ୍ତି। ଯାହା ଫଳରେ ଅନ୍ୟ କାର୍ ଚାଳକମାନଙ୍କଠାରୁ ଆରମ୍ଭ କରି ବାଇକ୍ ଓ ଅଟୋ ଚାଳକମାନେ ଏହି ଭିଡ଼ ଭିତରେ ଫସି ଯାଉଛନ୍ତି। ଏପରିକି ବରମୁଣ୍ଡା, ନାକାଗେଟ, ଘାଟକିଆ ଅଞ୍ଚଳରୁ ଆମ୍ବୁଲାନ୍ସ ଆସିବା ବେଳେ ମଧ୍ୟ ଏହି ଭିଡ଼ ଭିତରେ ଫସି ଯାଉଛି। ବେଆଇନ ପାର୍କିଂ ହେଉଥିବା ସ୍ଥାନରେ ପୁଲିସ ବିଭିନ୍ନ ସମୟରେ ଚଢ଼ଉ କରି ଜରିମାନା ଆଦାୟ କରିଥାଏ। କିନ୍ତୁ ସେଠାରେ କେବେ ବି ଟ୍ରାଫିକ ପୁଲିସ ଚଢ଼ଉ କରିଥିବା ଦେଖାଯାଇ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଫ୍ଲାଏ ଓଭର ତଳେ ଏକାଧିକ ଟ୍ରାଫିକ ପୁଲିସ/ପୁଲିସ ଜଗି ରହୁଛନ୍ତି। କିନ୍ତୁ ସେମାନେ ଏଭଳି ସମସ୍ୟା ଦେଖୁଥିଲେ ମଧ୍ୟ କିଛି ପଦକ୍ଷେପ ନେଉନାହାନ୍ତି।

## ଜମି ହଡ଼ପ ଉଦ୍ୟମ; ଅଲେଖ ଗିରଫ

**ପୂର୍ବରୁ ରହିଛି ୧୫ ମାମଲା**



ଭୁବନେଶ୍ୱର,୨୯।୮ (ସମିସ): ଜମିହଡ଼ପଉଦ୍ୟମକରିଥିବା ଅଭିଯୋଗରେ କୁଖ୍ୟାତ ଅଲେଖକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭୁବନେଶ୍ୱର ଉପକଣ୍ଠବର୍ତ୍ତୀ ଶ୍ୟାମପୁର-ନୂଆଗାଁର ଅଲେଖ ବେହେରା।

ପୁଲିସ ସୂଚନା ଅନୁସାରେ, ବ୍ୟବସାୟୀ ତଥା ବରିଷ୍ଠ ନାଗରିକ ଶିବପ୍ରସାଦ କର ପ୍ରାୟ ୧୫ ବର୍ଷ ପୂର୍ବେ ତାଙ୍କ ପତ୍ନୀ ଓ ଝିଅଙ୍କ ନାମରେ ନୂଆଗାଁ ମୌଜାରେ ଜମି କିଣିଥିଲେ। ନିୟମିତ ଭାବେ ଜମିର ଖଜଣା ଦେବା ସହ ଦଖଲରେ ରହି ଆସୁଛନ୍ତି। ସେଠାରେ ପ୍ରାୟ ୩୦୦ ଗଛ ଲଗାଇବା ସହ ବେଣୁଧର ପରିଡ଼ା ନାମକ ବ୍ୟକ୍ତିଙ୍କୁ ଉକ୍ତ ଜମି ଭଡ଼ାରେ ଦେଇଛନ୍ତି। ହେଲେ ସ୍ଥାନୀୟ ଅଞ୍ଚଳର ଅଲେଖ ବେହେରା ପ୍ରାୟ ୧୫ ବର୍ଷ ହେବା ଜମିକୁ ଜବରଦଖଲ କରିବାକୁ ଉଦ୍ୟମ କରି ଆସୁଥିଲା। ଅଲେଖ ଗତ ୨୧ ତାରିଖ ରାତିରେ ଉକ୍ତ ଜମିକୁ ଯାଇ ଭଡ଼ା ନେଇଥିବା ବେଣୁଧରଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବା ସହ ସ୍ଥାନ ଛାଡ଼ି ଚାଲିଯିବାକୁ ଧମକ ଦେଇ ଆସୁଥିଲା। ଖବର ପାଇବା ପରେ ଏହାର ପରଦିନ ଜମି ମାଲିକ ତଥା ବରିଷ୍ଠ ନାଗରିକ ଶିବପ୍ରସାଦ କର ସେଠାକୁ ଯାଇଥିବା ବେଳେ ଅଲେଖ ତାଙ୍କୁ ମଧ୍ୟ ଛାଡ଼ି ନଥିଲା। ଶିବପ୍ରସାଦଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲା। ଏନେଇ ଶ୍ରୀ କର ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ଅଲେଖକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଇଏ ପ୍ରଥମ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ଅଲେଖ ନାମରେ ୧୫ରୁ ଅଧିକ ମାମଲା ରହିଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି।

## ଗୋରୁଗାଡ଼ି ଭଙ୍ଗାରୁଜା ଘଟଣା; ୩ ଗିରଫ



ଭୁବନେଶ୍ୱର, ୨୯।୮ (ସମିସ): ବରମୁଣ୍ଡା ଫ୍ଲାଏଓଭରେ ଗାଇ ଗାଡ଼ି ଅଟକାଇ ଭଙ୍ଗାରୁଜା ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଟାଙ୍ଗୀ ଥାନା ମଙ୍ଗଳାଯୋଡ଼ି ଗାଁର ବିଟୁଲ୍ ସାହୁ ଓରଫ୍ (୨୩), ସହିଦନଗର ଥାନା ବାୟାବାବା ବସ୍ତିର ରବି ସାଥୁଆ (୧୮) ଓ କଟକ ଜିଲ୍ଲା ଗୋବିନ୍ଦପୁର ଥାନା କନ୍ଦଳର ମଣ୍ଟୁ ମଲ୍ଲିକ (୧୯)। ପୁଲିସ ସୂଚନା ଅନୁସାରେ, ଭଦ୍ରକର ଦାମୋଦର ଦାସ ଓ ଅନ୍ୟ ଦୁଗ୍ଧ ଚାଷୀମାନେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଆନ୍ଧ୍ରପ୍ରଦେଶରୁ କିଛି ଗାଈ କିଣିଥିଲେ। ପିକପ୍ ଭ୍ୟାନରେ ଗାଈ ଆଣି ଆନ୍ଧ୍ରପ୍ରଦେଶରୁ ନିଆଳି ଆଡ଼କୁ ଯାଉଥିଲେ। ବିଟୁଲ୍, ରବି, ମଣ୍ଟୁ ଓ ତାଙ୍କର ୩-୫ ଜଣ ସହଯୋଗୀ ଗାଈ ଗାଡ଼ିର ପିଛା କରି ବରମୁଣ୍ଡା ଫ୍ଲାଏଓଭରରେ ଅଟକାଇଥିଲେ। ପାଖରେ ବୈଧ କାଗଜ ପତ୍ର ସବୁ ଥିବା ସତ୍ତ୍ୱେ ଅଭିଯୁକ୍ତମାନେ ସେସବୁ ନ ଶୁଣି ଖଣ୍ଡା ଓ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନଙ୍କ ପାଖରେ ଥିବା ଟଙ୍କା ଓ ମୋବାଇଲ ଫୋନ ସବୁକୁ ଛଡ଼ାଇ ନେବା ସହ ପିକପ୍ ଭ୍ୟାନକୁ ବାଡ଼େଇ ଭାଙ୍ଗି ଦେଇଥିଲେ। ଏହି ଆକ୍ରମଣ ଫଳରେ ଦାମୋଦର ଓ ଅନ୍ୟ ଦୁଗ୍ଧ ଚାଷୀମାନେ ଆହତ ହୋଇଥିଲେ। ଦାମୋଦରଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, ୨୯।୮ (ସମିସ): ବାଲିପାଟଣା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଆଡହକ ଆଡିସନାଲ ସେସ୍ସନ ଜଜ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାରକରି ଆସାମୀ ଶାହାଜାନ ଖାନ୍ ଓରଫ୍ ସନିଆକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଜା ଶୁଣାଇଛନ୍ତି।

ପୁଲିସ ସୂଚନା ଅନୁସାରେ, ବାଲିପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସନିଆ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିଥିଲା। ପୀଡ଼ିତା ଦୁଇମାସର ଗର୍ଭବତୀ ଥିବା ଜାଣି ସନିଆକୁ ଜଣାଇବା ପରେ ସେ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲା। ଏଥିସହିତ ବିବାହ କରିବାକୁ ମନା କରି ଦେଇଥିଲା। ପୀଡିତା ନିଜ ପରିବାର ଲୋକଙ୍କୁ ଜଣାଇବା ପରେ କିଛି ଭଦ୍ରବ୍ୟକ୍ତି ସନିଆ ଓ ତା’ର ବାପାଙ୍କୁ ଡାକି ଅପୋଷ ବୁଝାମଣା ଲାଗି ପ୍ରୟାସ କରିଥିଲେ। କିନ୍ତୁ ସନିଆର ବାପା ଗୋଟିଏ ଦିନ ନେଇଥିଲେ ମଧ୍ୟ ପରେ ଆଉ ଧରାଛୁଆଁ ଦେଇନଥିଲା। ପୀଡ଼ିତା ଏନେଇ ବାଲିପାଟଣା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଏସ୍ଆଇ ପୁଷ୍ପଲତା ରାଉତରାୟ ପ୍ରାଥମିକ ତଦନ୍ତ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏସ୍ଆଇ ରାକେଶ କୁମାର ସାମଲ ଏହି ମାମଲାର ତଦନ୍ତ କରିଥିଲେ। ଶ୍ରୀ ସାମଲ ଅଭିଯୁକ୍ତ ସନିଆକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ୧୫ ଜଣ ସାକ୍ଷୀ ଓ ୫୭ ଗୋଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ୬ ପୋକ୍‌ସୋ ଆକ୍ଟ ଅନୁଯାୟୀ ସନିଆକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୩ ମାସର ସଶ୍ରମ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ନାବାଳିକା ପୀଡ଼ିତାଙ୍କ ଶାରୀରିକ ଓ ମାନସିକ ଆଘାତକୁ ବିଚାର କରି କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ଦେବାକୁ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## ବିଦେଶୀ ନୋଟ୍ ଚୋରି; ଜଣେ ଗିରଫ



ଭୁବନେଶ୍ୱର, ୨୯।୮ (ସମିସ): ଘର ତାଲା ଭାଙ୍ଗି ବିଦେଶୀ ନୋଟ୍ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରଣପୁର ଥାନା ଖଇରାପଲ୍ଲୀ ଗାଁର ଦେବରାଜ ନାୟକ (୨୨)।

ପୁଲିସ ସୂଚନା ଅନୁସାରେ, ବ୍ୟବସାୟୀ ପ୍ରଭାସ ଚୌଧୁରୀ ପୋଖରୀପୁଟ ଅନନ୍ତ ବିହାରରେ ରହୁଥିବା ଫେଜ-୨ ଅଞ୍ଚଳରେ ରୁହନ୍ତି। ଗତ ବୁଧବାର ବିଳମ୍ବିତ ରାତିରେ ଦେବରାଜ ଓ ତା’ର ଭାଇ ଏକ କାର ଯୋଗେ ପ୍ରଭାସଙ୍କ ଘର ନିକଟକୁ ଆସିଥିଲେ। ଘରର ମୁଖ୍ୟ କବାଟର ତାଲା ଭାଙ୍ଗି ଭିତରେ ପଶିବା ସହ ଭିତରୁ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ସହ ଟଙ୍କା ଚୋରି କରି ନେଇଥିଲେ। ଏନେଇ ପ୍ରଭାସ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କାର୍ଗିଲ ବସ୍ତି ରାସ୍ତାରୁ ଦେବରାଜକୁ ଗିରଫ କରିଥିଲା। ତା’ ଠାରୁ ୪୨୦ ଆମେରିକୀୟ ଡଲାର, ଆପେଲ ଆଇ ପାଡ୍, ସ୍ପିକର, ପାୱାର ବ୍ୟାଙ୍କ, କାର, ଲୁହା ଛଡ଼ ଓ ମଦ ବୋତଲ ଜବତ କରିଥିଲା।

## ପଳାଶୁଣୀ ଛକରୁ ଧରାପଡ଼ିଲା ଗଞ୍ଜେଇ ବେପାରୀ

ଭୁବନେଶ୍ୱର, ୨୯।୮ (ସମିସ): ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଆଖଣ୍ଡଳମଣି ବସ୍ତିର ସୁବାସ ଛୋଟରାୟ (୫୪)। ପୁଲିସ ସୂଚନା ଅନୁସାରେ, ପଳାଶୁଣୀ ଅଞ୍ଚଳରେ ଗଞ୍ଜେଇ ବିକ୍ରି ହେଉଥିବା ନେଇ ମଞ୍ଚେଶ୍ୱର ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ପଳାଶୁଣୀସ୍ଥିତ ଓସିସି ଛକରେ ଚଢ଼ଉ କରି ତା’ ହେପାଜତରୁ ମୋଟ ୧୧୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା ପୁଲିସ। ସେ ଦୀର୍ଘ ଦିନ ହେବ ଖୋର୍ଦ୍ଧା ଅଞ୍ଚଳରୁ ସଂଗ୍ରହ କରି ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା।

## ଲାଞ୍ଚ, ଦୁର୍ନୀତି ମାମଲାରେ ୨ କର୍ମଚାରୀଙ୍କୁ ସଜା

**ଟାଉନ୍ ପ୍ଲାନରଙ୍କୁ ୩ ବର୍ଷ, ସହାୟକ ଯନ୍ତ୍ରୀଙ୍କୁ ୨ବର୍ଷ ଜେଲ୍**

ଭୁବନେଶ୍ୱର,୨୯।୮ (ସମିସ): ଗୋଟିଏ ଦିନରେ ୨ଜଣ ସରକାରୀ କର୍ମଚାରୀଙ୍କୁ ଜେଲ୍‌ଦଣ୍ଡ ମିଳିଛି। ଲାଞ୍ଚ ମାମଲାରେ ଭୁବନେଶ୍ୱର ବିଡିଏର ପୂର୍ବତନ କନିଷ୍ଠ ଟାଉନ୍ ପ୍ଲାନର୍ କୁଶଳ ଚନ୍ଦ୍ର ଚାଟାର୍ଜୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ସହ ଜରିମାନା ଶୁଣାଇଛନ୍ତି କୋର୍ଟ। ପ୍ରମାଣ ଏବଂ ସାକ୍ଷ୍ୟ ଆଧାରରେ ଭୁବନେଶ୍ୱର ସ୍ପେଶାଲ ଭିଜିଲାନ୍ସ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଜଣେ ଅଭିଯୋଗକାରୀଙ୍କ ଫ୍ଲାଟ୍ ଉପରେ ଆବାସିକ ଘର କରିବା ପାଇଁ ପ୍ଲାନ୍ ଅନୁମୋଦନ ପାଇଁ ସେ ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇବା ପରେ କୁଶଳଚନ୍ଦ୍ରଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା ଭିଜିଲାନ୍ସ। ସେ ଅଫିସ୍ ଭିତରେ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ସେହିପରି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍‌ର ପୂର୍ବତନ ସହାୟକ ଯନ୍ତ୍ରୀ ଗୌରହରି ସାହୁଙ୍କୁ କେନ୍ଦୁଝର ଭିଜିଲାନ୍ସ କୋର୍ଟ ୨ବର୍ଷ ଜେଲ୍‌ଦଣ୍ଡ ସହ ଜରିମାନା ଲଗାଇଛନ୍ତି। ତାଙ୍କ ନାମରେ ଥିବା ପ୍ରମାଣ ଏବଂ ସାକ୍ଷ୍ୟ ବଳରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଚମ୍ପୁଆ ବ୍ଲକ୍‌ର ମନରେଗା ସ୍କିମ୍‌ରେ ରାସ୍ତା କାମ ପାଇଁ ଆସୁଥିବା ଅର୍ଥକୁ ହେରଫେର୍ କରିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଏହାର ପ୍ରାଥମିକ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ସତ୍ୟାସତ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା।

## ମହିଳାଙ୍କୁ ହଇରାଣ କରି ଗିରଫ

ଭୁବନେଶ୍ୱର, ୨୯।୮ (ସମିସ): ମହିଳାଙ୍କୁ ହଇରାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଆଇଆରସି ଭିଲେଜରେ ରହୁଥିବା ଜଗତପୁର ଥାନା ଅଞ୍ଚଳର ଆଶିଷ ମଲ୍ଲିକ (୪୭)।

ପୁଲିସ ସୂଚନା ଅନୁସାରେ, ବେହେରା ସାହି ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ଆଶିଷ ଏକାଧିକ ମୋବାଇଲ ନମ୍ବରରୁ କଲ କରି ହଇରାଣ ହରକତ କରୁଥିଲା। ବନ୍ଧୁତା କରିବା ଲାଗି ତାଙ୍କ ଉପରେ ଚାପ ପକାଇ ଆସୁଥିଲା। ବନ୍ଧୁତା ନ କଲେ ଅପହରଣ କରି ତାଙ୍କ ଉପରେ ଏସିଡ୍ ପକାଇ ଜଳାଇ ଦେବ ବୋଲି ଆଶିଷ ଧମକ ଦେଉଥିଲା। ଫଳରେ ମହିଳା ଜଣକ ପ୍ରବଳ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ପୂର୍ବରୁ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ଆଶିଷ ଏହିଭଳି କାର୍ଯ୍ୟ ଭବିଷ୍ୟତରେ ଆଉ କରିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏହାର କିଛି ମାସ ପରେ ଆଶିଷ ପୁଣି ସମାନ ଆଚରଣ ପରିଦର୍ଶନ କରିଥିଲା। ମହିଳାଙ୍କ ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ ଆଜି ଆଶିଷକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଆତ୍ମାହୁତି ପାଲଟିଛି ଆତ୍ମହତ୍ୟାର ନୂଆ ଧାରା

ଭୁବନେଶ୍ୱର, ୨୯।୮ (ସମିସ): ବାଲେଶ୍ୱର, ବରଗଡ଼ ଏବଂ ଏବେ ଭୁବନେଶ୍ୱରରେ ନୂଆ ଧାରା ପାଲଟିଛି ଆତ୍ମାହୁତି। ଯିଏ ନ୍ୟାୟ ପାଇଲା ନାହିଁ, ପ୍ରେମରେ ବିଫଳ ଏବଂ ପାରିବାରିକ କଳହ ପାଇଁ ଅନେକ ବ୍ୟକ୍ତି ନିଆଁରେ ପୋ।ଡ଼ିହୋଇ ଆତ୍ମହତ୍ୟା କରୁଛନ୍ତି। ଯାହାକି ଆଗାମୀ ପିଢି ପାଇଁ ଶୁଭଙ୍କର ନୁହେଁ ବୋଲି ମନସ୍ତତ୍ତ୍ୱବିତ୍ କହିଛନ୍ତି। ଗୁରୁବାର ଭୁବନେଶ୍ୱରର ପାଣ୍ଡରାରେ ରହୁଥିବା ଦୀପକ କୁମାର ସାହୁ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି କରିଛନ୍ତି। ଯାତନା, ନିର୍ଯାତନା, କଳହର କରୁଣ ପରିସ୍ଥିତି ସ୍ୱରୂପ ଆତ୍ମଦାହ ଦେଉଛନ୍ତି। ମାସକ

**ଦୁର୍ବଳ ମାନସିକତା ପାଇଁ ବଢୁଛି ଆତ୍ମହତ୍ୟା**

**ପାରିବାରିକ କଳହ, ସମ୍ପର୍କରେ ବିଫଳତା ପ୍ରମୁଖ କାରଣ**

**ପୁଲିସ ପାଖରୁ ନିରାଶ ହୋଇ ନେଉଛନ୍ତି ଚରମ ନିଷ୍ପତ୍ତି**

ଭିତରେ ସାମ୍ନାକୁ ଆସିଛି ୯ଟି ମାମଲା। ଏହି ଟ୍ରେଣ୍ଡରେ କେବେ ଲାଗିବ ବ୍ରେକ୍। ତେବେ କାହିଁକି ଏ ମାନସିକତା? ଏଥିପାଇଁ କିଏ ଦାୟୀ? ରାଜ୍ୟରେ ବଢୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଓ ଛାତ୍ରୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟଣାକୁ ନେଇ ଚାରିଆଡେ ଉଦବେଗ ପ୍ରକାଶ ପାଇଛି। ପ୍ରତିକୂଳ ପରିସ୍ଥିତିରେ ଖାପ ଖୁଆଇବା ଶୈଳୀ ପିଲା ବେଳୁ ଶିଖେଇବାକୁ ପଡ଼ିବ ବୋଲି କହିଛନ୍ତି ମନସ୍ତତ୍ତ୍ୱବିତ। ବଡ଼ କଥା ହେଲା ଅନେକ ବ୍ୟକ୍ତି ଛୋଟ ଛୋଟ କଥାକୁ ନେଇ ଥାନାକୁ ଯାଉଛନ୍ତି ନ୍ୟାୟ ପାଇଁ। ହେଲେ ପୁଲିସ ସେମାନଙ୍କ କଥାକୁ ଗ୍ରହଣ ନକରି ତଡ଼ି ଦେଉଛି। ଯେଉଁଥି ପାଇଁ କିଛି ବ୍ୟକ୍ତି ବିକଳ୍ପ ନ ପାଇ ଆତ୍ମହତ୍ୟା କରୁଛନ୍ତି। କିନ୍ତୁ ଥାନାସ୍ତରରେ ପୁଲିସ ଚାହିଁ ସେମାନଙ୍କୁ କାଉଁସିଂ କରିପାରିଲେ ମାନସିକ ସ୍ତରରେ ପରିବର୍ତ୍ତନ ଆସିବ। ଯେଉଁଥି ପାଇଁ ଜଣେ ଆତ୍ମହତ୍ୟା ମାନସିକତାରେ ପରିବର୍ତ୍ତନ ଆସିବ ବୋଲି ଅନେକ କହିଛନ୍ତି।

ଆତ୍ମହତ୍ୟା ଏବେ ମୃତ୍ୟୁର ପ୍ରମୁଖ କାରଣ ପାଲଟିଛି ସମ୍ପର୍କରେ ଫାଟ। ଆତ୍ମହତ୍ୟାର ୧୦ଟି କାରଣରୁ ସପ୍ତମ କାରଣ ଭାବେ ସମ୍ପର୍କରେ ଫାଟ ରଖାଯାଇଛି। ବିଶେଷକରି ଯୁବ ପିଢି ଭଲ ପାଇ ବିଫଳ ହେବା ପରେ ଏଭଳି ଆତ୍ମହତ୍ୟା କରୁଛନ୍ତି। ସେମାନେ ଏହି ପ୍ରେମରୂପକ ମାୟା ଜାଲରୁ ବାହାରି ପାରୁନାହାନ୍ତି। ପ୍ରେମିକା ଛାଡ଼ି ଗଲେ କିମ୍ବା ପ୍ରେମିକ ଛାଡ଼ି ଗଲେ ଯୁବପିଢି ମାନସିକ ଭାରସାମ୍ୟ ହରାଇ ଏଭଳି ନିଷ୍ପତ୍ତି ନେଉଛନ୍ତି। ଆହୁରି ମଧ୍ୟ ବର୍ତ୍ତମାନ ସମୟରେ ବଢୁଥିବା ପ୍ରତିଯୋଗିତା ମନୋଭାବ ଯୋଗୁଁ ପିଲାଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଅଧିକ ମାତ୍ରାରେ ଦେଖାଯାଉଛି। ସେହିପରି କ୍ୟାରିୟରରେ ବିଫଳତା, ଆଉ ସମ୍ପର୍କରେ ତିକ୍ତତା ଯୋଗୁଁ ମଧ୍ୟ ଏଭଳି ଘଟଣା ଘଟୁଛି।

ଯଦି ଅହଂକାରୀ ଭାବେ ପ୍ରଶାସନ କାମ କରିବ ତେବେ ଏମିତି ଘଟଣା ବଢ଼ିବାର ସମ୍ଭାବନା ବଢ଼ିଯାଏ ବୋଲି ଅନେକ ପୁଲିସ ଅଫିସର କହିଛନ୍ତି। ସରକାର, ଆଇନ ଶୃଙ୍ଖଳା ବ୍ୟବସ୍ଥା, କାଉନସେଲିଂ ପାଇଁ ହୋଇଥିବା ସଂସ୍ଥା ଗୁଡ଼ିକ ଯଦି ସଠିକ ଢଙ୍ଗରେ କାର୍ଯ୍ୟ ନକରିବେ ଏଭଳି ଘଟଣା ସବୁ ନଜରକୁ ଆସିବ। ଫକୀର ମୋହନ ଛାତ୍ରୀ ଆତଦାହ ଓ ପଟ୍ଟାମୁଣ୍ଡାଇ ଘଟଣାରେ ପ୍ରଶାସନର ନଜରକୁ ଆସିବା ପରେ ମଧ୍ୟ ଏଭଳି ଘଟଣା ଘଟିଛି। ଏଠି ସିଷ୍ଟମର ଅବହେଳା ପାଇଁ ଆତ୍ମହତ୍ୟା ବଢୁଛି।

ରାଜ୍ୟରେ ପ୍ରତ୍ୟେକ ଦିନ ନାବାଳିକା ଓ ମହିଳାଙ୍କ ବିରୋଧରେ ଅପରାଧ ଓ ଅତ୍ୟାଚାର ବଢ଼ି ଚାଲିଛି। ଗୋଟେ ପରେ ଗୋଟେ ଘଟଣା ଓ ଅଘଟଣା ଘଟିଚାଲିଛି। ବରଗଡ଼ ଜିଲ୍ଲାର ଗାଇସିଲଟ ବ୍ଲକରେ ଜଣେ ନାବାଳିକା ପୋଡି ହୋଇ ମୃତ୍ୟୁବରଣ କରିଛି। ଗତ ୬ ତାରିଖରେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇରେ ମଧ୍ୟ ଏଭିଳି ଘଟଣା ଘଟିଛି। ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଆତଦାହ, ବଳଙ୍ଗାରେ ନାବାଳିକାଙ୍କୁ ପୋଡି ମାରିବା ଘଟଣା ପୁଲିସର ତ୍ରୁଟି ପାଇଁ ଘଟିଥିବା କୁହାଯାଉଛି।

**ମାନସିକ କାଉନ୍‌ସେଲିଂ ଲୋଡ଼ା**

ଶିଖେଇବାକୁ ପଡ଼ିବ ପ୍ରତିକୂଳ ପରିସ୍ଥିତିରେ ଖାପ ଖୁଆଇବା ଶୈଳୀ। ପିଲାଟି ପଢ଼ିଲା ବେଳଠୁ ଲାଇଫ ସ୍କିଲ ଶିଖିବା ଦରକାର। ଅର୍ଥାତ ସହନଶୀଳ ଚିନ୍ତାଧାରା ବା ଧୈର୍ଯ୍ୟଶୀଳ କରିପାରୁଥିବ। ଅର୍ଥାତ ପ୍ରତିକୂଳ ବା ଅନୁକୂଳ ପରିସ୍ଥିତି ସହ ଖାପ ଖୁଆଇ ଚଳିବା ଶିଖିବ। ସାଙ୍ଗ ସାଥୀମାନଙ୍କ ସହ ନିଜର ଭାବନା ଓ ମନ କଥା ସେୟାର କରିବ। ସେମାନଙ୍କ ସହ ଉତ୍ତମ ଦିଗଦର୍ଶନ ପାଇ ପାରୁଥିବ। ଅର୍ଥାତ ସେଭଳି ପରିସ୍ଥିତି ଆସିଲେ ବି ଅଣଦେଖା କଲାଭଳି ସହିପାରୁଥିବ। ସେଥିପାଇଁ ଶିକ୍ଷକମାନେ ଓ ପିତାମାତା ଏନେଇ ପିଲାମାନଙ୍କୁ ସଚେତନ କରିବା ବା ନିତିବଣୀର ଆବଶ୍ୟକତା ରହିଛି। ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନ ଏବଂ କର୍ମସଂସ୍ଥାନ ମାନଙ୍କରେ ମଧ୍ୟ ତାଲିମ କାର୍ଯକ୍ରମରେ ଏନେଇ ସଚେତନ ଜରୁରୀ ବୋଲି କୁହାଯାଇଛି।

## ରହସ୍ୟଘେରରେ ଆଇନଜୀବୀଙ୍କ ଆତ୍ମାହୁତି

- **ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ନମୁନା ସଂଗ୍ରହ**
- **ଦୀପକଙ୍କ ଦୁଇଦୁଇ ଥର ବ୍ରେନ୍ ଡେଡ୍ ହୋଇଥିଲା**
- **ମେଡିସିନ୍ ବନ୍ଦ କରି ମାନସିକ ଚାପରେ ଥିଲେ: ଏସିପି**

ଭୁବନେଶ୍ୱର, ୨୯।୮ (ସମିସ): ମଞ୍ଚେଶ୍ୱର ଥାନା ଅଧୀନ ପାଣ୍ଡରା ଅଞ୍ଚଳର ଆଇନଜୀବୀ ଦୀପକ କୁମାର ସାହୁ ଗତକାଲି ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି। ଏହି ଘଟଣାକୁ ୨୪ ଘଣ୍ଟା ବିତିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିପାରିନାହିଁ। ସେ ନିଜେ ପେଟ୍ରୋଲ ଢାଳି ଆତ୍ମାହୁତି କରିଛନ୍ତି ନା ତାଙ୍କୁ କେହି ନିଆଁ ଲଗାଇ ଦେଇଛନ୍ତି, ତାହା ପୁଲିସ୍ ସ୍ପଷ୍ଟ କରିନାହିଁ। ପଡ଼ୋଶୀଙ୍କ କହିବା କଥା, କିଛି ଦିନ ହେବ ଦୀପକ ଏବଂ ତାଙ୍କ ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲା। ଏହା ତାଙ୍କ ମୃତ୍ୟୁର କାରଣ ହୋଇଥାଇପାରେ। ଅପରପକ୍ଷେ, ଆଜି ମଞ୍ଚେଶ୍ୱର ପୁଲିସ ସହ ସାଇଣ୍ଟିଫିକ୍ ଟିମ୍ ଦୀପକ ପୋଡ଼ି ହୋଇଥିବା ନିର୍ମାଣଧୀନ ଚତୁର୍ଥ ମହଲାରେ ପହଞ୍ଚି ଛାନଭିନ କରିଥିଲା। ଘଟଣାସ୍ଥଳରୁ ପାଉଁଶ, ପୋଡ଼ା ଦ୍ରବ୍ୟର ନମୁନା ସଂଗ୍ରହ କରି ତଦନ୍ତକୁ ଆଗକୁ ବଢ଼ାଇଛି। ସେଠାରେ ଏକ ପ୍ଲାଷ୍ଟିକ୍ ବୋତଲ ଏବଂ ପୋଡ଼ିଯାଇଥିବା ଡ୍ରେସ୍‌ର କିଛି ଅଂଶକୁ ସଂଗ୍ରହ କରିଛି। ପୁଲିସ କହିଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ କିଛି ଜଣାପଡ଼ିବ।

ଗତକାଲି ରାତିରେ ପତ୍ନୀ ଖାଇବାକୁ ବାଢ଼ିଥିଲେ। ହେଲେ ଗରମ ଲାଗୁଥିବା କହି ଦୀପକ ଛାତ ଉପରକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପତ୍ନୀ ଛାତ ଉପରକୁ ଯାଇଥିଲେ। କିନ୍ତୁ ଶିଢ଼ି ଘର କବାଟ ବନ୍ଦ ଥିଲା। ତେବେ ଚତୁର୍ଥ ମହଲାରୁ ନିଆଁ ଓ ଧୂଆଁ ବାହାରୁଥିବା ଦେଖି ଚିତ୍କାର କରି ଅନ୍ୟମାନଙ୍କୁ ଡାକିଥିଲେ। ପଡ଼ିଶା ଘର ଛାତ ଦେଇ ଦୀପକଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ ସେତେବେଳେକୁ ଦୀପକ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲେ। ଦୀପକଙ୍କର ଦୁଇଦୁଇଥର ବ୍ରେନ୍-ଡେଡ୍ ହୋଇଥିଲା। ଯାହାକୁ ନେଇ ସେ ମାନସିକ ଅବସାଦରେ ଥିଲେ ବୋଲି କିଛି ପଡ଼ୋଶୀ କହିଛନ୍ତି।

ଅପରପକ୍ଷେ, ଦୀପକ ପୋଡ଼ି ଯାଇଥିବା ସ୍ଥାନକୁ ଦେଖିଲେ ସନ୍ଦେହ ବଢୁଛି। ନିଆଁ ଲାଗିବା ପରେ ଏଣେ ତେଣେ ନ ଦୌଡ଼ି, କେମିତି ଗୋଟେ ସ୍ଥାନରେ ସେ ପଡ଼ି ରହିଲେ? ତାଙ୍କର ଏଭଳି ଚରମ ନିଷ୍ପତ୍ତି ପଛର କାରଣ କ’ଣ? ଶାରୀରିକ ଅସୁସ୍ଥତା ନା ପାରିବାରିକ କଳହ? ଏ ସମସ୍ତ ପ୍ରଶ୍ନ ଘଟଣାକୁ ନେଇ ସନ୍ଦେହ ବୃଦ୍ଧି ପାଉଛି। ଅନ୍ୟପଟରେ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି ଯେ ଦୀପକ ପୂର୍ବରୁ ମେଣ୍ଟାଲ ଡିପ୍ରେସନରେ ଥିଲେ। ଦୁଇଥର ହସ୍ପିଟାଲରେ ଆଡମିଟ୍ ହୋଇ ମେଡ଼ିସିନ ଖାଉଥିଲେ। କିନ୍ତୁ ଗତ ୧୫ଦିନ ହେବ ମେଡ଼ିସିନ ବନ୍ଦ କରି ମାନସିକ ଭାବେ ଚାପଗ୍ରସ୍ତ ଥିବା କହିଛନ୍ତି ଜୋନ୍ ଏସିପି।

## ଗହଣା ଲୁଟ୍; ଜଣେ ଗିରଫ, ଜଣେ ଅଟକ

ଧଉଳି, ୨୯।୮ (ସମିସ): ଟଙ୍କା ଓ ସୁନାଗହଣା ଲୁଟ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ରଘୁନାଥପୁର ଗ୍ରାମର ବାମନ ଭୋଇ ଏବଂ ଅଟକ ହେଲେ ନୂଆଗାଁ ଅଞ୍ଚଳର ବେଣୁକୁମାର ସିଂ। ଖବରନେବାରେ ଜଣାପଡ଼ିଛି ସ୍ଥାନୀୟ ନାଥପୁର ଗ୍ରାମର ଆଲୋକ କୁମାର ସ୍ୱାଇଁଙ୍କ ବିଭିନ୍ନ ଟ୍ରାକ, ଟ୍ରାକ୍ଟର ଆଦି ଚାରିଚକିଆ ଯାନ ବ୍ୟବସାୟ ରହିଛି। ଗତ ମାର୍ଚ୍ଚ ୨୩ ତାରିଖ ରାତିରେ ତାଙ୍କର ଏକ ଚାରିଚକିଆ ଯାନ ରାତିରେ ଫେରୁଥିବା ବେଳେ ରଘୁନାଥପୁର ଗ୍ରାମ ପମ୍ପହାଉସ ପାଖରେ ଗାଡିକୁ ଅଭିଯୁକ୍ତ ବାମନ ଓ ବେଣୁ ଅଟକାଇଥିଲେ। ଏଥିସହ ଚାଳକଙ୍କୁ ଛୁରି ଦେଖାଇ ତାଙ୍କ ଠାରୁ ୬ ହଜାର ଟଙ୍କା ଲୁଟି ନେଇଥିଲେ। ପରେ ଚାଳକ ମାଲିକ ଆଲୋକଙ୍କୁ ଫୋନ କରି ଜଣାଇଥିଲେ। ଆଲୋକ ସେଠାରେ ପହଞ୍ଚିବା ପରେ ସେମାନେ ତାଙ୍କୁ ମଧ୍ୟ ଛୁରି ଦେଖାଇ ମାଡ଼ମାରି ୫ ହଜାର ଟଙ୍କା ଓ ପିନ୍ଧିଥିବା ସୁନା ଚେନ ଲୁଟି ନେଇଥିଲେ। ଏନେଇ ଆଲୋକ ଧଉଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ କରିଥିବା ବେଳେ ଅଭିଯୁକ୍ତ ଦ୍ୱୟ ଫେରାର ଥିଲେ। ଆଜି ସେମାନେ ଗାଁକୁ ଆସିଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୁଲିସ ସେମାନଙ୍କୁ ଗିରଫ କରିଥିଲା।

### ବିକଶିତ ଗାଁ ବିକଶିତ ଓଡ଼ିଶା ନାରା ଧୂଆଁବାଣ

# ଆଣ୍ଠୁଏ ପାଣିରେ ସ୍କୁଲ ଯାଉଛନ୍ତି କୁନି କୁନି ପିଲା



ବେତନଟୀ, ୨୯।୮ (ସମିସ): ବେତନଟୀ ବ୍ଲକ ସଠିଲୋ ପଞ୍ଚାୟତର ୪ ନମ୍ବର ୱାର୍ଡ ହରିଜନସାହିରେ ଦୀର୍ଘ ବର୍ଷ ହେଲା ରାସ୍ତା ସମସ୍ୟା ଲାଗିରହିଛି। ଆଦିବାସୀ ଅଧୁଷିତ ଏହି ଅଞ୍ଚଳରେ ସାମାନ୍ୟ ବର୍ଷାରେ ରାସ୍ତା ବୁଡି ଆଣ୍ଠୁଏ ପାଣି ହୋଇଯାଏ। ଫଳରେ ଗ୍ରାମବାସୀ ଓ ବିଶେଷକରି କୁନି କୁନି ଛାତ୍ରଛାତ୍ରୀ ପ୍ରତିଦିନ ସ୍କୁଲ୍ ଯିବା ପାଇଁ ହନ୍ତସନ୍ତ ହୁଅନ୍ତି। ଏହି ପାଣିରେ ଯିବାଆସିବା କରି ସେମାନେ ବିଭିନ୍ନ ସମୟରେ ବିଭିନ୍ନ ସଂକ୍ରମଣ ଜନିତ ରୋଗର ଶିକାର ହେଉଛନ୍ତି; ଯାହା ପଞ୍ଚାୟତିରାଜ ବିଭାଗର ଚରମ ଅବହେଳାକୁ ପ୍ରତିଫଳିତ କରୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚନ ସମୟରେ ସରପଞ୍ଚ, ବିଧାୟକ ଓ ନେତାମାନେ ଭୋଟ ମାଗିବାକୁ ଆସି ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ନିର୍ବାଚନ ପରେ ସମସ୍ତେ ଭୁଲିଯାଆନ୍ତି। ବ୍ଲକ କାର୍ଯ୍ୟାଳୟରୁ ମାତ୍ର ୧ କିମି ଦୂରରେ ଥିବା ଏହି ସାହି ପ୍ରତି ଅବହେଳା କରାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଅବହେଳା ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ନାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ସମସ୍ୟା ଆଦିବାସୀ ସମାଜର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ଆଗାମୀ ଦିନରେ ଯଦି ଯଥାଶୀଘ୍ର ରାସ୍ତା ନିର୍ମାଣ ନହୁଏ, ତେବେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସାହିବାସୀ ଚେତାବନୀ ଦେଇଛନ୍ତି।

## ମଙ୍ଗଳ ମୂର୍ତ୍ତି ଓ ହାପି କ୍ଲବ ପକ୍ଷରୁ ଗଣେଶ ପୂଜା



ରାସଗୋବିନ୍ଦପୁର, ୨୯।୮ (ସମିସ): ରାସଗୋବିନ୍ଦପୁର ବଜାରରେ ମଙ୍ଗଳମୂର୍ତ୍ତି ଓ ହାପି କ୍ଲବ ପକ୍ଷରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ମଙ୍ଗଳମୂର୍ତ୍ତି ସାର୍ବଜନୀନ ଗଣେଶ ପୂଜା କମିଟି ପକ୍ଷରୁ ୮ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ପୂଜା କରାଯାଇଥିବା ବେଳେ ସମ୍ପାଦକ ଇନ୍ଦ୍ରଜିତ ଦାସ ସଂକଳ୍ପ ହୋଇଥିଲେ। ପୂଜା ସରିବା ପରେ କମିଟି ପକ୍ଷରୁ ଲୋକଙ୍କ ପାଇଁ କାନିକା ଓ କ୍ଷିରା ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ନେଇ ସଭାପତି ଆକାଶ ମହାନ୍ତି ପ୍ରକାଶ କରିଥିଲେ। ଉପସଭାପତି ବିକ୍ରମ ଘୋଷ, ସହ ସମ୍ପାଦକ ସଉମେନ୍ ପାତ୍ର, କୋଷାଧକ୍ଷ ବିଶ୍ୱଜିତ୍ ଦାସ, ସଂଯୋଜକ ହେମନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ହାପି କ୍ଲବ ପକ୍ଷରୁ ମଧ ୮ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ପୂଜା କରାଯାଇଥିବା ବେଳେ କମିଟି ସଦସ୍ୟ ରଘୁନାଥ ଦାସ ସଂକଳ୍ପ ହୋଇଥିଲେ। ସନ୍ଧ୍ୟାରେ କ୍ଲବ ପକ୍ଷରୁ ଲୋକଙ୍କ ପାଇଁ କ୍ଷୀରା ଭୋଗର ବ୍ୟବସ୍ଥା କରାଯାଇଥିଲା। କ୍ଲବର ସଦସ୍ୟ ପ୍ରତୀକ ପଟ୍ଟନାୟକ, ସ୍ୱାଧୀନ ରଥ, ଦେବେନ୍ଦ୍ର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ୪ଟି ଗାଡ଼ିରୁ ୩୪ ଗୋରୁ ଜବତ; ୮ ଅଟକ



ମହୁଲଡିହା, ୨୯।୮ (ସମିସ): ଆନନ୍ଦପୁର-କରଞ୍ଜିଆ ୫୩ନଂ. ରାଜ୍ୟ ରାଜପଥରେ ଗୋ ମାଫିଆ ପୁଲିସ ଆଖିରେ ଧୂଳିଦେଇ ବିଭିନ୍ନ ଗାଡ଼ିରେ ଚୋରାରେ ଗୋ ଚାଲାଣ କରୁଛନ୍ତି। ମହୁଲଡିହା ଥାନା ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ଖବର ପାଇ ୩୪ ଗୋରୁ ସହିତ ୪ଟି ଗାଡି ଜବତ କରିବା ସହିତ ୮ ଜଣଙ୍କୁ ଅଟକ ରଖିଛି। ଅତିରିକ୍ତ ଏସପି ଯଦୁମଣି ଜେନାଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ, ଏଏସଆଇ ସଞ୍ଜୟ କୁମାର ନାଏକ, ବିଜୟକୃଷ୍ଣ ସାନ୍ତେରା, ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଏବଂ ଦୁଇ ଥାନାର ପୁଲିସ କର୍ମଚାରୀ ଚିଆଁବେଡା ଛକ ନିକଟରୁ ୪ଟି ଗାଡ଼ି ଜବତ କରି ମହୁଲଡିହା ଥାନାକୁ ଆଣିଛନ୍ତି। ୪ଟି ଗାଡିରେ ୨୯ ଟି ଗାଈ ଏବଂ ୫ ଟି ବଳଦ ଚୋରାରେ ଚାଲାଣ ହେଉଥିଲା। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଜବତ ଗାଈ ଓ ବଳଦକୁ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମାନେ ହେଲେ ସୋମନାଥ ନାଏକ (୪୦), ତ୍ରିନାଥ ମୁଣ୍ଡା(୩୩), କଣ୍ଟୁରି ସିଂ (୨୪), ବିଷ୍ଣୁ ବାଗ (୩୩), ସୁକୁଲୁ ଟୁଡୁ (୨୪), ପଙ୍କଜ ପ୍ରଧାନ (୨୩), ରବୀନ୍ଦ୍ର ସୟ (୧୮) ଓ କୁନା ବେଶ୍ରା (୨୨)।

## ଶରତ ଟିଡିସିସି ଗୋଦାମ ଜରାଜୀର୍ଣ୍ଣ



ଶରତ, ୨୯।୮ (ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ବଜାରରେ ଥିବା ଟି.ଡି.ସି.ସି ଗୋଦାମ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି ଗୋଦାମ ଗୃହଗୁଡିକ ଦୀର୍ଘ ଚାରିବର୍ଷ ହେଲା ତାଲାପଡ଼ି ରହିଛି। ଏବେ ଗୃହରେ ଶରତ ବଜାରର କିଛି ମୁଷ୍ଟିମେୟ ବ୍ୟକ୍ତିବିଶେଷ ଜିନିଷ ପତ୍ର ରଖିବା ସହିତ ସରକାରୀ କାର୍ଯ୍ୟାଳୟକୁ ମଧ ତାଲା ପକାଇ ରଖିଛନ୍ତି। ଗତ ୨୦୧୫-୧୬ ମସିହାରେ ଏହି କାର୍ଯ୍ୟାଳୟଟି ପ୍ରାୟ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ତେବେ ପ୍ରଶାସନ ତରଫରୁ ଏହାକୁ ଖାଲି କରାଯାଇ ସରକାରୀ କାର୍ଯ୍ୟରେ ବ୍ୟବହାର କରାଯିବାକୁ ଶରତ ଅଞ୍ଚଳର ବୁଦ୍ଧିଜିବୀ ମହଲ ଦାବି କରିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସର୍ବେଶ୍ୱର କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ରାସଗୋବିନ୍ଦପୁର, ୨୯।୮ (ସମିସ): ଗୁରୁବାର ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଗଡ଼ିଘାଟି ପଞ୍ଚାୟତ ସ୍ଥିତ ସର୍ବେଶ୍ୱର ଗଣେଶ ପୂଜା କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ ଆୟୋଜିତ ହୋଇଥିଲା। ଯୁବ ସମାଜସେବୀ ତରୁଣ କୁମାର ଦେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ପ୍ରାୟ ୭୦ରୁ ଅଧିକ ଲୋକଙ୍କ ମାଗଣା ରକ୍ତ, ଇସିଜି, ଆଖି ଆଦି ପରୀକ୍ଷା କରାଯାଇଥିଲା। କମିଟି ପକ୍ଷରୁ ସଦସ୍ୟ ସନୁ ବେହେରା, ଅନୁଜ ପରିଡ଼ା, ପ୍ରଶାନ୍ତ, ଚନ୍ଦନ, ଉତ୍ତମ, ସତ୍ୟମ ପ୍ରମୁଖ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର; ୪୨ ୟୁନିଟ ସଂଗୃହୀତ



ମୋରଡା/ରାସଗୋବିନ୍ଦପୁର, ୨୯।୮ (ସମିସ): ରାସଗୋବିନ୍ଦପୁର ବ୍ଲକ ନାକିଚୁଆଁ ପଞ୍ଚାୟତର ଶ୍ୟାମାନନ୍ଦପୁର ଗ୍ରାମରେ ଶୁକ୍ରବାର ସଂସ୍କାର କ୍ଲବର ୫ମ ବାର୍ଷିକ ଗଣେଶ ପୂଜୋତ୍ସବ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ସପନ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରକୁ ପୂର୍ବତନ ବିଧାୟକ ରାଜକିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଚାନ୍ଦ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ରକ୍ତକେନ୍ଦ୍ର ଉଦଳା ଉପଖଣ୍ଡ ଚିକିତ୍ସାଳୟର ଡ. ଉତ୍ତମ ବିଶ୍ୱାଳ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିବା ବେଳେ ମ୍ୟାନେଜର ଅବିନାଶ କର, ଲ୍ୟାବ ଟେକିନିସିଆନ ଅଭିନ୍ନ ସୁନ୍ଦର ନାୟକ, ବିସ୍ମୟ ସେନ ନାୟକ, ଜିତୁ ସେଠୀ, ସ୍ମୃତିପର୍ଣ୍ଣା ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ଦେଶୀ ମଦ ଓ ବାଇକ୍ ଜବତ; ୨ ଗିରଫ

ରାଇରଙ୍ଗପୁର, ୨୯।୮ (ସମିସ): ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ସହରାଞ୍ଚଳ ଥାନା ଅନ୍ତର୍ଗତ ଗଡ଼ ଛକ ନିକଟରେ ଚଢ଼ଉ କରି ୩୪ ଲିଟର ଦେଶୀ ରନ୍ଧା ମଦ ଏବଂ ଗୋଟିଏ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ପିଠାକୁଟୁଣୀ ଗ୍ରାମର ଭଗାନ ମାହାଲି ଓ ସୁକୁରା ମାହାଲିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ମାମଲା ରୁଜୁ କରାଯାଇଛି।

### ଅଙ୍ଗନବାଡ଼ି ହେଲପର ନିଯୁକ୍ତି ମାମଲା

## ଆବେଦନକାରୀଙ୍କ ସହିତ ସାଙ୍ଘାତିକ ଖେଳ



କପ୍ତିପଦା, ୨୯।୮ (ସମିସ): ଆବେଦନକାରୀଙ୍କ ସହିତ ସାଙ୍ଘାତିକ ଖେଳ। ଆବେଦନ ଫର୍ମକୁ ରାସ୍ତାରେ ଫୋପାଡ଼ି ଦେଲେ, ତାହା ପୁଣି ପାଣି ବୋହି ଯାଉଥିବା ସ୍ଥାନରେ। ନା ହୋଇଛି ନିଯୁକ୍ତି, ନା ଆବେଦନ ପତ୍ର ହୋଇଛି ଭେରିଫିକେସନ ହେଲେ ଅଫିସ ବାହାରକୁ ଯାଇ ରାସ୍ତା ଉପରେ ପଡ଼ି ରହିଲା ଆବେଦନପତ୍ର। ଏଭଳି ଏକ ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି କପ୍ତିପଦା ବ୍ଲକ ଆଇସିଡ଼ିଏସ କାର୍ଯ୍ୟାଳୟରୁ। କପ୍ତିପଦା ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସାମ୍ନା ରାସ୍ତାରେ ପାଣି ବୋହିଯାଇଥିବା ସ୍ଥାନରେ ପଡ଼ି ରହିଥିଲା ଆବେଦନପତ୍ର। ପିଙ୍ଗୁ ବାନ୍ଦ୍ରବଣି ଅଙ୍ଗନବାଡିରେ ହେଲ୍‌ପର ପଦବୀ ନିମନ୍ତେ ପିଙ୍ଗୁ ଗ୍ରାମର ସଙ୍ଗୀତା ବିଶ୍ୱାଳ ଆବେଦନ କରିଥିଲେ। ଆବେଦନ ଫର୍ମ ସହିତ ସମସ୍ତ ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍ୟ ଦସ୍ତାବିଜ ସହିତ କପ୍ତିପଦା ଆଇସିଡ଼ିଏସରେ ଦେଇଥିଲେ; ଯାହାକି ୩ ଦିନ ପୂର୍ବରୁ ଆବେଦନକାରୀଙ୍କ ଭେରିଫିକେସନ ହେବା କଥା; କିନ୍ତୁ ହୋଇପାରିନାହିଁ। କିନ୍ତୁ ଅଚାନକ କାର୍ଯ୍ୟାଳୟ ସାମ୍ନା ରାସ୍ତାରେ ତାଙ୍କ ସ୍ତ୍ରୀଙ୍କ ଆବେଦନପତ୍ର ରାସ୍ତାରେ ପଡ଼ିଥିବା ସଙ୍ଗୀତାଙ୍କ ସ୍ୱାମୀଙ୍କୁ ଫୋନ କରି ଜଣାଇଥିଲେ ଜଣେ ବ୍ୟକ୍ତି। ଖବର ପାଇ ତାଙ୍କ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚି ସଙ୍ଗୀତାଙ୍କ ଆବେଦନପତ୍ର ରାସ୍ତାରେ ଫୋପାଡ଼ି ଦିଆଯାଇଥିବା ଏବଂ ତାହାକୁ ଜଣେ ଯୁବକ ପାଇ ରଖିଥିବା ଜାଣିବାକୁ ପାଇଥିଲେ। ଏ ନେଇ ସିଡ଼ିପିଓଙ୍କୁ ପଚାରିବାରୁ ଅତି ବେପରୁଆ ଭାବେ କହିଛନ୍ତି ଯଦି ସେମିତି ହୋଇଛି। ତାହାହେଲେ ଉପଜିଲ୍ଲାପାଳଙ୍କ ସହିତ କଥା ହୋଇ ଯାହା କରିବେ ବୋଲି କହିଛନ୍ତି। ହେଲେ ନିଜେ କିମ୍ବା କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ସେ ଉତ୍ତରଦାୟୀ କରି ନାହାନ୍ତି। ସେପଟେ ଆବେଦନକାରୀଙ୍କ ସ୍ୱାମୀ ଏହା ପଛର କାରଣକୁ ନେଇ ପ୍ରଶ୍ନ ଉଠାଇବା ସହିତ ଘଟଣାକୁ ନେଇ ମର୍ମାହତ।

## ପୌର ପରିଷଦ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ରାଇରଙ୍ଗପୁର, ୨୯।୮ (ସମିସ): ରାଇରଙ୍ଗପୁର ପୌର ପରିଷଦକୁ ସବୁଜ ସହର ଗଢିତୋଳିବା ପାଇଁ କର୍ମଚାରୀ ଏବଂ ଅଧିକାରୀମାନେ ବିଭିନ୍ନ ୱାର୍ଡରେ ଥିବା ଅଳିଆ ଆବର୍ଜନାକୁ ସଫେଇ କରିଥିଲେ। ଏହି ଅବସରରେ ଗୁରୁବାର ପୌର ପରିଷଦ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଚେରୀ ଷ୍ଟାଡିୟମରେ ୫୦ରୁ ଅଧିକ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ପୌର ଅଧକ୍ଷ ଅଭିଷେକ ପଟ୍ଟନାୟକ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ୫ ଶହରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଶକୁନ୍ତଳା ହାଁସଦା, ଉପାଧକ୍ଷ ମମିତା ଚୌଧୁରୀ, ଜେଇ ମୃତ୍ୟୁଞ୍ଜୟ ପୋଇ, କାର୍ଯ୍ୟକ୍ରମ ଅଧିକାରୀ ନୀଳକଣ୍ଠ ବିଶ୍ୱାଳ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ। ଆସନ୍ତୁ ସଭିଏଁ ମିଳିମିଶି ସ୍ୱାୟତ୍ତ ଶାସନ ଦିବସ ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସାମିଲ ହେବା ଆହ୍ୱାନ ଦେଇଥିଲେ କର୍ମଚାରୀ।

## ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ରାଇରଙ୍ଗପୁର, ୨୯।୮ (ସମିସ): ଜାମଦା ବ୍ଲକ ତାଳଗାଁ ପଞ୍ଚାୟତ ଦୁମାଡିହି ଠାରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଗାଁରୁ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ମାଟିଆଳି ସହ ଇଣ୍ଡିଆ ମେ ବହୁତ ହଲଚଲ ହେ ପାକିସ୍ତାନ ଚଲାଯାଏଗା ବହୁତ ରୋମାଞ୍ଚକର ଥିଲା। ଶେଷରେ ମାଟିଆଳି ଚାମ୍ପିଅନ ହୋଇଥିଲା ବେଳେ ଇଣ୍ଡିଆ ମେ ବହୁତ ହଲଚଲ ହେ ପାକିସ୍ତାନ ଚଲା ଯାଏଗା ରର୍ନସଅପ୍ ହୋଇ ଦ୍ୱିତୀୟ ପୁରସ୍କାର ପାଇଛି। ଏଥିସହିତ ଭଞ୍ଜସଲା ତୃତୀୟ ପୁରସ୍କାର ପାଇଥିଲା ବେଳେ ଖଡିଆଡୁଙ୍ଗରି ଚତୁର୍ଥ ପୁରସ୍କାର ପାଇଥିଲା। ପୁରସ୍କାର ବିତରଣୀ ସଭାରେ ସମ୍ମାନିତ ଅତିଥି ରୂପେ ଦୁମାଡିହି ଗାଁ ୱାର୍ଡମେମ୍ବର ବିରଞ୍ଚି ସର୍ଦ୍ଦାର ଯୋଗଦେଇଥିଲେ। ଗାନ୍ଧିଜୀ ଯୁବକ ସଂଘର ସଭାପତି ରାଜ କିଶୋର ମୁଣ୍ଡାରୀ, ସମ୍ପାଦକ ସୁନୀଲ ସର୍ଦ୍ଦାର, ଉପସଭାପତି ସାଙ୍ଗ ମାଝୀ, ସହସମ୍ପାଦକ ପ୍ରାଣବନ୍ଧୁ ସିଂ ପ୍ରମୁଖ ପରିଚାଳନା କରିଥିଲେ।

### ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡା ଦିବସ-୨୦୨୫ ପାଳିତ

# 'ଖେଳକୁଦ ଶରୀରକୁ ସୁସ୍ଥ ଓ ମାନସିକ ଭାବେ ଶକ୍ତିଶାଳୀ କରେ'

ବାରିପଦା, ୨୯।୮ (ସମିସ): ଗତ୨୯ରୁ ୩୧ ତାରିଖ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା, ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଶୁକ୍ରବାର ବାରିପଦାରେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଛି। କ୍ରୀଡା ଛାତ୍ରବାସରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଗଠାରୁ ଦୂରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡ଼ିଆରେ ଖେଳକୁଦରେ ବିତାଇବା ଉଚିତ। ଖେଳକୁଦ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ, ମୟୂରଭଞ୍ଜ ଆଥେଲେଟିକ ଆସୋସିଏସନର ସମ୍ପାଦକ ବିଜୟ କୁମାର



ଦାସ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଖେଳାଳି ଆୟୁଷ ପଟ୍ଟନାୟକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବରିଷ୍ଠ କ୍ରୀଡା ଅଧିକାରୀ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ନିମନ୍ତ୍ରିତ ଅତିଥି ବୃନ୍ଦ ଓ ଉପସ୍ଥିତ ଅନ୍ୟାନ୍ୟ ସମସ୍ତେ ଭାରତୀୟ ହକି ଉଇଜାର୍ଡ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଆକ୍ରା (ଘାନା) ଠାରେ ଅନୁଷ୍ଠିତ ମେନ୍ସ ଡବଲସ ବ୍ୟାଡ଼ମିଣ୍ଟନ ଗ୍ରାଣ୍ଡସ୍ଲାମ-୨୦୨୫ରେ ରୌପ୍ୟ ପଦକ ହାସଲ କରିଥିବା ଅନ୍ତର୍ଜାତୀୟ ଖେଳାଳି ଆୟୁଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏବଂ ଚଳିତ ବର୍ଷ ସେପ୍ଟେମ୍ବର ୨୧ରେ ଶୁଭାରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ବିଷୟରେ ଘୋଷଣା କରିଥିଲେ। ଏହାପରେ ଉପସ୍ଥିତ ସମସ୍ତେ ନିଜନିଜ ପରିବାର ବର୍ଗ ଓ ବନ୍ଧୁ ପରିଜନଙ୍କୁ ଖେଳ ଓ ଫିଟନେସ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଶପଥ ପାଠ କରିଥିଲେ। ଶେଷରେ ବରିଷ୍ଠ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେଫ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ, କ୍ରୀଡା ପ୍ରତିଭା, ସ୍ୱେଚ୍ଛାସେବୀ ଧ୍ୟାନଚାନ୍ଦ ଅମର ରହେ ସ୍ଲୋଗାନ ସହ ସହର ପରିକ୍ରମା କରିଥିଲେ।

**ବାରିପଦା:** ମହାନ ଅନ୍ତର୍ଜାତୀୟ ହକି ଖେଳାଳି ଧ୍ୟାନ ଚାନ୍ଦଙ୍କ ଜନ୍ମଦିବସକୁ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ମୟୂରଭଞ୍ଜ କଲେଜ ଅଫ




ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଛି। ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଙ୍ଗାରପଦା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ସରୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦ୍ୟାଗ୍ରହଣ ସହ ଖେଳକୁ ମଧ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଖେଳ ଅଧିକାରୀ ଅଧ୍ୟାପକ ସମ୍ବିତ କୁମାର ମିଶ୍ର ରାଜ୍ୟସ୍ତରୀୟ/ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ଏକ ତାଲିକା ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷ ଦେବାଶ୍ରିତା ବିଶ୍ୱାଳ, ଅଧ୍ୟାପିକା ସୁଜାତା ପାଲ, ଅଭିପ୍ସା ନାୟକ ଓ ଅଭିଲିପ୍ସା ଗିରି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ବାରିପଦା:** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଶିକ୍ଷକ ଓ ଛାତ୍ରମାନେ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ୧୨୦ତମ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି



ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଜୀବନ କାହାଣୀ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ସନ୍ତୋଷ ମହାନ୍ତି, ଯଶିପୁର ବ୍ଲକର ଶିକ୍ଷକ ସୁଶାନ୍ତ କୁମାର ପୃଷ୍ଟି ଜଣେ ସଫଳ କ୍ରୀଡ଼ାବିତ ହେବାପାଇଁ ହେଲେ ହକିର ଯାଦୁଗର ଧ୍ୟାନଚାନ୍ଦଙ୍କ କଠିନ ପରିଶ୍ରମ, ଏକାଗ୍ରତା, ଅନୁଶାସନ, ସମୟାନୁବର୍ତ୍ତୀ ଆଦି ଗୁଣାବଳୀକୁ ଅବଲମ୍ବନ କରିବାକୁ ଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଭାବାନ ଖେଳାଳି ବାବା ସିଂ, ଗୟା ଟୁଡୁ, ଦେବାଶିଷ କୁଁଅର, ସଞ୍ଜିତ ସିଂହ, କିସୁନ କିସ୍କୁ, ସୁନାରାମ ହେମ୍ବ୍ରମ, ନିମାଇ ମୁର୍ମୁ, କ୍ରିଷ୍ଣା ଦତ୍ତ ଓ ଦେବାଶିଷ ଗିରିଙ୍କୁ ପୁରସ୍କୃତ କରିଥିଲେ।

**ବାରିପଦା:** ବାରିପଦା ଷ୍ଟାଡିୟମ ପରିସରରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି।



ସର୍ବପ୍ରଥମେ ଅତିଥି, ଆସୋସିଏସନର କର୍ମକର୍ତ୍ତା ଭାରତୀୟ ହକି ଜଗତର ତାରକା ଧ୍ୟାନଚାନ୍ଦଙ୍କ ୧୨୦ତମ ଜୟନ୍ତୀରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଭାରତୀୟ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡାଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ସତ୍ୟନାରାୟଣ ବାରିକ, ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ, ହର୍ଷବର୍ଦ୍ଧନ ଯାଦବ, ନନ୍ଦଲାଲ ମହାପାତ୍ର, କ୍ରୀଡା ଶିକ୍ଷକ ଦିବ୍ୟ ରଞ୍ଜନ ଦାସ, ପ୍ରମୁଖ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଶ୍ରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଗେଟ୍‌ବଜାର ଫ୍ଲାଏଓଭର୍ କାର୍ଯ୍ୟର ଶୁଭାରମ୍ଭ

ବ୍ରହ୍ମପୁର,୨୯ ।୮ (ସମିସ)

ବହୁ ପ୍ରତୀକ୍ଷିତ ବ୍ରହ୍ମପୁର ଗେଟବଜାର ଫ୍ଲାଏଓଭରବିଜ୍ର କାମ ଆରମ୍ଭ ହୋଇଛି। ଶୁକ୍ରବାର ବିଧାୟକ କେ ଅନୀଲ କୁମାର ଏହାର ଶୁଭାରମ୍ଭ କରିଛନ୍ତି। ଫଳରେ ଅନେକ ଦିନର ଆଶାପୂରଣ ହେବ ବୋଲି ଆଶା କରାଯାଇଛି। ଏହି କାର୍ଯ୍ୟାରମ୍ଭ ଯୋଗୁଁ ଆମ୍ବଗଡ଼ରେ ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ସହିତ ଅନେକ ରୁଟମ୍ୟାପ୍ ମଧ୍ୟ ପରିବର୍ତ୍ତନ କରାଯାଇଛି। ଓଭରବ୍ରିଜ କାର୍ଯ୍ୟର ଶୁଭାରମ୍ଭ ବେଳେ ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକଙ୍କ ସମେତ ଯନ୍ତ୍ରୀ ଓ କଣ୍ଟ୍ରାକ୍ଟର ଉପସ୍ଥିତ ଥିଲେ। ଅପରପକ୍ଷେ ଡୁଡୁମା କଲୋନୀ ୧୩୨କେଭି ଲେନ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ଲାଗି ଜାଗା ସ୍ଥିରିକୃତ ହୋଇଛି। ଆସନ୍ତା ମାସେ ଅଥବା ଦୁଇମାସ ମଧ୍ୟରେ ଏହାର କାର୍ଯ୍ୟାରମ୍ଭ ହେବ ବୋଲି କୁହାଯାଇଛି। ଏହା ହେଲେ ଭଞ୍ଜନଗର, ଆସିକା, ଫୁଲବାଣୀ, ରାୟଗଡ଼ା, କୋରାପୁଟ ଇତ୍ୟାଦି ଅଞ୍ଚଳକୁ ଗସ୍ତ କରୁଥିବା ବସ୍ ଏଠାରେ ରହିବ ବୋଲି ଜଣାପଡ଼ିଛି। ସୂଚନାପ୍ରକାରେ ଗେଟ୍‌ବଜାର ଓଭର୍ ବିଜ୍ ନୀଳାଦ୍ରି ବିହାର ଛକରୁ ଆରମ୍ଭ ହେବ ଏବଂ ସିଟି ହସ୍‌ପିଟାଲ୍ ଛକରେ ଶେଷ ହେବ। ଏହା ପ୍ରାୟ ଏକ କିଲୋମିଟର (୨୦୯ ମିଟର୍ ଆପ୍ରୋଚ୍ ରୋଡ ଓ ୭୯୨ ମିଟର ଫ୍ଲାଏ ଓଭର) ହେବ। ଓଭର୍ ବ୍ରିଜ୍ ନିମନ୍ତେ ୨୨ ମିଟର ଚଉଡ଼ା ଆବଶ୍ୟକ ଥିବା ବେଳେ



ରାସ୍ତାର ଓସାର ସ୍ଥଳ ବିଶେଷରେ ୧୪ ମିଟରରୁ ୧୮ ମିଟର ଯାଏ ରହିଛି। ବ୍ରିଜ ଓ ଆପ୍ରୋଚ୍ ରୋଡ ନିର୍ମାଣ ପାଇଁ ପ୍ରାୟ ୪ ରୁ ୮ ମିଟର ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ଆବଶ୍ୟକ ପଡ଼ିପାରେ। ସେଥିପାଇଁ ଉଚ୍ଛେଦ, ଜମି ଅଧିଗ୍ରହଣ ଓ ଥଇଥାନ, ସର୍ଭିସ୍ ରୋଡ, ସୁରକ୍ଷା ଉପକରଣ, ଆରସିସି ୱାଲ, କ୍ରାସ୍ ବ୍ୟାରିୟର, ଆର୍‌ସିସି ଡ୍ରେନ୍, ବକ୍ସ କଲଭର୍ଟ ଆଦି ସମସ୍ତ ଆନୁଷଙ୍ଗିକ ବ୍ୟୟକୁ ମିଶାଇ ମୋଟ ୧୧୫କୋଟି ୯୭ଲକ୍ଷ ୪୯ହଜାର ଟଙ୍କା ବ୍ୟୟକୁ ପ୍ରଶାସନିକ ଅନୁମୋଦନ ମିଳିଥିବା ସୂଚନା ମିଳିଛି।

## ବ୍ରହ୍ମପୁରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲିବାକୁ ଦାବି

ବ୍ରହ୍ମପୁର,୨୯ ।୮ (ସମିସ): ବ୍ରହ୍ମପୁର ସହର ଦକ୍ଷିଣ ଓଡ଼ିଶାର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଓ ଜନବହୁଳ ଅଞ୍ଚଳ। ସମଗ୍ର ଦକ୍ଷିଣ ଓଡ଼ିଶାର ପରିବହନର ସୁପରିଚାଳନା କ୍ଷେତ୍ରରେ ବ୍ରହ୍ମପୁର ଏକ ନିର୍ଣ୍ଣାୟକସ୍ଥଳୀ। ଏଣୁ ଏଠାରେ ଆଞ୍ଚଳିକ ପରିବହନ ଶାଖା କାର୍ଯାଳୟ ଖୋଲିବା ନିହାତି ଆବଶ୍ୟକ ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି। ଗଞ୍ଜାମ ଜିଲ୍ଲାର ଲକ୍ଷାଧିକ ମୋଟର ଯାନ ମଧ୍ୟରୁ ଅର୍ଦ୍ଧାଧିକ ବ୍ରହ୍ମପୁର ସହର ସମେତ ଆଖପାଖ ଅଂଚଳରେ ରହିଛି। ଉକ୍ତ ଯାନବାହାନ ଗୁଡିକର ଫିଟନେସ ସାର୍ଟିଫିକେଟ, ପଞ୍ଜିକରଣ, ରୋଡ଼ ପରମିଟ, ଟିକସ ପୈଠ ଓ ଡ୍ରାଇଭିଂ ଲାଇସେନ୍ସ ମଞ୍ଜୁରୀ କିମ୍ବା ନବୀକରଣ କରିବା ଆଦି କାର୍ଯ୍ୟ ପାଇଁ ଆଜିକାର ବ୍ୟସ୍ତ ବହୁଳ ଜୀବନରେ ସମୟ ବାହାରକରି ଛତ୍ରପୁର ଯିବା ସମ୍ଭବପର ହେଉନାହିଁ। ଏଠାରେ ପରିବହନ କାର୍ଯ୍ୟାଳୟ ନଥିବାରୁ ସରକାରଙ୍କ ରାଜସ୍ୱ ହାନୀ ଘଟୁଥିବା ଅନୁମାନ କରାଯାଉଛି। ବ୍ରହ୍ମପୁର ପରିବହନ ବିଭାଗର ଏକ ଶାଖା କାର୍ଯ୍ୟାଳୟ ଖୋଲିବା ଦ୍ୱାରା ଜନସାଧାରଣଙ୍କ ସମୟ, ଆର୍ଥିକ ଖର୍ଚ୍ଚାନ୍ତରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ କିଛି ଶିକ୍ଷିତ ବେକାରୀ ଯୁବକଙ୍କ ରୋଜଗାର ପନ୍ଥା ମଧ୍ୟ ବାହାର ହୋଇପାରନ୍ତା ବୋଲି ଶ୍ରୀ ପଟ୍ଟନାୟକ ଜଣାଇଛନ୍ତି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ



ବ୍ରହ୍ମପୁର,୨୯ ।୮ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। କ୍ରୀଡ଼ା ସଂଯୋଜକ ତଥା ଉପ କୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମେଜର ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମତିଥି ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ ଚଳିତ ବର୍ଷର କ୍ରୀଡ଼ା ସ୍ଲୋଗାନ "ଏକ ଘଣ୍ଟା ଖେଳ ପଡ଼ିଆରେ' ସମ୍ପର୍କରେ ଉଲ୍ଲେଖ କରିବା ସହ କ୍ରୀଡ଼ାବିତଙ୍କୁ ଶପଥ ପାଠ କରାଇଥିଲେ। ତେବେ ତିନିଦିନ ଧରି କ୍ରୀଡ଼ା ପ୍ରତିଯୋଗିତା ପାଳିତ ହେବ। କ୍ରୀଡ଼ା ପ୍ରଶିକ୍ଷକ ଅନିଲ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଥମ ଦିବସ କାର୍ଯ୍ୟକ୍ରମରେ ଡ. ସୁଶୀଲ କୁମାର ରାଠୋର, ତାରିଣୀ ଚରଣ ବେହେରା, ସଦାଶିବ ରାଓ ସହଯୋଗ କରିଥିଲେ।

## ସିଟି ହାଇସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ




ବ୍ରହ୍ମପୁର,୨୯ ।୮ (ସମିସ): ସ୍ଥାନୀୟ ସିଟି ହାଇସ୍କୁଲ ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। କ୍ରୀଡ଼ା ଶିକ୍ଷକ ବିଶ୍ୱରଞ୍ଜନ ରାଉତଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳକୃଷ୍ଣ ମିଶ୍ର ଉପସ୍ଥିତ ରହି କ୍ରୀଡ଼ା ଦିବସର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିଭଳି ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ ଶୃଙ୍ଖଳାଜ୍ଞାନ ଉପରେ ପରାମର୍ଶ ଦେଇଥିଲେ।

## ଜନଜାତିଙ୍କଠାରୁ ଦୈନନ୍ଦିନ ଜୀବନ ଯାଏଁ ସବୁକୁ ଆଲୋକିତ କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୨୯ ।୮ (ସମିସ)



ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟି ପି ଏ ସ୍ ଓ ଡି ଏ ଲ୍) ତରଫରୁ କୋରାପୁଟ ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିର ବିକାଶ ପାଇଁ ନିଆଯାଇଛି ବିଭିନ୍ନ ପଦକ୍ଷେପ। କମ୍ପାନୀ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନେଟୱାର୍କ ବୃଦ୍ଧି ଓ ବିଦ୍ୟୁତ ସେବାକୁ ଆଧୁନିକୀକରଣ କରାଯାଉଛି। ଏହି ପଦକ୍ଷେପ ଯୋଗୁଁ ସମଗ୍ର ଜିଲ୍ଲାରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣର ଲକ୍ଷ୍ୟକୁ ସୁନିଶ୍ଚିତ କରାଯିବା ସହିତ ଘର, ଅନୁଷ୍ଠାନ ଓ ଶିଳ୍ପକେନ୍ଦ୍ରରେ ବିଦ୍ୟୁତ ସେବାକୁ ଅଧିକ ସୁଦୃଢ଼ କରାଯାଇପାରୁଛି। ପରଜା, ଗଦବା, କନ୍ଧ, ବଣ୍ଡା ଏବଂ ବିଶେଷ ଭାବରେ ବିଲୁପ୍ତ ପ୍ରାୟ ଜନଜାତି ଗୋଷ୍ଠୀ (ପିଭିଟିଜି) ଏହି ଅଞ୍ଚଳରେ ବସବାସ କରିଥାଆନ୍ତି। ଯେଉଁମାନଙ୍କର ଜୀବନଶୈଳୀ ଏବଂ ପରମ୍ପରା ଓଡ଼ିଶାର ପରିଚୟର ଏକ ଅଭିନ୍ନ ଅଂଶ। ଦ୍ରୁତ ସହରୀକରଣ, ସୁନାବେଡ଼ା ଆଖପାଖ ଅଞ୍ଚଳରେ ଶିଳ୍ପାଞ୍ଚଳର ବିକାଶ ଏବଂ ଗ୍ରାମାଞ୍ଚଳରେ ଦିନକୁ ଦିନ ବିଦ୍ୟୁତ ଶକ୍ତିର ଚାହିଦା ବଢ଼ିବାରେ ଲାଗିଛି। ଟିପିଏସ୍‌ଓଡିଏଲ୍ ତରଫରୁ ନିଆଯାଇଥିବା ଉଲ୍ଲେଖନୀୟ ପଦକ୍ଷେପ ଓ ଚାଲୁ ରହିଥିବା ପ୍ରକଳ୍ପ ଯୋଗୁଁ ଏସବୁ ଅଞ୍ଚଳରେ ବିଦ୍ୟୁତ ଆବଶ୍ୟକତାକୁ ପୂରା କରାଯାଇପାରୁଛି। ପଟାଙ୍ଗୀ ଏବଂ ଲମତାପୁଟରେ ଥିବା ସବଷ୍ଟେସନଗୁଡ଼ିକୁ ଅତିରିକ୍ତ କ୍ଷମତା ସହିତ ଉନ୍ନତୀକରଣ କରାଯାଇଛି। ସେହିପରି କୋରାପୁଟର ପୁରୁଣା ସବଷ୍ଟେସନର ଟ୍ରାନ୍ସଫର୍ମରର କ୍ଷମତାକୁ ୩.୧୫ଏମଭିଏରୁ ୮ଏମଭିଏକୁ ବୃଦ୍ଧି କରାଯାଇଛି। ଏହି ପଦକ୍ଷେପ ଯୋଗୁଁ ସହରାଞ୍ଚଳ ସମେତ ଶିଳ୍ପ ଅନୁଷ୍ଠାନଗୁଡ଼ିକରେ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରାଯାଇପାରିଛି।

ଜିଲ୍ଲାରେ ନୂତନ ୩୩କେଭି ଲାଇନ୍ ତାର ସଂଯୋଗ ହୋଇଛି। ଯାହା ସୁନାବେଡ଼ା ପୁଲିସ୍ ଷ୍ଟେସନ କରିଡରରୁ ବେଲାଇଗୁଡ଼ା ପର୍ଯ୍ୟନ୍ତ ଏବଂ କୁନ୍ଦ୍ରା, କୁସୁମୀ, ନୂଆଗାଁ, ପଟାଙ୍ଗୀ, କୁନ୍ଦୁଲି, ନାରାୟଣପାଟଣା ଓ ସୁନାବେଡ଼ାର ସଂଯୋଗୀକରଣକୁ ଅଧିକ ସୁଦୃଢ଼ କରୁଛି। ନୂତନ ୧୧କେଭି ଲାଇନ ତାର ସଂଯୋଗ ଯୋଗୁଁ ଜାନିଗୁଡ଼ା, ସେମିଳିଗୁଡ଼ା, ରଣ୍ଡାପଲ୍ଲୀ ଓ ସ୍ଥାନୀୟ ଆଖପାଖ ଅଞ୍ଚଳରେ ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ସୁଧାର ଆସି ପାରିଛି। ସେହିପରି ଆଲମଣ୍ଡା, ବନ୍ଧୁଗାଁ, କୋଟପାଡ଼, ଲମତାପୁଟ, ରାଣୀତୋଟା, ବୋରିଗୁମ୍ମା, ବର୍ଣ୍ଣପୁଟ ଏବଂ ସୁନାବେଡ଼ା ସହରାଞ୍ଚଳରେ ଥିବା ଫିଡରଗୁଡ଼ିକର ମଧ୍ୟ ଉନ୍ନତୀକରଣ କରାଯାଇଛି। ଟିପିଏସ୍‌ଓଡିଏଲ୍ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଯୋଗୁଁ ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର, କ୍ଷୁଦ୍ର ଉଦ୍ୟୋଗ ଓ ହଜାର ହଜାର ଘରକୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହେବା ସହିତ ଆର୍ଥିକ ସ୍ତରରେ ବିକାଶ

- କୋରାପୁଟ ଜିଲ୍ଲାର ବିଦ୍ୟୁତ୍ ଭିତ୍ତିଭୂମି ବିକାଶ କରୁଛି ଟିପିଏସ୍‌ଓଡିଏଲ୍
- ପଟାଙ୍ଗୀ, ଲମତାପୁଟ ସବଷ୍ଟେସନ ଉନ୍ନତିକରଣ, କୋରାପୁଟରେ କ୍ଷମତା ବୃଦ୍ଧି

ହୋଇଛି। ଏନେଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି କୋରାପୁଟ ସାଂସ୍କୃତିକ କ୍ଷେତ୍ରରେ ବହୁ ଉନ୍ନତ ଅଞ୍ଚଳ। ଏହା ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। ଏହି ଅଞ୍ଚଳରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରିବା ଆମ ପାଇଁ ଏକ ଗୌରବର ବିଷୟ। ଏହିସବୁ ପଦକ୍ଷେପ ତଥା ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସେବା ଯୋଗୁଁ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ଘର ଆଲୋକିତ ହେବା ସହିତ, ଶିଳ୍ପ ଅନୁଷ୍ଠାନକୁ ଶକ୍ତି ଓ ସମୁଦାୟକୁ ସଶକ୍ତ କରିବା ଦିଗରେ ସମସ୍ତ ପ୍ରୟାସ କମ୍ପାନୀ ତରଫରୁ କରାଯାଉଛି।

## ବିଇଏମ୍‌ସି ଗାଡ଼ି ଚାଳକଙ୍କୁ ନିର୍ବାହୀଯନ୍ତ୍ରୀଙ୍କ ଆକ୍ରମଣ !

ବ୍ରହ୍ମପୁର,୨୯ ।୮ (ସମିସ): ବିଇଏମ୍‌ସିର ଜଣେ ଗାଡ଼ି ଚାଳକଙ୍କୁ ଜଣେ ନିର୍ବାହୀ ଯନ୍ତ୍ରୀ କରିଥିବା ଅଭିଯୋଗ ହୋଇଛି। ୨ ଦିନ ପୂର୍ବେ କୌଣସି କାରଣକୁ ନେଇ ବିଇଏମ୍‌ସି ପରିସରରେ ଡ୍ରାଇଭର ଓ ସଂପୃକ୍ତ ନିର୍ବାହୀଯନ୍ତ୍ରୀ ପ୍ରଭାକର ପାଣିଗ୍ରାହୀଙ୍କ ମଧ୍ୟରେ ଉଚ୍ଚବାଚ ହେବା ପରେ ସେ ତାଙ୍କୁ ମାଡ଼ ମାରିଥିଲେ। ଡ୍ରାଇଭର ଜଣକ ଅଭିଯୋଗ ନିମନ୍ତେ ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଏହା ଜଣାପଡ଼ିବା ପରେ ଅନ୍ୟ ଡ୍ରାଇଭରମାନେ ସେଠାରେ ପହଞ୍ଚି ବୁଝାସୁଝା କରିଥିଲେ। ତେବେ କେଉଁ କାରଣରୁ ନିର୍ବାହୀ ଯନ୍ତ୍ରୀ ଜଣଙ୍କ ମାଡ଼ ମାରିଲେ ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଶୁଣିବାକୁ ମିଳିଛି।

## ଗଣତାନ୍ତ୍ରିକ ମହିଳା ସମିତିର ଜିଲ୍ଲା ସମ୍ମିଳନୀ




ବ୍ରହ୍ମପୁର,୨୯ ।୮ (ସମିସ): ଗଣତାନ୍ତ୍ରିକ ମହିଳା ସମିତିର ୯ତମ ଜିଲ୍ଲା ସମ୍ମିଳନୀ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଛି। ଏଥିରେ ମହିଳା ସମିତିର ସର୍ବଭାରତୀୟ ଜାତୀୟ ସମ୍ପାଦିକା ତାପସି ପ୍ରହରାଜ ଯୋଗଦେଇ ସମ୍ପ୍ରତି ମହିଳାମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସରକାର ପରେ ସରକାର ମହିଳା ସଶକ୍ତିକରଣ ସ୍ଲୋଗାନ ଦେଇ କ୍ଷମତାକୁ ଆସିଲା ପରେ ନିର୍ଯାତନା ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ଘଟିବା ପରିତାପର ବିଷୟ ବୋଲି କହିଥିଲେ। ବର୍ତ୍ତମାନ ମହିଳାମାନେ ରାଜନୈତିକ, ସାମାଜିକ ଓ ଆର୍ଥିକ ଭାବେ ଅବହେଳିତ। ତେଣୁ ଏହା ବିରୁଦ୍ଧରେ ମହିଳାମାନେ ସଂଗଠିତ ଓ ସଙ୍ଘର୍ଷ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମ୍ପାଦିକା ବିଷ୍ଣୁପ୍ରିୟା ସାହୁ ସାଙ୍ଗଠନିକ ରିପୋର୍ଟ ଅଗତ କରିଥିଲେ। ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ପ୍ରତିନିଧିମାନେ ଆଲୋଚନା କରିବାପରେ ରିପୋର୍ଟ ଗ୍ରହଣ କରାଯାଇଥିଲା। ଏହି ସମ୍ମିଳନୀରେ ଏକ ୧୯ ଜଣିଆ ଜିଲ୍ଲା କମିଟି ନିର୍ବାଚିତ ହୋଇଛି। ଏଥିରେ ମିନତୀ ସ୍ୱାଇଁ ସଭାନେତ୍ରୀ ଓ ବିଷ୍ଣୁପ୍ରିୟା ସାହୁ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଏହି ସମ୍ମିଳନୀକୁ ବିଶିଷ୍ଟ କୃଷକ ନେତା କୈଳାଶ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାରୀନେତ୍ରୀ ଗାୟତ୍ରୀ ନାଥ ପତାକା ଉତ୍ତୋଳନ କରିଥିଲେ। ନାରୀନେତ୍ରୀ ଗାୟତ୍ରୀ ନାଥ, ପ୍ରତିଭା ବ୍ରହ୍ମା ଓ ଗାୟତ୍ରୀ ଗୌଡ଼ ସମ୍ମିଳନୀକୁ ପରିଚାଳନା କରିଥିଲେ। ଯୁବନେତା ଗୋକୁଳ ତ୍ରିପାଠୀ ଏକ ବୈପ୍ଳବିକ କବିତା ପାଠ କରିଥିଲେ।

## ବିଇଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର,୨୯ ।୮ (ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ଏଥିରେ ମହାନଗର ନିଗମର ସମସ୍ତ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଛି। ପାଖାପାଖି ୩ଶହ ଜଣ ସଫେଇ ଓ ଗରିମା କର୍ମଚାରୀ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ଆଗାସାହି, ଆସ୍କାରୋଡ଼, ଉତ୍ତରାମୁଖୀ ଆଦି ବିଭିନ୍ନ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଅଭିଜ୍ଞ ଡ଼ାକ୍ତରୀଦଳ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ସହ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ୍ଡୀ, କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ଶିକେ, ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ା, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶକ୍ଳାଙ୍କ ସମେତ ବହୁ କର୍ପୋରେଟର ଯୋଗ ଦେଇଥିଲେ।

## ଚକ୍ଷୁଦାନ ପକ୍ଷରେ ପଦଯାତ୍ରା




ବ୍ରହ୍ମପୁର,୨୯ ।୮ (ସମିସ): ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ୍ ଆନୁକୂଲ୍ୟରେ ଜାତୀୟ ଚକ୍ଷୁଦାନ ପାଳନର ପଞ୍ଚମ ଦିବସରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। କ୍ଲବର କାର୍ଯ୍ୟାଳଠାରୁ ବାହାରି ଗିରିଜା ଛକ, ଅନ୍ନପୂର୍ଣ୍ଣା ମାର୍କେଟ ପର୍ଯ୍ୟନ୍ତ ଯାଇଥିଲା। ପରେ ଚକ୍ଷୁଦାନ ପାଇଁ ଆଗେଇ ଆସିବାକୁ ବିଭିନ୍ନ ସ୍ଲୋଗାନ ଦିଆଯାଇଛି। ଗିରିଜା ଛକରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଏଥିରେ କେ.ନାନ୍ଦେଶ୍ୱ ସେନାପତି, ଇ.ସତ୍ୟ ନାରାୟଣ ଗୁପ୍ତା, ବି.ଲାକ୍ଷ୍ମୀନାରାୟଣ ପାତ୍ର, ଜମ୍ମୁଲା ସୁରେଶ, ଇଂଜିନିଅର ପ୍ରଶାନ୍ତ କୁମାର ପାତ୍ର ଯୋଗଦେଇ ଚକ୍ଷୁ ସଚେତନତା କରିଥିଲେ଼ଃ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ ପକ୍ଷରୁ ଗତ ପଞ୍ଚଦିନ ଧରି ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ଲୋକଙ୍କ ଭିତରେ ସଚେତନତା ବୃଦ୍ଧି କରାଯାଉଛି। କାର୍ଯ୍ୟକ୍ରମରେ ସଭାପତି ସତ୍ୟକମ ପାତ୍ର, ଉପସଭାପତି ଶ୍ରୀକାନ୍ତ ସେନାପତି, ଅନୀଲ କୁମାର ଚୌଧୁରୀ, ପି.ଶ୍ରୀନିବାଶ ରାଓ, ସମ୍ପାଦକ ଏମ୍.ପ୍ରବୀଣ କୁମାର, କିରଣ କୁମାର, ପୂର୍ବତନ ସଭାପତି କେ.ପୁରୁଷୋତ୍ତମ କୁମାର ସୁବୁଦ୍ଧି, ଏମ୍.ବିଦ୍ୟାସଗାର, ମାଲେଶ୍ୱର ରାଓ ଗୁପ୍ତାଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

# ବିଇଏମ୍‌ସି ବଡ଼ାଖାନାରେ ବଡ଼ ଘୋଟାଲା !

ବ୍ରହ୍ମପୁର,୨୯ ।୮ (ସମିସ)



- ସାଢେ ୭ଲକ୍ଷ ଖର୍ଚ୍ଚ ସତ୍ତ୍ୱେ ବହୁ ଲୋକ ବଞ୍ଚିତ
- ଫୁଡ଼ କମିଟି ସଦସ୍ୟ କର୍ପୋରେଟରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ
- କର୍ପୋରେଟରଙ୍କ ମନାନ୍ତରର ଫାଇଦା ନେଉଛି ସିଣ୍ଡିକେଟ୍
- ମେୟର ଓ କମିସନରଙ୍କ ଦ୍ୱାରା ତଦନ୍ତ କରିବାକୁ ଦାବି

ବର୍ଷକୁ ଥରୁଟିଏ ବହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ପାଇଁ ଆୟୋଜନ ହୋଇଥାଏ ସାମୂହିକ ଭୋଜନ ବ୍ୟବସ୍ଥା। ଯାହାକୁ ବଡ଼ାଖାନା କୁହାଯାଇଥାଏ। ସହରର ସଫେଇର ମଙ୍ଗ ଧରିଥିବା କର୍ମଚାରୀ ବଡ଼ଖାନାରେ ବେଶ ଖୁସିର ସହ ସାମିଲ ହୋଇଥାନ୍ତି। ଏହି କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ମହାନଗର ନିଗମର ସମସ୍ତ ନିର୍ବାଚିତ ପ୍ରତିନିଧି, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ସମସ୍ତଙ୍କୁ ନିମନ୍ତ୍ରଣ ହୋଇଥାଏ। ପ୍ରତିବର୍ଷ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏହା ଆୟୋଜନ ହୁଏ।

ଏହିକ୍ରମରେ ଶୁକ୍ରବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ବିଇଏମ୍‌ସି ପକ୍ଷରୁ ଆୟୋଜିତ ବଡ଼ାଖାନାରେ ବଡ଼ ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ବଡ଼ାଖାନାକୁ ନେଇ ବହୁ ଜନପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ଅନେକଙ୍କୁ ଔପଚାରିକ ଭାବେ ନିମନ୍ତ୍ରଣ କରାଯାଇ ନଥିବା ବେଳେ କେବଳ ହ୍ୱାଟସଆପ୍ ଜରିଆରେ ଡକା ଯାଇଥିବାରୁ ଅନେକେ ଅନୁପସ୍ଥିତ ଥିବା ଜଣାପଡ଼ିଛି। ବିଶେଷ କରି ଏହା ଆୟୋଜନ କରିଥିବା ଫୁଡ୍ କମିଟି ସଦସ୍ୟଙ୍କ ମଧ୍ୟରେ ବି ଅସନ୍ତୋଷର ବହ୍ନି ଜଳି ଉଠୁଛି। ଫୁଡ୍ କମିଟିରେ ସ୍ଥାନିତ ବହୁ ଜନପ୍ରତିନିଧିଙ୍କ ମତାମତକୁ ଗୁରୁତ୍ୱ ଦିଆଯାଇନି। ଗତବର୍ଷ ବଡ଼ଖାନାରେ ସଫେଇ କର୍ମଚାରୀ ସମେତ ସମସ୍ତଙ୍କୁ ମଟନ ପରସା ଯାଇଥିବା ବେଳେ ଏବେ କେବଳ ଚିକେନରେ ସନ୍ତୁଷ୍ଟ କରାଯାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଖାଇବା ଏତେଟା ଭଲ ନଥିବା ମଧ୍ୟ କୁହାଯାଇଛି। ଏପରିକି ଅନେକ ମୁହଁ ଫେରାଇ ମଧ୍ୟ ଚାଲି ଆସିଛନ୍ତି। ଆୟୋଜନକୁ ନେଇ ମଧ୍ୟ ଅନେକେ ପ୍ରଶ୍ନ ଉଠାଇଛନ୍ତି। ବଡାଖାନାରେ ୨୫୦୦ଲୋକଙ୍କ ଖାଇବା ଲାଗି ଅର୍ଥ ବିନିଯୋଗ କରାଯାଇଥିଲା। ଏହିକ୍ରମରେ ଥାଳି ପିଛା ୩୦୦ଶହ ଟଙ୍କା ଲେଖାଏଁ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ୩୦୦ଟଙ୍କିଆ ପ୍ଲେଟରେ ସାଧା ପଲଉ, ଭାତ, ଡାଲି, ଚିଙ୍ଗୁଡ଼ି ଘାଣ୍ଟ, ଚିକେନ, ଦହି ସାଲାଡ଼ ଇତ୍ୟାଦି ସ୍ଥାନ ପାଇଥିଲା। ପ୍ରଥମାର୍ଦ୍ଧରେ ଅନେକ ଆଗ୍ରହର ସହକାରେ ଆସି ଖାଇଥିବା ବେଳେ ପରେ ପରେ ଖାଇବା ନିଅଣ୍ଟ ହୋଇଥିବା ଅଭିଯୋଗ ହୋଇଛି। ତେବେ ଦାୟିତ୍ୱରେ ଥିବା ଜଣେ ଅଧିକାରୀ କିନ୍ତୁ ଖାଇବା ବଳକା ହୋଇଥିବା କହିଛନ୍ତି। ଅପରପକ୍ଷେ ଗତବର୍ଷ ଥାଳି ପିଛା ୩୩୦ଟଙ୍କା ବିନିଯୋଗରେ ସଫେଇ କର୍ମଚାରୀଙ୍କୁ ମଟନ ପରସା ଯାଇଥିବା ବେଳେ ଚଳିତବର୍ଷ ଚିକେନ୍ ଥାଳିକୁ ନେଇ ସମୁଦାୟ ସାଢେ ୭ଲକ୍ଷ ଟଙ୍କା ବିନିଯୋଗ କରାଯିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ୩୦୦ଟଙ୍କିଆ ଥାଳିରୁ ଦୁର୍ନୀତିର ଗନ୍ଧ ବାରି ହେଉଥିବା ନେଇ ଅନେକେ ଅଭିଯୋଗ ମଧ୍ୟ କରିଛନ୍ତି।

ସେହିଭଳି ନିକଟରେ ହୋଇଥିବା ସ୍ୱାସ୍ଥ୍ୟ ଶିବିରରେ ବିଇଏମସି ଓ ବିଇଏମସି ନିୟନ୍ତ୍ରଣାଧିନ ସଂସ୍ଥା ଦ୍ୱାରା ପରିଚାଳିତ ପାଖାପାଖି ୩ଶହ କର୍ମଚାରୀଙ୍କ ସ୍ୱାସ୍ଥ୍ୟଯାଞ୍ଚ କରାଯାଇଥିବା କୁହାଯାଉଥିଲେ ହେଁ ଖାଇବା ବେଳେ ଅନେକ ସଫେଇ କର୍ମଚାରୀଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ବିଇଏମସିରେ ଦୁଇଗୋଷ୍ଠୀ କର୍ପୋରେଟଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ଭଳି ଗୋଳିଆ ପରିସ୍ଥିତିରୁ ଫାଇଦା ନେଉଛି ଏକ ନିର୍ଦ୍ଦିଷ୍ଟ ସିଣ୍ଡିକେଟ। ସିଣ୍ଡିକେଟର ନେତୃତ୍ୱ କୁଆଡେ କର୍ପୋରେସନର ଅତ୍ୟତମ ମୁଖିଆ ନେଉଥିବା ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ ବିନା ଟେଣ୍ଡରରେ ଗତବର୍ଷ ଟେଣ୍ଟ ମାରିଥିବା ସଂସ୍ଥାକୁ ଚଳିତବର୍ଷ ମଧ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥିବା କୁହାଯାଉଛି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ପୂର୍ବବର୍ଷ ଗୁଡ଼ିକରେ ବ୍ରହ୍ମପୁର ମହାନଗର ନିଗମ ଆୟୋଜନ କରିଥିବା ବଡ଼ାଖାନାରେ ପ୍ରତ୍ୟେକ ଜନ ପ୍ରତିନିଧି ସାମିଲ ହୋଇଥିବା ବେଳେ ଏଥର କିନ୍ତୁ ବହୁ କର୍ପୋରେଟର ଅନୁପସ୍ଥିତ ଥିଲେ। ବିଶେଷ କରି ସିଣ୍ଡିକେଟ୍‌ର ପ୍ରଭାବରେ ଅନେକ କୋଣଠେସା ହୋଇଥିବା ଅଭିଯୋଗ ବି ହୋଇଛି। ଏଣୁ ବଡ଼ାଖାନା ଆୟୋଜନ ନେଇ କମିଶନର ଓ ମେୟରଙ୍କ ଦ୍ୱାରା ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରୁ ଦାବି ହୋଇଛି। ଅପରପକ୍ଷେ ଏନେଇ ଆମ୍ଭେ ସ୍ୱଚ୍ଛ ଭାରତ ମିଶନ ଦାୟିତ୍ୱରେ ଥିବା ଡ଼େପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କ ସହ ଯୋଗାଯୋଗ କରିଥିବା ବେଳେ କାର୍ଯ୍ୟକ୍ରମ ଠିକଠାକ ହୋଇଥିଲା ବୋଲି କହିବା ସହ ସମସ୍ତଙ୍କ ସହଯୋଗରେ ଏକ ଇଭେଣ୍ଟ ସଂସ୍ଥାକୁ ବଡ଼ାଖାନା ଆୟୋଜନର ଦାୟିତ୍ୱ ଦିଆଯାଇଥିବା କହିଥିଲେ। ଏନେଇ ବିଇଏମସି ମେୟରଙ୍କ ସହ ଯୋଗଯୋଗ ସମ୍ଭବ ହୋଇପାରିନି।

# ଶ୍ରୀକ୍ଷେତ୍ର ସିଟି

୨୮/୮/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୦୪,୭୦୮/- ସୁନା: ୦୦.୦୭୦ ଗ୍ରାମ୍ ରୁପା: ୦୭.୦୦୦ ଗ୍ରାମ୍





## ସଚେତନତା ଶୋଭାଯାତ୍ରାରେ ହଜାରେ କ୍ରୀଡ଼ାବିତ୍

# ଧ୍ୟାନଚାନ୍ଦ ପ୍ରତିଟି କ୍ରୀଡ଼ାବିତ୍‌ଙ୍କ ପାଇଁ ଆଦର୍ଶ

ପୁରୀ, ୨୯।୮ (ସମିସ)

କିଂବଦନ୍ତୀ କ୍ରୀଡ଼ାବିତ୍ ଧ୍ୟାନଚାନ୍ଦ ସବୁବେଳେ ଜନମାନସରେ ରହିଥିବେ। ତାଙ୍କ ପ୍ରତିଭା ଅତୁଳନୀୟ। ଆଜିର ଯୁବପିଢ଼ି ଓ ପ୍ରତିଟି କ୍ରୀଡ଼ାବିତ୍‌ଙ୍କ ପାଇଁ ସେ ଆଦର୍ଶ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଜି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଳବଣିଆସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ସାଂସଦ ଡା. ସମ୍ବିତ ପାତ୍ର ଏହା କହିଛନ୍ତି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ସାଂସଦ ଡା. ପାତ୍ର ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ଘାଟନ କରିଥିଲେ। ସାଂସଦ ଡା. ପାତ୍ର କହିଥିଲେ ଯେ ସରକାର କ୍ରୀଡ଼ା ଓ କ୍ରିଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ସେପ୍ଟେମ୍ବରରେ ସାଂସଦ ଖେଳ ମହୋତ୍ସବର ଆୟୋଜନ କରାଯାଇଛି। ଏଥିରେ ୮ଟି କ୍ରୀଡ଼ା ବର୍ଗ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ।



ଆଜିର ଏହି ଶୋଭାଯାତ୍ରାରେ ଏକ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ଠାରୁ ଇନଡୋର୍ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଡା ପାତ୍ର ଯୋଗ ଦେବା ସହ କୋଚ ଓ କ୍ରିଡାବିତ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ପରେ ସେ ସମସ୍ତଙ୍କୁ କ୍ରିଡା ଶପଥ ପାଠ କରାଇଥିଲେ। ଏହି ଅବସରରେ ବାଲୁକା କଳା ଶିଳ୍ପୀ ସନ୍ତୋଷ କୁମାର ସେଠୀଙ୍କ ଦ୍ୱାରା ପ୍ରସ୍ତୁତ ଜାତୀୟ କ୍ରୀଡ଼ା ଦିବସ ଓ ବେଟୀ ବଚାଓ ବେଟୀ ପଢାଓର କୃତି କୁ ସାଂସଦ ଉନ୍ମୋଚନ କରିଥିଲେ। ପରେ ଯୋଗଗୁରୁ ଆଲୋକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଦର୍ଶନ ସହ ମାଲଖମ୍ବ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷର ଭାରପ୍ରାପ୍ତ ଅଧିକାରୀ ତ୍ରୈଲୋକ୍ୟ ନାଥ ସାହୁ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଖୋ ଖୋ କ୍ରୀଡ଼ାର ମୁଖ୍ୟ କୋଚ ସଞ୍ଜୀବ ଶର୍ମା, ବିଭିନ୍ନ କ୍ରୀଡ଼ା ସଂଘର ମୁଖ୍ୟମାନେ ଯୋଗ ଦେଇଥିଲେ।

# ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨୯।୮ (ସମିସ): ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଜି ଶ୍ରୀମନ୍ଦିର ପରିଚାଳନା କମିଟିର ନୂତନ ସଦସ୍ୟମାନଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ କୁମାର ଆଚାର୍ଯ୍ୟ, ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର, ପୂଜାପଣ୍ଡା ସାମନ୍ତ ଜଗନ୍ନାଥ ପୂଜାପଣ୍ଡା, ବରିଷ୍ଠ ସିଂହାରୀ ସେବକ ମଧୁସୂଦନ ସିଂହାରୀ, ବଳରାମ କୋଟର ମଠାଧୀଶ ପୂଜ୍ୟ ରଘୁବୀର ଦାସ ମହାରାଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତରୁଣ କବି ଦାମୋଦର ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ତଥା ବିଶ୍ୱହିନ୍ଦୁ ପରିଷଦର ସର୍ବଭାରତୀୟ ପୂଜକ ଅର୍ଚ୍ଚକ ବିଭାଗର ଉପସଭାପତି ଦୋଳଗୋବିନ୍ଦ ପଣ୍ଡା, ପ୍ରସନ୍ନ ମିଶ୍ରଙ୍କ ସହ ପୁରୀ ସହରର ବହୁ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗୁଣ୍ଡିଚା ମନ୍ଦିର ନିକଟରେ ୨୦୦୮ ମସିହାଠାରୁ ସାଧୁ, ସନ୍ଥ, ବାବାଜୀ ବୈଷ୍ଣବ, ଭୋକିଲା ଲୋକମାନଙ୍କୁ ଅନ୍ନଦାନ ଆଜି ପର୍ଯ୍ୟନ୍ତ ଚାଲୁଛି। ଟ୍ରଷ୍ଟ ଦ୍ୱାରା ଭାଗବତ ଗ୍ରନ୍ଥ ୨୦୦ ଗ୍ରାମରେ ନିତ୍ୟ ପାଠ ପାଇଁ ବଣ୍ଟନ, ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ସେବା, ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ବିଦ୍ୟାଦାନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା ଇତ୍ୟାଦି କାର୍ଯ୍ୟ ଚାଲୁଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ବିଶେଷାଙ୍କ 'ଅନ୍ନଦା'ର

### ପୁସ୍ତକ 'ଅନ୍ନଦା'ର ଲୋକାର୍ପଣ

ଶୁଭ ଲୋକାର୍ପଣ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ଅନୁଷ୍ଠାନର ସମ୍ପାଦିକା ଅନ୍ନପୂର୍ଣ୍ଣା ପାଣି, ପ୍ରତାପ ଚନ୍ଦ୍ର ଦାସ, କିରଣ କୁମାର ସାହୁ, ଡକ୍ଟର ନାରାୟଣ ପତି, ପୂର୍ଣ୍ଣଚନ୍ଦ୍ର ସାହୁ, ସ୍ଥିତପ୍ରଜ୍ଞ ଜେନା, ଅନିଲ ସାହୁ, ବରିଷ୍ଠ ସେବାୟତ ରବିନାରାୟଣ ଦାସ, ଦିନମଣି ବଳ, କବି ପ୍ରଶାନ୍ତ ତ୍ରିପାଠୀ, ସଂଗ୍ରାମକେଶରୀ ମହାପାତ୍ର, ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

● ଶ୍ରୀକ୍ଷେତ୍ରରେ ଷଠି ଓଷା

# ସନ୍ତାନଙ୍କ ଦୀର୍ଘାୟୁ କାମନା କଲେ ମା'



ପୁରୀ, ୨୯।୮ (ସମିସ): ଭାଦ୍ରବ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ସନ୍ତାନମାନଙ୍କ ଦୀର୍ଘାୟୁ କାମନା କରି ମା'ମାନେ ଷଠି ଓଷା ପାଳନ କରିଛନ୍ତି। ଶୁକ୍ରବାର ଶ୍ରୀକ୍ଷେତ୍ରରେ ମହିଳାମାନେ ପୁଅ-ଝିଅଙ୍କ ଦୀର୍ଘାୟୁ ଓ ସୁସ୍ଥ ଶରୀର କାମନା କରି ମା' ଷଷ୍ଠୀ ଦେବୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଏହି ଓଷା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି ଯେ ଓଡ଼ିଶାର ଏହା ଏକ ପାରମ୍ପରିକ ଓଷା। ୬ ପ୍ରକାର ଡାଳ, ବରକୋଳି, ବଜ୍ରମୂଳି, ବାଉଁଶପତ୍ର, ଓଲୁଅ, କଣ୍ଟାଇକୋଳି, ଅପମାର୍ଗ, ୬ ପ୍ରକାର ଶାଗ ଓ ୬ ପ୍ରକାର ପରିବା ପଡ଼ିଥିବା ତରକାରୀ ମା' ଷଷ୍ଠୀ ଦେବୀଙ୍କ ପାଖରେ ଭୋଗ ଲାଗି କରାଯାଇଥାଏ। ଏଥିସହ ଖିରୀ, ଖେଚେଡି, ଶାଗ ଓ ପରିବା ତରକାରୀ ମଧ୍ୟ ଭୋଗ ହୁଏ। ଘରର ସବୁ ପିଲା ନୂତନ ବସ୍ତ୍ର ପରିଧାନ କରିଥା'ନ୍ତି। ଷଷ୍ଠୀ ଦେବୀଙ୍କୁ ପୂଜା ପରେ ସନ୍ତାନମାନଙ୍କୁ ବନ୍ଦାପନା କରିଥା'ନ୍ତି। ବନ୍ଦାପନା ପରେ ମା'ଙ୍କୁ ଲାଗି ହୋଇଥିବା ୬ ପ୍ରକାର ଡାଳକୁ ପିଲାଙ୍କ ମୁଣ୍ଡ ଓ ପିଠିରେ ଧୀରେ ଧୀରେ ଆଘାତ କରିଥାନ୍ତି। ବିଶ୍ୱାସ ରହିଛି, ଏହାଦ୍ୱାରା ପିଲାମାନଙ୍କ ସମସ୍ତ ରିଷ୍ଟ ଖଣ୍ଡନ ହେବା ସହିତ ସେମାନେ ଦୀର୍ଘାୟୁ ହୁଅନ୍ତି।

## ବିମ୍ବାସୁରକୁ ବଧ କଲେ ଶ୍ରୀକୃଷ୍ଣ

ପୁରୀ, ୨୯।୮ (ସମିସ): ଶୁକ୍ରବାର ଥିଲା ଭାଦ୍ରବ ଶୁକ୍ଳଷଷ୍ଠୀ। ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ବିମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ପରେ ମଦନମୋହନ ଆଜ୍ଞାମାଳ ପାଇ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ସେଠାରେ ବିମ୍ବାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହି ଲୀଳା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦ୍ୱାପର ଯୁଗରେ ବିମ୍ବାସୁର ନାମକ ଜଣେ ମହାବଳଶାଳୀ ଅସୁରକୁ କଂସ ବୃନ୍ଦାବନକୁ ପ୍ରେରଣ କରିଥିଲେ। କୃଷ୍ଣ ବଳରାମଙ୍କ ନିଧନ ନିମନ୍ତେ ତାଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଭଗବାନ ଶ୍ରୀକୃଷ୍ଣ ଅବଲୀଳା କ୍ରମେ ବିମ୍ବାସୁରକୁ ବଧ କରିଥିଲେ। ଏହି ସ୍ମୃତିରେ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରର ବିମ୍ବାସୁର ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

## ୨୧ରୁ ସାଂସଦ ଖେଳ ମହୋତ୍ସବ

ପୁରୀ, ୨୯।୮ (ସମିସ): ସୁସ୍ଥ ରହିବାକୁ କ୍ରୀଡ଼ା ଏକ ଶ୍ରେଷ୍ଠ ମାଧ୍ୟମ। ଶୃଙ୍ଖଳା, ସୁସ୍ଥତା ଓ ନିରୋଗର ମହୌଷଧି ସଦୃଶ୍ୟ କ୍ରୀଡ଼ା। ସେଥିପାଇଁ ପ୍ରଧାନମନ୍ତ୍ରୀ ଖେଳକୁ ଗୁରୁତ୍ୱ ଦେଇ ସମଗ୍ର ଦେଶରେ ସାଂସଦ ଖେଳ ମହୋତ୍ସବର ଆୟୋଜନ ବ୍ୟବସ୍ଥା କରିଛନ୍ତି। ଆଜି ପୁରୀ ତାଳବଣିଆ ଇନଡୋର୍ ଷ୍ଟାଡିୟମ୍‌ଠାରେ ପୁରୀ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ସାଂସଦ ଡା. ସମ୍ବିତ ପାତ୍ର ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଡା. ପାତ୍ର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ଆମ ପାରମ୍ପରିକ କ୍ରୀଡ଼ାକୁ ଆଗକୁ ନେବା ଓ ହଜିଯାଉଥିବା କ୍ରୀଡ଼ାର ପୁନରୁଦ୍ଧାର ପାଇଁ ସାଂସଦ ଖେଳ ମହୋତ୍ସବ ଏକ ସୁନ୍ଦର ପଦକ୍ଷେପ। ସେପ୍ଟେମ୍ବର ୨୧ରୁ ଏହି ଖେଳ ପ୍ରତିଯୋଗିତା ମାଧ୍ୟମରେ ୮ ପ୍ରକାର ଖେଳକୁ ସାମିଲ କରାଯାଉଛି। ତେଣୁ କ୍ରିଡ଼ାବିତ୍‌ମାନେ ସାଂସଦ ଖେଳ ମହୋତ୍ସବ ପୋର୍ଟାଲକୁ ଯାଇ ନାମ ପଞ୍ଜୀକରଣ ପାଇଁ ଡା. ପାତ୍ର ପରାମର୍ଶ ଦେଇଥିଲେ। ଏହି ଅବସରରେ ସାଂସଦ ଖେଳ ମହୋତ୍ସବର ଲିଫଲେଟ୍‌କୁ ଡା. ପାତ୍ର ପ୍ରଦର୍ଶନ କରି କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିଥିଲେ।

## ଗୋପକୁ ଏନ୍‌ଏସି ଦାବି

ଗୋପ,୨୯।୮ (ସମିସ): ଗୋପକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବିରେ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ବ୍ଲକ ନିକଟ ଆଖଣ୍ଡଳଶ୍ୱର ଶୈବ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ନିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୈଲୋଚନ ସାହୁ, ସୁକାନ୍ତ ମହାନ୍ତି, ମହେଶ୍ୱର ସ୍ୱାଇଁ, ଗଦାଧର ସାମନ୍ତରାୟ, ସୁଧାଂଶୁ ସେନାପତି, ରମେଶ ବାରିକ, ଗୋଲାମ ଅହମଦ ବକ୍ସ, ମହମଦ ମଜିଦ, ତାୟବ ସଫରାଜ ଖାନ, ଅଜୟ କୁମାର ଜେନା, ବିଦ୍ୟୁଭୂଷଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋପ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଲେ ଏସ୍‌ପି ପ୍ରତୀକ ସିଂ



ପୁରୀ, ୨୯।୮ (ସମିସ): ପୁରୀର ନୂତନ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଆଜି ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଇଛନ୍ତି। ପୁରୀ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସୁଚାରୁରୂପେ କର୍ତ୍ତବ୍ୟ ସଂପାଦନ ନିମନ୍ତେ ସେ ଜଗଦଗୁରୁଙ୍କ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି। ଏହି ଅବସରରେ ଜଗଦଗୁରୁ କହିଥିଲେ ଯେ ସନାତନ ସଂସ୍କୃତି ଓ ପରମ୍ପରାରେ ପୁରୀ କେବଳ ଏକ ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ର ନୁହେଁ, ଏହା ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ ଭାବେ ପ୍ରତିଷ୍ଠିତ। ଶ୍ରୀମନ୍ଦିର ବିଧର୍ମୀ ଓ କୁଚକ୍ରୀମାନଙ୍କ ଦୃଷ୍ଟିରେ ରହିଛି। ଶ୍ରୀମନ୍ଦିରର ସୁରକ୍ଷା ସଦାସର୍ବଦା ଏକ ଆହ୍ୱାନ। ଏହାର ଧାର୍ମିକ ବ୍ୟବସ୍ଥା ହିଁ ଏହାର ଦିବ୍ୟତା ଓ ପବିତ୍ରତା ନଷ୍ଟ କରିବା ପାଇଁ ଅନେକ ଅରାଜକ ତତ୍ତ୍ୱ ସଦାସର୍ବଦା ତତ୍ପର ରହିଥା'ନ୍ତି। ଏହା ଉପରେ କଡ଼ା ଅନୁଶାସନର ଆବଶ୍ୟକତା ଅଛି ବୋଲି କହିଥିଲେ। ଏସ୍‌ପି ଶ୍ରୀ ସିଂଙ୍କ ସମେତ ଜିଲ୍ଲା ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ସହରାଞ୍ଚଳର ବିଭିନ୍ନ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ପୂଜାମଣ୍ଡପ ବୁଲିଲେ ଥାନା ଅଧିକାରୀ



ଚାରିଛକ,୨୯।୮ (ସମିସ) : ଚାରିଛକ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ଗଣେଶ ପୂଜା କରିବାକୁ ଚାରିଛକ ଥାନା ପକ୍ଷରୁ ଗତ ୨୫ ତାରିଖଦିନ ସମସ୍ତ ପୂଜାମଣ୍ଡପର କର୍ମକର୍ତ୍ତା ଓ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ,ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଚାରିଛକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଗଣେଶ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଚାରିଛକ ମୁଖ୍ୟ ବଜାର, ତୁଳସୀପୁର ଗଣେଶ ବଜାର, ଅମରେଶ୍ୱର ବଜାର, ଭୋଦର, ତମ୍ପାଳୋ, ବାହାରଣା, କଳାପାଞ୍ଚଣ ଆଦି ପୂଜା ମଣ୍ଡପ ପରିଦର୍ଶନ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ଭସାଣ ଉତ୍ସବ ସମାପନ କରିବାକୁ କମିଟିର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ । ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳଙ୍କ ସହିତ ଏସଆଇ କୃଷ୍ଣଚନ୍ଦ୍ର ପଷ୍ଟି, ଏଏସ୍‌ଆଇ ବୁଦ୍ଧୁରାମ ମୁର୍ମୁ, ଏଏସଆଇ କୈଳାଶ ପ୍ରଧାନ, ଏଏସ୍‌ଆଇ ସବିତା କୁମାରୀ ଦେବୀ, ଏଏସଆଇ ଇନ୍ଦୁଲତା ମିଶ୍ର,କନେଷ୍ଟବଳ ସୁପ୍ରସାଦ ନାୟକ, ରାମଚନ୍ଦ୍ର ଟୁଡୁ, ଭାଗୀରଥି ସ୍ୱାଇଁ, ପ୍ରମୋଦ କୁମାର ପୃଷ୍ଟି, ବୈଦନାଥ ବେହେରା, ରଞ୍ଜନ ବେହେରା, ବୈକୁଣ୍ଠ ନାଥ ସ୍ୱାଇଁ ପ୍ରମୁଖ ସାମିଲଥିଲେ। ପୂଜା ସମୟରେ ରାତ୍ର ପାଟ୍ରୋଲିଂ କଡାକଡି କରାଯାଉଥିବା ବେଳେ ଚାରିଛକ ବଜାର ଟ୍ରାଫିକ ସମସ୍ୟା ଠିକ୍‌ଠାକ୍ ଥିବା ଏବଂ ସମସ୍ତ ପୂଜା ମଣ୍ଡପରେ ଶାଂ ଶୃଙ୍ଖଳାର ସହ ପୂଜାକାର୍ଯ୍ୟ ଚାଲିଥିବା ନେଇ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି

ପୁରୀ, ୨୯।୮ (ସମିସ): କେନ୍ଦ୍ରାଞ୍ଚଳ ଡିଆଇଜି ଡଃ ସତ୍ୟଜିତ ନାୟକ ଆଜି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିରର ଉଭୟ ଭିତର ଏବଂ ବାହାର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ନୂତନ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସେ କହିଥିଲେ ଯେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରୀମନ୍ଦିର ସୁରକ୍ଷା ପୁଲିସ ପ୍ରଶାସନ ଲାଗି ବଡ଼ ଆହ୍ୱାନ। ସହରରେ ଅପରାଧ ରୋକିବା ଲାଗି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।



# ମହାପ୍ରଭୁଙ୍କୁ ଦର୍ଶନ କଲେ ସିକ୍କିମ୍ ମୁଖ୍ୟମନ୍ତ୍ରୀ



ପୁରୀ, ୨୯।୮ (ସମିସ): ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ ଆଜି ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏ ସଂପର୍କରେ ସେ ଆଜି ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଉକ୍ତ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି ଯେ ପୁରୀର ପବିତ୍ର ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ମୁଁ ଧନ୍ୟ ଅନୁଭବ କଲି। ଏହି ପବିତ୍ର ଅବସରରେ ମୁଁ ସିକ୍କିମବାସୀଙ୍କ ପକ୍ଷରୁ ପ୍ରାର୍ଥନା କରିଛି। ଆମର ପ୍ରିୟ ରାଜ୍ୟରେ ଚିରସ୍ଥାୟୀ ଶାନ୍ତି, ସମୃଦ୍ଧି ଏବଂ ମଙ୍ଗଳ ପାଇଁ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଆଶୀର୍ବାଦ କାମନା କରିଛି। ସିକିମ୍ ମୁଖ୍ୟମନ୍ତ୍ରୀଙ୍କ ଦର୍ଶନ ସମୟରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍

# ପ୍ରଶାସନ ଏକାଦଶ ବିଜୟୀ

ପୁରୀ, ୨୯।୮ (ସମିସ): ପୁରୀ ପୌରପାଳିକାର ସ୍ୱାୟତ୍ତ ଶାସନ ଦିବସ ଓ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ଆଜି ପ୍ରଶାସନ ଏକାଦଶ ଓ ପୌରପାଳିକା ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେପ୍ରଶାସନ ଏକାଦଶ ବିଜୟୀ ହୋଇଛି। ଜିଲ୍ଲା ପ୍ରଶାସନ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍‌ରେ ୧୨୫ ରନ୍ ସଂଗ୍ରହ କରିଥିଲା। ପୌର ଏକାଦଶ ସମସ୍ତ ୱିକେଟ୍ ହରାଇ ୮୯ ରନ୍‌ରେ ସୀମିତ ଥିଲେ। ଏଥିରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଉପଜିଲ୍ଲାପାଳ ରାଜ କିଶୋର ଜେନା ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଜିଲ୍ଲା ପ୍ରଶାସନ ଏକାଦଶର ନେତୃତ୍ୱ ନେଇଥିବା ବେଳେ ପୌରପାଳିକା ଏକାଦଶ ର ନେତୃତ୍ୱ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ନେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ସ୍ୱାୟତ୍ତ ଶାସନ ଦିବସରେ ଟାଉନ୍ ହଲଠାରେ ପୁରସ୍କୃତ କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।



ଜଗନ୍ନାଥଙ୍କ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ

# ସୋମନାଥ ବ୍ରତ ପାଳିତ

ପୁରୀ, ୨୯।୮ (ସମିସ): ଭାଦ୍ରବ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଶୁକ୍ରବାର ପାଳିତ ହୋଇଛି ସୋମନାଥ ବ୍ରତ। ଏଥିପାଇଁ ଶ୍ରୀମନ୍ଦିର ଉତ୍ତର ଦ୍ୱାରସ୍ଥିତ ସୋମନାଥ ମନ୍ଦିରରେ ବ୍ରତଧାରୀଙ୍କ ଭିଡ଼ ହୋଇଥିଲା। ବ୍ରତଧାରୀମାନେ ପ୍ରଭୁ ସୋମନାଥଙ୍କୁ ଦର୍ଶନ କରିବା ସହ ବିଭିନ୍ନପ୍ରକାର ଫଳ ଓ ପିଠା ଭୋଗ କରିଥିଲେ। ଠାକୁରଙ୍କୁ ଲାଗି କରିଥିବା ବ୍ରତକୁ ପିନ୍ଧିଥିଲେ। ଏହି ବ୍ରତ ଭାଦ୍ରବ ଶୁକ୍ଳ ଷଷ୍ଠୀରେ ଆରମ୍ଭ ହୋଇ ଆଶ୍ୱିନ ଶୁକ୍ଳ ଦଶମୀରେ ଉଦ୍‌ଯାପନ କରାଯାଏ। ଭଗବାନ ସୋମନାଥ ଶିବ ଏହି ବ୍ରତର ଆରାଧ୍ୟ ଦେବତା। ଓଡ଼ିଶାର ଗାଁ ଗାଁରେ ମହିଳା ପୁରୁଷ ଶ୍ରଦ୍ଧା ଓ ଭକ୍ତିର ସହ ଏହି ବ୍ରତ ପାଳନ କରିଥା'ନ୍ତି। ଏହା ପରେ ବ୍ରତଧାରୀ ଶୁକ୍ଳ ବସ୍ତ୍ର ପରିଧାନ କରି ବ୍ରତ ପୂଜା କରନ୍ତି। ମୁରୁଜ ଉପରେ ପିଢ଼ା ପକାଇ ଦଶଗୋଟି ଅକ୍ଷତ ଦୁବ ରଖି ଦଶଖିଅ ସୂତାରେ ତିଆରି ବ୍ରତକୁ ସ୍ଥାପନ କରାଯାଏ। କଖାରୁ ଫୁଲ ସମେତ ଦଶବର୍ଣ୍ଣର ଫୁଲ ଓ ଫଳରେ ଶିବଙ୍କୁ ପୂଜାର୍ଚ୍ଚନା କରି ବ୍ରତ ଧାରଣ କରିଥା'ନ୍ତି। ଏହି ବ୍ରତ କଲେ ପୁତ୍ର, ପୌତ୍ରମାନଙ୍କର ଆରୋଗ୍ୟ, ସୌଭାଗ୍ୟ ବୃଦ୍ଧି ଓ ଆୟୁ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ମୃତ୍ୟୁ ପରେ ଶିବଲୋକ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ବ୍ରତର ଉଦ୍‌ଯାପନକୁ କୁଷ୍ମାଣ୍ଡ ଦଶମୀ କୁହାଯାଏ।





# ପ୍ୟାକେଟ୍ ଭିତରେ ଭୋଜନ

ଭୁବନେଶ୍ୱର, ୨୯।୮(ସମିସ): ବର୍ତ୍ତମାନ ସମୟରେ କେବଳ ମ୍ୟାଗି ନୁହଁ ବରଂ ବିରିୟାନି ମଧ୍ୟ କିଛି ମିନିଟ୍‌ରେ ପ୍ରସ୍ତୁତ ହେଉଛି। କଥାଟି ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ। କେବଳ ବିରିୟାନୀ କାହିଁକି ଡାଲ ମଖନି, ମଟର ପନିର, ସିଙ୍ଗଡ଼ା, ପାଲକ ପନିର, ପୁଲାଓ, ଭେଜିଟେବଲ କରି ଆଦି କେତେ କଣ ତିଆରି କରିବାକୁ ଲାଗୁଛି ମାତ୍ର କିଛି ମିନିଟ୍।



ସମୟ ସହ ସବୁକିଛି ସହଜ ହେବା ସହ ଆବଶ୍ୟକ ଜିନିଷ ମଧ୍ୟ ହାତପାହାନ୍ତାରେ ମିଳିଯାଉଛି। ଫଳରେ ଏହା ଲୋକଙ୍କ ଜୀବନଯାପନ ଶୈଳୀକୁ ଆହୁରି ସହଜ କରିପାରିଛି। ପୂର୍ବରୁ ଯେଉଁ ଖାଦ୍ୟ ତିଆରିରେ ସମୟ ଲାଗୁଥିଲା ଏବେ କିଛି ମିନିଟରେ ରେଡି ହୋଇଯାଉଛି। ବିଭିନ୍ନ ପ୍ରକାର ଖାଦ୍ୟ, ସେ ପୁଣି ସ୍ୱାଦିଆ ସହ କମ୍ ସମୟରେ ପ୍ରସ୍ତୁତ ହୋଇଯାଉଥିବାରୁ ଏହାର ବ୍ୟବହାର ମଧ୍ୟ ବଢୁଥିବା ଦେଖିବାକୁ ମିଳିଛି। ବିଶେଷକରି ରାଜଧାନୀରେ ଅଧିକାଂଶ କର୍ମଜୀବୀ ଏବଂ ବ୍ୟାଚେଲରମାନଙ୍କୁ ଦେଖିବାକୁ ମିଳେ। କାମ ବ୍ୟସ୍ତତା ଏବଂ ପର୍ଯ୍ୟାପ୍ତ ସମୟ ଅଭାବରୁ ଲୋକ ଇନ୍‌ଷ୍ଟାମାର୍ଟ,

**ଟ୍ରାଭେଲର ଓ ବ୍ୟାଚ୍‌ଲରଙ୍କୁ ସୁହାଉଛି ରେଡି ଟୁ ଇଟ୍ ଫୁଡ୍**

**ଜାଳେଣି ଭାଳେଣିରୁ ମୁକ୍ତ ହେଉଛନ୍ତି କର୍ମଜୀବୀ ମହିଳା**

ଜୋମାଟୋ, ସ୍ୱିଗି ଭଳି ଅନ୍‌ଲାଇନ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲେ। ଖ୍ୱିକ୍ କମ୍ ସମୟରେ ଖାଇବା ପ୍ରସ୍ତୁତ ହୋଇଯାଉଥିବା କାରଣରୁ ଲୋକ ସେଥିରୁ ଅର୍ଡର କରିଥାନ୍ତି। ହେଲେ ଏବେ ସେଥିରେ ଏକ ପରିବର୍ତ୍ତନ ଦେଖିବାକୁ ମିଳୁଛି। 'ରେଡି ଟୁ ଇଟ୍ ଫୁଡ୍' ମାଧ୍ୟମରେ ବିରିୟାନିଠାରୁ ଆରମ୍ଭକରି ଡାଲ ମଖନି, ମଟର ପନିର, ଚିକେନ୍, ମଟନ ସମୋସା, ପାଲକ ପନିର, ପୁଲାଓ, ଭେଜିଟେବଲ କରି, ମୋମୋ, ପୁରୀ, ପାଓଭାଜି, ବିଭିନ୍ନ ପ୍ରକାର ମିଠା ଆଦି ସବୁକିଛି ହାତପାହାନ୍ତାରେ ପ୍ରସ୍ତୁତ ହୋଇଯାଉଛି। ମ୍ୟାଗି ଭଳି ଏସବୁ ମଧ୍ୟ ତିଆରି ପାଇଁ ବେଶୀ ସମୟ ଲାଗୁ ନାହିଁ। ଯାହାକୁ କେବଳ କିଣି ଆଣି ଖାଇ ପାରିବେ, ତ ଆଉ କିଛି ପାଣି ଗରମକରି ପ୍ରସ୍ତୁତ କରିହେବ। ରାଜଧାନୀରେ ମୁଖ୍ୟତଃ କର୍ମଜୀବୀ ଏବଂ ବ୍ୟାଚେଲରମାନଙ୍କୁ ଏହା ବେଶ୍ ସହଯୋଗ କରୁଥିବା ପରିଲକ୍ଷିତ ହେଉଛି। ବିଶେଷକରି ଟ୍ରେଭ୍‌ଲର୍‌ମାନେ ଏଭଳି ପ୍ୟାକେଟ୍ ଭୋଜନକୁ ଅଧିକ ଗ୍ରହଣ କରୁଛନ୍ତି। ଏହା ବିଭିନ୍ନ ଡେଲିଭରି ସପ୍ ତଥା ଅନ୍‌ଲାଇନରେ ମଧ୍ୟ ମିଳିଯାଉଛି। ଏହି ରେଡି ଟୁ ଇଟ୍ ଫୁଡ୍‌ର ସ୍ୱତନ୍ତ୍ର ଆପ୍ ବା କମ୍ପାନୀ ମଧ୍ୟ ରହିଛି। ଯେଉଁଠି କେବଳ ସେ ଖାଦ୍ୟ ହିଁ ବିକ୍ରି ହେଉଛି। ଯେପରି ଚୋକି ଧାନି ଫୁଡ୍‌ସ, ଗିଟ୍ସ ଫୁଡ୍, ରେଡି ମିଲସ୍, ଏମ୍‌ଟି ଆର ଫୁଡ୍ ଇତ୍ୟାଦି। ସେହିପରି ହଲଦିରାମ ଭଳି ପ୍ରତିଷ୍ଠିତ କମ୍ପାନି ମଧ୍ୟ ଏହି ରେଡି ଟୁ ଇଟ୍ ମିଲ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏସବୁର ମୂଲ୍ୟ ୭୬ଟଙ୍କାରୁ ଆରମ୍ଭ ହୋଇ ୩ ଟଙ୍କାଶହ ପର୍ଯ୍ୟନ୍ତ ବିକ୍ରି ହେଉଛି।



ଏନେଇ ରାଜଧାନୀର ଏକ ଘରୋଇ କଲେଜରେ ପଢ଼ାଉଥିବା ମହିଳା ରୂପାଲି ସାହୁ କୁହନ୍ତି, ଏହି ରେଡି ଟୁ ଇଟ୍ ଫୁଡ୍ ପ୍ରସ୍ତୁତ କରିବା ପାଇଁ ଅଧିକ ସମୟ ଏବଂ ସାମଗ୍ରୀର ଆବଶ୍ୟକ ପଡ଼ିନଥାଏ। କେବଳ ତାକୁ କିଣି ଖାଇ ହେବ ନଚେତ୍ ଗରମ୍ ପାଣିରେ ମଧ୍ୟ ପ୍ରସ୍ତୁତ କରି ହେଉଛି। ସ୍ୱାଦରେ ମଧ୍ୟ ଏହା ବାରି ହେବନି। ତେଣୁ ବ୍ୟସ୍ତ ବହୁଳ ଜୀବନରେ ଏହା ଖୁବ୍ ଆବଶ୍ୟକୀୟ ମାଧ୍ୟମ ପାଲଟିଛି ବୋଲି ସେ କହିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଧଉଳି, ୨୯।୮(ସମିସ): ଧଉଳି ଥାନା ଅଧୀନ ଲିଙ୍ଗିପୁର ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଛି। ଲିଙ୍ଗିପୁର ଗ୍ରାମରେ ଶିବରାମ ମାଝି ନାମକ ଜଣେ ବ୍ୟକ୍ତିଙ୍କ ଘର ନିର୍ମାଣ କାମ ଚାଲିଛି। କୃଷ୍ଣ ଚନ୍ଦ୍ର ଦାସ ନାମକ ଜଣେ ଯୁବକ ସେଠାରେ ନାଇଟ ୱାଚମ୍ୟାନ ଭାବେ କାମ ଚରୁଛନ୍ତି। ପ୍ରତିଦିନ ଭଳି ଗତକାଲି ରାତିରେ କାର୍ଯ୍ୟ କରୁଥିବା ବେଳେ ରାତି ପ୍ରାୟ ସାଢେ ୧୧ ଟା ସମୟରେ ସ୍ଥାନୀୟ ଅଞ୍ଚଳର ୨ ଜଣ ଯୁବକ ଆସି ଘର ନିର୍ମାଣ କାମରେ ବ୍ୟବହୃତ ଲୁହା ରଡ଼, ସିମେଣ୍ଟ ଚୋରୀ କରିବା ନିମନ୍ତେ ଉଦ୍ୟମ କରିଥିଲେ। ଏହି ସମୟରେ କୃଷ୍ଣ ସେମାନଙ୍କୁ ଅଟକାଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଯୁବକ ଦ୍ୱୟ ତାଙ୍କ ମୁଣ୍ଡକୁ ଏକ ଇଟାରେ ଆକ୍ରମଣ କରିଥିଲେ। କୃଷ୍ଣଙ୍କ ଚିତ୍କାର ଶୁଣି ତାଙ୍କ ଶଳା ପ୍ରଶାନ୍ତ ମଧ୍ୟ ସେମାନଙ୍କୁ ଅଟକାଇଥିଲେ। ସେମାନେ ମଧ୍ୟ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଉଭୟଙ୍କୁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏନେଇ କୃଷ୍ଣଙ୍କ ପତ୍ନୀ ନୟନା ଥାନାରେ ଅଭିଯୋଗ କରିଛନ୍ତି।

## ରାତ୍ରୀ ଜଗୁଆଳଙ୍କୁ ମରଣାନ୍ତକ ଆକ୍ରମଣ

ଧଉଳି, ୨୯।୮(ସମିସ): ଧଉଳି ଥାନା ଅଧୀନ ଲିଙ୍ଗିପୁର ଅଞ୍ଚଳରେ ଗତ ବୁଧବାର ରାତିରେ ଜଣେ ରାତ୍ର ଜଗୁଆଳିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଲିଙ୍ଗିପୁର ଭୋଇସାହିର ସିଲୁ ଭୋଇ। ଖବରନେବାରେ ଜଣାପଡ଼ିଛି ଲିଙ୍ଗିପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘର ନିର୍ମାଣ କାମ ଚାଲିଥିବା ବେଳେ କୃଷ୍ଣ ଚନ୍ଦ୍ର ଦାସ ନାମକ ଜଣେ ଯୁବକ ସେଠାରେ ରାତ୍ର ଜଗୁଆଳ ଭାବେ କାମ କରନ୍ତି। ଗତ ବୁଧବାର ରାତିରେ ଡିଉଟି କରୁଥିବା ବେଳେ ରାତି ପ୍ରାୟ ୧୧ଟା ସମୟରେ ସ୍ଥାନୀୟ ଅଞ୍ଚଳର ସିଲୁ ସମେତ ୨ ଜଣ ଯୁବକ ଆସି ଘର ନିର୍ମାଣ କାମରେ ବ୍ୟବହୃତ ଲୁହାଛଡ଼, ସିମେଣ୍ଟ ଚୋରି କରିବା ନିମନ୍ତେ ଉଦ୍ୟମ କରିଥିଲେ। ଏହି ସମୟରେ କୃଷ୍ଣ ସେମାନଙ୍କୁ ବାରଣ କରିବାରୁ ସିଲୁ ଏବଂ ୨ ଜଣ ତାଙ୍କ ମୁଣ୍ଡକୁ ଏକ ଇଟାରେ ଆକ୍ରମଣ କରିଥିଲେ। କୃଷ୍ଣଙ୍କ ଚିତ୍କାର ଶୁଣି ତାଙ୍କ ଶଳା ପ୍ରଶାନ୍ତ ମଧ୍ୟ ସେମାନଙ୍କୁ ଅଟକାଇଥିଲେ। ମଧ୍ୟ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଉଭୟଙ୍କୁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏନେଇ କୃଷ୍ଣଙ୍କ ପତ୍ନୀ ନୟନା ଥାନାରେ ଅଭିଯୋଗ କରିଛନ୍ତି। ନୟନାଙ୍କ ଅଭିଯୋଗକ୍ରମେ ପୁଲିସ ସିଲୁକୁ ଗିରଫ କରିଛି।

## ପହିଲାରେ ଅସ୍ଥାୟୀ ବନ କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୯।୮(ସମିସ): ଓଡ଼ିଶାର ବିଭିନ୍ନ ବନାଞ୍ଚଳରେ ସ୍ୱଳ୍ପ ହାତଟେକା ପାରିଶ୍ରମିକରେ ଅସ୍ଥାୟୀ କର୍ମଚାରୀ ଦିନରାତି ସରକାରୀ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଏଣୁ ପରିବାର ଭରଣ ପୋଷଣ କରିବା କଷ୍ଟ ହୋଇଗଲାଣି। ଏହାର ପ୍ରତିବାଦରେ ବନ ବିଭାଗର ହଜାର ହଜାର ଅସ୍ଥାୟୀ କର୍ମଚାରୀ ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ଓ ଧାରଣା ଦେବେ ବୋଲି ଓଡ଼ିଶା ଅସ୍ଥାୟୀ ବନ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟ ସଭାପତି ପ୍ରଭାତ ମହାନ୍ତି କହିଛନ୍ତି ବନ୍ୟାପ୍ରାଣୀ ସୁରକ୍ଷା, ବୃକ୍ଷରୋପଣ ଅଗ୍ନି ନିରାପତ୍ତା ଓ ଜଙ୍ଗଲ ସୁରକ୍ଷା ଭଳି ଏକ ସଂବେଦନଶୀଳ କାର୍ଯ୍ୟରେ ନିଜ ଜୀବନକୁ ବାଜି ଲଗେଇ ଓ ବିପଦ ସବୁଜ ବ୍ୟବସ୍ଥାରେ ୧୨ ଘଣ୍ଟାରୁ ୧୫ ଘଣ୍ଟା କାମ କରୁଛନ୍ତି। ହେଲେ ସେମାନଙ୍କୁ ଦିନ ମଜୁରିଆଙ୍କ ଠାରୁ କମ ଦରମା ମିଳୁଛି। କାମ ସମୟରେ ତାଙ୍କର ମୃତ୍ୟୁ ହେଲେ କୌଣସି ସ୍ୱତନ୍ତ୍ର ସହାୟତା ମିଳୁନାହିଁ। ଏଣୁ ଦରମା ବୃଦ୍ଧି ସହ ସ୍ଥାୟୀ ଚାକିରି ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ଖିଲେଶ କୋଶରିଆ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାନ୍ତି, ଉପ ସଭାପତି ସରୋଜ ଲେଙ୍କା, ସଭାପତି ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୟୁନିଟ୍-୯ ଅଞ୍ଚଳରେ ୪୦ଫୁଟ୍‌ର ଗଣେଶ ମୂର୍ତ୍ତି



ଭୁବନେଶ୍ୱର, ୨୯।୮(ସମିସ): ୟୁନିଟ୍-୯ ଫ୍ଲାଟ୍, ଭୋଇନଗର ଅଞ୍ଚଳରେ ମଙ୍ଗଳା କ୍ଲବ ପକ୍ଷରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏଠାରେ ୪୦ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚତାର ମୂର୍ତ୍ତିକୁ ପୂଜା ପାଉଛି। ଯାହା ସ୍ଥାନୀୟ ଅଞ୍ଚଳରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ମୂର୍ତ୍ତିକୁ ଦେଖିବାକୁ ପୂଜାସ୍ଥଳରେ ଲୋକଙ୍କ ଭିଡ ଦେଖାଦେଉଛି। ୧୯୯୫ ମସିହାରୁ ୟୁନିଟ ୯ ଫ୍ଲାଟ ର କିଛି ଛୋଟପିଲା ମିଶି ଏଠାରେ ଗଣେଶ ପୂଜା ଆରମ୍ଭ କରିଥିଲେ। ନିଜସ୍ୱ ପ୍ରଚେଷ୍ଟାରେ ଛୋଟ ମୂର୍ତ୍ତିରୁ ଆରମ୍ଭ ହୋଇଥିବା ଗଣେଶ ପୂଜା ଆଜି ୪୦ ଫୁଟରେ ପହଞ୍ଚିଛି। କ୍ଲବର କର୍ମକର୍ତ୍ତାଙ୍କ କହିବା ଅନୁସାରେ ମୂର୍ତ୍ତି ବିସର୍ଜନ ପରେ ଏଥିରୁ ବାହାରୁଥିବା ମାଟିରେ ବୃକ୍ଷ ରୋପଣ କରାଯାଉଛି।

## ନିଶା କାରବାର ଅଭିଯୋଗ; ନୂଆପଲ୍ଲୀର ଚଢ଼ଉ

ଭୁବନେଶ୍ୱର, ୨୯।୮(ସମିସ): ଶିକ୍ଷାନୁଷ୍ଠାନ ନିକଟରେ ନିଶାକୁ ନାଁ କରାଯାଇଛି। ଡ୍ରଗ୍ କଣ୍ଟ୍ରୋଲର ଓ ସ୍ପେଶାଲ ଟାସ୍କଫୋର୍ସ ପକ୍ଷରୁ ଶୁକ୍ରବାର ମିଳିତ ଚଢ଼ଉ କରାଯାଇଛି। କୋଡ୍ ୱାର୍ଡରେ ନିଶା କାରବାର ହେଉଥିଲା। ଆଖି ପିଛୁଳାକେ ହେଉଛି ଡିଲ୍। ସଫି ମଲ୍, ଶିକ୍ଷାନୁଷ୍ଠାନ ନିକଟରେ ନିଶା କାରବାର ବେଳେ ଧରିଲା ସ୍ପେଶାଲ ଟିମ୍। ଚାମ୍ପା, ଗୋଗୋ, ବାବା' ନାଁରେ ବିକ୍ରି ହେଉଥିଲା ଗଞ୍ଜେଇ ସିଗାରେଟ୍। ନୂଆପଲ୍ଲୀ ଅଞ୍ଚଳରେ ରେଡ଼ ବେଳେ ଗଞ୍ଜେଇ ସିଗାରେଟ୍, ଫଏଲ ପେପର, ଚିଲମ, ମୁଦୁକ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଜବତ ହୋଇଛି। ଏକାଧିକ ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି ଜଏଣ୍ଟ ଟିମ୍। ନିଶା ବିରୋଧରେ ଜିରୋ ଟଲେରାନ୍ସ ପୂର୍ବରୁ ମଧ୍ୟ ଜାରି ରହିଛି। ଇନ୍‌ଫୋସିଟି, ପଟିଆ, ଜୟଦେବ ବିହାର, ପାତ୍ରପଡ଼ା, ଖଣ୍ଡଗିରି, ୟୁନିଟ-୪, ୟୁନିଟ-୯ ଅଞ୍ଚଳରେ ପୂର୍ବଦିନ ମାନଙ୍କରେ ରେଡ୍ ବେଳେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ ହୋଇଥିବା କହିଛନ୍ତି ବିଭାଗୀୟ ଅଧିକାରୀ।

## ଭସାଣୀରେ ଡିଜେ ବାଜିବାକୁ ନେଇ ଥାନାରେ ଉତ୍ତେଜନା




ଭୁବନେଶ୍ୱର, ୨୯।୮ (ସମିସ): ଗଣେଶ ପୂଜା ଭଷାଣୀରେ ଡିଜେ ବଜାଇବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଗୋଟିଏ ଗୋଷ୍ଠୀ ବିରୋଧ କରୁଥିବା ବେଳେ ଆଉ ଏକ ଗୋଷ୍ଠୀ ଡିଜେ ବଜାଇବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଉତ୍ୟକ୍ତ ଲୋକମାନେ ଥାନା ଘେରାଉ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଭସାଣୀ ବେଳେ ଡିଜେକୁ କମିସନରେଟ ପୁଲିସ ପକ୍ଷରୁ ବାରଣ କରାଯାଇଛି। ହେଲେ ଚନ୍ଦକା ଥାନା ଅଞ୍ଚଳର ଗୋଟିଏ ଗୋଷ୍ଠୀ ଗଣେଶ ବିସର୍ଜନ ବେଳେ ଡିଜେ ବଜାଇ ରୋଷଣୀ ନେଇ ଯାଉଥିଲେ। ଏହାକୁ ଅପରପକ୍ଷ ଗୋଷ୍ଠୀ ବିରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡିଜେ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲା। ଏହାର ପ୍ରତିବାଦରେ ଲୋକମାନେ ଥାନା ଘେରାଉ କରିଥିଲେ। ଶତାଧିକ ଲୋକେ ଥାନା ଆଗରେ ହୋହଲ୍ଲା କରିବାରୁ ନନ୍ଦନକାନନ ଓ ଭରତପୁର ଥାନା ଅଧିକାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସେପଟେ ମେଣ୍ଢାଶାଳ ଅଞ୍ଚଳରେ ଭଷାଣୀ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଗୋଟିଏ ଛକରେ ଉଭୟଙ୍କ ମେଢ଼ ଏକାଠି ହେବାପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଭୟପକ୍ଷ ହାତାହାତି ହେବାରୁ ଜଣେ ଅଟୋ ଚାଳକ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏନେଇ ଚନ୍ଦକା ଥାନାରେ ଅଭିଯୋଗ ହୋଇଛି।

## ଜାତୀୟ ଶିକ୍ଷାନୀତି ସମ୍ବେଦନଶୀଳତାକୁ ନେଇ କର୍ମଶାଳା

ଭୁବନେଶ୍ୱର, ୨୯।୮(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ଏବଂ ଅର୍ଥନୀତି ବିଭାଗ ମିଳିତ ଉଦ୍ୟମରେ ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ସମ୍ବେଦନଶୀଳତାକୁ ନେଇ ଏକ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ସାବତ କୁମାର ଦିଗଲ ସ୍ୱାଗତ ଭାଷଣ ଦେବା ସହିତ ଏନଇପି ୨୦୨୦ ରେ କଳ୍ପନା କରାଯାଇଥିବା ବିକଶିତ ଶୈକ୍ଷିକ ଦୃଶ୍ୟପଟ ସହିତ ଉଚ୍ଚଶିକ୍ଷାକୁ ସମନ୍ୱିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡ. ବିପ୍ଳବ କୁମାର ଗୁରୁ କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ସାରାଂଶ ପ୍ରଦାନ କରି ଅଧିବେଶନ ଆରମ୍ଭ କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଅପରାଜିତା ବିଶ୍ୱାଲ ଏନଇପିର ସାମଗ୍ରିକ ଆଭିମୁଖ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଅର୍ଥନୀତି ଶିକ୍ଷା ଏବଂ ଗବେଷଣା ପଦ୍ଧତିକୁ ପୁନଃଆକୃତି ଦେଇପାରେ ବୋଲି ମତବ୍ୟକ୍ତ କରିଥିଲେ। ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଦେବାଶିଷ ପାହିଙ୍କ ଦ୍ୱାରା ପ୍ରବର୍ତ୍ତିତ 'ଗବେଷଣା, ନବସୃଜନ ଏବଂ ପ୍ରତିଷ୍ଠାନ ବିକାଶ' ଉପରେ ବୈଷୟିକ ଅଧିବେଶନ ଥିଲା




ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ। ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମିତାଲି ଚିଆନାରା ଏବଂ ଡ. ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ରହିଥିଲେ।

## ସ୍ମାର୍ଟସିଟିର କ୍ୟାମେରା ଯନ୍ତ୍ରାଂଶ ଚୋରି; ଦୁଇ ଗିରଫ

ଭୁବନେଶ୍ୱର, ୨୯।୮ (ସମିସ): ରାଜଧାନୀରୁ କ୍ୟାମେରା ଯନ୍ତ୍ରାଂଶ ଚୋରି କରିଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଜାଭିୟର କଲେଜ ନିକଟରେ ରହୁଥିବା ଗଙ୍ଗାଧର ସେଠୀ (୩୫), ସୁନିଲ ନାୟକ (୨୭) ଓ ସାଲିଆ ସାହି ବାଜପେୟୀ ନଗରର ଦେବ ନାରାୟଣ ଗୁପ୍ତା (୫୦)।

ପୁଲିସ ସୂଚନା ଅନୁସାରେ, କ୍ୱାଡଗେନ ୱେୟାରଲେସ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ସ୍ମାର୍ଟସିଟି ପ୍ରକଳ୍ପ ଅଧିନରେ ରାଜଧାନୀର ବିଭିନ୍ନ ସ୍ଥାନରେ କ୍ୟାମେରା ଲଗାଇବା ସହ ରକ୍ଷଣାବେକ୍ଷଣା କରେ। କମ୍ପାନୀ ତରଫରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଜଙ୍କସନ୍ ବକ୍ସ ସବୁ ଲଗାଯାଇଥିଲା। ଗତ ବୁଧବାର ସନ୍ଧ୍ୟାରେ ଫିଲ୍ଡ ଅଫିସର ଦୁର୍ଯ୍ୟୋଧନ ପରିଡ଼ା ସାଇଟ ପରିଦର୍ଶନ କରିବା ବେଳେ ସ୍ୱସ୍ତି ପ୍ରିମିୟମ ହୋଟେଲ ଓ ଜନତା ମଇଦାନ ନିକଟରୁ ୧୦ଟି ପାୱାର ଜେବି ବକ୍ସ ଏବଂ ୨ଟି ନେଟୱାର୍କ ବକ୍ସ ଭାଙ୍ଗାଯାଇ କବାଟ ସବୁ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ଶ୍ରୀ ପରିଡ଼ା ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗଙ୍ଗାଧର ଓ ସୁନିଲ ସେଗୁଡ଼ିକୁ ଚୋରି କରି କବାଡ଼ିଆ ଦେବନାରାୟଣକୁ ବିକ୍ରି କରିଥିବା ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୧ଟି ଜେବି ମିଟର ବକ୍ସ କବାଟ ଓ ୨ଟି ଜେବି ନେଟୱର୍କ ବକ୍ସ ଜବତ କରିଥିଲା।

## ଟଙ୍କା ନ ଦେବାରୁ ଖଣ୍ଡାଚୋଟ; ଅଟୋ ଚାଳକ ଗିରଫ

ଭୁବନେଶ୍ୱର, ୨୯।୮ (ସମିସ): ଟଙ୍କା ନ ଦେବାରୁ ଦୁଇ ବନ୍ଧୁକୁ ଖଣ୍ଡାରେ ଆକ୍ରମଣ ହୋଇଛି। କଳିଙ୍ଗନଗର ମଦ ଦୋକାନ ଆଗରେ ଏଭଳି ଘଟଣା ଘଟିଥିବା ବେଳେ ଅଟୋ ଚାଳକକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯାଆଁଳା ଅଞ୍ଚଳରେ ରହୁଥିବା ଓଡ଼ଗାଁର ବଟକୃଷ୍ଣ ଗୌଡ଼ (୨୯)।

ପୁଲିସ ସୂଚନା ଅନୁସାରେ, ପରିବା ବ୍ୟବସାୟୀ ମାନସ ବେହେରା ଓ ଅଟୋ ଚାଳକ ବଟକୃଷ୍ଣ ପୂର୍ବରୁ ପରିଚିତ। ଗତକାଲି ମଧ୍ୟାହ୍ନରେ ବଟକୃଷ୍ଣ ଅଟୋ ନେଇ କଳିଙ୍ଗବିହାରସ୍ଥିତ ମଦ ଦୋକାନକୁ ଯାଇଥିଲେ। ସେଇ ସମୟରେ ସେହି ରାସ୍ତା ଦେଇ ଯାଉଥିବା ମାନସ ଓ ତାଙ୍କ ବନ୍ଧୁଙ୍କୁ ପାଖକୁ ଡାକି ବଟକୃଷ୍ଣ ଟଙ୍କା ମାଗିଥିଲା। ମାନସ ଟଙ୍କା ଦେବା ଲାଗି ମନା କରିବାରୁ ବଟକୃଷ୍ଣ ଉତ୍ତ୍ୟକ୍ତ ହୋଇ ଅଟୋରୁ ଖଣ୍ଡା ଆଣି ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକ ମାନେ ଘଟଣାସ୍ଥଳରେ ରୁଣ୍ଡ ହୋଇଯିବାରୁ ବଟକୃଷ୍ଣ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ଅଟୋରେ ଫେରାର ହୋଇଯାଇଥିଲା। ମାନସଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ବଟକୃଷ୍ଣକୁ ଗିରଫ କରିବା ସହ ଖଣ୍ଡା ଓ ଅଟୋ ଜବତ କରିଥିଲା। ବଟକୃଷ୍ଣ ନାମରେ ପୂର୍ବରୁ ମଧ୍ୟ ନୟାଗଡ଼ ନୂଆଗାଁ ଥାନାରେ ଏକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## 'ବୋଲୋ ଗଣପତି ବାପା ମୋରିଆ' ମୁକ୍ତିଲାଭ

ଭୁବନେଶ୍ୱର, ୨୯।୮(ସମିସ): ପବିତ୍ର ଗଣେଶ ପୂଜା ଉପଲକ୍ଷେ ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶିତ 'ବୋଲୋ ଗଣପତି ବାପା ମୋରିଆ' ଭକ୍ତି ଗୀତ ଏବଂ ଡ୍ୟାନ୍ସ ନମ୍ବର ମ୍ୟୁଜିକ୍ ଭିଡିଓ ମୁକ୍ତିଲାଭ କରିଛି। ଓଲିଉଡ୍ ତଥା ଜଲିଉଡ ଅଭିନେତା ପିୟୁଷ ତ୍ରିପାଠୀ ଏବଂ ଶ୍ରଦ୍ଧା ପାଣିଗ୍ରାହୀଙ୍କ ଅଭିନୀତ ଭକ୍ତି ଗୀତ ଗଣପତି ବାପା ମୋରିଆ ଗୋଟିଏ ଦିନରେ ଦୁଇଲକ୍ଷ ଭିୟୁଜ୍ ସଂଗ୍ରହ କରିପାରିଛି। ସାଇନା ଏଣ୍ଟରଟେନମେଣ୍ଟ ୟୁଟ୍ୟୁବ ଚ୍ୟାନେଲରେ ଏହି ଭିଡିଓଟି ଦର୍ଶକ ଦେଖିବାକୁ ପାଇବେ। ସେହିପରି ଡ୍ୟାନ୍ସ ନମ୍ବର ମ୍ୟୁଜିକ୍ ଭିଡିଓଟି ଦୁଇ ନବାଗତା ରିତୁରାଜ ଏବଂ ଦିଶାଙ୍କ ଅଭିନୀତ ଏହି ଗୀତଟି ମାର୍ଟିନ ପ୍ରଡକସନ ୟୁଟ୍ୟୁବ ଚ୍ୟାନେଲରେ ଦେଖିବାକୁ ମିଳିବ।

## ଶାରୀରିକ ସମ୍ପର୍କ ରଖିବାକୁ ବାଧକରି ଯୁବକ ଗିରଫ

ବାଲିଅନ୍ତା, ୨୯।୮(ସମିସ): ବାଲିଅନ୍ତା ଥାନା ପୁଲିସ ଜଣେ ଯୁବତୀଙ୍କୁ ଖରାପ ସମ୍ପର୍କ ରଖିବାକୁ ବାଧ କରିବା, ଶାରୀରିକ ସମ୍ପର୍କ ନ ରଖିଲେ ପରିବାର ଲୋକଙ୍କୁ ହତ୍ୟା ଧମକ ଦେବା ଏବଂ ନିଜ ଫଟୋ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲା କଟକ ଜିଲ୍ଲା ବଡମ୍ବା ଥାନା ଅଧୀନ ଗଡ଼ପୋଖରୀ ଗ୍ରାମର ସୁଜିତ କୁମାର ନାୟକ (୩୫)। ଆଜି ବାଲିଅନ୍ତା ଥାନା ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ ଯେ, ସୁଜିତ ବିବାହିତ। ଅଭିଯୋଗକାରିଣୀ ୨୦୦୩ ମସିହାରେ ଏକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ସମୟରେ ସୁଜିତଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ଏକଦା ଅଭିଯୁକ୍ତଙ୍କ ଅନୁରୋଧ କ୍ରମେ ଅଭିଯୋଗକାରିଣୀ ତାଙ୍କର ଭଡା ଘରକୁ ପରିଦର୍ଶନରେ ଯାଇଥିଲେ। ଉକ୍ତ ଭଡାଘରେ ଗାଧୋଉ ଥିବା ସମୟରେ ଅଭିଯୁକ୍ତ ଜଣକ ତାଙ୍କ ଅଜାଣତରେ ତାଙ୍କର କିଛି ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ କୌଶଳକ୍ରମେ ସଂଗ୍ରହ କରି ନେଇଥିଲେ। ଉକ୍ତ ଫଟୋ ଓ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବାର ଧମକ ଦେଇ ଅଭିଯୁକ୍ତ ତାଙ୍କ ସହ ଖରାପ ସମ୍ପର୍କ ରଖିବା ଲାଗି ଅଭିଯୋଗକାରିଣୀଙ୍କ ଉପରେ ଚାପ ପକାଇଥିଲେ। ଅଭିଯୋଗକାରିଣୀ ଏଥିରେ ରାଜି ନହେବାରୁ ଅଭିଯୁକ୍ତ ତାଙ୍କର ସମସ୍ତ ସାମାଜିକ ଗଣମାଧ୍ୟମ ସାଇଟକୁ ହ୍ୟାକ୍ କରିଦେବା ସହ ପାଖରେ ରଖିଥିବା ଫଟୋ ଓ ଭିଡିଓକୁ ଅଭିଯୋଗକାରିଣୀଙ୍କ ବନ୍ଧୁ ପରିଜନଙ୍କ ନିକଟକୁ ପଠାଇ ଦେଇଥିଲେ। ଗତ ତା.୨୪.୦୮.୨୦୨୫ ରିଖ ଅପରାହ୍ନରେ ଅଭିଯୁକ୍ତ ସୁଜିତ ହଠାତ ଅଭିଯୋଗକାରିଣୀଙ୍କ ଘରକୁ ଯାଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ପୂର୍ବକ ଜାତିଆଣ ଆକ୍ଷେପ କରିଥିଲେ ଏବଂ ଯଦି ସେ ତାଙ୍କ ପ୍ରସ୍ତାବରେ ରାଜି ନହୁଅନ୍ତି ତେବେ ସେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ।

ଉପରୋକ୍ତ ଘଟଣାକୁ କେନ୍ଦ୍ରକରି ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ, ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ସୁଜିତ କୁମାର ନାୟକଙ୍କୁ ଗିରଫ କରିଥିଲେ। ପଚରାଉଚରା ସମୟରେ, ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କରିଥିଲେ। ଅଭିଯୁକ୍ତ ସୁଜିତଙ୍କ ନାମରେ ପୂର୍ବରୁ ମଧ୍ୟ ବଡମ୍ବା ଥାନାରେ ଏକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଗ୍ରାମ ସେବକଙ୍କ କ୍ୱାର୍ଟର୍ସ ଭୂତକୋଠି

ବାଲିଅନ୍ତା, ୨୯।୮(ସମିସ): ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ପଞ୍ଚାୟତ ପୋଷ୍ଟ ଅଫିସ ନିକଟରେ ଥିବା ଗ୍ରାମ କୃଷି କ୍ଷେତ୍ର କର୍ମଚାରୀଙ୍କ ସରକାରୀ କ୍ୱାର୍ଟର୍ସ ଏବେ ଭୂତକୋଠି ପାଲଟିଛି। ଦୀର୍ଘ ୨୦ ବର୍ଷ ତଳେ ନିର୍ମାଣ ହୋଇଥିବା ଉକ୍ତ କ୍ୱାର୍ଟର ରକ୍ଷଣାବେକ୍ଷଣ ଅଭାବରୁ ବିପଦସଂକୁଳ ଅବସ୍ଥାରେ ପହଞ୍ଚିଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଉକ୍ତ କ୍ୱାର୍ଟର ଛାତରୁ ପାଣି ଗଳୁଛି। ଚାରିପାର୍ଶ୍ୱ କାନ୍ଥ ଫାଟି ଗଲାଣି। ଛାତ, ଝରକା ନିମିଟାଲ, ଫିନ କଂକ୍ରିଟ ଭାଙ୍ଗି ଗଲାଣି। ଛାତ ଉପରେ ଅନାବନା ଗଛଲତା ଘାସ ଉଠି ଗଲାଣି।

ଦିନଥିଲା ଭିଙ୍ଗାରପୁର ସହକାରୀ କୃଷି କାର୍ଯ୍ୟାଳୟ ଅଧୀନରେ ଥିବା ଉକ୍ତ କ୍ୱାର୍ଟରରେ କୃଷି କ୍ଷେତ୍ର କର୍ମଚାରୀ ରହି ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମ ବୁଲି ଚାଷୀଙ୍କୁ ଫସଲ ସମ୍ପର୍କିତ ବିଭିନ୍ନ ପରାମର୍ଶ ଦେଉଥିଲେ। କିଛି ବର୍ଷ ଧରି ସବୁ ଠିକଠାକ ଚାଲିଥିଲା। ଏଇ କିଛି ବର୍ଷ ହେବ କ୍ଷେତ୍ର କୃଷି କର୍ମଚାରୀ କ୍ୱାର୍ଟର କାମରେ ଆସୁନି। ଘର କାନ୍ଥ ଓ ଛାତ କଂକ୍ରିଟ ଫାଟି ଖସି ପଡୁଛି।

**ରହୁନାହାନ୍ତି କୃଷି କ୍ଷେତ୍ର କର୍ମଚାରୀ**

କେତେବେଳେଯେ ଆଖ ପାଖରେ ଚଳପ୍ରଚଳ କରୁଥିବା ଲୋକଙ୍କ ଉପରେ ଘର ଭୁଶୁଡି ପଡ଼ି ଲୋକଙ୍କ ପ୍ରାଣହାନି ନଘଟିବ ତାହା କହି ହେଉ ନାହିଁ। ତେଣୁ ପୂର୍ବ ଭଳି କୃଷି କ୍ଷେତ୍ର କର୍ମଚାରୀ କ୍ୱାର୍ଟର୍ସ ନବୀକରଣ କରି ଚାଷୀଙ୍କ କୃଷି ପରାମର୍ଶ ଯୋଗାଇ ଦେବାକୁ ସମାଜସେବୀ କ୍ଷୀରୋଦ ଚନ୍ଦ୍ର ପଣ୍ଡା ଦାବି କରିଛନ୍ତି।



# ଆଉ କେତେଦିନ ଲାଗିବ ଧାତିକା-କାଦଗଡ଼ ରାସ୍ତା

କେନ୍ଦୁଝର, ୨୯।୮ (ସମିସ)






ଚାରିବର୍ଷ ହେବ କଣ୍ଟ ପୂରି ସାରିଲାଣି; ହେଲେ ରାସ୍ତା କାମ ସରୁନି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ଼ ଓ ଧାତିକା ରାସ୍ତା ନିର୍ମାଣ ପାଇଁ ୨୦୨୨ ଅକ୍ଟୋବର ୨୧ ତାରିଖ କାମ ଆରମ୍ଭ ହୋଇ ୨୦୨୩ ଜୁଲାଇ ୨୦ ତାରିଖ କାମ ସମାପ୍ତି ହୋଇଥିବା ସୂଚନା ଫଳକରେ ଉଲ୍ଲେଖ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ରାସ୍ତାକାମ ୬୦ ପ୍ରତିଶତ ସରିନାହିଁ। ଏଇ ୪ ବର୍ଷ ମଧ୍ୟରେ ଠିକାଦାର ମନ୍ଥର ଗତିରେ କାମ ଆରମ୍ଭ କରିଥିଲେ। ଅଭିଯୋଗ ପରେ କାଦଗଡ଼ଠାରୁ ଭାଲୁପାଲି ସାହି ପର୍ଯ୍ୟନ୍ତ ପିଚୁ ନିର୍ମାଣ ହୋଇଛି। ସେଠାରୁ ଧାତିକା ରାଇସୁଆଁ ପୂର୍ତ୍ତବିଭାଗ ରାସ୍ତା ପର୍ଯ୍ୟନ୍ତ ଅଧପନ୍ତରିଆ ହୋଇପଡିଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଜନ ସଂସ୍ଥା ଦ୍ୱାରା ରାଇସୁଆଁ ମାଛକାନ୍ଦଣା ନାଳଠାରୁ କାଦଗଡ-ଧାତିକା ପର୍ଯ୍ୟନ୍ତ ଜିଲ୍ଲା ଖଣିଜପାଣ୍ଠିରୁ ୪କୋଟି ୪୫ଲକ୍ଷ ୩୨ହଜାର ୬ଶହ ୧୯ଟଙ୍କା ଅନୁମୋଦନ ହୋଇଛି। ମାତ୍ର ରାସ୍ତା କାମ ଅତି ନିମ୍ନମାନର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାରେ ମେଟାଲ ବିଛାଇ କାମ ବନ୍ଦ ହୋଇ ପଡିଥିବାରୁ ସାଇକଲ ଓ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାସ୍ତା କାମ ସରୁ ନଥିବା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତାକାମ ସମ୍ପୂର୍ଣ୍ଣ କରିବାକୁ ସାମାଜସେବୀ ଦିଲ୍ଲୀପ ବେହେରା, ବିକ୍ରମ କେଶରୀ ମହାନ୍ତ, ନୂଆଗାଁ ସରପଞ୍ଚ ଆଶୀର୍ବାଦ ନାଏକ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ରେଳଧାରଣାରୁ ମୃତଦେହ ଉଦ୍ଧାର

କେନ୍ଦୁଝର,୨୯।୮ (ସମିସ): କେନ୍ଦୁଝର ସଦର ଥାନା ପଳାସପଙ୍ଗା ଫାଣ୍ଡି ଅଧୀନ ନୟାଗଡ-ପର୍ଜନପୁର ରେଳ ଧାରଣା କଡ଼ରୁ ଜଣେ ୫୦ ବର୍ଷୀୟା ଅଜଣା ମହିଳାଙ୍କ ମୃତଦେହଉଦ୍ଧାରହୋଇଛି।କୌଣସିଚଳନ୍ତାରେଳଗାଡ଼ିରଆକସ୍ମିକଧକ୍କାଯୋଗୁଁମହିଳା ଜଣଙ୍କ ପ୍ରାଣ ହରାଇଥିବା ଜଣାପଡିଛି। ତାଙ୍କ ପରିଚୟମିଳିପାରିନାହିଁ। କେନ୍ଦୁଝରମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ଶବ ସଂରକ୍ଷିତ ଗୃହରେ ରଖାଯାଇଛି। ଭଦ୍ରକ ରେଳବାଇ ଥାନା ପୁଲିସ ଅପମୃତ୍ୟୁ ମାମଲା ୬୦/୨୫ ରୁଜୁ କରି ତଦନ୍ତ ଚଳାଇଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

ବାଲିବନ୍ଧ, ୨୯।୮ (ସମିସ): ଝୁମ୍ପୁରା ଥାନା ମୁରୁସୁଆଁ ଗ୍ରାମ ପୋଖରୀ ପାଣିରେ ଶୁକ୍ରବାର ଜଣେ ଯୁବକ ବୁଡ଼ି ଯାଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ମୃତକ ହେଲେ ସେହି ଗ୍ରାମର ମୁନା ମାଝୀ (୩୦ବର୍ଷ)। ଝୁମ୍ପୁରା ପୁଲିସ ଘଟଣାର ତଦନ୍ତ କରୁଛି। ସକାଳ ସମୟରେ ଘରୁ ବାହାରି ପୋଖରୀ ପଟକୁ ଯାଇଥିଲେ ମୁନା। କିଛି ସମୟ ପରେ ତାଙ୍କ ମୃତଶରୀର ପୋଖରୀ ପାଣିରେ ଭାସୁଥିବା ଦେଖି ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ମୃତଦେହକୁ ଜବତ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଯୌତୁକ ନିର୍ଯାତନା ଅଭିଯୋଗ

ତୁରୁମୁଙ୍ଗା, ୨୯।୮ (ସମିସ): ତୁରୁମୁଙ୍ଗା ଥାନା ଲୁଙ୍ଗା ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀ, ଶାଶୂ, ଶଶୁର ଯୌତୁକଜନିତ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଛନ୍ତି। ସୁଜିତ ଆରୁକ ନିଜ ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ସେ ୨୦୨୦ରେ ଦମୟନ୍ତୀ ବାରିକଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ବିବାହ ପରେ ଦମୟନ୍ତୀଙ୍କୁ ଶାଶୂ-ଶଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ପରେ ତୁରୁମୁଙ୍ଗା ଥାନାରେ ୨୧୭/୨୫ ମାମଲା ରୁଜୁକରି ଏସଆଇ କିଶୋରଚନ୍ଦ୍ର ପାତ୍ର ଘଟଣାର ତଦନ୍ତ କରୁଛନ୍ତି।

## ଉର୍ମିଳା ଦାସଙ୍କ ସ୍ମୃତିସଭା



ରାମଚନ୍ଦ୍ରପୁର, ୨୯।୮ (ସମିସ): ଅଙ୍ଗାରୁଆ ଲକ୍ଷ୍ମୀନାରାୟଣପୁର ଶାସନର ଧର୍ମପରାୟଣା ମହିଳା ସ୍ୱର୍ଗତ ଉର୍ମିଳା ଦାସଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉର୍ମିଳା ପିଲାବେଳୁ ଜଗନ୍ନାଥ ଚେତନା ତଥା ବେଦକାର୍ଯ୍ୟରେ ମନୋନିବେଶ କରି ଆସିଥିଲେ। ଗ୍ରାମର ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ତାଙ୍କ ସକ୍ରିୟ ଭୂମିକା ରହିଥିଲା। ତାଙ୍କ ସ୍ମୃତସଭାରେ ବିଭିନ୍ନ ଚାରଣ ମଣ୍ଡଳ ପକ୍ଷରୁ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ରହି ବେଦପାଠ, ଭାଗବତ ପରାୟଣ ସହ ଜଗନ୍ନାଥ ଚେତନାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ।

## ବିଭିନ୍ନ ଅନୁଷ୍ଠାନରେ କ୍ରୀଡ଼ା ଦିବସ ପାଳିତ



କେନ୍ଦୁଝର,୨୯।୮ (ସମିସ): କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ହକି ଖେଳାଳି ଭାରତର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନ ଅବସରରେ କ୍ରୀଡ଼ା ଦିବସ ପାଳିତ ହୋଇଛି। ଏହି ଦିବସରେ ଧ୍ୟାନଚାନ୍ଦଙ୍କ ଉଦେଶ୍ୟରେ କେନ୍ଦୁଝର ଷ୍ଟାଡିୟମ କାର୍ଯ୍ୟାଳୟ ସମ୍ମୁଖରେ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ଧୂପଦୀପ ପୁଷ୍ପମାଲ୍ୟ ଅର୍ପଣ କରି ସକାଳ ପ୍ରଭାତରେ ଆସୁଥିବା ଖେଳାଳିମାନେ ସମ୍ମାନ ଜଣାଇଥିଲେ। ଏଥିରେ କ୍ରୀଡ଼ା ସଂସ୍ଥାର ସଦସ୍ୟଗଣ ଉପସ୍ଥିତ ଥିଲେ।

**ତୁରୁମୁଙ୍ଗା:** ପାଟଣା ବ୍ଲକ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାରେ ଶୁକ୍ରବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତଥା କ୍ୟାପଟେନ ଧର୍ମେନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ଥାନାଧିକାରୀ ମାନସ କୁମାର ମହାକୁଡ଼, ସମ୍ମାନିତ ଅତିଥି ଭାବେ ଡେମନ ଷ୍ଟେଟର ରଜତ କୁମାର ଦାଶ, ବଜେନ୍ଦ୍ର କୁମାର ପତି, ପ୍ରମୁଖ ଯୋଗ ଦେଇଥିଲେ। ଭୂତ ମହାନ୍ତ, ଗୋବିନ୍ଦଚନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏନସିସି ଛାତ୍ରମାନେ କ୍ରୀଡ଼ା ସଚେତନତା ନେଇ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ।

ଲୁହାପଥର ପରିବହନରେ ଅଚଳାବସ୍ଥା

## ରାସ୍ତାରେ ଶହଶହ ଟ୍ରକ୍ ଅଟକି ରହିଛି



ଆନନ୍ଦପୁର, ୨୯।୮ (ସମିସ): ଗତ ପାଞ୍ଚ ମାସ ହେଲା କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣିଖାଦାନରୁ ଲୁହାପଥର ପରିବହନ କ୍ଷେତ୍ରରେ ମାନ୍ଦାବସ୍ଥା ପରିଲକ୍ଷିତ ହୋଇଛି। ଫଳରେ ଆନନ୍ଦପୁର ଉପଖଣ୍ଡର ଶହଶହ ଟ୍ରକ ଲୋଡ ନ ପାଇ ରାସ୍ତା କଡରେ ଅଟକି ରହିଛି। ଏପଟେ ଋଣ କରି ଟ୍ରକ କରିଥିବା ମାଲିକମାନେ ମଧ୍ୟ ମାସିକ କିସ୍ତି ଶୁଝି ନପାରି ମାନସିକ ଅଶାନ୍ତିରେ ଦିନ କାଟୁଛନ୍ତି। କେନ୍ଦୁଝର ଜିଲ୍ଲାରେ ୬ ଚକିଆ, ୧୦ ଚକିଆ, ୧୨ଚକିଆ ଟ୍ରକ ସଂଖ୍ୟା ୬ହଜାରରୁ ଅଧିକ। ଏହି ଟ୍ରକଗୁଡିକ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣିଖାଦାନରୁ ପାରାଦୀପ, ଧାମରା, ଗୋପାଳପୁର ତଥା ବିଭିନ୍ନ ପ୍ଲାଣ୍ଟକୁ ଲୁହାପଥର ପରିବହନ କରିଥାନ୍ତି। ଗନ୍ଧମାର୍ଦ୍ଦନରୁ ମାତ୍ର ଅଳ୍ପ ସଂଖ୍ୟକ ଟ୍ରକ ଲୋଡ ହେଉଥିବାବେଳେ ଆନନ୍ଦପୁର ଉପଖଣ୍ଡର ଟ୍ରକଗୁଡିକର ଭାଗ ପଡୁ ନାହିଁ। ଏପଟେ ବର୍ଷାଦିନ ଖଣି ଅଞ୍ଚଳରେ ରାସ୍ତାଘାଟ ଖରାପ୍ ଯୋଗୁ ଲୋଡିଂ ମଧ୍ୟ ବନ୍ଦ ରହିଛି। ଯୋଡ଼ା ଓ ବଡ଼ବିଲ ସେକ୍ଟରରେ କାଁଭାଁ ଲୋଡିଂ ହେଉଥିବାରୁ ଆନନ୍ଦପୁର ଟ୍ରକଗୁଡ଼ିକ କ୍ଷେତ୍ରରେ ଗୁରୁତର ସମସ୍ୟା ଦେଖାଦେଇଛି। ସେପଟେ ସୁନ୍ଦରଗଡ଼ ଜିଲ୍ଲା କୋଇଡା ଅଞ୍ଚଳରେ ସଂଘ ବାହାର ଗାଡିକୁ ଟନ୍ ପିଛା ମାତ୍ର ୯୫୦-୧୦୦୦ ଟଙ୍କାରେ ଲୋଡ ଦିଆଯାଉଛି। ଏହାକୁ ବିଭିନ୍ନ କମ୍ପାନୀର ଟ୍ରକ ଓ ଡାଉନଟ୍ରିପ୍ ଆଣୁଥିବା ଜିଲ୍ଲା ବାହାରର ଟ୍ରକମାନେ ନେଉଛନ୍ତି। ଦର କମ୍ ରହୁଥିବାରୁ ଏହା ନେଲେ ଗାଡିର ଖର୍ଚ୍ଚ ଉଠିବ ନାହିଁ ବୋଲି ଅନେକ ମାଲିକ କହିଛନ୍ତି। ଫଳରେ ଘସିପୁରା ଓ ଆନନ୍ଦପୁର ଅଞ୍ଚଳରେ ଅନେକ ଟ୍ରକ ଏବେ ରାସ୍ତାକଡରେ ଛିଡ଼ା ହୋଇଛନ୍ତି। ଟ୍ରକ ଲୋଡିଂ ମାନ୍ଦାଯୋଗୁଁ ରାସ୍ତା କଡରେ ଥିବା ଢାବା, ହୋଟେଲ, ଗ୍ୟାରେଜ୍ ମାଲିକମାନେ ମଧ୍ୟ ଚିନ୍ତାରେ ପଡି ଯାଇଛନ୍ତି। କେତେକ ମାଲିକ ଋଣ ଚିନ୍ତାରେ ଟ୍ରକକୁ ଫାଇନାନ୍ସ କମ୍ପାନୀ ନିକଟରେ ସରେଣ୍ଡର କରିବାକୁ ମନସ୍ଥ କରିଥିବା ଜଣାପଡିଛି। କେନ୍ଦୁଝର ଟ୍ରକ ମାଲିକସଂଘ ସଭାପତି ପଦ୍ମଲୋଚନ ସାହୁ କହିଛନ୍ତି, ଲୋଡିଂରେ ମାନ୍ଦାବସ୍ଥା ଯୋଗୁଁ ଅନେକ ମାଲିକ କିସ୍ତି ଦେଇ ପାରୁନାହାନ୍ତି। ଡ୍ରାଇଭର, ହେଲପରଙ୍କ ପରିବାର ମଧ୍ୟ ଚିନ୍ତାରେ ରହିଛନ୍ତି। ବର୍ଷାଦିନ ପରେ କିଛିଟା ସୁଧାର ଆସିବ ବୋଲି ଶ୍ରୀସାହୁ କହିଛନ୍ତି। ଲୁହାପଥର ପରିବହନ ମାନ୍ଦାବସ୍ଥା ଜାରି ରହିଲେ ମାଲିକମାନେ ବାଧହୋଇ ଟ୍ରକ ବିକ୍ରି କରିଦେବେ ବୋଲି ସଂଘ କାର୍ଯ୍ୟନିର୍ବାହୀ ସଦସ୍ୟ ମନୋରଞ୍ଜନ ସାହୁ କହିଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ମାଲିକମାନେ ନିବେଦନ କରିଛନ୍ତି।

ନଦୀରେ ପାଣି ବଢ଼ିଲେ ଦେହୁରୀସାହିବାସୀ ଛନକା

## ଭୂତ ଖାଇଗଲେ ବନ୍ୟା କ୍ଷୟକ୍ଷତି ସହାୟତା ରାଶି



ଆନନ୍ଦପୁର, ୨୯।୮ (ସମିସ): ପ୍ରତିବର୍ଷ ବୈତରଣୀ ନଦୀରେ ବନ୍ୟାଜଳ ଆସୁଛି ଏବଂ ଏହି ବନ୍ୟାରେ ଦେହୁରୀସାହି ଅଧିବାସୀ ହନ୍ତସନ୍ତ ହେବା ସ୍ୱାଭାବିକ ହେଲାଣି। ଏହି ସମୟ ଆସିଲେ ଗ୍ରାମବାସୀଙ୍କ ମନରେ ଛନକା ପଶେ। ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ଦେହୁରୀସାହିରେ ୩ଶହରୁ ଅଧିକ ବସବାସ କରୁଛନ୍ତି। ଏହା ବୈତରଣୀ ନଦୀକୂଳରେ ଅବସ୍ଥିତ। ବୈତରଣୀ ନଦୀ ସାହିବାସିନ୍ଦାଙ୍କ ପାଇଁ ଦୁଃଖ ପାଲଟିଛି। ବନ୍ୟା ପାଣି ସାହି ଭିତରେ ପଶି ପ୍ରତିବର୍ଷ କ୍ଷୟକ୍ଷତି ଘଟଇଥାଏ। ଗତ ୨୦୨୧ରେ ନଦୀ ପାଣି ଘର ଭିତରକୁ ପଶିଆସିଥିଲା। ପାଣି ଛାଡ଼ିଲା ପରେ ସରୀସୃପ ପ୍ରାଣୀଙ୍କୁ ବହୁ ସଂଖ୍ୟାରେ ଦେଖିବାକୁ ମିଳିଥିଲା। ଜନପ୍ରତିନିଧିଙ୍କଠାରୁ ପ୍ରଶାସନିକ ଅଧିକାରୀମାନେ ବିକାଶର କଥା ଜନସାଧାରଣଙ୍କୁ ବୁଝାଉଥିଲେ ମଧ୍ୟ ବାସ୍ତବରେ କେତେ ବିକାଶ ହୋଇଛି ତାହା ଏହି ଦେହୁରୀ ସାହିବାସିନ୍ଦା ହେଉଛନ୍ତି ଉଦାହରଣ। ଏହି ସମସ୍ୟାକୁ ନେଇ ୧୩ ନମ୍ବର ୱାର୍ଡର ବାସିନ୍ଦା ବିଜୟ ମିଶ୍ର ତତ୍କାଳୀନ ଉପଜିଲ୍ଲାପାଳ, ଜିଲ୍ଲାପାଳ ଏବଂ ବିଧାୟକଙ୍କୁ ଅବଗତ କରାଇଥିଲେ। ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ଏନେଇ ଦେହୁରୀ ସାହିବାସିନ୍ଦା ଓ ସମାଜସେବୀ ବିଜୟ ମିଶ୍ର ଅଭିଯୋଗ କରିଛନ୍ତି ଯେ ୨୦୨୧ରେ ଅଭିଯୋଗ ପରେ ଆରଆଇ ଆସି ସରଜମିନ ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ଆଧାରରେ ତତ୍କାଳୀନ ଜିଲ୍ଲାପାଳ ସାହି ବାସିନ୍ଦାଙ୍କ ଆସବାବପତ୍ର ଏବଂ ବାସନକୁସନ ପାଇଁ ୧୪ ଲକ୍ଷ ୨୬ ହଜାର ୫ ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ସେତେବେଳେ ଏହି ଟଙ୍କା ପୌର କାର୍ଯ୍ୟାଳୟକୁ ମିଳିଥିଲା ବୋଲି ସମାଜସେବୀ ଶ୍ରୀ ମିଶ୍ର କହନ୍ତି। ତେବେ ଆଜି ପର୍ଯ୍ୟନ୍ତ ସେହି ଟଙ୍କା ସାହି ବାସିନ୍ଦାଙ୍କୁ ମିଳି ନଥିବା ବେଳେ ଏହି କେଉଁ ଭୂତ ଖାଇଗଲା ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ବାହାର କରାଯାଉ ବୋଲି ଦାବି ହୋଇଛି। ସେହିପରି ବର୍ତ୍ତମାନ ସ୍ଥିତିରେ ଦୀର୍ଘଦିନର ଏହି ସମସ୍ୟାର ସମାଧାନ ପାଇଁ ଏକ ସୁରକ୍ଷିତ ଆଡିବନ୍ଧ ନିର୍ମାଣ କରିବାକୁ ଶ୍ରୀ ମିଶ୍ରଙ୍କ ସମେତ ସାହିର ବାସିନ୍ଦା ଦାବି କରିଛନ୍ତି।

## ବିଭିନ୍ନ ସ୍ଥାନରେ ଗଣେଶ ପୂଜୋତ୍ସବ



ରାମଚନ୍ଦ୍ରପୁର, ୨୯।୮ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ବଡପଦନା ୟୁଥ୍ କ୍ଲବ ପକ୍ଷରୁ ଧୁମଧାମରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଗ୍ରାମ ପୁଷ୍କରିଣୀରୁ କଳସ ପୂଜନ ପରେ ଗଣପତିଙ୍କୁ ଆବାହନ ପୂର୍ବକ ପୂଜାକାର୍ଯ୍ୟର ସମ୍ପାଦିତ ହୋଇଛି। ୟୁଥକ୍ଲବର ରାଜୀବ ସାହୁ, ପଙ୍କଜ ସାହୁ, କେଶବ ସାହୁ, ରାମ ସାହୁ, ରାଜୁ ସାହୁ, ପପୁ ସାହୁ, ରାଜୁ ସହୁ, ସରୋଜ ପଲେଇ, ବାବୁଲି ସାହୁ, ଜିତୁ ସାହୁ ସମେତ ସମସ୍ତ ସଦସ୍ୟ ଏକତ୍ରିତ ହୋଇ ଉତ୍ସବ ପାଳନ କରିଥିଲେ। ପୂଜାମଣ୍ଡପ ନିକଟରେ ନାମ ସଂକୀର୍ତ୍ତନ ଏବଂ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ଶୁକ୍ରବାର ବିସର୍ଜନ ଅନୁଷ୍ଠିତ ହୋଇଯାଇଛି।

**ତୁରୁମୁଙ୍ଗା:** ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ଡେଣୁଆଁ ଗଣପତି କମିଟି ପକ୍ଷରୁ ୨୮ତମ ଗଣେଶପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଡମ୍ବରୁଧର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ଗଣେଶର ମହାନ୍ତ, ଶିକ୍ଷକ ଦୟାନିଧି ମହାନ୍ତ, ଅନ୍ତର୍ଜାତୀୟ ଫୁଟବଲ କୋଚ ବିରେନ୍ଦ୍ର ମହାନ୍ତ, ରାଜ୍ୟ କୁଡୁମି ସେନା ଉପସଭାପତି ମିତ୍ରଭାନୁ ମହାନ୍ତ, ସାମ୍ବାଦିକ ସନ୍ତୋଷ ପତି ପ୍ରମୁଖ ଯୋଗ ଦେଇଥିଲେ। ଡେଣୁଆଁ, ଗଣପତି କମିଟିର ସଭାପତି ଭକ୍ତବନ୍ଧୁ ସାହୁ, ସମ୍ପାଦକ ଦିବ୍ୟଲୋଚନ ସାହୁ, ଜଗତବନ୍ଧୁ ସାହୁ, ଧୀରେନ ମହାନ୍ତ, ଲିପୁ ନାଏକ ବିଶ୍ୱରଞ୍ଜନ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



## ବଳଦୁଆରେ ଅସହାୟ ଦୁଇ ଭଉଣୀଙ୍କ ନାହିଁ 'ଆଧାର'

ଆନନ୍ଦପୁର, ୨୯।୮ (ସମିସ)



ନିଜ ବାପା ଓ ମା'ଙ୍କୁ ହରାଇବା ପରେ ବର୍ତ୍ତମାନ ନିଜ ସମ୍ପର୍କୀୟଙ୍କ ଘରେ ରହି ଛେଳି ଚରାଇ ଦିନ କାଟୁଛନ୍ତି ଦୁଇ ଭଉଣୀ। ଘଟଗାଁର ଉପରଡିହା ଗ୍ରାମର ଏହି ଦୁଇ ଭଉଣୀ ଆନନ୍ଦପୁର ବ୍ଲକର ବଳଦୂଆ ଗ୍ରାମର ମୁଣ୍ଡାସାହିର ଚଗୁଲୁ ମୁଣ୍ଡା ଘରେ ଆଶ୍ରୟ ନେଇ ଦିନ ବିତାଉଛନ୍ତି। ଯାତ୍ରୀ

- ପାଠ ପଢ଼ିବା ବୟସରେ ଛେଳି ଚରାଉଛନ୍ତି
- ଅନ୍ଧାର ଭବିଷ୍ୟତ ଆଡ଼କୁ ଗତି କରୁଛନ୍ତି

ମୁଣ୍ଡା (୧୦) ଓ ଡଲି ମୁଣ୍ଡା (୭)ଙ୍କ ଭବିଷ୍ୟତ ଜୀବନ ଅନ୍ଧାର ଦିଗକୁ ଗତି କରୁଛି; ଯାହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଛୋଟ ଥିବାବେଳେ ରୋଗରେ ପଡ଼ି ବାପା ମଟକ ମୁଣ୍ଡା ଓ ମା' ରଜନୀ କମ ଦିନ ବ୍ୟବଧାନରେ ଆରପାରିକୁ ଚାଲି ଯାଇଥିଲେ। କିଛି ଦିନ ପରେ ପୁଅଟିକୁ ପାଖ ଗ୍ରାମର କେହି ନେଇଯିବା ପରେ ଛୋଟ ଝିଅ ଦୁଇଜଣ ଘରେ ଅସହାୟ ଅବସ୍ଥାରେ ରହିଥିଲେ। ଆନନ୍ଦପୁର ବଳଦୁଆଁର ମୁଣ୍ଡା ସାହିରେ ଘଟଗାଁରୁ ଆସି ଦୀର୍ଘବର୍ଷ ହେବ ରହି ଆସୁଥିବା ଚଗୁଲୁ ମୁଣ୍ଡା ସୋମନଙ୍କ ନିକଟ ସମ୍ପର୍କୀୟ ହୋଇଥିବାରୁ ଓ ସେତେବେଳେ ତାଙ୍କ ସନ୍ତାନ ନଥିବାରୁ ଦୁଇ ଝିଅକୁ ପାଳିବା ପାଇଁ ବଳଦୁଆଁର ମୁଣ୍ଡା ସାହିରେ ଥିବା ନିଜ ଘରକୁ ନେଇ ଆସିଥିଲେ; ହେଲେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବାରୁ ସେମାନେ ଅଭାବ ଅସୁବିଧାରେ ଚଳୁଛନ୍ତି। ରୋଗାକ୍ରାନ୍ତ ଥିବା ଓ ଅଧିକାଂଶ ସମୟ ବିଛଣାରେ ପଡ଼ି ଦିନ ବିତାଉଥିବା ଚଗୁଲୁ କାର୍ଡରେ ମିଳୁଥିବା ଚାଉଳ ଉପରେ ନିର୍ଭର କରି ନିଜର ଘର ଚଳାଉଥିବା ବେଳେ ଇତିମଧ୍ୟରେ ତାଙ୍କର ନିଜର ଗୋଟିଏ କନ୍ୟା ସନ୍ତାନ ଜନ୍ମ ହୋଇଛି। ଦୁଇ ଭଉଣୀଙ୍କୁ ଘଟଗାଁରୁ ଆଣିବା ପରେ ସେମାନଙ୍କ ପରିଚୟପତ୍ର ସହ ଦୁଇ ଝିଅ ପଢୁଥିବା ବିଦ୍ୟାଳୟରୁ ପ୍ରମାଣପତ୍ର ଆଣିବା ପାଇଁ ଚଗୁଲୁ ବହୁ ଉଦ୍ୟମ କରିଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗ କରି ନଥିବା ଅଭିଯୋଗ ହେଉଛି। ଫଳରେ ନାମ ଲେଖାଇବା ସମ୍ଭବ ନୁହଁ ବୋଲି ଏଠାକାର ବିଦ୍ୟାଳୟର ଶିକ୍ଷକ ମନା କରିବାରୁ ଚଗୁଲୁ ଉଭୟ ଭଉଣୀଙ୍କ ଆଧାର କାର୍ଡ ପ୍ରସ୍ତୁତି ପାଇଁ ପ୍ରକ୍ରିୟା ଶେଷ କରିଥିଲେ ମଧ୍ୟ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଆଧାରକାର୍ଡ ମିଳିପାରି ନାହିଁ। ଫଳରେ ଦୁଇ ଭଉଣୀ ବିଦ୍ୟାଳୟକୁ ଯାଇ ପାଠ ପଢ଼ିବା ବଦଳରେ ଛେଳି ଚରାଇ ଦିନ ବିତାଉଥିବା ଜଣାପଡିଛି। ଅସହାୟ ଦୁଇ ଭଉଣୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବାର ଆବଶ୍ୟକତା ରହିଛି।

## ବିଦ୍ୟୁତ ବିଭ୍ରାଟ ପାଇଁ ୱାର୍ଡବାସୀଙ୍କ ବଢୁଛି ଅସନ୍ତୋଷ




ଚମ୍ପୁଆ, ୨୯।୮ (ସମିସ): ଚମ୍ପୁଆ ଏନଏସି ଅନ୍ତର୍ଗତ ୧ନଂ ୱାର୍ଡ ଗୋଧୂଳି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ନେଇ ଗ୍ରାମବାସୀ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କଠାରେ ଫେରାଦ ହୋଇ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିବାର ମାସ ମାସ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉନଥିବା ଅଭିଯୋଗ ହେଉଛି। ଏପରିକି ଫିଡର ପରିବର୍ତ୍ତନ କରି ସ୍ଥାନୀୟ ଫିଡରରୁ ବିଦ୍ୟୁତ ସଂଯୋଗ କରିବାକୁ ଅନୁରୋଧ କରାଯାଇଥିଲେ ହେଁ ବିଭାଗ ପକ୍ଷରୁ କୌଣସି ପ୍ରକ୍ରିୟା ଆରମ୍ଭ କରାଯାଇନାହିଁ। 'ଆମେମାନେ ନାମକୁ ମାତ୍ର ସହରାଞ୍ଚଳରେ ରହିଛୁ କିନ୍ତୁ ଗ୍ରାମାଞ୍ଚଳର ସୁବିଧା ପାଇପାରୁନାହୁଁ' ବୋଲି କହିଛନ୍ତି ୧ନଂ ୱାର୍ଡ କାଉନସିଲର ଛତ୍ରପତି ନାଏକ। ସୂଚନା ଅନୁସାରେ, ଗୋଧୂଳି ଗ୍ରାମ ଚମ୍ପୁଆ ଏନଏସିରେ ୧ନଂ ୱାର୍ଡ ହୋଇଥିବା ବେଳେ ପ୍ରାୟ ତିନିହଜାର ଲୋକ ଏଠାରେ ବସବାସ କରିଆସୁଛନ୍ତି। ୯ ୯ ଭାଗ ଲୋକ ଆଦିବାସୀ। ୪ ଶହରୁ ଅଧିକ ବିଦ୍ୟୁତ ଉପଭୋକ୍ତା ଏଠାରେ ଅଛନ୍ତି। ମାତ୍ର ଜାମୁଦଳକ ପଞ୍ଚାୟତର ଅଡଙ୍ଗାପାଳ ଫିଡରରୁ ଜଙ୍ଗଲ ମଧ୍ୟଦେଇ ୨୦-୫ କିମି ଦୂରତାରୁ ବିଦ୍ୟୁତ ଯୋଗାଣ ହୋଇ ଆସୁଥିବାରୁ କାଳବୈଶାଖୀ ହେଉ ବା ଝଡବତାସ କି ପଞ୍ଚାୟତରେ ଜଙ୍ଗଲି ହାତୀ ଆସିଲେ ବିଦ୍ୟୁତ ସଂଯୋଗ କଟାଯାଉଛି। ଏନେଇ ଗ୍ରାମବାସୀ ଫିଡର ପରିବର୍ତ୍ତନ ପାଇଁ ବାରମ୍ବାର ବିଦ୍ୟୁତ ବିଭାଗକୁ ଦୌଡି ଦୌଡି ହତାଶ ହେବା ପରେ ବିଧାୟକ ଶ୍ରୀ ମହାକୁଡଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ରଥଙ୍କୁ କହିଛନ୍ତି ଯେ ସେ ନୂଆ ଆସିଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଫଣ୍ଡ ଅଭାବରୁ କାର୍ଯ୍ୟ କରାଯାଇ ପାରିନାହିଁ। ତେବେ, ଖୁବଶୀଘ୍ର ଏହି କରାଯିବ ବୋଲି କହିଛନ୍ତି।

ବୈତରଣୀରେ ବନ୍ୟା ପରେ..

# ସରକାରୀ ସହାୟତା ଅପେକ୍ଷାରେ ବନ୍ୟାବିପନ୍ନ ଓ ଚାଷୀ

■ ଧୋଇଯାଇଛି ୨୦ ନମ୍ବର ଜାତୀୟ ରାଜପଥ ■ ବିପଦରେ ଆଖଣ୍ଡଳମଣି-କୁଆଖିଆ ମୁଖ୍ୟରାସ୍ତା ■ ଉଜୁଡ଼ିଯାଇଛି ହଜାର ହଜାର ହେକ୍ଟର ଧାନତଳି ■ ୪ଟି ପଞ୍ଚାୟତର ୨୦ ଗାଁର ଲୋକ ପ୍ରଭାବିତ







ଭଦ୍ରକ/ଆରଡି, ୨୯।୮(ସମିସ): ବୈତରଣୀ ନଦୀରେ ଦେଖା ଦେଇଥିବା ବନ୍ୟା ଦୀର୍ଘ ୭ଦିନ ପରେ ଛାଡ଼ି ଯାଇଛି। ହେଲେ ଭଦ୍ରକ ଜିଲ୍ଲାର ସୀମାନ୍ତବର୍ତ୍ତୀ ଚାନ୍ଦବାଲି ବ୍ଲକର ୪ଟି ପଞ୍ଚାୟତରେ ଘଟାଇଛି ବ୍ୟାପକ କ୍ଷୟକ୍ଷତି। ବିଶେଷ ଭାବେ ପ୍ରଭାବିତ ହୋଇଛି ଚାଷ। ବ୍ଲକର ଆରଡି, ଓଳଗ, ନାନ୍ଦପୁର, ସୁନ୍ଦରପୁର ୪ଟି ପଞ୍ଚାୟତର ୨୦ ଗାଁ ପ୍ରଭାବିତ ହୋଇଛି। ସେହିପରି ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ବୋଡକ ନିକଟରେ ୧କିମି ରାସ୍ତା ଧୋଇଯିବା ସହ ନଦୀକୁ ସୁରକ୍ଷା ପାଚେରି ଢଳି ରହିଥିବାରୁ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ବିପଦପୂର୍ଣ୍ଣ ଭାବେ ଯାଆଆସ କରୁଛନ୍ତି ପଥଚାରୀ ଓ ଛୋଟବଡ ଯାନବାହନ। ଅନେକ ଗାଁରାସ୍ତା ଓ ମୁଖ୍ୟରାସ୍ତା ଧୋଇ ଯାଇଥିବାରୁ ଯାତାୟାତରେ ନାନା ଅସୁବିଧା ଦେଖାଦେଇଛି। ବନ୍ୟାପାଣି ଉଜାଡି ଦେଇଛି ଚାଷଜମିର ସାରଦ ଧାନତଳି। ଏବେବି ବହୁ ଚାଷଜମି ଜଳମଗ୍ନ ହୋଇ ରହିଛି। ସେହିପରି ବହୁ କଚାଘର ଧୋଇ ଯାଇଥିବାରୁ ଉଜୁଡ଼ା ଘରକୁ ସଜାଡିବାରେ ଲାଗିପଡ଼ିଛନ୍ତି ବିପନ୍ନ। ସେହିପରି ହଜାରହଜାର ଗୃହପାଳିତ ପଶୁ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏବେ ସରକାରୀ ସହାୟତାକୁ ଅପେକ୍ଷାରେ ଚାହିଁ ରହିଛନ୍ତି ବିପନ୍ନ ଓ ଚାଷୀ।

## ଥମୁନି ଚୋରା ମଦ କାରବାର

ଅସୁରାଳି, ୨୯।୮(ସମିସ): ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଏବେ ଚୋରା ମଦ କାରବାର ସୀମା ଉଲ୍ଲଙ୍ଘନ କରିଛି। ଏଦିଗରେ ଅବକାରୀ ବିଭାଗ କିମ୍ବା ପୁଲିସ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଅଞ୍ଚଳରେ ବେପାରୀମାନେ ଖୁଲମଖୋଲା ମଦ କାରବାର କରୁଛନ୍ତି। ଏଥିରେ ବେଶି ପ୍ରଭାବିତ ହୋଇ ଯୁବ ପିଢ଼ିମାନେ ନିଶାରେ କବଳରେ କବଳିତ ହେଉଛନ୍ତି। ସେମାନେ ମଦ ପାନ କରି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଦେଖିବାକୁ ମିଳୁଛି। ଫଳରେ ଧାମନଗର ଏବେ ଅସାମାଜିକ ତତ୍ତ୍ୱଙ୍କର ଚରାଭୂଇଁ ପାଲଟିଛି। ବିନା ଲାଇସେନ୍ସରେ ବେତାଳୀଗାଁ, ଧୂଷୁରୀ, ନଦୀଗାଁ ଅଞ୍ଚଳରେ ଏକାଧିକ ଚୋରା ମଦ ଦୋକାନ ଖାଲିଛି। ବିଶେଷ କରି ଧୂଷୁରୀଭଦ୍ରକ ଆରଡି ରାଜ୍ୟ ରାଜପଥର ପୟାସାହି ଛକରୁ ଅଷ୍ଟକ୍ ପ୍ରଧାନମନ୍ତ୍ରୀ ସଡ଼କର ପୟା ସାହି ଛକର ଅନତି ଦୂରରେ ସନ୍ଧ୍ୟା ସମୟରେ ଚୋରା ମଦ ଓ ନିଶା ଦ୍ରବ୍ୟର ଆସର ଜମୁଛି। ଏହି ସମୟରେ ଜନସାଧାରଣ ତଥା ଝିଅ ବୋହୂ ଯିବାଆସିବା କରିବାରେ ଅସୁରକ୍ଷିତ ମନେ କରୁଛନ୍ତି। ଶିକ୍ଷିତ ଯୁବକ, ଦିନମଜୁରିଆ, ଏମିତିକି ବହୁ ନାବାଳକ ମଧ୍ୟ ଏହାର ଶିକାର ହେଉଛନ୍ତି। ଦୋକାନଠାରୁ ଆରମ୍ଭକରି ମନ୍ଦିର ଯାଏ ସେମାନେ ଚୋରି କରିବା ନିତିଦିନିଆ ଘଟଣା ପାଲଟିଛି। ମନ୍ଦିରରୁ କଂସା, ପିତଳ ପୂଜା ସାମଗ୍ରୀ, ଠାକୁରଙ୍କ ଗହଣା, ହୁଣ୍ଡିରୁ ପଇସା ଚୋରି ଓ ହାଟ ବଜାର ଭିଡ ସ୍ଥାନରୁ ମୋବାଇଲ୍, ମନି ପର୍ସ ଆଦି ମଧ୍ୟ ପକେଟ ମାର୍ ହେଉଛି। ଏହି ନିଶା ପାଇଁ ପରିବାରରେ ଅଶାନ୍ତି ଲାଗି ରହୁଛି। ଅବକାରୀ ବିଭାଗ କିମ୍ବା ପୁଲିସ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ପରି ମନେ ହେଉଛି। ମଝିରେ ମଝିରେ ଅବକାରୀ ବିଭାଗ ଚଢ଼ଉ କରି ହାତଗୋଡ଼ ବାନ୍ଧି ବସୁଥିବା ଅଭିଯୋଗ ହୋଇଛି। କେତେକାଂଶରେ ନିଶାଡିଧରି ଥାନାରେ କିଛି ସମୟ ଅଟକାଇ ପୁଣି ଛାଡ଼ି ଦିଆ ଯାଉଛି। ଫଳରେ ସେମାନେ ପୁଣି ନିଶା ସେବନ କରିବା ଓ ନିଶା କାରବାରରେ ଲିପ୍ତ ରହୁଛନ୍ତି। ନିର୍ଜନତାର ସୁଯୋଗ ନେଇ ନିଶା ଦ୍ରବ୍ୟ ପଡୋଶୀ ଯାଜପୁର ଜିଲ୍ଲାକୁ ମଧ୍ୟ ଚାଲାଣ ହେଉଥିବାର ସନ୍ଦେହ କରାଯାଉଛି। କେଉଁ ଉଦ୍ଦେଶ୍ୟ ରଖି ଅବକାରୀ ବିଭାଗ ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ଦିଗରେ ସ୍ଥାନୀୟ ପ୍ରଶାସନ, ପୁଲିସ ଓ ଅବକାରୀ ବିଭାଗ ବିଶେଷ ଦୃଷ୍ଟି ଦେବା ସହ ଏହି ରାସ୍ତାରେ ଷ୍ଟ୍ରିଟ ଲାଇଟ୍ ଲଗାଇବାକୁ ଜନସାଧାରଣ ଦାବି କରିଛନ୍ତି।

### ମା'ମାନଙ୍କୁ 'ମମତା' ନାଁରେ ଠକେଇ

## ଆକାଉଣ୍ଟ ଖାଲି କରିଦେଲେ ଦୁର୍ବୃତ୍ତ

ଦୋବଲ, ୨୯।୮(ସମିସ): ଦୋବଲ ଜୋନ୍ ମୁସ୍ତଫାପୁର ପଞ୍ଚାୟତର ୭ ଜଣ ମହିଳାଙ୍କୁ ସାଇବର ଠକ ଚୁନା ଲଗାଇଛନ୍ତି। ଭିଡିଓ କଲ୍ କରି ସେମାନଙ୍କ ଆକାଉଣ୍ଟରୁ ଟଙ୍କା କାଟି ନେଇଛନ୍ତି। ୬ ଜଣ ମହିଳାଙ୍କ ଆକାଉଣ୍ଟରୁ ୨୦୦୦ ଟଙ୍କା ଓ ଜଣଙ୍କ ଆକାଉଣ୍ଟରୁ ୧୦୦୦ ଟଙ୍କା ନେଇଯାଇଛନ୍ତି। ଠକେଇର ଶିକାର ହୋଇଥିବା ମହିଳାଙ୍କ ମଧ୍ୟରୁ ଜଣେ ଦି' ଜଣ ଆଜି ଧାମନଗର ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏତଲାକୁ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି। ଏହା ସାଇବର ଠକେଇ ଭଳି ଘଟଣା ହୋଇଥିବାରୁ ସମୟ ମାଗିଛି ପୁଲିସ।

ଅଭିଯୋଗ ଅନୁସାରେ, ମୁସ୍ତଫାପୁରର ନିୟାମତ୍ ହୁସେନଙ୍କ ପତ୍ନୀ ସକିରା ବିବିଙ୍କ ମୋବାଇଲକୁ କଲ୍ ଆସିଥିଲା। ଫୋନ୍ କରିଥିବା ଲୋକଟି ସକିରାଙ୍କୁ ତାଙ୍କ ନାଁ, ସ୍ୱାମୀଙ୍କ ନାଁ କହିଲା। ନିଜକୁ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ବୋଲି ପରିଚୟ ଦେଲା। ଏହାସହ କହିଲା ଯେ ତୁମର ବର୍ଷେ ତଳେ ଝିଅ ହୋଇଥିଲା। ରାଜ୍ୟ ସରକାରଙ୍କ ମମତା ଯୋଜନାରେ ତୁମକୁ ୯୦୦୦ ଟଙ୍କା ମିଳିସାରିଛି। ହେଲେ ତୁମର ୬୦୦୦ ଟଙ୍କା ଆମ ପାଖରେ ପଡ଼ି ରହିଛି। ମାତ୍ର କେଇ ସେକେଣ୍ଡ ପରେ ଭିଡିଓ କଲ୍ କଲା। ସକିରା ମଧ୍ୟ ତାହା ରିସିଭ କରିଦେଲେ। ଏହାପରେ ଭିଡିଓ କଲରେ କହିଲା ଯେ ଆପଣଙ୍କ ଆଧାର କାର୍ଡର ବାୟୋମେଟ୍ରିକ ସମସ୍ୟା ଯୋଗୁଁ ସେ ଟଙ୍କା ଯାଇ ପାରୁନି। ଏଣୁ ତୁମେ ମୋବାଇଲକୁ ଭଲକି ଅନାଅ ବୋଲି କହିଲେ। ସକିରା ମଧ୍ୟ ଫୋନକୁ ଦେଖିଲେ। ତା ପରେ ଭିଡିଓ କଲ୍ ସରିଗଲା। କଲ୍ ସରୁ ସରୁ ତାଙ୍କ ମୋବାଇଲକୁ ମେସେଜ୍ ଆସିଲା ଯେ ତୁମ ଆକାଉଣ୍ଟରୁ ୨୦୦୦ ଟଙ୍କା ଡେବିଟ୍ ହୋଇଛି। ସକିରା ଉତ୍କଣ୍ଠାର ସହ ମୋବାଇଲ୍ ନେଇ ଘର ଲୋକଙ୍କୁ ଦେଖାଇଲେ। କହିଲେ, ଦେଖିଲ ଟଙ୍କା ଆସିଲା କି? ହେଲେ ଘର ଲୋକ କହିଲେ ଯେ ଆ।।କାଉଣ୍ଟରୁ ୨୦୦୦ ଟଙ୍କା କଟିଯାଇଛି। ଘର ଭିତରେ ଆଲୋଚନା ଚାଲିଲା। ଶୁକ୍ରବାର ସକାଳୁ ଜଣାପଡ଼ିଲା ଯେ ତାଙ୍କରି ପଞ୍ଚାୟତର ହୟାତୁନ ନିଶା, ରିହାନା ପରୱିନ, କୋବ୍ରା ବିବି, ଇମ୍ରାନ କାଦ୍ରିଙ୍କ ପତ୍ନୀ ଓ ଅନ୍ୟ ଜଣଙ୍କ ଆକାଉଣ୍ଟରୁ ୨୦୦୦ ଟଙ୍କା ଲେଖାଏ ସମାନ ଭିଡିଓ କଲ ଯୋଗୁଁ କଟିଯାଇଛି। ସମସ୍ତଙ୍କୁ ନିଜ ନିଜର 'ମମତା' ଯୋଜନାରେ ଥିବା ବକେୟା ଟଙ୍କା ସଂପର୍କରେ ସଠିକ କଥା କହିଥିବାରୁ ବିଶ୍ୱାସ ହୋଇଥିଲା। ଏଣୁ ସମସ୍ତେ ଭିଡିଓ କଲ୍ ରିସିଭ୍ କରିଥିବାରୁ ଟଙ୍କା କଟିଛି। ଜନସେବା କେନ୍ଦ୍ରର କର୍ମଚାରୀଙ୍କ କହିବା ଅନୁସାରେ, ମମତା ଯୋଜନା ହିତାଧିକାରୀମାନେ ସମସ୍ତେ ଏଇପିଏସରେ ଯୋଡ଼ି ହୋଇଛନ୍ତି। ଆଧାର ଭେରିଫାଏଡ୍ ଆକାଉଣ୍ଟ ହୋଇଥିବାରୁ ଭିଡିଓ କଲରେ ସମସ୍ତଙ୍କ ଆଇରିସ୍ ସ୍କାନ କରି ସେମାନଙ୍କ ଆକାଉଣ୍ଟରୁ ଟଙ୍କା କାଟି ନେଇଥାଇପାରନ୍ତି। ତେବେ ମମତା ଯୋଜନା ହିତାଧିକାରୀ ହୋଇଥିବାରୁ ସେମାନଙ୍କ ଆକାଉଣ୍ଟସରେ କମ୍ ଟଙ୍କା ଥିବ ଅନୁମାନ କରି ଗୋଟିଏ ଥର ଆଇରିସ୍ ସ୍କାନ କରି ୨୦୦୦ ଭଳି ଛୋଟ ଆମାଉଣ୍ଟ କାଟି ନେଇଛନ୍ତି। ଅନ୍ୟ ଆକାଉଣ୍ଟ ହୋଇଥିଲେ ଅଧିକ ଟଙ୍କା ଯାଇଥାନ୍ତା। ସାଇବର ଠକମାନେ ଗାଁ ଗହଳିର ସଚେତନ ନଥିବା ଲୋକଙ୍କୁ ଏବେ ଟାର୍ଗେଟ କରୁଥିବା ଦେଖିବାକୁ ମିଳିଛି। ଏନେଇ ପୁଲିସ ଓ ବ୍ୟାଙ୍କ ପକ୍ଷରୁ ଅଧିକରୁ ଅଧିକ ସଚେତନତା ଶିବିର କରାଗଲେ, ମହିଳାମାନେ ଉପକୃତ ହୋଇପାରନ୍ତେ।

## ପୁଅ ମୃତ୍ୟୁକୁ ୭ ବର୍ଷ; ପ୍ରତିଶ୍ରୁତିରେ ଅଟକିଛି ସହାୟତା

ଅସୁରାଳି, ୨୯।୮(ସମିସ): ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବା ବେଳେ ସମୁଦ୍ରରେ ଗାଧୋଇବା ସମୟରେ ପୁଅର ଜୀବନ ଚାଲିଗଲା। ପୁଅର ମୃତ୍ୟୁ ପ୍ରମାଣପତ୍ର ଆଣି ସ୍ଥାନୀୟ ପ୍ରଶାସନକୁ ଦେଲେ। ଏହାମଧ୍ୟରେ ୭ବର୍ଷ ବିତିଯାଇଥିଲେ ମଧ୍ୟ ସହାୟତା ରାଶି ଏଯାଏ ମିଳିପାରିଲାନି ବୋଲି କୋହଭରା କଣ୍ଠରେ କହିଛନ୍ତି ଧାମନଗର ବ୍ଲକ ଗୋବିନ୍ଦପୁର ଗାଁର ପର୍ଶୁରାମ ନାଥ (୬୭)। ପର୍ଶୁରାମଙ୍କ କହିବା



ଅନୁଯାୟୀ, ତାଙ୍କ ସାନପୁଅ ଶିବସୁନ୍ଦର (୨୧) ୭ବର୍ଷ ତଳେ କାମ କରିବାକୁ ଗୁଜରାଟ ଯାଇଥିଲେ। ସେଠାରେ ସମୁଦ୍ର ବେଳାଭୂମିରେ ସାଙ୍ଗମାନଙ୍କ ସହ ସେ ଗାଧୋଉଥିବା ବେଳେ ଭାସି ଯାଇ ପ୍ରାଣ ହରାଇଥିଲେ। ରୋଜଗାରିଆ ପୁଅକୁ ହରାଇଥିବା ବେଳେ ବାର୍ଦ୍ଧକ୍ୟ ଯୋଗୁଁ ସେ କାମଧନ୍ଦା କରିପାରୁ ନାହାନ୍ତି। ତଥାପି ଗୁଜୁରାଣ ମେଣ୍ଟାଇବାକୁ ଟ୍ରଲି ଟାଣୁଛନ୍ତି। ନିଜେ ଗୁଜରାଟ ଯାଇ ପୁଅର ମୃତ୍ୟୁ ପ୍ରମାଣପତ୍ର ଆଣି ବ୍ଲକ ପ୍ରସାଶନିକ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସହାୟତା ମିଳିବାରଆଶା କ୍ଷୀଣ ହୋଇଥିଲେ ବି ସେ ଆଶା ହରାଇ ନାହାନ୍ତି। ସଂସାର ହାଟରେ ହାତ ଧରି ଚାଲୁ ଚାଲୁ ସ୍ତ୍ରୀ ମଧ୍ୟ ବାଟ କାଟି ଦେଇଛନ୍ତି। ବଡ଼ ପୁଅ ବୋହୂ ଥିଲେ ବି ନିଜ ସଂସାର ସେମାନଙ୍କୁ ବ୍ୟସ୍ତ କରିଦେଇଛି। ଏବେ ବୃଦ୍ଧ ପର୍ଶୁରାମ ପୁଅ ମୃତ୍ୟୁ ସହାୟତା ରାଶିକୁ ଶେଷ ସମ୍ବଳ ବୋଲି ମନେକରି ଚାହିଁ ବସିଛନ୍ତି। ସହାୟତା ରାଶି ମିଳିଲେ ପୁଅର ପ୍ରତିମୂର୍ତ୍ତିଟିଏ ସ୍ଥାପନ କରି ଶେଷ ନିଃଶ୍ୱାସ ତ୍ୟାଗ କରିବେ ବୋଲି ଲୁହ ଛଳଛଳ ହୋଇ କହିଛନ୍ତି ପର୍ଶୁରାମ। ଜିଲ୍ଲାପାଳ ତାଙ୍କ ସ୍ୱପ୍ନ ଓ ମିଳିଥିବା ପ୍ରତିଶ୍ରୁତିକୁ ସାକାର କରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ଦିଲୀପ ରାଉତରାଏ କହିଛନ୍ତି, ଖୁବ୍‌ଶୀଘ୍ର ମୃତ ଶିବସୁନ୍ଦରଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ।

## ବନ୍ୟାବିପନ୍ନଙ୍କୁ ସହାୟତା ସାମଗ୍ରୀ ବଣ୍ଟନ

ଅସୁରାଳି, ୨୯।୮(ସମିସ): କିଛିଦିନ ତଳେ ବୈତରଣୀ ନଦୀର ଅତିରିକ୍ତ ପାଣି ଯୋଗୁଁ ଆସିଥିବା ବନ୍ୟା ଧାମନଗର ବ୍ଲକର ଅନେକ ତଳି ଅଞ୍ଚଳକୁ ଜଳମଗ୍ନ କରିଦେଇଥିଲା। ଏହି ବିପଦର ଅତିକ୍ରମ ହୋଇଥିବା ଗ୍ରାମମାନଙ୍କ ମଧ୍ୟରୁ ଅସ୍ତକ ଗ୍ରାମ ଥିଲା ଏକ ପ୍ରମୁଖ ନାମ। ଏଠାରେ ଦୁଇ ଓଳି ଖାଇବା ଲୋକମାନେ ମଧ୍ୟ ଖାଦ୍ୟ ଅଭାବରେ ତିବ୍ର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜଳବନ୍ଦ ଘର, ବିନା ଅନ୍ନ ଏବଂ ଔଷଧରେ ଦିନ କାଟିଥିବା ଜନସାଧାରଣଙ୍କ ଦୁଃଖ ଅନୁଭବ କରି କିଛି ବେସରକାରୀ ସଂସ୍ଥା ଆଗେଇ ଆସିଛନ୍ତି। ଏହି ସଂସ୍ଥାମାନେ ଦେବଦୂତ ଭାବେ ଅନେକ ଗ୍ରାମକୁ ପହଞ୍ଚି ବିପନ୍ନ ଲୋକଙ୍କୁ ଖାଦ୍ୟ, ପାନୀୟ ଓ ଆବଶ୍ୟକ ଉପକରଣ ଯୋଗାଇ ଦେଇଛନ୍ତି। ତାଙ୍କର ଏହି ଉଦ୍ୟମ ଦ୍ୱାରା ଅନେକ ମୁଖରେ ଖୁସି ଫୁଟିଛି। ଗ୍ରାମବାସୀ ଆଶାର ଆଲୋକ ଦେଖିପାରିଛନ୍ତି। ଶ୍ରୀ ଶ୍ରୀ ଯଜ୍ଞେଶ୍ୱର ମନ୍ଦିର କମିଟି ଏକ ଉଦ୍ୟମୀ ସଂସ୍ଥା ଭାବେ ଆଗେଇ ଆସି ଗ୍ରାମବାସୀଙ୍କୁ ମାନବିକ ସହଯୋଗ ଦେଇଛନ୍ତି। ବନ୍ୟାରେ ପ୍ରଭାବିତ ଗରିବ ଶାଢ଼ି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିପନ୍ନ ଜନତାଙ୍କ ମୁଖରେ ଖୁସି ଓ ଆଶା ଫୁଟାଇଛି। ଏହି ପରିପ୍ରେକ୍ଷୀରେ ଆବାହକ ସୁଶାନ୍ତ ପୁହାଣ, ସଭାପତି କାଳନ୍ଦୀଚରଣ କୁଅଁର, ସମ୍ପାଦକ ଶଶିଭୂଷଣ ବେହେରା, କୋଷାଧକ୍ଷ ରାମନାରାୟଣ ପତି, ସରପଞ୍ଚ ଅଜୟ ମଲ୍ଲିକ, ଆଇନଜୀବୀ ଦେବାଶିଷ ସାମଲ, ଗୁରୁଚରଣ କୁଅଁର, ପ୍ରତାପ ପୁହାଣ, ଯୁବ ସମାଜସେବୀ ସତ୍ୟନାରାୟଣ ପୁହାଣ, ପ୍ରଫୁଲ୍ଲ ପୁହାଣ, ଧୀରେନ୍ଦ୍ର ବେହେରା, ହରେଶ କୁଅଁର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅନୁଷ୍ଠାନ ମାଧ୍ୟମରେ ତଳି ଗ୍ରାମର ଉନ୍ନତି ଓ ଏକତାର ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଗ୍ରାମବାସୀ ମନ୍ଦିର କମିଟିଙ୍କ ଉଦ୍ୟମକୁ ସ୍ୱାଗତ ଜଣାଇଛନ୍ତି। ଏହି ଉଦାହରଣ ଅନ୍ୟ ଅଞ୍ଚଳ ପାଇଁ ମଧ୍ୟ ପ୍ରେରଣା ହେଉଛି।



## ମଧ୍ୟାହ୍ନ ଭୋଜନ ଶିକ୍ଷକଙ୍କୁ ଅଡୁଆ; ଛାତ୍ର ଉପସ୍ଥାନରେ ଜାଲିଆତି

ବନ୍ତ/ଆଗରପଡ଼ା, ୨୯।୮(ସମିସ): ଛାତ୍ର ଉପସ୍ଥାନ ବୃଦ୍ଧି, ଅଧାରୁ ପାଠପଢ଼ା ଛାଡୁଥିବା ବିଦ୍ୟାର୍ଥୀଙ୍କୁ ରୋକିବା ତଥା ଅପୁଷ୍ଟି ଦୂର ପାଇଁ ସରକାର ମଧ୍ୟାହ୍ନ ଭୋଜନ ଯୋଜନା ଲାଗୁ କରିଥିଲେ। ହେଲେ ଏହି ଯୋଜନା ଏବେ ଦିଗହରା ହେବାକୁ ବସିଲାଣି। ଏହାକୁ ନେଇ ଶିକ୍ଷକମାନେ ଦିନକୁ ଦିନ ସମସ୍ୟା ଜାଲରେ ଛନ୍ଦି ହେଉଛନ୍ତି। ଦିନ ପ୍ରାୟ ୧୧ଟା ସୁଦ୍ଧା କେତେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଛନ୍ତି ସେମାନଙ୍କ ତାଲିକା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷାବିଭାଗକୁ ଅବଗତ କରିବାର ବିଧି ରହିଛି। କିଛି ବିଦ୍ୟାଳୟରେ ଏହି ନିୟମକୁ ଉଲ୍ଲଙ୍ଘନ କରାଯାଉଛି। ନେଟୱର୍କ ସମସ୍ୟା ଆଳ କରି କିଛି ଶିକ୍ଷକ ଖସିଯିବା ପାଇଁ ଚିନ୍ତା କରୁଥିବା ବେଳେ କିଛି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଷ୍ଠାପର ସହ ଦାୟିତ୍ୱ ପାଳନ କରି ୧୧ଟା ପୂର୍ବରୁ ମଧ୍ୟ ମେସେଜ ଦେଉଛନ୍ତି। ଏସବୁ ଭିତରେ ଯେଉଁଠି ଅଳ୍ପ ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ଚାଲୁଛି ସେଠାରେ ପ୍ରଧାନଶିକ୍ଷକ ନିଜ ପକେଟରୁ ପ୍ରତିମାସରେ କିଛି ଅର୍ଥ ହାତରୁ ଗଣିବା ପାଇଁ ବାଧ୍ୟ ମଧ୍ୟ ହେଉଛନ୍ତି। ବଜାର ଦର ଅନୁଯାୟୀ ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ବିଦ୍ୟାଳୟକୁ ସରକାର ଦେଉନାହାନ୍ତି। ଆଉ କିଛି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ରହିଛି। ସେମାନଙ୍କ ଉପସ୍ଥାନ ଦର୍ଶାଇ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସୁଛନ୍ତି ବୋଲି ଦର୍ଶାଯାଇ କିଛି ଶିକ୍ଷକ ବେନିୟମ କାର୍ଯ୍ୟ କରୁଥିବା ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ଯେଉଁଠି ଶିକ୍ଷକ ଅଭାବ ସେଠି ଜଣେ ଶିକ୍ଷକ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇ ଚଳାଇବା ଦ୍ୱାରା ପାଠପଢ଼ା ମଧ୍ୟ ବ୍ୟାହତ ହେଉଛି। ଅନ୍ୟ କେତେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ରୋଷେଇ ଦାୟିତ୍ୱ ନେଇଥିବା ମହିଳା ଗୋଷ୍ଠୀ ମଧ୍ୟରେ ସମୟ ଅଭାବରୁ ବିଦ୍ୟାଳୟରେ ସମସ୍ୟା ଦେଖାଗଲାଣି। ଠିକ ସମୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ନକଲେ



ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ପାଖରୁ ଆରମ୍ଭ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସୋମବାର ଓ ଗୁରୁବାର ଭାତ ଓ ଡାଲମା, ମଙ୍ଗଳବାର ଓ ଶୁକ୍ରବାର ସୋୟାବଡ଼ି, ବୁଧବାର ଓ ଶନିବାର ଅଣ୍ଡା ତରକାରୀ ହେବା ନେଇ ଶିକ୍ଷା ବିଭାଗର ନିର୍ଦ୍ଦେଶ ରହିଛି। ଚାଉଳକୁ ବାଦ ଦେଇ ଚଳିତ ବର୍ଷରୁ ଏଥିପାଇଁ ପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ପାଇଁ ଉପସ୍ଥାନ ପ୍ରତି ୧୧.୧୫ ଟଙ୍କା ଓ ଅପରପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ପାଇଁ ଉପସ୍ଥାନ ପ୍ରତି ୧୪.୭୪ ଟଙ୍କା ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ତେବେ ଶିକ୍ଷା ବିଭାଗର ଅଧିକାରୀମାନେ ମଧ୍ୟାହ୍ନ ଭୋଜନ ଭଳି ଏକ ବ୍ୟବସ୍ଥାକୁ ଅଲଗା କରିବା ପାଇଁ ଅର୍ଥାତ ଶିକ୍ଷକମାନଙ୍କୁ ଏଥିରୁ ଦାୟିତ୍ୱମୁକ୍ତ କରିବା ପାଇଁ ବାରମ୍ବାର ଶିକ୍ଷକ ସଂଘ ଦାବି କରି ଆସିଛି। ଏସବୁ ବ୍ୟବସ୍ଥା ଭିତରେ କିଛି ସଚ୍ଚୋଟ, ଦାୟିତ୍ୱବାନ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପାଇଁ ନାକେଦମ ହେଲେଣି। ଦରଦାମ ବୃଦ୍ଧିରେ ଖାଉଟି ତ୍ରାହି ତ୍ରାହି ଡାକୁଥିବା ବେଳେ ବିଦ୍ୟାଳୟର ଶିକ୍ଷକମାନେ ଏହି ଜାଲରେ ଛନ୍ଦି ହୋଇ ଛଟପଟ ହେଉଛନ୍ତି। ବଡ଼କଥା ହେଉଛି, ଯଦି କିଛି ଶିକ୍ଷକ ୧୧ଟା ଭିତରେ ଛାତ୍ର ଉପସ୍ଥାନ ସମ୍ପର୍କରେ ଶିକ୍ଷା ବିଭାଗକୁ ମେସେଜ ଦେଇପାରୁଛନ୍ତି, ଅନ୍ୟ ଶିକ୍ଷକମାନେ କାହିଁକି ଦେଇ ପାରୁନାହାଁନ୍ତି ତାହା ତଦନ୍ତ ସାପେକ୍ଷ। ପ୍ରକୃତରେ ନେଟୱାର୍କ ସମସ୍ୟା ନାଁ ଆଉ କିଛି ଅଛି? ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ସେହି ବିଦ୍ୟାଳୟର ଛାତ୍ରଛାତ୍ରୀ ଘରୋଇ ଶିକ୍ଷାନୁଷ୍ଠାନରେ କେମିତି ପାଠ ପଢୁଛନ୍ତି। ଏହା ତଦନ୍ତ ପରିସରଭୁକ୍ତ ହେବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଥିବା ବେଳେ ବିଭିନ୍ନ ଦୃଷ୍ଟିକୋଣରୁ ଦିଗହରା ହେବାକୁ ବସିଥିବା ମଧ୍ୟାହ୍ନ ଭୋଜନ ଯୋଜନା ଫଳରେ ବିଦ୍ୟାଳୟରେ ପାଠପଢା ଦିନକୁ ଦିନ ତୁଳିକୁ ଯିବାକୁ ବସିଥିବା ମଧ୍ୟ ଚିନ୍ତାର କାରଣ ପାଲଟିଛି।

### ଜାତୀୟ ରାଜପଥ ନା ଚାଷଜମି

## ଦୀର୍ଘ ୯ ବର୍ଷ ହେଲା ସରୁନି ସମ୍ପ୍ରସାରଣ

କବାଟବନ୍ଧ,୨୯।୮(ସମିସ)

ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବାସ୍ତବ ଚିତ୍ର ସାଧାରଣ ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରିଛି। ଜାତୀୟ ରାଜପଥ ନୁହେଁ; ସତେ ଯେମିତି ଚାଷ ଜମି। ଜାତୀୟ ରାଜପଥର ଅବସ୍ଥା ଏବଂ ଚିତ୍ର ଯେ ଏମିତି ହୋଇପାରେ ତାହା କେହି ନ ଦେଖିଲେ ବିଶ୍ୱାସ କରି ହେବନାହିଁ।

ଓଡ଼ିଶା ମାନଚିତ୍ରରେ ତଥା ଜାତୀୟ ରାଜପଥକୁ ଦେଖିଲେ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଏକ ଦୁର୍ଘଟଣା ପ୍ରବଣ ରାଜପଥ ଭାବରେ ପରିଚିତ। ଏହି ଜାତୀୟ ରାଜପଥ ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ସମ୍ପ୍ରସାରଣ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇ ପାରୁନାହିଁ। ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟନ୍ତ ମାତ୍ର ୩୯ କିଲୋମିଟର



ରାସ୍ତା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ୯ ବର୍ଷ ମଧ୍ୟରେ ସମାପ୍ତ ନ ହେବା ଦୁର୍ଭାଗ୍ୟଜନକ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କର ଠିକାଦାର ପ୍ରୀତି ପାଇଁ ଏହି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ନିର୍ଦ୍ଦିଷ୍ଟ ଠିକାସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବ ହେଉଥିବା ଜଣାପଡିଛି।

ଏକ ସମୟରେ ଆରମ୍ଭ ହୋଇଥିବା ଚଣ୍ଡିଖୋଲଠାରୁ ତାଳଚେର ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ତାଳଚେର ଠାରୁ ଡୁବୁରୀ ପର୍ଯ୍ୟନ୍ତ ଶେଷ ହୋଇ ସାରିଛି। ମାତ୍ର ୩୯ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ପାଇଁ ୯ ବର୍ଷ ଲାଗିବା ଅତ୍ୟନ୍ତ ଦୁଃଖର ବିଷୟ। ଠିକ୍ ସମୟରେ ଅବଧି ମଧ୍ୟରେ କାର୍ଯ୍ୟ ଶେଷ ନ କଲେ ଠିକାସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କିମ୍ବା ଆବଶ୍ୟକ ସ୍ଥଳେ କଣ୍ଟ୍ରାକ୍ଟର ପରିବର୍ତ୍ତନ କରିବାର ପ୍ରାବଧାନ ରହିଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତାହା କରି ପାରୁନାହାଁନ୍ତି। ମାତ୍ର ରାସ୍ତା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଭୂଲ ତଥ୍ୟ ଦେଇ ଲୋକମାନଙ୍କୁ ଭ୍ରମିତ କରୁଛନ୍ତି। ସମ୍ପ୍ରସାରଣ କାର୍ଯ୍ୟ ସରିବା ପାଇଁ ଆହୁରି କେତେ ବର୍ଷ ଲାଗିବ ତାହା ମଧ୍ୟ କହିବା ମୁସ୍କିଲ। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ଏହି ରାସ୍ତାରେ ମୋଟର ସାଇକଲ ଚାଳକ ଯିବା ଆସିବା କରିବା ଅସମ୍ଭବ ହୋଇପଡିଛି। ରାସ୍ତାରେ ଖାଲ ହୋଇ ପାଣି ଜମିରହିଛି। କେଉଁ ସ୍ଥାନରେ କେତେ ବଡ଼ ଖାଲ ବା ଗର୍ତ୍ତ ହୋଇଛି ତାହା ଜାଣି ନ ପାରି ବାଇକ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏକପାଖିଆ ଅଣଓସାରିଆ ରାସ୍ତା ସହିତ ସାମ୍ନା ପଟରୁ ଆସୁଥିବା ଗାଡ଼ିର ଲାଇଟ ପାଇଁ ଅନେକ ଦୁର୍ଘଟଣା ଘଟୁଛି। ପ୍ରତ୍ୟେକ ମୁହୂର୍ତ୍ତରେ ବିପଦ ରହିଛି। ଏମିତି ଏକ ସମ୍ବେଦନଶୀଳ ରାସ୍ତାକୁ ନେଇ ଜିଲ୍ଲା ପ୍ରଶାସନ ଆଦୌ ସଚେତନ ହେଉନାହିଁ। ଅନ୍ୟ ପକ୍ଷରେ ବାରମ୍ବାର ଏନେଇ ହେଉଥିବା ବୈଠକରେ କି ପ୍ରକାର ଆଲୋଚନା ହେଉଛି ତାହା ଏବେ ସନ୍ଦେହ ସୃଷ୍ଟି କଲାଣି। ଏନେଇ ବହୁବାର ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପରିବର୍ତ୍ତନ ହେଉନାହିଁ।

## ପ୍ରଥମ ପର୍ଯ୍ୟାୟ ଗଣେଶ ମେଢ଼ ବିସର୍ଜନ

# ଭସାଣି ଶୋଭାଯାତ୍ରାରେ ଦୁଲୁକିଲା ପରିବେଶ, ଦର୍ଶନ ପାଇଁ ଅସମ୍ଭାଳ ଭିଡ଼








ବିଦାୟ ବିଘ୍ନହର୍ତ୍ତା...

ବାଲେଶ୍ୱର,୨୯।୮ (ସମିସ)

ବିଦାୟ ନେଲେ ବିଘ୍ନହର୍ତ୍ତା। ବାଲେଶ୍ୱର ସହରରେ ଦୁଇଦିନ ଗଣେଶ ପୂଜା ଧୁମଧାମରେ ପାଳନ ହୋଇଛି। ଗଣେଶ ପୂଜାରେ ବାଲେଶ୍ୱର ସହର ମୁମ୍ବାଇକୁ ପଛରେ ପକାଇଥିବା ନେଇ ଚର୍ଚ୍ଚା ହେଉଛି। ଆକର୍ଷଣୀୟ ମୂର୍ତ୍ତି ସାଙ୍ଗକୁ ନିଆରା ପେଣ୍ଡାଲ ଏବଂ ସାଜସଜ୍ଜା ଦେଖିବା ପାଇଁ ବେଶ୍ ଗହଳି ହୋଇଥିଲା। ବିଶେଷକରି ସହରର କନଭେଣ୍ଟ ସ୍କୁଲ ରାସ୍ତା ହୋଇଥିବା ୪୫ରୁ ଅଧିକ ଗଣେଶ ଠାକୁର ଦେଖିବା ପାଇଁ ଖଚାଖଚ୍ ଭିଡ଼ ହୋଇଥିଲା। ତେବେ ବାଲେଶ୍ୱରରେ ଧୂମଧାମରେ ଗଣେଶ ପୂଜା ହେବା ପରେ ଆଜି ପ୍ରଥମ ପର୍ଯ୍ୟାୟ ବିସର୍ଜନ ଶେଷ ହୋଇଛି। ମଣ୍ଡପରୁ ଗଣେଶଙ୍କ ମୂର୍ତ୍ତି ଧାଡ଼ିରେ ଯାଇ ସିନେମା ଛକରୁ ବିସର୍ଜନ ପାଇଁ ବାହାରିଥିଲା। ଆଜି କନଭେଣ୍ଟ ସ୍କୁଲ ରୋଡ୍‌ର ପ୍ରାୟ ୪୫ରୁ ଅଧିକ ଠାକୁର ବିସର୍ଜନ ହୋଇଥିବା ଜଣାପଡିଛି। ବର୍ଷା ସତ୍ତ୍ୱେ ବି ବିସର୍ଜନ ଅପରାହ୍ଣ ସୁଦ୍ଧା ଆରମ୍ଭ ହୋଇଥିଲା। ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ବୁଧବାର ଅନୁଷ୍ଠିତ ହୋଇଥିବା ବେଳେ ସହରରେ ଶେଷ ହୋଇଛି ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବ। ଏହିକ୍ରମରେ ଦିନ ବେଳୁ ଭସାଣି ଶୋଭାଯାତ୍ରାର ଆରମ୍ଭ ହୋଇଥିଲେ ହେଁ ଅପରାହ୍ଣ ପରେ ବିଭିନ୍ନ ମଣ୍ଡପର ଗଣେଶ ମୂର୍ତ୍ତିଙ୍କୁ ସହର ଉପକଣ୍ଠ ନୁଣିଆଯୋଡ଼ି ଓ ବାଲିଘାଟ ଅଭିମୁଖେ ଶୋଭାଯାତ୍ରାରେ ନିଆଯାଇଥିଲା। ଜିଲ୍ଲା ପ୍ରଶାସନ ଏବଂ ଶାନ୍ତି କମିଟିର ପୂର୍ବ ନିଷ୍ପତ୍ତି ଅନୁସାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଭସାଣି ପର୍ବ। ଭସାଣି ଉତ୍ସବକୁ ସନ୍ଧ୍ୟା ସୁଦ୍ଧା ସାରିବା ଲକ୍ଷ୍ୟରେ ଦିନ ବେଳୁ ଶୋଭାଯାତ୍ରା ଆରମ୍ଭ କରିବାକୁ ପ୍ରୟାସ କରାଯାଇଥିଲା। ମେଢ ଗୁଡିକ ରାସ୍ତା କଡରେ ଛିଡା ହୋଇ ରହିଥିବାରୁ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ତେବେ ରାତି ୧୦ଟା ସୁଦ୍ଧା ସମସ୍ତ ମେଢ ସିନେମା ଛକ ଅତିକ୍ରମ କରିଥିବା ଜଣାପଡିଛି। କେତେକ କ୍ଲବ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ମଧ୍ୟରେ ଶୋଭାଯାତ୍ରାରେ ଠାକୁରଙ୍କୁ ବିସର୍ଜନ ପାଇଁ ନେଉଥିବା ବେଳେ

### ୩୧ରେ ଦ୍ୱିତୀୟ ପର୍ଯ୍ୟାୟ ବିସର୍ଜନ

ବହୁ କ୍ଲବର ମେଢ ସାଙ୍ଗେ ଡିଜେ ସାଉଣ୍ଡର ତାଳେ ତାଳେ ଯୁବକମାନେ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି। ରଙ୍ଗୀନ୍ ଆଲୋକମାଳା ସହ ସୁସଜ୍ଜିତ ଗାଡ଼ିରେ ଉପବେଷ୍ଟିତ ଠାକୁରଙ୍କ ଶୋଭାଯାତ୍ରା ଅଧିକ ଆକର୍ଷଣୀୟ ଦେଖାଯାଉଥିଲା। ପ୍ରଶାସନର କଟକଣା ମଧ୍ୟରେ କ୍ଲବ ଗୁଡିକର ଭସାଣୀ ଶୋଭାଯାତ୍ରା ବେଶ୍ ଆଡମ୍ବରପୂର୍ଣ୍ଣ ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାକୁ ଦେଖିବା ପାଇଁ ସହର ରାସ୍ତାର ଦୁଇପାଶ୍ୱର୍ରେ ଲୋକଙ୍କ ଭିଡ଼ ଜମିଥିଲା। ସହରର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ପାଣିଟାଙ୍କି ଛକରୁ କାଳୀମନ୍ଦିର ଛକ ପର୍ଯ୍ୟନ୍ତ ସାଇଲେନ୍ସ ଜୋନ୍ ମଣ୍ଡପର ମୂର୍ତ୍ତି ବୁଢ଼ାବଳଙ୍ଗ ନଦୀର ବାଲିଘାଟରେ ବିସର୍ଜନ ପାଇଁ ଯାଇଥିବା ବେଳେ ଅନ୍ୟାନ୍ୟ କେତେକ ସ୍ଥାନର ମେଢ଼ ନୁଣିଆଯୋଡ଼ିରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସର ବହୁ ଅଧିକାରୀ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରୁଥିବା ବେଳେ ଭସାଣି ପାଇଁ ସମୁଦାୟ ୨୦ ପ୍ଲାଟୁନ୍ ପୁଲିସ ମୁତୟନ କରାଯାଇଛି। ଆସନ୍ତା ୩୧ ଓ ସେପ୍ଟେମ୍ବର ୨ ତାରିଖ ଦୁଇଟି ପର୍ଯ୍ୟାୟରେ ବାକି ସମସ୍ତ କ୍ଲବର ମେଢ଼ ବିସର୍ଜନ ପାଇଁ ସିଦ୍ଧାନ୍ତ ନିଆଯାଇଛି ବୋଲି ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଶବ୍ଦ ପ୍ରଦୂଷଣକୁ ଗୁରୁତ୍ୱ ଦେଇ ବିଭିନ୍ନ କମିଟିର କର୍ମକର୍ତ୍ତା ଡିଜେ ବ୍ୟବହାର ନିଷେଧ କରିଥିଲେ। ଅନ୍ୟପଟେ ଡାକବାଜି ଯନ୍ତ୍ରର ଶବ୍ଦସୀମା ୬୫ ଡେସିବିଲ ମଧ୍ୟରେ ସୀମିତ ରଖିବା ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତିକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିବା ଦେଖିବାକୁ ମିଳିଥିଲା। ସମସ୍ତ ମେଢରେ ବିଶାଳକାୟ ଡିଜେ ଶବ୍ଦରେ ଦୁଲୁକିଥିଲା ପାଖ ଅଞ୍ଚଳ। ତେବେ ଶୋଭାଯାତ୍ରାରେ ଭଳି କି ଭଳି ଲାଇଟ ସହ ମେଢ ଦେଖିବା ପାଇଁ ମୋତିଗଞ୍ଜ ବଜାର ଅଞ୍ଚଳରେ ପ୍ରବଳ ଜନସମାଗମ ହୋଇଥିଲା। ଅନ୍ୟପଟେ ନଦୀ ସ୍ୱଚ୍ଛ ରଖିବା ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରବାଟୀ ଅଞ୍ଚଳର ବାଲିଘାଟ ନଦୀରେ ଅସ୍ଥାୟୀ ପୋଖରୀ ନିର୍ମାଣ ହୋଇଛି। ତେବେ ଅନେକ ସିଧାସଳଖ ନଦୀରେ ମଧ୍ୟ ଠାକୁରଙ୍କୁ ବିସର୍ଜନ କରୁଥିବା ଦେଖିବାକୁ ମିଳିଛି। ତେବେ ପ୍ରଭୁ ଗଜାନନଙ୍କ ମୂର୍ତ୍ତି ଏହି ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

## ସମାଜସେବୀ ମଧୁସୂଦନ ବେହେରାଙ୍କ ପରଲୋକ



ବାଲେଶ୍ୱର,୨୯।୮ (ସମିସ): ବସ୍ତା ବ୍ଲକ୍ କୁଣ୍ଡପୁର ଗ୍ରାମର ବିଶିଷ୍ଟ ସମାଜସେବୀ ମଧୁସୂଦନ ବେହେରାଙ୍କ ୬୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବିଭିନ୍ନ ଧର୍ମ ଅନୁଷ୍ଠାନର ପ୍ରତିଷ୍ଠାତା ଓ ଶାନ୍ତିଧାମ ପୁରୀର ଆଜୀବନ ସଦସ୍ୟ ଥିଲେ। ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଶାନ୍ତିଧାମର କୁଣ୍ଡପୁର ଶାଖା ତରଫରୁ ତାଙ୍କର ଅନ୍ତିମ ସମ୍ମାନାର୍ଥେ ମନ୍ଦିର ନିକଟରେ ପୁଷ୍ପମାଲ୍ୟ ଓ ନୂତନ ବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ତାଙ୍କର ଏହି ଅନ୍ତିମ ଶୋଭାଯାତ୍ରାରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଭକ୍ତ ଗୋଷ୍ଠୀ, ଅନୁଷ୍ଠାନ ଏବଂ ବହୁ ସଂଖ୍ୟାର ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇଥିଲେ। ତାଙ୍କର ୬ ଭାଇ, ଏକମାତ୍ର ଝିଅ, ତିନି ପୁଅ ଓ ବୋହୂ, ନାତିନାତୁଣୀ, ଙ୍କାଇଁ ମୃତ୍ୟୁ ବେଳକୁ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବସ୍ତା ଅଞ୍ଚଳରେ ଶୋକପ୍ରକଶ ପାଇଛି।

## ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ 'ଜାତୀୟ କ୍ରୀଡ଼ା ଦିବସ'

ବାଲେଶ୍ୱର,୨୯।୮ (ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆଜି ସ୍ଥାନୀୟ ନିଉ ଷ୍ଟାଡିୟମ (ପରମିଟ ପଡିଆ) ସ୍ଥିତ କାର୍ଯ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସଭାପତିତ୍ୱ କରି କ୍ରୀଡ଼ା ଦିବସ ବିଷୟରେ ବକ୍ତବ୍ୟ ରଖିବା ସହିତ ଜିଲ୍ଲାର ଏହାର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ହକି ପ୍ରବାଦ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳିତ ହୋଇଆସୁଛି। ଜିଲ୍ଲା କ୍ରୀଡା ସଂଘର ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଯୋଗଦେଇ ଜାତୀୟ କ୍ରୀଡ଼ା ଦିବସ ପାଳନ ବିଷୟରେ ଉପସ୍ଥିତ ଥିବା ସଭ୍ୟମାନଙ୍କୁ ତାଙ୍କର ବକ୍ତବ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ କ୍ରୀଡାର ଉନ୍ନତି ବିଷୟରେ ଅଲୋଚନା କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ସମସ୍ତ ସଭ୍ୟ ଓ କ୍ରୀଡାବିତମାନଙ୍କୁ କ୍ରୀଡାର ଉନ୍ନତି ପାଇଁ ଶପଥ ପାଠ କରାଇଥିଲେ। ଉପସଭାପତି ଜଗଦିଶ ଚନ୍ଦ୍ର ବେହେରା, ଅମର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ନାୟକ, ସଞ୍ଜୟ ଲେଙ୍କା, ଜନ୍ମେଜୟ ଦେ, ସୁକାନ୍ତ ନାୟକ, ରବିନ ମିତ୍ର, ସପନ ଖିଲାର, ଦିଲ୍ଲିପ କୁମାର ଜେନା, ସୁରଜିତ ମହାପାତ୍ର, ରବିନ୍ଦ୍ର ସାହୁ, ପ୍ରଦିପ କୁମାର ଦାସ ପ୍ରମୁଖ ସଭ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



### ଜିଲ୍ଲାରେ କ୍ରୀଡ଼ାର ଉନ୍ନତି ପାଇଁ ଆଲୋଚନା



ବିଘ୍ନରାଜ ପୂଜାମଣ୍ଡପରେ ବିଘ୍ନରାଜଙ୍କ ପାଖରେ ନାଗରାଜ ଥିବାର ଦୃଶ୍ୟ

## କଳିଙ୍ଗ ନଗର ଗ୍ରାମରେ ଶ୍ରୀ ଗଣେଶ ପୂଜା ସମ୍ପନ୍ନ



ବାଲେଶ୍ୱର,୨୯।୮ (ସମିସ): ଗଣେଶ ପୂଜା ପାଇଁ ସାରା ସହର ଉତ୍ସବମୁଖର ହୋଇଛି। ମୁମ୍ବାଇକୁ ପଛରେ ପକାଇଛି ବାଲେଶ୍ୱର ସହରରେ ଗଣେଶ ପୂଜା। ବାଲେଶ୍ୱରରେ ଧୂମଧାମରେ ପାଳିତ ହୋଇଛି ଗଣେଶ ପୂଜା। ସୁସଜ୍ଜିତ ଆଲୋକମାଳା ସାଙ୍ଗକୁ ସୁନ୍ଦର ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରିଛି। ଯୁବପିଢିଙ୍କ ମଧ୍ୟରେ ପୂଜା କରିବା ଆଗ୍ରହ ସହରରେ ବେଶ୍ ଦେଖିବାକୁ ମିଳିଛି। ସେହିପରି ସହର ପରି ଗାଁରେ ମଧ୍ୟ ଗଣେଶ ପୂଜା ବେଶ୍ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଛି। କେବଳ ଯୁବପିଢି ନୁହନ୍ତି ବରଂ ଅବସରପ୍ରାପ୍ତ ତଥା ବୟୋଜ୍ୟେଷ୍ଠମାନେ ଏକାଠି ହୋଇ ଗଣେଶ ପୂଜା କରିଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳରେ ଭାଇଚାରାର ଭାବ ସୃଷ୍ଟି କରିପାରିଛି। ପିଲାଠୁ ବୟସ୍କ ପର୍ଯ୍ୟନ୍ତ ଏହି ଗାଁ ଗଣେଶ ପୂଜାରେ ଏକାଠି ହୋଇ ପୂଜା ପାଳନ କରିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ବାଲେଶ୍ୱର ସହର ସାରଗାଁ ପଞ୍ଚାୟତ ସ୍ଥିତ କଳିଙ୍ଗ ନଗର ଗ୍ରାମରେ 'କଳିଙ୍ଗ ନଗର ବିକାଶ ପରିଷଦ' ପକ୍ଷରୁ ପୂଜା ମଣ୍ଡପରେ ଶ୍ରୀ ଶ୍ରୀ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ସାଧାରଣତଃ ଗଣେଶ ପୂଜା କଥା କହିଲେ ଯୁବକ ବା ଯୁବପିଢି ଗଣେଶ କରୁଥିବାର ନଜର ଆସେ। ହେଲେ କଳିଙ୍ଗ ନଗର ଗ୍ରାମରେ ଏହି ପରିଷଦରେ ସମସ୍ତେ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇ ଚାରି ବର୍ଷ ଧରି ଗଣେଶ ପୂଜା କରିଆସୁଛନ୍ତି। ଏହି ଉତ୍ସବରେ ଅଧିକାଂଶ ପରିଷଦର ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇଥିଲେ। ପୂଜାରେ ପୂଜକ ମନ୍ତ୍ର ଉଚ୍ଚାରଣ କରି ସମଗ୍ର ଆଖପାଖ ପରିବେଶ ମୁଖରିତ କରିଥିଲେ। ପୂଜା ପାଇଁ ମଧ୍ୟାହ୍ନରେ ପ୍ରାୟ ୨୫୦ ଜଣ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସମସ୍ତ ଭକ୍ତ ଠାକୁରଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ

### ଭାଇଚାରାର ବାର୍ତ୍ତା ଦେଉଛି ଗାଁ ଗଣେଶ ପୂଜା

ଆଳତି କାର୍ଯ୍ୟକ୍ରମରେ ସ୍ଥାନୀୟବାସିନ୍ଦାଙ୍କ ଭଜନ ପରିବେଷଣ କରାଯାଇଥିଲା। ଭଜନ ସମୟରେ କୁନି ବାଦକ ତଥା ଡେପୁଟି କଲେକ୍ଟରଙ୍କ ସୁପୁତ୍ର ଆଶୁତୋଷ ବାଦ୍ୟ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଏହି ସମୟରେ ପ୍ରାୟ ବହୁ ଭକ୍ତ ଉପସ୍ଥିତ ରହିଥିଲେ। ଏହି ଉତ୍ସବ ପାଳନ ଦ୍ୱାରା ସମସ୍ତଙ୍କ ମଧ୍ୟରେ ଏକ ଭାଇଚାରା ଭାବ ସୃଷ୍ଟି ହୋଇପାରିଛି। ଦୀର୍ଘ ୪ ବର୍ଷ ଧରି ମହାଆଡମ୍ବରରେ ଗଣେଶ ପୂଜା ପାଳିତ ହୋଇଆସୁଛି। ତେବେ ଦୁଇ ଦିନ ପୂଜା ପରେ ଆଜି ପରିଷଦ ପକ୍ଷରୁ ବାଲିଘାଟରେ ଗଣେଶଙ୍କୁ ବିସର୍ଜନ କରାଯାଇଛି।

## ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ କାର୍ଯ୍ୟକ୍ରମ

ବାଲେଶ୍ୱର,୨୯।୮ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶତାବ୍ଦୀ ବର୍ଷ ଉପଲକ୍ଷେ ସ୍ୱୟଂସେବକଙ୍କ ଦ୍ୱାରା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି କ୍ରମରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମିଳିତ ଆନୁକୁଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୀମପୁରା ମଡାଗଡିଆ ଠାରେ ଅନୁଷ୍ଠିତ ଶିବିରରେ ଡା. ନିର୍ମାଲ୍ୟ ମହାପାତ୍ର, ଡା. କୁମାର ପାତ୍ର ଓ ଡା. ପାର୍ଥସାରଥୀ ପଲେଇ ଉପସ୍ଥିତ ରହି ମେଡିସିନି, ଅସ୍ଥିସଲ୍ୟ, ଗ୍ୟାଷ୍ଟ୍ରୋ, ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୭୦ରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରିଥିଲେ। ପରେ ସେମାନଙ୍କୁ ଔଷଧ ବିତରଣ କରାଯାଇଥିଲା। ଶିବିରକୁ ସଂଘର ଜିଲ୍ଲାସେବା ପ୍ରମୁଖ ହେମନ୍ତ ମହାନ୍ତି, ବାଲେଶ୍ୱର ନଗର କାର୍ଯ୍ୟବାହ ରମେଶ ମହାକୁଡ଼, ନଗର ସେବା ପ୍ରମୁଖ ହୃଦାନନ୍ଦ ନାୟକ, ରାମେଶ୍ୱର ଉପନଗର କାର୍ଯ୍ୟବାହ ପର୍ଶୁରାମ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ। ଭାରତୀୟ ସଂସ୍କୃତି ପ୍ରଚାର ସମିତି ଅଧ୍ୟକ୍ଷ ଗୋପାଳ ଖଣ୍ଡେଲୱାଲ ଉପସ୍ଥିତ ଥିଲେ। ବାଲେଶ୍ୱର ସହର ତଥା ଜିଲ୍ଲାର ଅନ୍ୟ ସ୍ଥାନମାନଙ୍କରେ ଆଗାମୀ ଦିନରେ ଏହିପରି ଶିବିରମାନ ଆୟୋଜିତ ହେବ ବୋଲି ସେବା ପ୍ରମୁଖ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।




## ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଘାଟିତ

### ତିନିଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ଖେଳ ଓ ମୂଲ୍ୟଶିକ୍ଷା



ବାଲେଶ୍ୱର,୨୯।୮ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ ଅବସରରେ ବ୍ୟାପକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ (ଇନ୍‌ଚାର୍ଜ) ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲଙ୍କ ସହ କାର୍ଯ୍ୟକ୍ରମ ସଂଯୋଜକ ଅରୁଣ କୁମାର ନାୟକ ଓ ପିଇଓ ସଂଗ୍ରାମ କେଶରୀ ବିଶୋଇ ସହଯୋଗ କରିଥିଲେ। ଏକ ସାମୂହିକ ଶପଥପାଠ ସଭାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯେଉଁଠାରେ ଅଂଶଗ୍ରହଣକାରୀ କ୍ରୀଡାରେ ସଦାଚାର, ନ୍ୟାୟ, ଏବଂ ଉତ୍ତମତା ପ୍ରତି ସଙ୍କଳ୍ପ ପୁନଃନିର୍ଦ୍ଧାରଣ କରିଥିଲେ। ଏହା ପରେ ଶିକ୍ଷାର୍ଥୀ ଓ କର୍ମଚାରୀମାନଙ୍କର ସାର୍ବାଙ୍ଗୀଣ ବିକାଶ, ଶାରୀରିକ ସୁସ୍ଥତା, ଏବଂ ସହଯୋଗୀ ଅଂଶଗ୍ରହଣକୁ ଉତ୍ସାହିତ କରିବାକୁ 'ଏକ ଘଣ୍ଟା ଖେଲ୍ କେ ମଇଦାନ୍ ମେ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ 'ଅଲିମ୍ପିକର ଆତ୍ମା' ବିଷୟରେ ବିଶେଷ ସମ୍ବୋଧନ କରିଥିଲେ। ଯେଉଁଥିରେ ଅଲିମ୍ପିକ ପ୍ରତିଯୋଗିତାର ପ୍ରକୃତ ମୂଲ୍ୟ ଏବଂ ପରିଶ୍ରମ, ସମାବେଶିତା ଏବଂ ଗ୍ଲୋବାଲ୍ ସମନ୍ୱୟ ଗଢ଼ିବାରେ ଏହାର ଗୁରୁତ୍ୱକୁ ବ୍ୟାଖ୍ୟା କରିଥିଲେ। ଏଥିସହ ନିଜର ଦୃଷ୍ଟିକୋଣରେ ଅଂଶଗ୍ରାହୀମାନଙ୍କୁ ଅଲିମ୍ପିକ୍ସ ଓ ପ୍ୟାରାଲିମ୍ପିକ୍ସର ମୂଲ୍ୟବୋଧକୁ ତାଙ୍କର ଶିକ୍ଷାନୁଷ୍ଠାନ ଏବଂ ବ୍ୟକ୍ତିଗତ ଜୀବନରେ ଅନୁସରଣ କରିବାକୁ ପ୍ରେରିତ କରିଥିଲେ। ଏହି ପ୍ରୟାସ ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କେବଳ କ୍ରୀଡାରେ ଉତ୍କୃଷ୍ଟତାକୁ ପ୍ରୋତ୍ସାହିତ କରୁନାହିଁ। ସେଥିପାଇଁ ଧୈର୍ଯ୍ୟ, ସହଯୋଗ ଏବଂ ସହନଶୀଳତା ମୂଲ୍ୟକୁ ଉଚ୍ଚ ଶିକ୍ଷାର ସହିତ ସଂଯୋଜିତ କରିପାରିଛି। ପ୍ରତିଯୋଗୀତାମୂଳକ ମନୋଭାବକୁ ନୀତିମୂଳକ ଭିତ୍ତି ସହିତ ମିଶାଇ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଦାୟିତ୍ୱବୋଧ, ଶାରୀରିକ ସକ୍ରିୟତା ଏବଂ ଗଠନମୂଳକ ନାଗରିକତାକୁ ପ୍ରଜ୍ଞାପିତ କରିବାର ଲକ୍ଷ୍ୟ ରଖାଯାଇଛି।



# ଟଙ୍କା ନ ଦେବାରୁ ଛୁରାମାଡ଼

## ● ଜଣେ ଗୁରୁତର, ଭିମ୍‌ସାର ସ୍ଥାନାନ୍ତର

ସମ୍ବଲପୁର,୨୯।୮ (ସମିସ): ପୂର୍ବ ଶତ୍ରୁତାରୁ ଜଣେ ଯୁବକକୁ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଧନୁପାଲି ଥାନା ସୁନାପାଲି ଅଞ୍ଚଳରେ ଏଭଳି ଘଟଣା ଘଟିଯାଇଛି । ଛୁରା ମାଡ଼ରେ ମାୟାବଗିଚାର ମିର୍ଜା ଜାଫର ଗୁରୁତର ହୋଇଥିବା ସୂଚନା ମିଳିଛି । ବର୍ତ୍ତମାନ ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଧନୁପାଲି ପୁଲିସ ସୂଚନା ଦେଇଛି । ସୂଚନା ଯୋଗ୍ୟ ଯେ, ଶୁକ୍ରବାର ପୂର୍ବାହ୍ନରେ ମାୟାବଗିଚାର ମିର୍ଜା ଜାଫର ଓ ଅବଦ୍ଦୁଲ ସଲାମ ଏକାଠି ଅବଦ୍ଦୁଲ ମାଉସୀ ଘର ସୁନାପାଲିକୁ ଯାଇଥିଲେ । ସେଠି ପେନସନ୍ ପଡ଼ାର ୨ ଜଣ ଯୁବକ ମହମ୍ମଦ ଅରମାନ, ମହମ୍ମଦ ଇସଲାମ ତାଙ୍କୁ ବାଟରେ ଅଟକାଇଥିଲେ । ପୂର୍ବରୁ ଏମାନଙ୍କ ମଧ୍ୟରେ ଶତ୍ରୁତା ରହିଥିଲା । ମିର୍ଜା ଓ ଅବ୍ଦୁଲକୁ ସୁନାପାଲିରେ ଦେଖି ଉଭୟ ଦୁର୍ବୃତ୍ତ ଟଙ୍କା ମାଗିଥିଲେ । ଟଙ୍କା ମାଗିବାରୁ ଏମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ମିର୍ଜା ଓ ଅବଦ୍ଦୁଲକୁ ମାଡ଼ ମାରିବା ସହ ଅଭିଯୁକ୍ତ ଦ୍ୱୟ ଛୁରା ମାଡ଼ କରିଥିଲେ । ଏହା ସହ ମିର୍ଜାର ଜଙ୍ଘରେ ଛୁରାମାଡ଼ କରିଥିଲେ । ଛୁରାମାଡ଼ କରିବା ପରେ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତେବେ, ଛୁରାମାଡ଼ ହେବାରୁ ମିର୍ଜାର ଜଙ୍ଘରୁ ଅଧିକ ରକ୍ତସ୍ରାବ ହୋଇଥିଲା । ପ୍ରଥମେ ମିର୍ଜାକୁ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣାକୁ ନେଇ ଧନୁପାଲି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ଘଟଣାସ୍ଥଳରୁ ଫେରାର ମାରିଥିବା ଦୁଇ ଅଭିଯୁକ୍ତ ଅରମାନ ଓ ଇସମାଇଲକୁ ଖୋଜୁଥିବା ପୁଲିସ ପକ୍ଷରୁ କୁହାଯାଇଛି ।

# ପୋଖରୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର,୨୯।୮ (ସମିସ): ବୁର୍ଲା ଥାନା କଟାପାଲି ଅଞ୍ଚଳରୁ ପୁଲିସ ଏକ ଅଜଣା ମୃତଦେହ ଉଦ୍ଧାର କରିଛି । କଟାପାଲିସ୍ଥିତ ବାଲିବନ୍ଧରେ ଏକ ଶବ ଭାସୁଥିବା ପୁଲିସକୁ ଖବର ମିଳିଥିଲା । ତାଙ୍କ ବୟସ ପାଖାପାଖି ୩୦ ବର୍ଷ ହେବବୋଲି ସୂଚନା ମିଳିଛି । ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୁଲିସ୍ ମୃତଦେହକୁ ଭିମ୍‌ସାର୍ ଶବଗୃହ ଫ୍ରିଜର୍‌ରେ ରଖିଛି । ପ୍ରାୟ ଦୁଇଦିନ ତଳେ ଯୁବକଙ୍କ ମୃତ୍ୟୁ ହୋଇଥିବା ପୁଲିସ୍ ଅନୁମାନ କରୁଛି । ଯୁବକ ଜଣକ କୌଣସି କାମରେ ପୋଖରୀକୁ ଯାଇଥିବା ବେଳେ ଗୋଡ଼ ଖସି ପାଣିରେ ବୁଡ଼ିଯାଇଥିବା ପୁଲିସ୍ ସନ୍ଦେହ କରୁଛି । ଦେହରେ ବିଭିନ୍ନ ଟାଟୁ ରହିଛି । ପୁଲିସ ଶବ ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ।

# ଭିମସାରରେ ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତି ଦାବି

ସମ୍ବଲପୁର, ୨୯।୮ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ରେ ସ୍ଥାୟୀ ନିର୍ଦ୍ଦେଶକ ଦାବି କରିଛି ସମ୍ବଲପୁର ସିଟିଜେନ୍ ଫୋରମ୍ । ଗୁରୁବାର ସମଲେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅବସରରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ସିଟିଜେନ ଫୋରମ୍ ସଭାପତି ପ୍ରଫେସର ଡ. ଆଦିତ୍ୟ ପ୍ରସାଦ ପାଢ଼ୀ ଓ ସମ୍ପାଦକ ଡାକ୍ତର ଗୁଣସାଗର ଦାଶଙ୍କ ପ୍ରଦତ୍ତ ଦାବିପତ୍ର ଅନୁଯାୟୀ, ଭିମସାରରେ ସ୍ଥାୟୀ ନିର୍ଦ୍ଦେଶକ ଓ ୨୦୨୩ ମସିହାରୁ ଖାଲିପଡ଼ିଥିବା କାର୍ଯ୍ୟକାରିଣୀ ସଦସ୍ୟ ପଦ ପୂରଣ, ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତି କରିବା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଭଳି ସ୍ଥାନୀୟ ପ୍ରଫେସନାଲ ମାନଙ୍କ ମଧ୍ୟରୁ ଜଣେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶକ ନିଯୁକ୍ତି, ଗଭର୍ଣ୍ଣିଙ୍ଗ ବଡିର ବୈଠକ ବୁର୍ଲାରେ କରିବା, ଖାଲିଥିବା ପଦ ଗୁଡ଼ିକରେ ଶିକ୍ଷକ, ବୈଷୟିକ ଓ ଅଣଶିକ୍ଷକ ସ୍ଥାୟୀ ନିଯୁକ୍ତି ଆଦି ରହିଛି । ଏହି ପତ୍ରରେ ଦର୍ଶାଯାଇଛି ଯେ, ଫାକଲଟି ସଭ୍ୟ ନିଯୁକ୍ତିରେ ସମସ୍ୟାର କାରଣ ହେଉଛି ଭିମସାରର ବିଭାଗ ଗୁଡ଼ିକର ସମ୍ପ୍ରସାରଣ ହେଉନଥିବାରୁ ପଦୋନ୍ନତି ହୋଇପାରୁନାହିଁ । ସେଥିପାଇଁ ଭିମସାର କ୍ୟାଡରଗୁଡ଼ିକ ଅଟକି ରହିଛି । ଭିମାରର ତୁରନ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଓଡ଼ିଶା ସରକାର ୧ କୋଟି ଟଙ୍କା ପ୍ରଦାନ କରିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ସାଂସଦଙ୍କୁ ସ୍ମାରକ ପତ୍ରରେ ଅନୁରୋଧ କରାଯାଇଛି ।

# ପାଣିରେ ବୁଡ଼ି ମୃତ୍ୟୁ ସନ୍ଦେହ

ସମ୍ବଲପୁର, ୨୯।୮ (ସମିସ) : ସମ୍ବଲପୁର ସଦର ଥାନା ଅଧୀନ ଦେଦର ନୂଆପାଲିରେ ଗତକାଲି ଜଣେ ଯୁବକ ନିଖୋଜ ହୋଇଯାଇଥିଲେ । ଆଜି ଅଞ୍ଚଳବାସୀ ସୂଚନା ଦେବାପରେ ପୁଲିସ ମୃତଦେହକୁ ଗ୍ରାମ ନିକଟରେ ଥିବା ଏକ ପଥର ଖଣିରୁ ଉଦ୍ଧାର କରିଛି । ପୁଲିସର ସୂଚନା ଅନୁଯାୟୀ, ଗତକାଲି ରାତିରେ ଦେଦର ନୂଆଁପାଲି ଗ୍ରାମରେ ଭୋଜି ହେଉଥିଲା । ଏହି ସମୟରେ ସମ୍ପୃକ୍ତ ଯୁବକ ଜଣକ ଶୌଚ ପାଇଁ ଯାଇ ଆଉ ଫେରି ନ ଥିଲେ । ବହୁ ସମୟଧରି ନଫେରିବାରୁ ପରିବାର ଲୋକେ ରାତିରେ ଖୋଜାଖୋଜି କରି ପାଇନଥିଲେ । ଶୁକ୍ରବାର ସକାଳେ ଗ୍ରାମବାସୀ ପଥର ଖଣିରେ ଜମି ରହିଥିବା ପାଣିରେ ତାଙ୍କ ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପହଞ୍ଚି ପୁଲିସ ଓ ଅଗ୍ନିଶମ ବାହିନୀ ଶବକୁ ଉଦ୍ଧାର କରିଥିଲା । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ପରେ ପୁଲିସ ପରିବାରବର୍ଗଙ୍କୁ ତାଙ୍କ ଶବ ହସ୍ତାନ୍ତର କଲାପରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ଡ୍ରାଇଭର ମହାସଂଘର ନୂଆଁଖାଇ ଭେଟ୍‌ଘାଟ୍



ଜମନକିରା,୨୯।୮ (ସମିସ):ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ କୁରେଇବାହାଲଠାରେ ଜମନକିରା ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇଯାଇଛି । ଜମନକିରା ଓଡ଼ିଶା ଡ୍ରାଇଭର ମହାସଂଘ ବ୍ଲକ୍ ସଭାପତି ଜଟିଆ କିସାନଙ୍କ ସଭାପତିତ୍ୱ କରିଥିଲେ । ଜୟକୃଷ୍ଣ ପାତ୍ର, ପ୍ରମୋଦ ମହାପାତ୍ର, ଦୂର୍ବାଦଳ ସାହୁ, ପ୍ରଶାନ୍ତ ରକ୍ସା, ପପୁ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ୨୧ ପଞ୍ଚାୟତର ସଭାପତିଙ୍କ ସହ ସମସ୍ତ ଡ୍ରାଇଭର ଭାଇମାନେ ଯୋଗଦେଇ ଥିଲେ ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର,୨୯।୮ (ସମିସ)




ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ ଓ ଚିତ୍ରୋତ୍ପଳା ଯୁବକ ସଂଘ, ନନ୍ଦପଡ଼ା ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟବକ୍ତା ଏବଂ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ପୂର୍ବତନ ବିଧାୟକ ନାଉରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୁରେଶ୍ୱର ମିଶ୍ର, ଫଣିଭୂଷଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ନୂଆଁଖାଇ ଉପଲକ୍ଷେ ଦିଆଯାଉଥିବା ଅସ୍ଥାୟୀ ଛୁଟି ବଦଳରେ ସରକାରୀ ଭାବେ ଦୁଇଦିନ ଛୁଟି ଘୋଷଣା କରିବାକୁ ଦାବି କରାଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏନେଇ ଆଗାମୀ ଦିନରେ ସରକାର ବିଚାରକରି ପଦକ୍ଷେପ ନେବେ ବୋଲି କହିଥିଲେ । ସେହିଭଳି ନନ୍ଦପଡ଼ାସ୍ଥିତ ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପର ପୁନରୁଦ୍ଧାର କାର୍ଯ୍ୟ ଖୁବଶୀଘ୍ର କରାଯିବ ବୋଲି ବିଧାୟକ ଶ୍ରୀ ମିଶ୍ର ଘୋଷଣା କରିଥିଲେ । ନୂଆଁଖାଇ ଉପଲକ୍ଷେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମୀର ରଞ୍ଜନ ବାବୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରଭୁଦତ୍ତ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ପୁରସ୍କାର ବିତରଣରେ ସୁଶ୍ରିତ ମିଶ୍ର ସଂଯୋଜନା କରିଥିବା ବେଳେ ଶେଷରେ ବାଲଗୋପାଳ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ମୁରାରୀ ପ୍ରସାଦ ମିଶ୍ରଙ୍କ ପୁଅ ସନ୍ତୋଷ କୁମାର ମିଶ୍ରଙ୍କ ରଚିତ "ସମ୍ବଲପୁର ନାଟକ ଗୁଚ୍ଛା' ପୁସ୍ତକକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ଶିବ ମିଶ୍ର, ଅଂଶୁମାନ ମିଶ୍ର, କେଶବ ମିଶ୍ର, ଜିତେନ୍ଦ୍ର ନନ୍ଦ, ସଂକଳ୍ପ ମହାପାତ, ମନୋଜ ମହାପାତ୍ର, ବିଚିତ୍ରାନନ୍ଦ ମିଶ୍ର, ଫାଲଗୁନି ବାରିକ, ଅବିନାଶ ମିଶ୍ର, ଆଭାଶିଷ ମିଶ୍ର, ରାମାଶିଷ ତ୍ରିପାଠୀ, ପ୍ଲାବନ ମିଶ୍ର, ଅନୀଲ ପଣ୍ଡା, ଗଣମାଧ୍ୟମ ସଂଯୋଜକ ବିରାଜ ମିଶ୍ର ତଥା ଚିତ୍ରୋତ୍ପଳା ଯୁବକ ସଂଘ ଓ ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ ସଦସ୍ୟ ମାନେ ପରିଚାଳନା କରିଥିଲେ ।

## ସମଲେଶ୍ୱରୀ ଯୁବକ ସଂଘ




ସମଲେଶ୍ୱରୀ ମନ୍ଦିର ପରିସରରେ ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ପୂର୍ବତନ ବିଧାୟକ ନାଉରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂସ୍କୃତି ଗବେଷକ ଡଃ ଶ୍ୟାମ ସୁନ୍ଦର ଧର, ସମଲେଶ୍ୱରୀ ଯୁବକ ସଂଘ ସଭାପତି ସଗନ ରାୟ, ସମ୍ପାଦକ ରାମଦାସ ପଣ୍ଡା, ଆଖଡ଼ା ଉସ୍ତାଦ ସୁରେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସମ୍ବଲପୁରୀ ନୃତ୍ୟଗୀତର ଆସର ବେଶ୍ ଜମିଥିଲା ।

## ଓଡ଼ିଶା ସାଂସ୍କୃତିକ ସମାଜ



ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକ ଦୀନବନ୍ଧୁ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପର୍ବତାରୋହୀ କଳାହାଣ୍ଡିର ଯୋଗାବ୍ୟାସ ଭୋଇ, ଚାଷୀ ହେମନ୍ତ ନାଏକ ଏବଂ ନାଟ୍ୟ ଅନୁଷ୍ଠାନ ଶ୍ରୀ କଲଚରାଲ୍ ଆସୋସିଏସନକୁ 'ନୂଆଁଖାଇ ସମ୍ମାନ' ପ୍ରଦାନ କରାଯାଇଥିଲା । ସମ୍ବଲପୁରୀ ନୃତ୍ୟଗୀତ କାର୍ଯ୍ୟକ୍ରମକୁ ଡଃ ସତ୍ୟନାରାୟଣ ଠାକୁର, ସୂର୍ଯ୍ୟ ପାଣିଗ୍ରାହୀ ଓ ମମତା ପଣ୍ଡା ପରିଚାଳନା କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସାଂସଦଙ୍କୁ ଦାବିପତ୍ର



ରେଢ଼ାଖୋଲ,୨୯।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ୍ ଅଧୀନ ୪ ଟି ପଞ୍ଚାୟତର ଗ୍ରାମବାସୀ ଏକ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଞ୍ଜୁରୀ ପାଇଁ ଏକ ଲିଖିତ ଦାବିପତ୍ର ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବିରେ ଉଲ୍ଲେଖ କରାଯାଇଛି ଯେ ଉଇଁଚା, ଶିମିଳିପାଳ ଘୁଷୁରାମାଳ, ଗୋଗୁଆ ପଞ୍ଚାୟତର ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି । ଏହି ୪ଟି ପଞ୍ଚାୟତର ରୋଗୀମାନେ ଚିକିତ୍ସା ପାଇଁ ପ୍ରାୟ ୨୦ କିଲୋମିଟର ଯିବାକୁ ପଡୁଛି । ଯାହା ଦ୍ୱାରା ବହୁରୋଗୀ ଚିକିତ୍ସା ଅଭାବରୁ ପ୍ରାଣ ହରାଇଛନ୍ତି । ଯାହା ଫଳରେ ଏକ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଚାରଟି ପଞ୍ଚାୟତରବାସୀ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ । ଏହି ଦାବିପତ୍ର ପ୍ରଦାନ ବେଳେ ଚାରି ପଞ୍ଚାୟତ ଗ୍ରାମବାସୀ ଏବଂ ଜନ ପ୍ରତିନିଧି ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ ।

## ● ରାଜସ୍ୱମନ୍ତ୍ରୀଙ୍କ ଫେସ୍ ବୁକ୍ ପୋଷ୍ଟରେ ନୂତନ ତଥ୍ୟ

# ଜୟନାରାୟଣ-କେନ୍ଦ୍ରମନ୍ତ୍ରୀ, ଧର୍ମେନ୍ଦ୍ର-ବିଧାୟକ !




ସମ୍ବଲପୁର,୨୯।୮ (ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବର୍ତ୍ତମାନ ବିଧାୟକ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କେନ୍ଦ୍ରମନ୍ତ୍ରୀ ଭାବେ ପରିବର୍ତ୍ତନ ହୋଇଛନ୍ତି । ଏହାର ସୂଚନା ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଫେସବୁକ୍ ପୋଷ୍ଟରୁ ଜଣାପଡ଼ିଛି । ଗୁରୁବାର ନୂଆଁଖାଇ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ ନବାନ୍ନ ଖାଇଥିଲେ । ମା' ସମଲେଇଙ୍କ ପୀଠରେ କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ, ସମ୍ବଲପୁର ବିଧାୟକ, ଜାତୀୟସ୍ତରର ସାମ୍ବାଦିକ ଓ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ । ଭୋଗମଣ୍ଡପରେ ସମସ୍ତେ ପ୍ରସାଦ ସେବନ କରିଥିଲେ । ଏହି ମୁହୂର୍ତ୍ତର ବିଭିନ୍ନ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ରାଜସ୍ୱମନ୍ତ୍ରୀ ମଧ ନିଜ ପେସବୁକ୍ ପେଜରେ ଜୟନାରାୟଣ ମିଶ୍ରଙ୍କୁ କେନ୍ଦ୍ରମନ୍ତ୍ରୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଧାୟକ ଭାବେ ପୋଷ୍ଟ କରିଛନ୍ତି । ବର୍ତ୍ତମାନ ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ସମ୍ବଲପୁରରେ ଚର୍ଚ୍ଚାର ବିଷୟ ସାଜିଛି ।

# ହୀରାକୁଦ ଜଳସ୍ତର ୬୨୩.୪୧ ଫୁଟ୍

ସମ୍ବଲପୁର, ୨୯।୮ (ସମିସ) : ହୀରାକୁଦ ନଦୀବନ୍ଧ ଉପରମୁଣ୍ଡରେ ବର୍ଷା କମିବା ଫଳରେ ନଦୀବନ୍ଧକୁ ଜଳ ପ୍ରବେଶ ହ୍ରାସ ପାଇବାରୁ ଗତକାଲି ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି । ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୪୧ ଫୁଟ୍ ରହିଛି । ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୦,୯୬୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୭୩୧ ଘନଫୁଟ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ କୌଣସି ଜଳ ପ୍ରବାହିତ ହେଉନଥିବାବେଳେ ପାୱାର ଚେନାଲ ଦେଇ ୩୨,୧୧୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୪୦୪ ଘନଫୁଟ ଜଳ ନିଷ୍କାସିତ ହେଉଛି । ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪,୮୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୨୮,୧୬୯ ଘନଫୁଟ୍, ଖଇରମାଳଠାରେ ୯୦,୦୦୦ ଘନଫୁଟ୍, ବାରମୁଲଠାରେ ୧,୦୨,୦୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୧,୫୮,୦୬୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ । ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୧.୮୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨.୫୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି । ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୮୩ ଫୁଟ୍ ରହିଥିଲା ।

# ଦୁଇ ସ୍କୁଟି ଧକ୍କା, ଆରୋହୀ ଗୁରୁତର

ସମ୍ବଲପୁର,୨୯।୮ (ସମିସ): ସମ୍ବଲପୁର ସଦର ଥାନା ମାନେଶ୍ୱରଠାରେ ଦୁଇଟି ସ୍କୁଟି ମଧ୍ୟରେ ଧକ୍କା ହେବାରୁ ଉଭୟ ସ୍କୁଟିର ଆରୋହୀ ଗୁରୁତର ହୋଇଥିବା ସୂଚନା ମିଳିଛି । ମାତ୍ର ସେମାନଙ୍କ ପରିଚୟ ମିଳି ପାରିନାହିଁ । ସଦରଥାନା ପୁଲିସ ଉଭୟ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରିଛି । ଜାତୀୟ ରାଜପଥ ନଂ.୫୫ରେ ମାନେଶ୍ୱର ପଟେ ଯାଉଥିବା ଏକ ସ୍କୁଟିକୁ ଅନ୍ୟ ଏକ ସ୍କୁଟି ଦ୍ରୁତ ଗତିରେ ଆସି ପଛରୁ ଧକ୍କା ଦେଇଥିଲା । ଫଳରେ ଉଭୟ ସ୍କୁଟି ଆରୋହୀ ଆହତ ହୋଇଛନ୍ତି ।



କାଳୀବାଡ଼ିରେ ବଙ୍ଗୀୟ ସମାଜର ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ

# ସମ୍ବଲପୁରରେ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ




ସମ୍ବଲପୁର, ୨୯।୮ (ସମିସ) : ସମ୍ବଲପୁର କ୍ରୀଡ଼ା ହଷ୍ଟେଲରେ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ ଭୋଇ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମୃତଲାଲ ବେହେରା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ 'ହକି ଯାଦୁଗର' ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସମ୍ବଲପୁରକୁ ଏକ କ୍ରୀଡ଼ା କେନ୍ଦ୍ରଭୂମି ଭାବେ ପରିଚିତ କରିବାପାଇଁ ସମସ୍ତେ ମିଳିତ ପ୍ରୟାସ କରିବା ଉଚିତ ବୋଲି ଜିଲ୍ଲାପାଳ କହିଥିଲେ । ଏହି ଅବସରରେ ସମ୍ବଲପୁର ଜିଲ୍ଲାର ସ୍ପୋର୍ଟସ ପର୍ସନମାନେ ଭବିଷ୍ୟତରେ ଆନ୍ତର୍ଜାତୀୟସ୍ତରରେ ଉପଲବ୍ଧି ହାସଲ କରିବେ ବୋଲି ଆଶାପ୍ରକାଶ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାର ବିଭିନ୍ନ କ୍ରୀଡ଼ା କେନ୍ଦ୍ର ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ମଧ୍ୟ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ଗୌରବ ଓ ସମ୍ମାନର ସହିତ ପାଳିତ ହୋଇଯାଇଛି ।

## କ୍ରୀଡ଼ା ବିଭାଗ ଫେରାଉନି ଜିଲ୍ଲାସ୍କୁଲ ଛାତ୍ରାବାସ

ଜିଲ୍ଲା କ୍ରୀଡ଼ା ବିଭାଗକୁ ସାମୟିକ ସହଯୋଗ କରିବାକୁ ଯାଇ ହରଡ଼ଘଣାରେ ପଡ଼ିଛି ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ । ଗତ ୬ ବର୍ଷ ହେଲା ସ୍କୁଲ ପରିସରରେ ଥିବା ଛାତ୍ରାବାସକୁ ମାଡ଼ିବସିଛି ଜିଲ୍ଲା କ୍ରୀଡ଼ାବିଭାଗ । ୨୦୧୯ ରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ପରିସରସ୍ଥ କ୍ରୀଡ଼ା ଛାତ୍ରାବାସର ଜରାଜୀର୍ଣ୍ଣ ଅବସ୍ଥାକୁ ଦେଖି ସାମୟିକ ଭାବେ ଅନ୍ତେବାସୀଙ୍କୁ ଜିଲ୍ଲାସ୍କୁଲ ଛାତ୍ରବାସ ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା । ତାହାପରେ ସେମାନେ ଛାତ୍ରାବାସ ଛାଡ଼ିବାର ନାମ ନେଉନାହାଁନ୍ତି । ଫଳସ୍ୱରୂପ ଜିଲ୍ଲାର ଦୂରଦୂରାନ୍ତ କିମ୍ବା ଅନ୍ୟ ଜିଲ୍ଲାରୁ ଆସୁଥିବା ଛାତ୍ରମାନେ ଛାତ୍ରାବାସ ନପାଇ ଅନ୍ୟ ବିଦ୍ୟାଳୟକୁ ଯିବା ପସନ୍ଦ କରୁଛନ୍ତି । ଏନେଇ ବିଭିନ୍ନ ମହଲରେ ଅଭିଯୋଗ ପରେ ଜିଲ୍ଲା ସ୍କୁଲ ପୁରାତନ ଛାତ୍ର ସଂଘ ସଭାପତି ଇଂ. ସୁରଜିତ ମିଶ୍ର ଏବଂ ସମ୍ପାଦକ ଇଂ. ପ୍ରଦୀପ୍ତ ନାଥ ଗତ ଏପ୍ରିଲ ୨୧ ତାରିଖ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗେ ଶୁଣାଣିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏନେଇ ଅବଗତ କରିବାରୁ ମୁଖ୍ୟମନ୍ତ୍ରୀ ୭ ଦିନ ମଧ୍ୟରେ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବାର ୪ ମାସ ବିତିଯାଇଥିଲେ ହେଁ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ଫେରିପାଇନି ତା'ର ଛାତ୍ରାବାସ ।

# ସବ୍-ଜୁନିୟର ଓ ଜୁନିୟର ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ

ସମ୍ବଲପୁର, ୨୯।୮ (ସମିସ)



ସମ୍ବଲପୁର ମୋତିଝରଣସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର ହଲ୍‌ରେ ଜିଲ୍ଲାସ୍ତରୀୟ ସବ-ଜୁନିୟର ଓ ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଶୁକ୍ରବାର ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ଅବସରରେ ଉଦ୍‌ଘାଟିତ ହୋଇଯାଇଛି । ବୀର ସୁରେନ୍ଦ୍ର ସାଏ ବ୍ୟାଡମିଣ୍ଟନ ହଲ୍‌ରେ ୯, ୧୧, ୧୩, ୧୫, ୧୯ ବର୍ଷରୁ କମ୍ ବର୍ଗର ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ ଭୋଇ, ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମୃତଲାଲ ବେହେରା, ସୁବ୍ରତ ପାଢ଼ୀ, ବ୍ୟାଡମିଣ୍ଟନ ପ୍ରଶିକ୍ଷକ ଲିଲିନ କୁମାର, ବିକ୍ରମ ପ୍ରଧାନ, ଜିଲ୍ଲା ବ୍ୟାଡମିଣ୍ଟନ ସଂଘର କାର୍ଯ୍ୟକାରୀ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ । ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ସାଙ୍ଗଠନିକ ସମ୍ପାଦକ ଅଭିଷେକ ବିଶ୍ୱାସ, ମ୍ୟାଚ୍ ରେଫରୀ ଲକ୍ଷପତି ନନ୍ଦ ପ୍ରମୁଖ ପ୍ରତିଯୋଗିତାକୁ ସଂଚାଳନ କରୁଛନ୍ତି । ଏହି ପ୍ରତିଯୋଗିତା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଜିଲ୍ଲାର ୨୨୦ ଜଣ ଖେଳାଳି ଅଂଶଗ୍ରହଣ କରଛନ୍ତି । ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଅମ୍ପାୟାର ସୂର୍ଯ୍ୟ ପାଣିଗ୍ରାହୀ, ବବଲୁ ସାହୁ, ନୀଳାଞ୍ଚଳ ସେଠି, ଟିକେଶ୍ୱର ସାହୁ, ମଣି ବେଜି, ହେମନନ୍ଦ ଥପା ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରୁଛନ୍ତି ।

ସକାଳ
THE SAKALA



### କୁମ୍ଭକର୍ଣ୍ଣ ନିଦ୍ରାରେ ପୂର୍ତ୍ତ ବିଭାଗ

# ଜଗତସିଂହପୁର-ଆଲିପିଙ୍ଗଳ ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ

ଜଗତସିଂହପୁର,୨୯।୮ (ସମିସ)



ଜଗତସିଂହପୁର ରାସ୍ତା ଓ ଗୃହନିର୍ମାଣ ବିଭାଗ ଅଧୀନରେ ଥିବା ଜଗତସିଂହପୁର ପୋଷ୍ଟ ଅଫିସଠାରୁ ଆଲିପିଙ୍ଗଳ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ନିୟମିତ ବ୍ୟବଧାନରେ ମରାମତି ଓ ନବୀକରଣ କରାଯାଇଆସୁଛି। ତେବେ କାମ ସରିବାର ଦିନ କେଇଟା ମଧ୍ୟରେ କେଉଁଠି ରାସ୍ତାରୁ ପିଚୁ ଉଠିଯାଉଛି ତ ଆଉ କେଉଁଠି ଗର୍ତ୍ତ ସୃଷ୍ଟି ହୋଇ ଗମନାଗମନ ବାଧାପ୍ରାପ୍ତ ହେଉଛି। ଗତବର୍ଷ ଏହି ରାସ୍ତାର ପୋଷ୍ଟ ଅଫିସ ଛକଠାରୁ ଅତାମଳା ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ଏବେ କିନ୍ତୁ ପୋଷ୍ଟ ଅଫିସ ଛକ, ପବ୍ଲିକ୍ ସ୍କୁଲ, ଜୟବଡ ଛକ ସମେତ ଅନେକ ସ୍ଥାନରେ ପିଚୁ ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଲାଣି। ଯଦ୍ୱାରା ଗମନାଗମନରେ ଅସୁବିଧା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଗତ ମାର୍ଚ୍ଚ ମାସରେ ଅତାମଳାଠାରୁ କାଠପୋଲ ପର୍ଯ୍ୟନ୍ତ ୨ କିମି ରାସ୍ତା ପିଚୁ କରାଯାଇଥିଲା। ହେଲେ ୨୪ ଘଣ୍ଟା ନ ପୂରୁଣୁ ଅତାମଳା ନିକଟରେ ଗୋଡ ମାରିଦେଲେ ଫଡ଼ା ଫଡ଼ା ହୋଇ ପିଚୁ ଛାଡିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଅବଶ୍ୟ ଏହାକୁ ମରାମତି କରାଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା।

ବର୍ଷକୁ ପ୍ରାୟତଃ ୨/୩ ଥର ଏହି ରାସ୍ତାର ମରାମତି କରାଯାଇଥାଏ। ମରାମତି ଆଳରେ ରାସ୍ତାରେ ହୋଇଥିବା ଖାଲଖମାକୁ କେବଳ ଧର୍ମକୁ ଆଖିଠାର ମାରିବା ଭଳି ପ୍ୟାଚ୍ କରାଯାଏ। ଯାହାକି ଅସରାଏ ବର୍ଷାରେ ପୂର୍ବ ଅବସ୍ଥାକୁ ଫେରିଆସେ। କିଛିବର୍ଷ ପୂର୍ବେ ଏହି ରାସ୍ତାର ଏକ ବଡ଼ ଅଂଶକୁ କଂକ୍ରିଟ ଢଳେଇ କରାଯାଇଥିଲା। ତେବେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାରୁ ଦିନ କେଇଟା ପରେ ସିମେଣ୍ଟ ଅଂଶ ଧୋଇଯାଇ ମେଟାଲ ସବୁ ବାହାରି ପଡ଼ିଥିଲା। ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ପୁଣିଥରେ ରାସ୍ତା ମରାମତି ହୋଇଥିଲା। ପ୍ରାୟ ଏକ ମାସ ତଳେ ମଧ୍ୟ ଏହି ରାସ୍ତାର କେତେକ ସ୍ଥାନରେ ପିଚୁ ଓ ବଜୁରୀ ପକାଇ ମରାମତି କରାଯାଇଥିଲା। ଏହା ଏବେ ସମ୍ପୂର୍ଣ୍ଣ ଉଠିଯାଇ ପୁଣି ଗର୍ତ୍ତ ସୃଷ୍ଟି ହୋଇଛି। ଜଗତସିଂହପୁରରୁ ଭୁବନେଶ୍ୱର ଓ ପୁରୀ ପ୍ରଭୃତି ସ୍ଥାନକୁ ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ କରିଥାଏ। ସେହିପରି ସୋମନାଥ ହାଟ, ଜଗତସିଂହପୁର ବ୍ଲକ୍, ତହସିଲ, ଜଗତସିଂହପୁର କାରାଗାର, ଆଲିପିଙ୍ଗଳରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଗ୍ରାମ୍ୟ ନିର୍ମାଣ ବିଭାଗ କାର୍ଯ୍ୟାଳୟ ପ୍ରଭୃତିକୁ ଏହି ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଏହାଛଡ଼ା ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଏହି ରାସ୍ତାରେ ସ୍କୁଲ ଓ କଲେଜକୁ ଯିବାଆସିବା କରିଥା'ନ୍ତି। ଏସବୁ ଦୃଷ୍ଟିରୁ ଏହା ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ଗଣାଯାଇଥାଏ। ତେଣୁ ଏହି ରାସ୍ତାର ନବୀକରଣ କିମ୍ବା ମରାମତି ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଅଧିକ ଯତ୍ନବାନ ହେବାକୁ ସାଧାରଣରେ ଦାବି କରାଯାଇଛି। ସେହିପରି ଆଗକୁ ପାର୍ବଣ ଆସୁଥିବାରୁ ଯଥାଶୀଘ୍ର ଏହି ବ୍ୟସ୍ତବହୁଳ ରାସ୍ତାର ନବୀକରଣ କରିବା ଜରୁରୀ ହୋଇପଡ଼ିଛି।

## ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ



କେନ୍ଦ୍ରାପଡ଼ା,୨୯।୮ (ସମିସ): ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଜମଧର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର କୈଳାସ ଚନ୍ଦ୍ର ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ, ଦୁହୁରିଆ ଛକସ୍ଥ ତାଙ୍କ ମାଛ ଦୋକାନ ସମ୍ମୁଖରେ ଶୁକ୍ରବାର ଅପରାହ୍ଣ ଗୋଟାଏ ସମୟରେ କେତେକ ଲୋକ ସଙ୍ଘବଦ୍ଧ ହୋଇ ଲୋକମାନଙ୍କଠାରୁ ଜୋର୍ ଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ। କୈଳାସ ଏହା ଦେଖି ଚାନ୍ଦା ଆଦାୟକାରୀଙ୍କୁ କହିଲେ ଯେ ତାଙ୍କ ଦୋକାନ ଆଗରୁ ଦୂରକୁ ଯାଇ ଚାନ୍ଦା ଆଦାୟ କର। ଏଥିରେ ସେମାନେ ରାଗିଯାଇ କୈଳାସଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତଳେ ପକାଇଦେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ କୈଳାସ ଗୁରୁତର ଭାବେ ଆହତ ହୋଇଥିଲେ। କୈଳାସଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## କୁଜଙ୍ଗକୁ ଏନ୍‌ଏସି ଦାବିରେ ସଚେତନ ନାଗରିକ ମଞ୍ଚର ବୈଠକ

### ୩୧କୁ ଅପେକ୍ଷା; ସେପ୍ଟେମ୍ବର ୯ରେ କୁଜଙ୍ଗ ବନ୍ଦ ନିଷ୍ପତ୍ତି



କୁଜଙ୍ଗ,୨୯।୮ (ସମିସ): ବର୍ତ୍ତମାନ ରାଜ୍ୟରେ ୧୨ଟି ଏନ୍‌ଏସି ଘୋଷଣା ହୋଇଥିବାବେଳେ କୁଜଙ୍ଗକୁ ରାଜ୍ୟ ସରକାର ଏନ୍‌ଏସି ଘୋଷଣା କରି ନ ଥିବାରୁ ଜନ ଆକ୍ରୋଶ ଧୀରେ ଧୀରେ ବଢିବାକୁ ଲାଗିଛି। ଗତ ମଙ୍ଗଳବାର ଅଞ୍ଚଳର ଶହ ଶହ ଜନତା କୁଜଙ୍ଗ ସଚେତନ ନାଗରିକ ମଞ୍ଚ ନେତୃତ୍ୱରେ କୁଜଙ୍ଗ ତହସିଲ ଘେରାଉ କରି ଏନ୍‌ଏସି ଘୋଷଣା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ନଗର ଉନ୍ନୟନ ମନ୍ତ୍ରୀ ଆସନ୍ତା ୩୧ ତାରିଖରେ ଅବଶିଷ୍ଟ ଏନ୍‌ଏସି ଘୋଷଣା କରିବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ଚାଲିଥିବାରୁ କୁଜଙ୍ଗବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି। ଏ ନେଇ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ଆବାହକ ରଘୁ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ଓ ପ୍ରଶାସନକୁ ଅଚଳ କରିବା ନେଇ ନିଷ୍ପତ୍ତି ନିଆଯାଇଥିବା ମଞ୍ଚ ଉପଦେଷ୍ଟା କବି ପୀତାମ୍ବର ତରାଇ, ବାବୁରାମ ଚୌଧୁରୀ, ବରିଷ୍ଠ ସଦସ୍ୟା ଜିନ୍ନୟୀ ସାହାଣୀ, ପ୍ରିୟମ୍ବଦା ପାଣି, ମନୋଜ ପାତ୍ର ଓ କୈଳାସ ଷଡଙ୍ଗୀ ପ୍ରମୁଖ ଗଣମାଧ୍ୟମକୁ କହିଛନ୍ତି। ୩୧ ତାରିଖରେ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରା ନ ଗଲେ ଆଇନ ଅମାନ୍ୟ ଆନ୍ଦୋଳନ ହେବ ଓ ସେପ୍ଟେମ୍ବର ୯ ତାରିଖରେ କୁଜଙ୍ଗକୁ ୧୨ ଘଣ୍ଟିଆ ବନ୍ଦ କରାଯାଇ ପ୍ରଶାସନ ଅଚଳ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନୀନ୍ଦ୍ର ଗୁରୁ, ସୌଭାଗ୍ୟ ବିଶ୍ୱାଳ, ଦୁଷ୍ମନ୍ତ ମାଝୀ, ରଂଜିତ ପଣ୍ଡା, ଅଭୟ ବାରିକ, ରାମଦାସ ମହାନ୍ତି, ବିବେକାନନ୍ଦ ଦାସ, ଅରୁପ୍ରସାଦ ମହାନ୍ତି ଓ ରବୀନ୍ଦ୍ର ନାଥ ପ୍ରମୁଖ ଯୋଗ ଦେଇଥିଲେ।

## ରାସ୍ତା କଡ଼କୁ ଓଲଟିଲା କୋଇଲା ଟ୍ରକ୍

କୁଜଙ୍ଗ,୨୯।୮ (ସମିସ): ଗୁରୁବାର ମଧ୍ୟରାତ୍ରରେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସ୍ୟାମ କଟକ-ପାରାଦୀପ ରାସ୍ତାର ପଙ୍କପାଳ ନିକଟରେ ଓଲଟିପଡ଼ିଛି। ଚାଳକ ଓ ହେଲପର ସାମାନ୍ୟ ଆହତ ହୋଇଛନ୍ତି। ରାସ୍ତା ପାଶ୍ୱର୍ରେ ଗଛ ଥିବାରୁ ଟ୍ରକ୍‌ଟି କେନାଲରେ ନ ପଶି ଗଛରେ ଲାଗି ଯାଇଥିଲା। ଏହି ସମୟରେ ରାସ୍ତାରେ କେହି ସଧାରଣ ଲୋକ କିମ୍ବା ଗାଡ଼ି ନ ଥିବାରୁ କୌଣସି ଅଘଟଣ ଘଟି ନ ଥିବା ଜଣାପଡ଼ିଛି।

## ମା' ଶାରଳା ଟେଣ୍ଟ ହାଉସ ମାଲିକ ସଂଘ ପକ୍ଷରୁ ସହାୟତା



ଜଗତସିଂହପୁର,୨୯।୮ (ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ କଣିଆଁର ପାର୍ବତୀ ଡେକୋରେଟର ଆଣ୍ଡ ସପ୍ଲାୟର ମାଲିକ ପ୍ରଭାକର ସାହୁଙ୍କ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେଉଥିବା ପ୍ରଭାକର ସାହୁଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ମା' ଶାରଳା ଟେଣ୍ଟ ହାଉସ ମାଲିକ ସଂଘ ପକ୍ଷରୁ ପ୍ରଭାକରଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯାଇଛି। ଏ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଙ୍ଘର ଜିଲ୍ଲା ସଭାପତି ମଧୁସୂଦନ ସାହୁ, ଉପଦେଷ୍ଟା ଦିଲ୍ଲୀପ ମହାନ୍ତି କାର୍ଯ୍ୟକାରୀ ସଭ୍ୟ ଧୀରିଆ ନନା, ସୁକାନ୍ତ କୁମାର ପଣ୍ଡା, ମିର୍ଜା ରାଜା ବେଗ, ମାୟାଧର ପରିଡ଼ା, ଦେବେନ୍ଦ୍ର କାଲୁଆ, ବୃନ୍ଦାବନ ମହାନ୍ତି, ପ୍ରତାପ ସାହୁ, ସୁକାନ୍ତ ସାହୁ, ପ୍ରତାପ ସ୍ୱାଇଁ, ସହସମ୍ପାଦକ ଅଲେଖ ବିଶୋଇ, ଅଭିମନ୍ୟୁ ନାୟକ, ଗଣେଶ ପାଲ ଓ ବିନୋଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସଂଘ ପକ୍ଷରୁ ୨୦,୦୦୦ ଟଙ୍କାର ସହାୟତା ତାଙ୍କ ପତ୍ନୀ ଉଷାରାଣୀ ସାହୁ ଓ ପୁଅ ମନୋଜ ସାହୁଙ୍କୁ ପ୍ରଦାନ କରିଥିଲେ।

## ଯୁବକ ନିଖୋଜ ଅଭିଯୋଗ



ବାଲିକୁଦା,୨୯।୮ (ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବୁଦ୍ଧିସାହି ଡିଗିରିଆ ଗ୍ରାମର ବଂଶୀଧର ସ୍ୱାଇଁଙ୍କ ପୁତ୍ର ଦୁର୍ଯ୍ୟୋଧନ ସ୍ୱାଇଁ ନିଖୋଜ ଥିବା ନେଇ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ଗଣେଶ ପୂଜା ଭୋଗ ଖାଇବାକୁ ନିକଟସ୍ଥ ବେଲବଣ ବିଦ୍ୟାଳୟକୁ ଯାଉଥିବା ଘରେ କହି ଅପରାହ୍ଣ ପ୍ରାୟ ୧ଟା ସମୟରେ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ନ ମିଳିବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ ବଂଶୀଧର। ଦୁର୍ଯ୍ୟୋଧନ ମୁଖ କର୍କଟ ରୋଗରେ ପୀଡ଼ିତ ହୋଇ ଅସ୍ତ୍ରୋପଚାର କରି ସୁସ୍ଥ ହୋଇ ଘରକୁ ଫେରିଥିଲେ। ସେ ବିବାହିତ ଓ ତାଙ୍କର ୯ ବର୍ଷର ପୁତ୍ର ସନ୍ତାନ ରହିଛି। ଏ ନେଇ ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି, ଅଭିଯୋଗ ପାଇବା ପରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛୁ।

## ପାରାଦୀପ ଯୁଥ କ୍ଲବ୍‌ରେ ଗଣେଶ ପୂଜା




ପାରାଦୀପ, ୨୯।୮ (ସମିସ): ପାରାଦୀପର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ହେଉଥିବାବେଳେ ପ୍ରତି ପୂଜା କମିଟି ପକ୍ଷରୁ ମୂର୍ତ୍ତି ଓ ମଣ୍ଡପ ସାଜସଜ୍ଜାକୁ ବେଶ୍ ଗୁରୁତ୍ୱ ଦିଆଯାଇଛି। ପ୍ରତିବର୍ଷ ଭଳି ଚଳିତଥର ମଧୁବନର ପାରାଦୀପ ଯୁଥ୍ କ୍ଲବ ପକ୍ଷରୁ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ବୋତଲରେ ତୋରଣ କରାଯାଇଥିବାବେଳେ ଭିତର ସାଜସଜ୍ଜାରେ ଅପରେସନ ସିନ୍ଦୂରର ମଣ୍ଡପ ସମସ୍ତଙ୍କୁ ଆକର୍ଷିତ କରିଛି। ପାରାଦୀପ ଯୁଥ୍ କ୍ଲବ ଗଣେଶ ପୂଜା ବ୍ୟତୀତ ସମୁଦ୍ର ବେଳାଭୂମି ସଫେଇ, ରକ୍ତଦାନ ଶିବିର, ବୃକ୍ଷରୋପଣ ଆଦି ବିଭିନ୍ନ ସମୟରେ ସଚେତନତା ମୂଳକ କାର୍ଯ୍ୟକ୍ରମ କରି ଆସୁଥିବାବେଳେ ଚଳିତଥର ପାରାଦୀପ ଯୁଥ୍ କ୍ଲବ ୨୫ତମ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଏହି ପୂଜାରେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିବାବେଳେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିପରି ମଧୁବନସ୍ଥ ମା' ଦୁର୍ଗା ଯୁଥ୍ କମ୍ବାଇନ୍ସ ପକ୍ଷରୁ ବିଘ୍ନ ବିନାଶକଙ୍କ ମୃଣ୍ମୟ ମୂର୍ତ୍ତି ସାଧାରଣରେ ବେଶ୍ ଆକର୍ଷଣୀୟ ହୋଇଛି।

## ଚୋରି ମୋବାଇଲ ଜବତ; ଯୁବକ ଗିରଫ



ପାରାଦୀପ, ୨୯।୮ (ସମିସ): ପାରାଦୀପ ମେରାଇନ ଥାନା ଅଧୀନ ନେହେରୁ ବଙ୍ଗଳା ନିକଟ ମନ୍ଦିର ପଡ଼ାଠାରେ ଆଜି ଜଣେ ମୋବାଇଲ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପାଖାପାଖି ୩ଟା ସମୟରେ ମନ୍ଦିର ପଡ଼ାର ମନୋଜ ଦାସ ମୋବାଇଲ ଚାର୍ଜରେ ବସାଇ ଘରେ ଶୋଇଥିବାବେଳେ ସବଷ୍ଟେସନ ନିକଟ ବୃନ୍ଦବାନ କଲୋନୀରେ ରହୁଥିବା ସୁଶାନ୍ତ ମହାପାତ୍ର (୨୩) ଘରେ ପଶି ମୋବାଇଲ ଚୋରି ନେଇଥିଲା। ମନୋଜଙ୍କ ଘରେ କିଏ ପଶିଥିବା ଜଣାପଡିବା ପରେ ସେ ବାହାରକୁ ଆସି ଏହି ଯୁବକକୁ ଦେଖିଥିଲେ। ଏ ସମ୍ପର୍କରେ ମେରାଇନ ଥାନାକୁ ଜଣାଇବା ପରେ ଉକ୍ତ ଯୁବକ ମୋବାଇଲ ନେଇଥିବା ନେଇ ସନ୍ଦେହ ହୋଇଥିଲା ବୋଲି ଥାନାରେ ଜଣାଇଥିଲେ। ସନ୍ଦେହରେ ଯୁବକକୁ ପଚାରାଉଚରା କରିବା ପରେ ସେ ସତ ମାନିଯାଇଥିଲା। ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଯୁବକ ନାମରେ ପାରାଦୀପ ଆଦର୍ଶ ଥାନାରେ ଏକ ମୋବାଇଲ ଚୋରି କେସ ରହିଛି। ଥାନା ଅଧିକାରିଣୀ ବବିତା ଦେହୁରୀଙ୍କ କହିବା ଅନୁଯାୟୀ ଏମାନେ ରୀତିମତ ଘରେ ପଶି ଏଭଳି ମୋବାଇଲ ଚୋରି କରନ୍ତି। ଏଭଳି ମୋବାଇଲ ଚୋର ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି କହିଛନ୍ତି।

## ପିଲାଙ୍କୁ ମୋହରା କରୁଛି ସିଗାରେଟ ଚକୋଲେଟ୍

ରାଜକନିକା,୨୯।୮ (ସମିସ): ଧୂମ୍ରପାନ ଶରୀର ପାଇଁ କ୍ଷତିକାରକ ବୋଲି ପ୍ରଚାର କରି ଏହାକୁ ରୋକିବାକୁ ପ୍ରୟାସ ଜାରି ରହିଥିବାବେଳେ ଖୁବ୍ ଛୋଟ ବେଳୁ ସିଗାରେଟ ପ୍ରତି ଆକୃଷ୍ଟ କରିବାକୁ ଏବେ ବଜାରରେ ସିଗାରେଟ ଚକୋଲେଟ୍ ପିଲାଙ୍କ ପ୍ରଥମ ପସନ୍ଦ ପାଲଟିଛି। ଛୋଟ ବେଳୁ ସିଗାରେଟ ଭଳି ଅବିକଳ ଦେଖାଯାଉଥିବା ଚକୋଲେଟ ଧରି ପିଲା ସିଗାରେଟ ଖାଇବାର ଅଭ୍ୟାସ କରିବା ଧାରା ଭବିଷ୍ୟତରେ ବେଶ ସାଙ୍ଘାତିକ ସାବ୍ୟସ୍ତ ହେବା ଅଭିଯୋଗ ହେଉଛି। କୋମଳମତି ପିଲାଙ୍କ ମୁଣ୍ଡରେ ସିଗାରେଟର ଭ୍ରମ ସୃଷ୍ଟି କରି ଏହି କମ୍ପାନୀ ବଜାରକୁ ସିଗାରେଟ ଭଳି ଚକୋଲେଟ ତିଆରି କରିବା ମୂଳରେ ଯେଉଁ ଉଦ୍ଦେଶ୍ୟ ରହିଛି, ତାହା ସ୍ପଷ୍ଟ ହୋଇଛି। ଗୋଟିଏ ପଟେ ସିଗାରେଟ ସ୍ମୋକିଙ୍ଗ ଇଜ ଇଞ୍ଜୁରିୟସ ଟୁ ହେଲଥ ଭଳି ସକାରାତ୍ମକ ଧାରଣାକୁ ପିଲାଙ୍କ ମୁଣ୍ଡରେ ଚକୋଲେଟ ଦେଇ ନିଷ୍ପ୍ରଭ କରିବା ଏକ ବ୍ୟବସାୟିକ ମାନସିକତା ବୋଲି ଧରାଯାଇଛି। ପିଲାଙ୍କୁ ଆକୃଷ୍ଟ କରିବାର ଚିତ୍ର ଥିବାବେଳେ କେଉଁ ଉଦ୍ଦେଶ୍ୟରେ ଏହି ସିଗାରେଟ ଚକୋଲେଟ ପ୍ରସ୍ତୁତ ହୋଇଛି ଓ ଏହା ଦ୍ୱାରା ଯେଉଁ ସାମାଜିକ କ୍ଷତି ହେଉଛି, ତା'ର ନିରାକରଣ ପାଇଁ ସାମାଜିକ ସ୍ତରରେ ସଚେତନତା ଜରୁରୀ ହୋଇଛି। କୋମଳମତି ଶିଶୁଙ୍କୁ ଭବିଷ୍ୟତରେ ସିଗାରେଟ ପିଇବାକୁ ସୁଯୋଗ ଦେଇ ଅଭ୍ୟସ୍ତ କରୁଥିବା ଏହି ଚକୋଲେଟ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

# ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ




ଜଗତସିଂହପୁର,୨୯।୮ (ସମିସ)

ସାରା ଦେଶରେ ୨୯ରୁ ୩୧ ତାରିଖ ଜାତୀୟ କ୍ରୀଡା ଦିବସ ପାଳନ କରାଯାଉଥିବାବେଳେ ଏ ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ, ଇଣ୍ଡୋର ଷ୍ଟାଡ଼ିୟମ, ଖେଲୋ ଇଣ୍ଡିଆ ସେଣ୍ଟରରେ ପାଳନ କରାଯାଇଛି। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ ଯୋଗ ଦେଇ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଫିଟ୍ ଇଣ୍ଡିଆ ଶପଥ ପାଠ କରାଇଥିଲେ। ପରେ ଏକ ପ୍ରଦର୍ଶନୀ ଭଲିବଲ ମ୍ୟାଚ୍ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଶ୍ରୀ ତରାଇ କହିଥିଲେ, ବର୍ତ୍ତମାନର ବ୍ୟସ୍ତବହୁଳ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ଯୋଗୁଁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି। ରୋଗଠାରୁ ଦୂରେଇ ରହିବାକୁ ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମ୍‌ରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଆଥଲେଟିକ ଆସୋସିଏସନର ସମ୍ପାଦକ ଦୋଳଗୋବିନ୍ଦ ଦାଶ, ଉପସଭାପତି ସାଧୁଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଜାତୀୟ କ୍ରୀଡ଼ା ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଏ ଅବସରରେ ଆୟୋଜିତ ଭଲିବଲ ମ୍ୟାଚ୍‌ରେ ନାଲିବର ଭଲିବଲ କ୍ଲବ୍ ବିଜେତା ଓ ଜଗତସିଂହପୁର ଭଲିବଲ କ୍ଲବ୍ ରନରଅପ ଭାବେ ପୁରସ୍କୃତ ହୋଇଥିଲେ। ବିଶିଷ୍ଟ ଖେଳାଳି ସସ୍ମିତା ନାଥଶର୍ମା (ଖୋ-ଖୋ) ଓ ଦେବେନ୍ଦ୍ର ନାଥ (ଖୋ- ଖୋ) ଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଚଳିତବର୍ଷ ସେପ୍ଟେମ୍ବର ୨୧ରେ ଶୁଭାରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ବିଷୟରେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ସଂସ୍ଥାର ପଦାଧିକାରୀ, ସହରର ବହୁ ବରିଷ୍ଠ କ୍ରୀଡ଼ାବିତଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ଆଶ୍ରମପାଟଣା ଭଲିବଲ୍ ଟିମ୍

ଜଗତସିଂହପୁର: ମେଜର ଧ୍ୟାନଚନ୍ଦଙ୍କ ୧୨୦ତମ ଜୟନ୍ତୀ ଓ ଜାତୀୟ କ୍ରୀଡା ଦିବସ ସ୍ଥାନୀୟ ଆଶ୍ରମପାଟଣା ଭଲିବଲ ଟିମ ପକ୍ଷରୁ ପାଳିତ ହୋଇଯାଇଛି। ଏ ଅବସରରେ ବାଳକ ଓ ବାଳିକା ଦଳ ମଧ୍ୟରେ ଭଲିବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳକ ଦଳର କୋଚ ଭାବେ ଦୀପ୍ତିରଂଜନ ଦାଶ, ଅଶୋକ ବିଶ୍ୱାଳ, ବାଳିକା ଦଳ କୋଚ ଭାବେ ହିମାଂଶୁରଞ୍ଜନ ଦାଶ, ଇନ୍ଦ୍ରମଣୀ ସାହୁ ଥିଲେ। ବାଳିକା ବିଭାଗରେ ରୋଜାଲିନ, ଲକ୍ଷ୍ମୀପ୍ରିୟା, ସ୍ୱପ୍ନା, ସୋନାଲି, ପୂଜା ଓ ବାଳକ ବିଭାଗରେ ଗୁରୁପ୍ରସାଦ, ଅମିତ, ଆଦିତ୍ୟ, ସଂଗ୍ରାମ, ଆୟୁଷ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଫୁଲ୍ଲ ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ, ଉପଦେଷ୍ଟା ବିଜୟ କୁମାର ପତି, ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିରେ ୨୦୧୨ରୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯିବାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ହକି ସମେତ ଅନ୍ୟ ଖେଳରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ସତ୍ୟବାଦୀ ଦାସ, ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖେଳାଳି ଅମିତ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ପାରାଦୀପ ବନ୍ଦର

ପାରାଦୀପ: ପାରାଦୀପ ବନ୍ଦର ପକ୍ଷରୁ ଗୋପବନ୍ଧୁ ଷ୍ଟାଡ଼ିୟମରେ ଜାତୀୟ ଖେଳ ଦିବସକୁ ବହୁ ଆଡ଼ମ୍ବରରେ ପାଳନ କରାଯାଇଛି। ଆଜି ସକାଳେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋପବନ୍ଧୁ କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡଃ ଦୁର୍ଗାପ୍ରସାଦ ସେଠୀ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଜାତୀୟ ଖେଳ ଦିବସର ଆଭିମୁଖ୍ୟ ଓ ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସଦର କ୍ରୀଡ଼ା ଉପଦେଷ୍ଟା ରବି ଦାସ ଯୋଗଦେଇ ଧ୍ୟାନଚାନ୍ଦଙ୍କ ଭାରତୀୟ ହକି ପ୍ରତି ରହିଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଗୋପବନ୍ଧୁ କ୍ରୀଡ଼ା ସଂସଦ ସମ୍ପାଦକ ଧୂନଚନ୍ଦ୍ର ତରାଇ ସମସ୍ତ କ୍ରୀଡାବିତଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଥିଲେ। ପରେ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବାଳକ, ବାଳିକାଙ୍କ ସମେତ ସମସ୍ତ ଖେଳାଳି ଓ କର୍ମକର୍ତ୍ତା ଭାଗ ନେଇଥିଲେ। ଧୂନଚନ୍ଦ୍ର ତରାଇ, ଆନ୍ତର୍ଜାତିକ ମାଷ୍ଟର ଆଥଲେଟ ବିଶ୍ୱରଞ୍ଜନ ଦାସ ଦୌଡରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପରେ ଗଲ୍ଫ ପଡିଆରେ ପାରାଦୀପ ଗଲ୍ଫ କୋର୍ସର ସମସ୍ତ ଖେଳାଳି ଉପସ୍ଥିତ ହୋଇ ନିଅରେଷ୍ଟ ଟୁ ପିନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅକ୍ଷୟ ସୂତାର ଓ ଦୀପକ ଡଡଙ୍ଗୀ ଯୁଗ୍ମ ବିଜେତା ହୋଇଥିଲେ। ବନ୍ଦର ସିଏମଇ ସୁଶୀଲ ଚନ୍ଦ୍ର ନାହକ, ବବୁଲ ସିକଦାର, ଡଃ ଦୁର୍ଗାପ୍ରସାଦ ସେଠୀ, ଡଃ କୈଳାସ ଚନ୍ଦ୍ର ମହାରଣା ଓ ଦିଲ୍ଲୀପ କୁମାର ମହାରଣାଙ୍କ ସମେତ ଗୋପବନ୍ଧୁ କ୍ରୀଡ଼ା ସଂସଦ ଓ ଗଲ୍ଫ କୋର୍ସର ସମସ୍ତ ସଭ୍ୟ ଅଂଶଗ୍ରହଣ କରିଥିଲେ। ପରେ ଜିକେଏସ ପକ୍ଷରୁ ଏକ ଭଲିବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ଫୁଟବଲ ମ୍ୟାଚ୍ ଆୟୋଜିତ ହୋଇଥିଲା। ସାନ୍ଧ୍ୟ ୫ଟାରେ ମହିଳାଙ୍କ ମଧ୍ୟରେ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ କମ୍ବାଇନ ଟିମ ବିଜୟ ହାସଲ କରିଥିଲା। ୫.୩୦ରେ ଜୁନିୟର ଫୁଟବଲ ମ୍ୟାଚ ଓ ସିନିଅର ଭଲିବଲ ମ୍ୟାଚ ଆୟୋଜନ କରାଯାଇଥିଲା।

